ଗଳ୍ପିକା

୧

ପ୍ରଗତିବାଦୀ ପବ୍ଲିକେସନ୍ସ

Digitized by PPRACHIN, SOA

ଚୟନିକା

(୧)

ମୁଖ୍ୟ ସଂପାଦକ
ଶ୍ରୀ ସୁରେନ୍ଦ୍ର ମହାନ୍ତି

ସଂପାଦନା ମଣ୍ଡଳୀ

ଡକ୍ଟର ଭବଗ୍ରାହୀ ମିଶ୍ର
ଭୁବନେଶ୍ୱର

ଡକ୍ଟର ନୀଳାଦ୍ରିଭୂଷଣ ହରିଚନ୍ଦନ
ଶାନ୍ତିନିକେତନ

ଡକ୍ଟର ଗଗନେନ୍ଦ୍ରନାଥ ଦାଶ
ବ୍ରହ୍ମପୁର

ଡକ୍ଟର ପୂର୍ଣ୍ଣାନନ୍ଦ ଦାଶ
ସମ୍ବଲପୁର

ଶ୍ରୀମତୀ ମନୋରମା ମହାପାତ୍ର (ବିଶ୍ୱାଳ)
ଭୁବନେଶ୍ୱର

ସହକାରୀ ସଂପାଦକ : ନିକୁଞ୍ଜ ଜେନା
ପରିକଳ୍ପନା ସଂପାଦିକା : ବ୍ରତତୀ ବଳ

Digitized by PPRACHIN, SOA

ସମ୍ପାଦନା କାର୍ଯ୍ୟାଳୟ :

ଡକ୍ଟର ଖ୍ରୀଷ୍ଟଗ୍ରାହୀ ମିଶ୍ର

ସି-୫, ଖାରବେଳ ନଗର

ଭୁବନେଶ୍ୱର-୭୫୧୦୦୧

ଟେଲିଫୋନ-୫୨୬୭୨

ପ୍ରକାଶକ :

ପ୍ରଗତିବାଦୀ ପବ୍ଲିକେଶନସ୍

୧୩୬, ବାପୁଜୀ ନଗର,

ଭୁବନେଶ୍ୱର-୭୫୧୦୦୯

ଟେଲିଫୋନ-୫୧୫୭୯/୫୧୪୬୩

ମୁଦ୍ରଣ :

ସୁମୁଦ୍ରଣୀ

ଝଞ୍ଜିରମଙ୍ଗଳା,

କଟକ-୭୫୩୦୦୯

ମୂଲ୍ୟ : **ପାଞ୍ଚଟଙ୍କା**

CHAYANIKA— (1)

Publishers :

Pragativadi Publications

136, Bapuji Nagar,

Bhubaneswar-751009

Price : Rupees Five

Digitized by PPRACHIN, SOA

ଆନନ୍ଦଧାରା

—ସୁଜାତା ପ୍ରିୟମ୍ବଦା

ସଂଧ୍ୟା ସମାଗତ
ବସିଥିଲି ବ୍ରହ୍ମକୁଣ୍ଡ ପାଶେ
ଆପଣା ଧ୍ୟାନରେ
ଆପଣା ତନ୍ଦ୍ରାରେ...
ସମ୍ମୋହିତା
ମଗ୍ନା !

ଚତୁର୍ଦ୍ଦିଗେ
ସେ କି ଅପୂର୍ବ ଶୋଭା
ଅତି ମନଲୋଭା,
ପୂର୍ଣ୍ଣଜ୍ୟୋତ୍ସ୍ନା ପବିତ୍ର ଜାହ୍ନବୀ
ବିସ୍ତାର କି ଲାବଣ୍ୟ ପ୍ରଭା
ବହମାନ
ଆନନ୍ଦ ଧାରାରେ
ଗାଇ ଗାଇ ସ୍ୱର୍ଗୀୟ ସଙ୍ଗୀତ....
ଅଦ୍ଭୁତ
ଅଶ୍ରୁତପୂର୍ବ !

ପ୍ରକୃତିର ଲୀଳାଭୂମି
ସତ୍ୟ-ଶିବ-ସୁନ୍ଦରର ଦ୍ୱାର
ହରଦ୍ୱାର,

ପାଇ ସେ ଶିକର କଣା
ନୃତ୍ୟଛନ୍ଦା ଜନନୀ ଗଙ୍ଗାର
ସ୍ପର୍ଶଧନ୍ୟ
ପ୍ରେମେ ପ୍ରେମାହ୍ଳିତ !

ଖରସ୍ରୋତା ଗୀତମୟୀ
ନିରତ ଚଞ୍ଚଳା
ହରହର ଗଙ୍ଗା,
ତାକୁ ଘେରି ଅଗଣିତ ଆର୍ତ୍ତ ମାନବର
ସମାବେଶ.....
ମୁକ୍ତିଲାଭ ଆଶେ
ବାର ବାର
ପଦପ୍ରାନ୍ତେ କରେ ତାର
ଆତ୍ମସମର୍ପଣ !

ହେ ଜନନୀ ଜାହ୍ନବୀ !
ତୁମର ସ୍ନିଗ୍ଧ ସ୍ପର୍ଶରେ
ଏ ସଂଧ୍ୟାରେ
ଦେହ ମନ ମୋର
ହୋଇଯାଏ ଶାନ୍ତ !
ତୁମର ସାନ୍ନିଧ୍ୟେ ଆସି
ବୁଝିଲି ମୁଁ
କେତେ ପ୍ରୀତି କେତେ ସ୍ନେହ

Digitized by PPRACHIN, SOA

ତୁମର ସେ କରୁଣା ସ୍ପର୍ଶରେ ...
ଆହା, କି ଅଦ୍ଭୁତ
ଅପୂର୍ବ ସ୍ନିଗ୍ଧତା
ମଧୁର ପ୍ରଶାନ୍ତି !

ଯେତେ ଯେତେ କଳା ମେଘ
ଯେତେ ଯେତେ ଗ୍ଲାନି
ଜମିଥିଲା ଅନେକ ଦିନରୁ
ଦେହ-ମନେ ମୋର,
ତୁମର ସେ ପାବନ ସ୍ପର୍ଶେ
ତୁମର ପ୍ରଖର ସ୍ରୋତେ
ଭାସିଯାଏ ଆଜି
ମୂଳପୋଛ ହୋଇ !

ହିମାଚଳ କନ୍ୟା !
ତୁମେ ଚିରଧନ୍ୟା
ଶାନ୍ତି ମୁକ୍ତିପ୍ରଦାୟିନୀ
ଜଗତପାଳିନୀ ମାତା
ମର୍ତ୍ତ୍ୟ-ମନ୍ଦାକିନୀ,
ବନ୍ଦନର ବହୁ ଦୂରେ
  କାନ୍ତ ଶ୍ରଦ୍ଧା-ଚନ୍ଦରେ
ତୁମର ଚରଣପ୍ରାନ୍ତେ
ଅର୍ପୁଛି ମୋ ପ୍ରୀତି ଆଉ
ଭକ୍ତିର ପ୍ରଣତି !

ମୈତ୍ରୀ ସାହିତ୍ୟ ମନ୍ଦିର
ରରୁଆଁ – ୭୫୭୦୩୫
ଜି : ମୟୂରଭଞ୍ଜ



Digitized by PPRACHIN, SOA

ସାହିତ୍ୟରେ ଚୟନ ଓ ଅଚୟନ

—ଚିତ୍ତରଞ୍ଜନ ଦାସ

ମଣିଷ ମାତ୍ରକେ ସମସ୍ତେ କଦାପି ସାହିତ୍ୟକୁ ଲୋଡ଼ନ୍ତି ନାହିଁ । ମଣିଷ ମାତ୍ରକେ ସମସ୍ତେ ଯେପରି ଭଲପାଇ ପାରନ୍ତି ନାହିଁ, ଠିକ୍ ସେମିତି । ଆପଣାର ଭଲ ପାଇବାର ଜଗଆରେ ଅନେକ ମଣିଷ ଆପଣାକୁ ମୋଟେ ଦେଇ ପାରନ୍ତି ନାହିଁ । ଆପଣାର କାନ୍ଥଗୁଡ଼ାକୁ କେବଳ ଅଧିକ ବହଳ କରିବାରେ ଲାଗିଥାନ୍ତି । ସେମାନେ ବୀରପଣ ଝାମ୍ପି ଆଣନ୍ତି, ବୀରପଣ ଅଧିକାର କରନ୍ତି, ବୀରପଣ ଯାବୁଡ଼ି ଧରିଥାନ୍ତି ଓ ଭୁଞ୍ଜିଲାବେଳେ ଆପଣାକୁ ସଂସାରର ସବୁଠାରୁ ବଡ଼ ବୀର ବୋଲି ମନେ କରୁଥାନ୍ତି ସତ, ତଥାପି ଆପଣାକୁ ଆଦୌ କେଉଁଠି ହେଲେ ଦେଇପାରନ୍ତି ନାହିଁ । ସେମାନେ ମିତ ହେବାକୁ ଡରନ୍ତି, ହାଲୁକା ହେବାକୁ ଡରନ୍ତି,— ସେମାନଙ୍କର ଯାବତୀୟ ଅନୁରାଗ ଗୋଟିଏ ଗୋଟିଏ ଉଦ୍ଧତ ମୃଗୟାରେ ପରିଣତ ହୋଇ ରହିଥାଏ ଯାବତୀୟ ଚୟନ ସତେଅବା ଅନେକ ଅନାବନାର ଗଦାଟିଏ ହୋଇ ସେମାନଙ୍କୁ କୋଉ ଗର୍ଭରେ ଯାଇ ପୋତି କରି ରଖିଥାଏ, ଲୁଚାଇ ରଖିଥାଏ । ସେମାନେ ସହସ୍ର ପ୍ରଗଲ୍ଭତା ସତ୍ତ୍ୱେ ମୂକ ହୋଇ ରହିଥାନ୍ତି, ବାହାରର ସକଳ ବରଣ ସତ୍ତ୍ୱେ ଅବହାଡ଼ୀ ହୋଇ ବସିଥାନ୍ତି,— ଏବଂ ବାହାରକୁ କେଡ଼େ, ଖୁସୀ ଥିଲାପରି ଦେଖା ଯାଉଥିଲେ ମଧ୍ୟ ଭିତରେ ଅତ୍ୟନ୍ତ ଘର୍ମାକ୍ତ ହୋଇ ରହିଥାନ୍ତି ।

ସାହିତ୍ୟକୁ ନ ଲୋଡ଼ୁଥିଲେ ମଧ୍ୟ ଅନେକେ ସାହିତ୍ୟ ଲେଖନ୍ତି । ତଥାପି ସାହିତ୍ୟ ପଢ଼ନ୍ତି । ଭିତରେ ସେମାନଙ୍କର ଅସଲ ମନଗୁଡ଼ାକ ହୁଏତ ଆଉ କ'ଣ ଲୋଡ଼ୁଥାଏ ଆଉ କେଉଁ କନ୍ଧ ଭିତରେ ଧନ୍ଦା ହୋଇ ରହିଥାଏ; ଦୌରାତ୍ମ୍ୟ କରୁଥାଏ, ଉପଦ୍ରବ କରିବାରେ ଲାଗିଥାଏ । ଆପଣାର ଅନ୍ତରଙ୍ଗ ନାଡ଼ୀଗୁଡ଼ାକର କ୍ଷେତ୍ରରେ ସେମାନେ ହୁଏତ ସେହି ଦୌରାତ୍ମ୍ୟ ଓ ଉପଦ୍ରବ-ଗୁଡ଼ାକୁ ଖାଲି ଭଲ ପାଉଥାନ୍ତି । ମାତ୍ର ବାହାରେ, ସେଗୁଡ଼ାକ ଯେପରି ମୋଟେ ଧରାପଡ଼ି ନ ଯିବ, ସେଥିଲାଗି ଖାଲି ଉତ୍ସାହୀ ହୋଇ ସାହିତ୍ୟ ଲେଖୁଥାନ୍ତି, ସାହିତ୍ୟ ପଢ଼ୁଥାନ୍ତି । ଏବଂ ଆପଣାକୁ ଅଭିବ୍ୟକ୍ତ କରିବାକୁ ସର୍ବଦା ଖାଲି ଡରୁଥାନ୍ତି । ଦୁଆର ଖୋଲିବାକୁ ଡରୁଥାନ୍ତି । କାନ୍ଥ ଭାଙ୍ଗିବାକୁ ଡରୁଥାନ୍ତି । ସାହିତ୍ୟ ସେମାନଙ୍କ ଲାଗି ଗୋଟାଏ ମୁଖାପରି କାର୍ଯ୍ୟ କରୁଥାଏ, ସେମାନଙ୍କର ବନ୍ଧ୍ୟା-

Digitized by PPRACHIN, SOA

ଦୁଃଖକୁ ଘୋଡାଇ, ରଖିବା ଲାଗି ଗୋଟାଏ ଅସ୍ୱଫଳ ଅଥଚ ସୌଖୀନ ଔଷଧ ରୂପେ ଖାଲି କାମରେ ଲାଗୁଥାଏ ।

ସାହିତ୍ୟ, ଜୀବନଠାରୁ ବଡ଼ ନୁହେଁ, ସାହିତ୍ୟ ହେଉଛି ଜୀବନର ଏକ ଅଙ୍ଗ । ସାହିତ୍ୟ ଜୀବନର ଏକ ଭୂଷଣ ନୁହେଁ, ତାହା ଜୀବନର ଏକ ଆବଶ୍ୟକତା । ଆପଣାକୁ ଅଭିବ୍ୟକ୍ତ କରିବା, ଅନ୍ୟ ସମସ୍ତଙ୍କ ଲାଗି ଆପଣାକୁ ଅଭିବ୍ୟକ୍ତ କରାଇବାର ପ୍ରୟାସ ଦ୍ୱାରା ଆପଣାକୁ ଅଧିକରୁ ଅଧିକ ଚିହ୍ନିବା ଏବଂ ଅଧିକରୁ ଅଧିକ ପାଇବା, – ଏହା ଆଦୌ ଗୋଟାଏ ବିଳାସ ନୁହେଁ, ଏହା ହେଉଛି ଏକ ଆବଶ୍ୟକତା । ଯେଉଁମାନେ ନାନା କାରଣରୁ ଜୀବନକୁ ଅନିତ୍ୟ ବୋଲି ଭାବନ୍ତି, ଓ ତେଣୁ ସମ୍ଭୋଗକୁହିଁ ଜୀବନର ବଡ଼ତମ ଧର୍ମ ବୋଲି ଗ୍ରହଣ କରି ନେଇଥାନ୍ତି, ହୁଏତ ସେହିମାନେ ଅନେକ ସମୟରେ ସାହିତ୍ୟକୁ ଏକ ସମ୍ଭୋଗ ଅଥବା ବିଳାସ ବୋଲି ଗ୍ରହଣ କରିଥାନ୍ତି । ସେମାନେ ଜୀବନ ପାଖରେ ନାସ୍ତିକ ହୋଇ ରହି-ଯାଆନ୍ତି । ଜୀବନର ସାନ୍ଦ୍ରତାକୁ ସେମାନେ ବିଳାସିତାର ପରିମାଣ ଦେଇ କଳନା କରନ୍ତି । ସଚରାଚର ଏହିମାନେହିଁ ଜ୍ଞାନକୁ ଶବ୍ଦବିଳାସ ବୋଲି କହୁଥାନ୍ତି ଓ ସେପରି କହି ଆପଣାକୁ ପରମଜ୍ଞାନୀ ପ୍ରାୟ ଅନୁଭବ ବି କରିଥାନ୍ତି । ସେମାନେ କର୍ମକୁ କଷଣ ପରି ସହନ୍ତି; ବାଧ୍ୟ ହୋଇ କର୍ମ କରନ୍ତି, ବଳଦଙ୍କ ପରି ବୋଝ ବୁହନ୍ତି । ସେମାନଙ୍କର ଭକ୍ତିଗୁଡ଼ାକ ଅଧିକାଂଶ ସମୟରେ ଏକ ପ୍ରଦର୍ଶନ ଓ ଅତି ପ୍ରଦର୍ଶନର ସୀମାକୁ ଯାଇ ସ୍ପର୍ଶ କରିବାରେ, ଖାଲି ସରାଗ ଦେଖାଇବାରେ ଲାଗିଥାଏ । ଯଥାର୍ଥ ଜ୍ଞାନ, ଯଥାର୍ଥ କର୍ମ ଓ ଯଥାର୍ଥ ଭକ୍ତି ଆପଣାର ଅଭିବ୍ୟକ୍ତି-କ୍ରମରେହିଁ ଗୋଟିଏ ଗୋଟିଏ ଅନୁଗାମୀ ସୋପାନପରି କାର୍ଯ୍ୟ କରିଥାନ୍ତି । ତେଣୁ ଯଥାର୍ଥ ଜ୍ଞାନ, ଯଥାର୍ଥ କର୍ମ ଓ ଯଥାର୍ଥ ଭକ୍ତି ଆମକୁ ଏପରି ହାଲୁକା କରିଦେଇ ପାରନ୍ତି, ଆମକୁ ସ୍ୱତେଅବା କେଉଁ ଉପସ୍ଥିତିର ଅଧିକରୁ ଅଧିକ ନିକଟବର୍ତ୍ତୀ କରାଇ ଆଣିବାରେ ହିଁ ଲାଗିଥାନ୍ତି । ଏବଂ ଆମ ଭିତରୁ ଯିଏ ଆପଣାକୁ ଅଧିକରୁ ଅଧିକ ସାର୍ଥକ ଭାବରେ ବ୍ୟକ୍ତ କରି ଆଣିବାକୁ ସମର୍ଥ ହୁଏ, ଅଧିକରୁ ଅଧିକ ଯଥାର୍ଥ ଭାବରେ ହୁଏତ ସେଇ ବ୍ୟକ୍ତିହିଁ ଜୀବନରେ ତଥା ସଂସାର ଭିତରେ ଏକ ସୌନ୍ଦର୍ଯ୍ୟମୟତାର ଆବିଷ୍କାର କରିପାରେ । ଆପଣାକୁ ଅଧିକରୁ ଅଧିକ ଭାବରେ ବ୍ୟକ୍ତ କରିବାକୁ ପ୍ରସ୍ତୁତ ଓ ସମ୍ମତ ହୋଇ ମଣିଷ କବି ହୁଏ, ସାହିତ୍ୟର ସୀମାକୁ ସ୍ପର୍ଶ କରେ; କବି ଜଗତକୁ ସୁନ୍ଦର ବୋଲି ଦେଖେ । ସିଏ ଖୁସୀ ହୋଇ ଆପଣାକୁ ଦିଏ, ଖୁସୀ ହୋଇ ଆପଣା ଭିତରକୁ ଅଧିକରୁ ଅଧିକ ଜୀବନଭାଗକୁ ଆମନ୍ତ୍ରଣ କରି ଆଣିବା ସକାଶେ ମନ ବି କରେ ।

ତେଣୁ ସାହିତ୍ୟ ଏକ ଧନ୍ଦା ନୁହେଁ, ସାହିତ୍ୟ ହେଉଛି ଏକ ନେହ । ଏହି ନେହକୁ ପରଖି ହିଁ ଆମେ ଜଣକର ସାହିତ୍ୟକୁ ପରୀକ୍ଷା କରିବା, ସେହି

Digitized by PPRACHIN, SOA

ନିଜକୁ ପରଖି ଜଣେ ସାହିତ୍ୟପାଠକର ସାହିତ୍ୟାନୁରାଗକୁ ମଧ୍ୟ ପରୀକ୍ଷା କରିବାକୁ ମନ କରିବା । ସାହିତ୍ୟ ଭିତରେ ଏକ ଉତ୍ତେଜିତ ବା ଅତ୍ୟୁଗ୍ର ଜାତୀୟତାବାଦ ଆସି ପ୍ରବେଶ କରିବା ପରେ କେତେକ ବ୍ୟକ୍ତି ଅମୁକ ସାହିତ୍ୟକୁ ମୋ' ସାହିତ୍ୟ ବୋଲି କହିଲେ, ମୋ' ସାହିତ୍ୟକୁହିଁ ସବୁଠାରୁ ବଡ଼ ବୋଲି କହିବାକୁ ଧର୍ମପ୍ରାୟ ବି ମାନିଲେ । ସେମାନେ ସାହିତ୍ୟରୁ ଭ୍ରଷ୍ଟ ହେଲେ, ସାହିତ୍ୟକୁ ଭ୍ରଷ୍ଟ କଲେ । ସାହିତ୍ୟକୁ ଏକ ସମ୍ପତ୍ତି ପରି ଦେଖିବାର ମନ୍ଦ ଅଭିପ୍ରାୟଟିକୁ ଏକ ଔଚିତ୍ୟ ଆଣି ଦେବାରେ ସେମାନେ ଭାରି ସହାୟତା କଲେ । ସାହିତ୍ୟ ପଛକୁ ହଟି ରହିଗଲା, ଅହଙ୍କାରଗୁଡ଼ାକ ପ୍ରାୟ ଏକ କାମୁକତା ସହିତ ଆଗୁଆ ହୋଇ ନିଜକୁ ମୋଟା କରି ଦେଖାଇବାକୁ ବି ଲାଗିଲେ । ସାହିତ୍ୟ ସାମଞ୍ଜସ୍ୟତାର ପ୍ରତୀକ ନ ହୋଇ ନାନା ଅସୂୟାର କାରଣ ହେଲା, ନାନା କ୍ଷୁଦ୍ରତା ଲାଗି ଉପାଦାନମାନ ଆଣି ଯୋଗାଇ ଦେଲା । ଅଳ୍ପତାଗୁଡ଼ାକର ସ୍ତୁତି ହେବାକୁ ଲାଗିଲା । ଏବଂ ସେହି ସ୍ତୁତିଗୁଡ଼ାକ ସଫଳତାର ଏକ ଅପପ୍ରତ୍ୟୟ ଆଣିଦେବାରେ ଭାରି ସାହାଯ୍ୟ କଲେ ।

ଯେଉଁ ନେତ୍ର ଯେତିକି ସମଗ୍ର ଭାବରେ ଦେଖିପାରେ, ତାହା ସେତିକି ଯଥାର୍ଥ ଭାବରେ ଦେଖିବାକୁ ବି ସମର୍ଥ ହୁଏ । ସେହି ସମଗ୍ରତାରୁ ଶ୍ରଦ୍ଧାର ଜନ୍ମ ହୁଏ, ଏବଂ ଶ୍ରଦ୍ଧାହିଁ ଆତ୍ମୀୟତା ଲାଗି ବାଟ କଢ଼ାଇନିଏ । ସମଗ୍ର ଭାବରେ ଦେଖିବା ଅର୍ଥ ହିଁ ଆପଣାର ଅଭ୍ୟସ୍ତ ଘର ବା ଗୁମ୍ଫାଗୁଡ଼ିକୁ ଡେଇଁ ଯାଇ ଦେଖିବା, ସତତ ଅଧିକରୁ ଅଧିକ ଦେଖିବାକୁ ମନ କରିବା । ଆପଣାର ପରିଧିଗୁଡ଼ିକୁ ଡେଇଁ ଆହୁରି ଅଧିକକୁ ଛୁଇଁବାଲାଗି ମନ କରିବା । ଜାତିର ସୀମାଗୁଡ଼ାକୁ ଡେଇଁଯିବା ଲାଗିହିଁ ଆମେ ନିଜ ଜାତିକୁ ନିଜର ବୋଲି ଗ୍ରହଣ କରିବା । ଦେଶର ସୀମାଗୁଡ଼ାକୁ ଡେଇଁଯିବା ଲାଗିହିଁ ଆମେ ନିଜ ଦେଶକୁ ନିଜର ଦେଶ ବୋଲି ଗ୍ରହଣ କରିବା । ନିଜ ଭାଷାର ସୀମାଗୁଡ଼ାକୁ ଡେଇଁଯିବା ଲାଗିହିଁ ଆମେ ନିଜର ଭାଷାଟିକୁ ନିଜର ବୋଲି ଜାଣିବା, ତାକୁ ନିଜର ବୋଲି ଜାଣି ଭଲ ବି ପାଇବା । ଅସଲ ସାହିତ୍ୟ ତାହାହିଁ କରାଇବ । ସାହିତ୍ୟ ବାଡ଼ ଉଠାଇବ, ବାଡ଼କୁ ଭାଙ୍ଗିବ; ସଂସ୍କାରଗତ ଫାଙ୍କାଗୁଡ଼ାକୁ ବଦଳାଇବ, ଆମ ଶ୍ରଦ୍ଧାଗୁଡ଼ାକ ଲାଗି ନୂଆ ନୂଆ ଡେଣା ଆଣିଦେବ । ଗୋଟାଏ ଦେଶର, ଗୋଟାଏ ଜାତିର ଅଥବା ଗୋଟାଏ ଭାଷାର ସାହିତ୍ୟ ହୋଇ ମଧ୍ୟ ତାହା ଜୀବନର ବିଶ୍ୱବଳୟଗୁଡ଼ିକୁ ସ୍ପର୍ଶ କରି ପାରିବାର ସ୍ପର୍ଦ୍ଧା ରଖିଥିବ । ଏବଂ, ସେହିଭଳି ଏକ ସାହିତ୍ୟ ଦ୍ୱାରାହିଁ ଆମ ସମେତ ଆମ ଦେଶ, ଆମ ଜାତି ଓ ଆମ ଭାଷା ଧନ୍ୟ ହେବ । ମାତ୍ର, ଅନ୍ୟ ପକ୍ଷରେ, ଯଦି ଆମର ସାହିତ୍ୟ ଆମକୁ, ଆମର ଶ୍ରଦ୍ଧାକୁ ଏବଂ ଅଭିବ୍ୟକ୍ତି ଲାଗି ରହିଥିବା ଆମର ଅନୁରାଗକୁ ନାନା ପ୍ରମତ୍ତତାର ଗମ୍ଭୀର ଭିତରେ ନେଇ ପକାଇ ରଖିଥିବ,

Digitized by PPRACHIN, SOA

ତେବେ ତାହା ଆମ ଜୀବନରେ ସତେଅବା ଗୋଟାଏ ଅଫିମ ପରି କାର୍ଯ୍ୟ କରୁଥିବ । ଆମ ଚେତନାର ସାବଲୀଳ ଉନ୍ମୋଚନକୁ ତାହା ବାଟ ଓଗାଳି ରଖିଥିବ ।

ସାହିତ୍ୟର ସେହି ଉନ୍ମୋଚନକାରିଣୀ ଶକ୍ତି ହେଉଛି ତାହାର ଶୁଭଶକ୍ତି । ମୋ' ସାହିତ୍ୟ ମୋର ତଥା ଅନ୍ୟ ସମସ୍ତଙ୍କର ଉନ୍ମୋଚନରେ ଯେତିକି ସାହାଯ୍ୟ କରିପାରିବ, ତାହାକୁ ପ୍ରକୃତରେ ସେତିକି ଶୁଭର ସମର୍ଥ ବୋଲି କୁହାଯାଇ ପାରିବ । ଅସଲ ଉନ୍ମୋଚନ ମଣିଷର ହୃଦୟ ଭିତରେ ହିଁ ଏ– ହୃଦୟ ଭିତରେ ରହିଥିବା ନୈଜଗୁଡ଼ିକରେହିଁ ହୋଇଥାଏ । ଅସଲ ସାଧୁତାଟି ଲେଖକର ହୃଦୟ ଭିତରେ ରହିଥିବା ଦରକାର । ଆଧୁନିକ ସାହିତ୍ୟରେ ଯେଉଁମାନେ ଟେକନିକ୍‌ଟାକୁ ଅର୍ଥାତ୍ କହିବାର ଶୃଙ୍ଖଳାଟାକୁହିଁ ସାହିତ୍ୟକତାର ପ୍ରାୟ ସବୁକଥା ବୋଲି କହିବାକୁ ଅଣ୍ଟା ଧରି ବସିଥାନ୍ତି, ସେମାନେ ହୃଦୟ ଭିତରେ ଯେତେ ଅସାଧୁ ହୋଇଥିଲେ ମଧ୍ୟ ସମ୍ଭବତଃ ଟେକନିକ୍‌ର କ୍ଷେତ୍ରରେ ଯେ ଅତ୍ୟନ୍ତ ନିଖୁଣ ଓ ନିପୁଣ ଭାବରେ ସାଧୁ ହୋଇ ପାରନ୍ତି, ସେଭଳି ଘଟିବା ମୋଟେ ଏକ ବିଚିତ୍ର କଥା ନୁହେଁ । ବିଜ୍ଞାନର ଘୋର କର୍ଷଣ କରିବାରେ ଲାଗିଥିବା ବୈଜ୍ଞାନିକ ଆପଣାର ମର୍ମସ୍ଥ ଦୃଷ୍ଟିଗୁଡ଼ିକର କ୍ଷେତ୍ରରେ ହୁଏତ ଯେପରି ଭାରି ଅବୈଜ୍ଞାନିକ ଓ ଭାରି ବର୍ବର ହୋଇ ରହିପାରେ, ଏହା ଠିକ୍ ସେହିପରି କଥା । ତେଣୁ ଜଣେ ସାହିତ୍ୟିକର ସାହିତ୍ୟ ତା'ର ଜୀବନ ଭିତରକୁ ଅତ୍ୟନ୍ତ ସ୍ୱାଭାବିକ ଭାବରେ ଭେଦିକରି ରହିଥିବା ଉଚିତ । ସାହିତ୍ୟିକର ଜୀବନ ଓ ସାହିତ୍ୟିକର ସାହିତ୍ୟ ଭିତରେ ଅାଦୌ କୌଣସି ପାର୍ଥକ୍ୟ ରହିଥିବା ଉଚିତ ନୁହେଁ । ଆମେ ଏହାକୁହିଁ ସାହିତ୍ୟିକ ସାଧୁତା ବୋଲି କହିବା । ଏହି ସାଧୁତାଟି ରହିଥିଲେ ଆବଶ୍ୟକ ଟେକନିକ୍‌ଟି ବଳେବଳେ ମିଳିଯିବ । ସାହିତ୍ୟର ମାଧ୍ୟମରେ ସାହିତ୍ୟିକର ଅସଲ ବ୍ୟାକୁଳତାଟି ସହିତ ଆତ୍ମୀୟତା ଅର୍ଜନ କରିବା ସମ୍ଭବ ହେବ । ଏବଂ ତାହାରି ଫଳରେହିଁ ଶୁଭର ବୃଦ୍ଧି ହେବ । କୁତ୍ସିତତାଗୁଡ଼ାକ ଲଜ୍ଜିତ ହୋଇ ରହିବେ । ସାହିତ୍ୟ, ହୃଦୟକୁ ଯୋଡ଼ିବାର ଏକ ସାଧନ ହୋଇ ରହିବ । ସଂସାରରେ ଭଲ ଉପରେ ବିଶ୍ୱାସ ବଢ଼ିବ, ସୌନ୍ଦର୍ଯ୍ୟ କହିଲେ ପାରସ୍ପରିକ ସମ୍ବନ୍ଧର ଏକ ସ୍ୱାଭାବିକତା ଏବଂ ସହଜତାକୁହିଁ ବୁଝାଇବ । ବର୍ବରତାଗୁଡ଼ାକ ବିରୁଦ୍ଧରେ ଅସଲ ଯୁଦ୍ଧ ସେତିକି-ବେଳେ ଆରମ୍ଭ ହେବ । ସଭ୍ୟତା ସଂସ୍କୃତି ଲାଗି ପ୍ରେରକ ହୋଇ ରହିବ । ମଣିଷର ଉତ୍ତରଣରେ ସାହିତ୍ୟ ମଧ୍ୟ ଗୋଟିଏ ନିମିତ୍ତରୂପେ କାର୍ଯ୍ୟ କରିପାରିବ ।

ତେଣୁ, ନିଷ୍କର୍ଷ ହେଉଛି, ଯେ କୌଣସି କଳାତ୍ମକ ଏବଂ ଅନ୍ତର୍ଗତ ବାସନା ପରି । ସାହିତ୍ୟ ହେଉଛି ଆପଣାକୁ ବ୍ୟକ୍ତ କରିପାରିବାର ଏକ ବାସନା । ଆପଣାକୁ ବ୍ୟକ୍ତ କରିବାର ଏକ ବାସନା ଅର୍ଥାତ୍ ଆପଣାକୁ ଦେଇ ପାରିବାର ଏକ ବାସନା ।'

Digitized by PPRACHIN, SOA

ତେଣୁ, ଜଣେ ସାହିତ୍ୟିକ ଯେତେ ବେଶୀ ନେବାକୁ ଓ ପାଇବାକୁ ମନ ନ କରିବ, ତା'ଠାରୁ ଅନେକ ଅଧିକ ଗୁଣରେ ସିଏ ଦେବ, ଦେବାଲାଗି ସମ୍ମତ ଓ ପ୍ରସ୍ତୁତ ହୋଇ ରହିବ । ସେହି ଦେବାଦ୍ୱାରାହିଁ ସିଏ ଧନ୍ୟ ହେବ, କୃତାର୍ଥ ହେବ । ଏହି ଜୀବନ ମେଳା ଭିତରେ ରହି ସିଏ ନିଜର ବୋଲି ଯାହାକିଛି ସଂଗ୍ରହ କରିବ, ତାହାକୁ ସିଏ ସୁନ୍ଦର କରି ପୁଣି ସମସ୍ତଙ୍କ ଲାଗି ଓ ସେଥିରେ ନିଜ ହୃଦୟର ସ୍ପର୍ଶଟିକୁ ଦେଇ ବାଣ୍ଟିଦେବ । ଯାହା କେବଳ ନିଜକୁ ଭଲ ଲାଗେ, କେବଳ ନିଜକୁ ନିଶା ଖୁଆଇ ରଖିବାରେ ସାହାଯ୍ୟ କରୁଥାଏ, ନିଜକୁ ପ୍ରଦର୍ଶିତ କରିବାରେ ସହାୟ ପାଏ, ତାହା ପ୍ରକୃତରେ ସୁନ୍ଦର ନୁହେଁ । ଯାହା ରହିଥିଲେ ବା ଯେଉଁଟିକୁ ବାଣ୍ଟିଦେଇ ପାରିଲେ ସମସ୍ତଙ୍କ ପାଖରେ ଅତି ଆପଣାର ହୋଇ ବସିହୁଏ, ସମସ୍ତଙ୍କୁ ଅତ୍ୟନ୍ତ ଆପଣାର ପରି ପରିଚୟମାନ ହୁଏ, ତାହାହିଁ ଯଥାର୍ଥରେ ସୁନ୍ଦର । ଯାହା ଯେତିକି ଦେଖୁଥାଏ, ତା' ଭିତରେ ତା'ଠାରୁ ଅନେକ ଅଧିକ ଅନୁଭବ କରି ପାରୁଥାଏ, ଯାହା ପ୍ରତ୍ୟକ୍ଷ ଭିତରେ ପ୍ରଚ୍ଛନ୍ନଟିକୁ ଅନୁଭବ କରୁଥାଏ, ବର୍ତ୍ତମାନର ଖୋଳଟା ଭିତରେ ଭବିଷ୍ୟତର ଗଠନଶୀଳ ମର୍ମଟିକୁ ଆଘ୍ରାଣ କରି ନେଇପାରେ ତାହାହିଁ ଆପଣାକୁ ରସୋତ୍ତୀର୍ଣ୍ଣ କରି ପ୍ରତିଷ୍ଠିତ କରେ, ରଚୟିତାର ତପସ୍ୟାକୁ ସଫଳ କରେ,— ସାହିତ୍ୟିକ ମଧ୍ୟରେ ରହିଥିବା ସ୍ରଷ୍ଟାକୁ ତାହା ଜନ୍ମର ଅଧିକାର ଦେଇଯାଏ ।

ଅସଲ ସାହିତ୍ୟ କେବଳ ଅତୀତ, କେବଳ ବର୍ତ୍ତମାନ ଅଥବା କେବଳ ଭବିଷ୍ୟତକୁ କଦାପି ଦେଖେନାହିଁ । ସିଏ ତିନୋଟିଯାକକୁ ଏକାଠି ଏଇଠି ଠୁଳ କରି ଦେଖେ । ଏକ ଦୁର୍ବାର ସ୍ୱପ୍ନ ଦେଇ ତାହାକୁ ଦେଖେ । ତେଣୁ ଶ୍ରଦ୍ଧା ଦେଇ ଦେଖିବା ସମ୍ଭବ ହୁଏ । ସମସ୍ତଙ୍କର ଆଖିକୁ ଯାହା ସାନ ଓ ତୁଚ୍ଛ ବୋଲି ଦିଶୁଥାଏ, ସାହିତ୍ୟର ଚକ୍ଷୁ ସେଇଟିକୁ ମଧ୍ୟ ମହାନ୍ କରି ଦେଖି-ପାରେ । ତେଣୁ ସାହିତ୍ୟ ଜୀବନକୁ କଦାପି ତଳେ ପକାଇ ଦିଏନାହିଁ, ସିଏ ମଣିଷକୁ ଅବଜ୍ଞା କରି କଦାପି ପଳାଇ ଯାଏନାହିଁ । ଅଧିକରୁ ଅଧିକ ବାନ୍ଧିହୋଇ ରହିବାରେହିଁ ସିଏ ଅସଲ ମୋକ୍ଷଟିକୁ ଲାଭ କରେ । ସମ୍ଭବତଃ ସେଇଥିଲାଗି ଜଣେ ସାହିତ୍ୟିକକୁ ସାଧାରଣ ମଣିଷଙ୍କ ତୁଳନାରେ ଅଧିକ ଅସନ୍ତୋଷ ସହିତ ଜୀବନ ବଞ୍ଚିବାକୁ ହୁଏ; ସେହି ଅସନ୍ତୋଷଟି ସତେଅବା ଏକ ଈଶ୍ୱରସ୍ପୃଷ୍ଟ ଅସନ୍ତୋଷ ପରି ଅଦମ୍ୟ ଏବଂ ଅନମ୍ୟ ହୋଇ ରହିଥିଲେ ଯାଇ ସାହିତ୍ୟିକ ଆପଣାର ମାର୍ଗରେ ସୋପାନକୁ ସୋପାନ ଉଠି ଯାଉଥିବା ପରି ଅନୁଭବ କରୁଥାଏ । ସାହିତ୍ୟିକ ନିଜ ଇଚ୍ଛାରେହିଁ ସଂସାରର ଅନେକ ଯନ୍ତ୍ରଣାକୁ ବହନ କରେ । ତଥାପି କୌଣସି ଅଭିଯୋଗ କରେନାହିଁ ଅଥବା ଅସାହିତ୍ୟିକ ଅଧିକ ସୁଖିମାନଙ୍କ ସହିତ ଆପଣାର

Digitized by PPRACHIN, SOA

କେବେ ତୁଳନା କରିବାକୁ ଯାଏନାହିଁ । ଅନ୍ୟମାନଙ୍କ ପରି ହେବାକୁ କିମ୍ବା ବଢ଼ିବାକୁ ଚେଷ୍ଟା କରିବା ମାତ୍ରକେ ତା'ଭିତରେ କେଉଁଠି ନା କେଉଁଠି କ'ଣ ଗୋଟାଏ ଛୋଟ ଖଣ୍ଡିଆ ହୋଇଯାଏ, ସତେଅବା ତା'ର ଇଙ୍ଗିତ ଭୁଲିଯାଏ । ବାହାରକୁ ଅଦ୍ଧଖୁସି ନିଶ୍ଚିନ୍ତ ସେଠିଏ ପରି ଦେଖାଯାଉଥିଲେହେଁ ସିଏ ଆପଣା ପାଖରେ ସତେଅବା ଭାରି ଅସମ୍ମାନକର ହୋଇ ପଡ଼ୁଥାଏ । ହୁଏତ ସେଇଠି କୌଣସି କ୍ଷତର ପରିପୂରଣ କରିବାର ଲୋଭରେ ସିଏ ବାହାରେ କେତେ ଉଗ୍ର ହୁଏ, କେତେ ପ୍ରକାରରେ ଯଶଃକାମୀ ବା ଅନ୍ୟ କାମୀ ବି ହୁଏ । ତଥାପି ନିଜ ଘରର କଳହଟିକୁ ସିଏ ଆଦୌ ସମାଧାନ କରି ପାରେ ନାହିଁ । ଆପଣା ଘରକୁ ସିଏ ମୋଟେ ବାଟ ପାଏନାହିଁ । ତା'ର ସବୁ ଚଞ୍ଚଳ ମୁଖ୍ୟତଃ ଏକ ଅଚଞ୍ଚଳରେ ପରିଣତ ହୁଏ । ସିଏ ବୈରାଗୀ ହୋଇ ରହିଯାଏ ।

Digitized by PPRACHIN, SOA

ଅନନ୍ୟ ଚେତନା

—ଡକ୍‌ଟର ଶରତଚନ୍ଦ୍ର ପ୍ରଧାନ

ଏକରୁ ଅନେକ
ଅନେକରୁ ଏକ
ନଈଙ୍କର ତୀର୍ଥଯାତ୍ରା
ଶେଷ ହେଲା ପରେ ।

ଅନେକ ବି ଏକ ହୁଏ
ଏକ ବି ଅନେକ ରହେ
ସମୁଦ୍ରର ଲୁଣ ମନୁଷ୍ୟରେ ।

ସମସ୍ତ ଖାଇ ଚୋଷି
ଆକାଶରେ ଜହ୍ନସାଥି ହେଲେ,
ଜହ୍ନର ପଣତ କାନି
ଲମ୍ବିଗଲେ ସମୁଦ୍ର ସେପାରି
ବସ୍ତ୍ରସ ମାଗଇ କେତେ
ଘାଟର କଉଡ଼ି ।

ସମୁଦ୍ର ଓଟାରି ନିଏ
ଉନ୍ନତ ନଈକୁ
ନଈଙ୍କ ଅନ୍ତିମ ନୃତ୍ୟ
ଗୀତ ଶୁଣିବାକୁ ।

ଏହା କ'ଣ ଶେଷ ପର୍ବ
ନଈ ମାନଙ୍କର ?
ଏହା କ'ଣ ଶେଷ ହସ
ଏଇ ଜୀବନର ?
ନଈ ତ ସମୁଦ୍ର
ସମୁଦ୍ର ଓ ନଈ
ଅନେକର ଏକ ଡାକ
ମିଶାମିଶି ଯହିଁ ।

ବହୁ ଫୁଲ ଗୁନ୍ଥାହୁଏ
ମାଳ ଗୋଟାକରେ
ଶବ୍ଦମାନେ ହଜି ଯା'ନ୍ତି
ବାକ୍ୟଙ୍କ ମଧ୍ୟରେ ।

ଫୁଲଏ ଝୁରନ୍ତି ଯଦି
ଗଛ ଡ଼ାଳ ଛୁହିଁ
ଉତ୍‌ମ୍ଳାବନୀ ନଈ କାନ୍ଦେ
ଗିରିଗୁହା କାହିଁ !

ପିଠି ମୁଁ ଫେରାଇ ଦେଖେ
ଗାଆଁ ଦିଶୁ ନାହିଁ
ମୁକ୍ତା ଦେଇ ବୋଉ ମୋର
ଯୋଗୀଥାଳ ଦେଇ,

ଦେଇଛୁ ପଠାଇ ମୋତେ
ଏଇ ସହରକୁ
ନଈଙ୍କର ଗୀତ ଯେତେ
ଖାଇ ବୁଲିବାକୁ ।
ନିରସ୍ତ ହୁଏ ମୁଁ ନିତି
ବେଲା ଭୂଇଁ ଦେଖି
ସମୁଦ୍ର କେନ୍ଦ୍ରର ଶୁଣି
ବୁଜି ଗଲେ ଆଖି ।

ନଈରୁ ସମୁଦ୍ର ସମୁଦ୍ରରୁ ନଈ
ସବୁଠି କେନ୍ଦ୍ରର ଧ୍ୱନି
କାହିଁ ଯିବି ମୁହିଁ ! !

Digitized by PPRACHIN, SOA

ଖବର କାଗଜ

ଡକ୍ଟର ନୀଳାଦ୍ରିଭୂଷଣ ହରିଚନ୍ଦନ

ଖବର କାଗଜଟାକୁ ଦଶଥର
ଓଲଟ ପାଲଟ କର
ଏମିତି ଖାଲି ଗୁଡ଼ାଏ ଅକ୍ଷର ପଢ଼ି ଯିବାରେ
ଅଯଥା ସମୟ ନଷ୍ଟ ।
ଆଜିପାଇଁ ଫୋପାଡ଼ି ଦିଅ ସେଇଟା
ଏବଂ ଅପେକ୍ଷାରେ ରହିଥାଅ
କାଲି ତ ବାହାରି ପାରେ ସମ୍ବାଦଟେ କିଛିଟା ଚାଞ୍ଚଲ୍ୟକର
ଆକସ୍ମିକ କମ୍ବା କିଛି ପୂର୍ବ ଅନୁମିତ ।

ଜୀବନଟା ଏମିତି ସ୍ଥିର ଯେ
ଖାଇବା, ଶୋଇବା, ଗଳ୍ପ କରିବା ବ୍ୟତୀତ
ସମୟ କାଟିବା ପାଇଁ ଅନ୍ୟ ପନ୍ଥା ନାହିଁ
ଯାହା ହେଉ ଖବର କାଗଜ ପାଇଁ
ଅପେକ୍ଷାର ଉଦ୍‌ବେଗ ଭିତରେ
ଜୀବନ ନାମକ ଏକ ପଦାର୍ଥର ସ୍ଥିତି ଜଣାପଡ଼େ ।

ଦେଶସାରା ଆନ୍ଦୋଳନ, ଧମକ ଓ ବନ୍ଦ
ହତ୍ୟାକାଣ୍ଡ, ଅତ୍ୟାଚାର, ଗୁଳି ଓ ଧର୍ଷଣ
ବିରୋଧୀ ନେତାମାନଙ୍କ ତୀବ୍ର ପ୍ରତିକ୍ରିୟା
କାଗଜରେ ଏସବୁ ନ ଥିଲେ କିଏ ପଚାରୁଚି
ଜଳ ଜଳ ଚାହିଁ ଥିବା
ଉତ୍ସପବିହୀନ ଗୁଡ଼ିଏ ସଜା ଅକ୍ଷରକୁ ।

Digitized by PPRACHIN, SOA

ଅଧାଶୁଆ ଅବସ୍ଥାରେ
ଖବର କାଗଜ ପଢ଼ା ଉଷ୍ମ ମାଦକତା
ଭିତରୁ ଦେଖି ହୁଏନ
ସକାଳୁ ପଖାଳ ଖାଇ ଆସିଥିବା ଗୃହିଣୀଟିର
ଲଙ୍ଗଳ କଣ୍ଟିରେ ପୋଛୁ ହୁଏ କେତେବେଳେ
ଖଗ୍ର ସିଙ୍ଘା ଝାଳୁଆ ହାନ୍ଟା ।

ଗାଁ ଦଣ୍ଡା, ଶାଳବଣ,
ମଇଳା କୋଟଟ ପିନ୍ଧା ମଣିଷର ଗ୍ରୁଇ
ହଜିଯାଏ ସମୁଦ୍ରର ଗହ୍ଳ ଓ ଉତ୍ତାପ ଭିତରେ
ସହରର ବାରଣ୍ଡାରେ
ଗୋଟିଏ ଦିନ କଟିଲେ
ନୂଆ ଦିନଟିଏ ଆସେ
କାଗଜର ବ୍ୟଗ୍ର ଅପେକ୍ଷାରେ ।।

ପୂର୍ବପଲ୍ଲୀ
ଶାନ୍ତିନିକେତନ - ୭୩୧/୩୫



Digitized by PPRACHIN, SOA

ଚାଉଁଳି-ନକ୍ଷତ୍ର

—ସୁଧାଂଶୁବାଳା ପଣ୍ଡା

ସକାଳୁ ଉଠୁ ଉଠୁ ମୁଁ ଏକ ବିଚିତ୍ର ଶିହରଣରେ ଶିହରିତ ହୋଇ ଉଠିଲି । ଏ ପରିଣତ ବୟସରେ ଏଭଳି ଶିହରଣ ଜୀବନରେ ଖୁବ୍ କମ୍ ଆସେ । ସକାଳଓଳି ଯାକ ହୃଦୟରେ ଏଇଭଳି ଉତ୍ଫୁଲ୍ଲ ଆଲୋଡ଼ନ ଖେଳାଇ କେତେ-ବେଳେ ଘ୍ରୁ' ପଙ୍କ ଭିତରେ ଖବର କାଗଜ ପଢ଼ାଟା ଯେ ସରିଯାଇଛି ମୋର ଆଉ ଖିଆଲ ନାହିଁ । ଦ' ପୃଷ୍ଠା ଯାକ ଖବର କାଗଜକୁ ଖର୍ଙ୍ଗି ଭୁର୍ଙ୍ଗି କୋଡ଼ପଟ ଉପରେ ପୁଣିଥରେ ଯେତେବେଳେ ମୁଁ ଆଖି ପକାଏ, ସୁପ୍ରଭା ଘର ଭିତରୁ ଚାଲିଆସି ବରକ୍ତରେ ହାତକୁ ମୋର ତଉଲିଆଟାଏ ଧରାଇ ଦେଲେ । ତା' ପରେ ପରେ ଖିଅର ସାମାନ୍ ସାମ୍ନାରେ ମୋର ଥୋଇଦେଇ କହିଲେ "ଖିଅର ହୋଇ ଗାଧୋଇବ ଯାଅ...ଶହେଥର ଲେଖାଏଁ ପେପର ପଢ଼ା ଚାଲିଛି ।"

ମୁଁ ସଚେତନ ହୋଇ ଉଠିଲି । ଆରେ ସତେତ ! ଏ ଉଣ୍ଡର ବୟସରେ ବ ମଣିଷ ଅନ୍ୟମନସ୍କ ହୋଇ ଭୁଲ୍ କରି ବସେ । ଖିଅର ହେବା ପାଇଁ ଉପକ୍ରମ କରୁ କରୁ ମନ ଭିତରେ ପୁଣି ସେଇ ଅନ୍ୟମନସ୍କଭାବ ···ସୁପ୍ରଭାଙ୍କ ପ୍ରତ୍ୟାବର୍ତ୍ତନରେ ଦର୍ପଣ ଭିତରେ ପ୍ରତିବିମ୍ବିତ ହେଉଥିବା ତାଙ୍କ ଆନ୍ଦୋଳିତ ପଶ୍ଚାଦ୍‌ଭାଗର ଦୃଶ୍ୟ ଦେଖି ମୋ ଦେହରେ ସେଇ ସକାଳର ଶିହରଣ ପୁନଃ ଅନୁଭବ ହଉଥିଲି । ଅତୀତ ବୟସରେ ଥିଲେ ମୁଁ ଯଥାଶୀଘ୍ର ସୁପ୍ରଭାଙ୍କ ପଦାଙ୍କ ଅନୁସରଣ କରି କରି ଗୋଟାଏ ଝାଙ୍କରେ ଶୟନ କକ୍ଷ ଭିତରକୁ ଟାଣିନେଇ ଥାଆନ୍ତି । କିନ୍ତୁ ସେ ବୟସକୁ ବହୁଦିନୁ ଅତିକ୍ରମ କରି ଆସିଥିବାରୁ ମନର ଆବେଗକୁ ସଂଯତ ରଖି ସୁପ୍ରଭାଙ୍କୁ ନରମ କଣ୍ଠରେ ଡାକ ପାଖରେ ବସାଇଲି ।

ମୋର ଅନ୍ୟମନସ୍କତା, ଚପଳତା ଓ ସେହିପରି ହାବଭାବକୁ ଲକ୍ଷ୍ୟ ନ କରି ମୋ ଆଚରଣରେ କ୍ଷୁବ୍ଧ ହୋଇ ସୁପ୍ରଭା ଖାଲି ବରୁଡ଼ି ମାରିଲି ପରି ଚଉକିରୁ ଉଠି ପଡ଼ୁ ଥାଆନ୍ତି –"ଧେତ୍ କିଛି ନ କହି ଅଯଥାଟାରେ ମୋତେ ଖାଲି ବସାଉଛ···। ଠାକୁର ପୂଜା ହେବ କେତେବେଳେ, ଜଳଖିଆ ହେବ କେତେବେଳେ, ଛୁଟିଦିନ ଘରକୁ କିଏ କାଲେ ଚାଲି ଆସିବ·· ଛୁଃ···

ସୁପ୍ରଭା ଚାଲିଗଲେ । ମୁଁ ଆଉ ତାଙ୍କୁ ଧରି ରଖି ପାରିଲିନି । ଅସହ୍ୟ କ୍ରୋଧରେ ମୁଁ ଅତିଷ୍ଠ ହୋଇ ଉଠି କ'ଣ ନାଁ କଣ ତାଙ୍କୁ କହିବା ପାଇଁ ଉଦ୍ୟତ

Digitized by PPRACHIN, SOA

ହେଉ ହେଉ ନିଜକୁ ସଂଯତ ରଖିବାର ଉଦ୍ୟମ କରି ମନକୁ ଶାନ୍ତ ଦେବା ପାଇଁ ଖବର କାଗଜଟାକୁ ଠିକ ଠିକ କରି ଚରି ଦେଲି ।

ସୁପ୍ରଭା ଗ୍ଭଲି ଯାଉ ଯାଉ ଅଟକି ଗଲେ । ମୋତେ କିଛି ନ କହି ମୋ ଉପରେ କ୍ରୁର ଦୃଷ୍ଟି ଢ଼ାଳି ତାଙ୍କ ନିଜ କାମରେ ଲାଗିପଡ଼ିଲେ ।

ଏଭଳି ଏକ ଅବାଂଚ୍ଛିତ ପରିସ୍ଥିତିକୁ ସମ୍ଭାଳି ନଇ ନଇ ଭାବିଲି – ଯାଃ ଘରି କାମ ଦେଖେଉଛନ୍ତି ଇଏ...। ମୋର ଯେମିତି କିଛି କାମ ନାହିଁ....। ତମର ଘର କାମ ଥିଲେ, ମୋର ବି ବହୁତ ଅଫିସ କାମ ଅଛି । କାମ ପ୍ରତି କର୍ତ୍ତବ୍ୟ-ନିଷ୍ଠତା ଓ ପ୍ରବଳ ଉତ୍କଣ୍ଠା ବି ମନରୁ ମୋର ମରିନି । ତୁମକୁ ଏଡ଼ିଦେଇ ମତେ ବି କାମ କରି ଆସେ । କାମର ବାହାନା ଦେଖାଇ କାହା ଉପରେ ଚଢ଼ି ବଢ଼ି ହେଲେ କେହି ସହିବେନି ।

କିଛିକ୍ଷଣ ଠିଆ ହୋଇ ରହିଲି ଓ ପରେ ପରେ ବିରକ୍ତିର ଚରମରେ ପହଞ୍ଚି ଅଫିସ କାମ କରିବା ପାଇଁ ଫାଇଲ ଆଣିବାକୁ ଘର ଭିତରେ ପଶୁଚ, ସୁପ୍ରଭା ଆହୁରି ବିରକ୍ତ ହୋଇ ପାଟି କରି ଉଠିଲେ —ମଲି ·· ମୁଁ ଜଳଖିଆ ରେଡି କରି ସାରିଲିଣି...ନ ଗାଧେଇ ନ ପାଧେଇ ଅଫିସ୍ କାମରେ ବାହାରି ପଡ଼ିଲେ····

କ୍ରୋଧକୁ ଆୟତ୍ତ କରିବା ଅବସ୍ଥାରେ ମୁଁ ଆଉ ରହି ପାରିଲିନି । ସଂକ୍ଷିପ୍ତରେ କହିଲି ମୁଁ କିଛି ଖାଇବି ନାହିଁ ।

ବିସ୍ମୟ ଓ କ୍ରୋଧ ମିଶ୍ରି ଅଦ୍ଭୁତ ଶୁଣାଗଲା ସୁପ୍ରଭାଙ୍କ ସ୍ୱର "ଖାଇବ ନାହିଁ ? ଆଗରୁ କହିଲନି ··ମୁଁ ଅଣ୍ଡା ଭାଜି, ଅଟା ମାଖି, ତରକାରୀ କରିସାରିଲି ପରେ କ'ଣ ନାଁ ମୁଁ ଖାଇବି ନାହିଁ ·। ଜୀବନଟାଯାକ ଖାଲି ନାହିଁ, ହଁ ଓ ହଁ ନାହିଁରେ କଟିଗଲା । ନ ଖାଇକରି ମୁନି ଋଷି ତ ବଞ୍ଚି ନାହାନ୍ତି '...

ଘଣ୍ଟା ଆଉ ବିରକ୍ତିରେ ମୁଁ ସମ୍ପୂର୍ଣ୍ଣ ନୀରବ ରହିଯାଇ ଗୋଟିଏ ପରେ ଗୋଟିଏ ସିଗାରେଟ୍‌ରେ ନିଆଁ ଧରାଇବାରେ ଲାଗିଲି, କିନ୍ତୁ ଫାଇଲ ଦେଖା ନାହିଁ । ମନଟା ଥରେ ଭାଙ୍ଗିଗଲେ ତାକୁ ଅନ୍ୟ କିଛି ଦେଇ ଆଉ ଯୋଡ଼ି ହୋଇ ପାରେନି । ଏ ଘର, ଦ୍ୱାର, ସୁପ୍ରଭା ଓ ଏ ଅଶାନ୍ତ ପରିବେଶ ମତେ ଅତିଷ୍ଠ କରି ପକାଉଚି । କ'ଣ କଲେ ଏଥିରୁ ମୁକ୍ତି ମିଳିବ ଭାବି ଭାବି, ଶେଷକୁ ସ୍ଥିର କଲି ବାହାରକୁ ଗ୍ଭଲିଯିବି । ଡ୍ରେସିଂ ଟେବୁଲ ଡ୍ରୟାରରୁ ଗାଡ଼ି ଗ୍ଭବି ନେଇ ଗ୍ୟାରେଜ ଖୋଲିବା ପାଇଁ ହରିଆକୁ ଡାକିଲା ବେଳକୁ, ସୁପ୍ରଭା ବଧୁଁଙ୍କ ଘରୁ ପାଟି କରି ଶୁଣାଇଦେଲେ, ହରିଆ ନାହିଁ····ଯାଇଚି ମାଛ ପାଇଁ ବଜାରକୁ ।

Digitized by PPRACHIN, SOA

କ୍ରୋଧରେ ଉତ୍ତେଜନାରେ ଥରି ଥରି ମୁଁ କହିଲି— 'କୁଆଡେ ଯାଉଛ ? ମାଛ ପାଇଁ ? ମାଛ କଲେ ଆସି ଅଠର ଟଙ୍କା ହେଲାଣି ତଥାପି ମାଛ ଅଭ୍ୟାସ ଯାଉନି । ଦିନ ଯାକର ଚବିଶ ଘଣ୍ଟାରୁ କୋଉଁ ଘଣ୍ଟା ତମର କାମ ସେ କରୁଛ ...। ସକାଳୁ ସକାଳୁ ମାଛ ପାଇଁ ନ ପଠାଇଥିଲେ ଚଳି ନ ଥାନ୍ତା ? ଯାହା ସେ ମାଛ ଆଣିବ, ତମେ ଖାଇବ । ମୁଁ ସେ ମାଛ ଫାଛ, ଖାଇବି ନାହିଁ କି ଏ ଘରେ ରହିବି ନାହିଁ । ଛିଃ ଛିଃ ..ସମ୍ପୂର୍ଣ୍ଣ ସ୍ୱାଧୀନତା ଦେବାର ଫଳ ଇଏ ···ଯାହା ମନ ତାହା କରି ଯାଉଛ

ଦାଆଁଙ୍କ ଘରୁ ଦଉଡ଼ି ଆସିଲେ ସୁପ୍ରଭା ମୋ ପାଟି ଶୁଣି । ସରି ସରି ହୋଇ ଦେହରୁ ତାଙ୍କର ମଠାଟା ଖସି ଯାଉଛି...ଓଦା ମୁଣ୍ଡରୁ ପିଠିଯାକ ପାଣି ନିଗିଡ଼ି ପଡ଼ୁଛି ..କେତୁଟା ତୁରୁକୁଣୀ ଫୁଲ ଓ ରଜନୀଗନ୍ଧାର ତୋଡ଼ା ଏକାଠି କରି ଝିଅ ବାନ୍ଧୁଥିଲେ କି କ'ଣ ···ସେତକ ମୋ ଉପରକୁ ଫୋପାଡ଼ି ଦେଇ କ୍ରୋଧ ଜର୍ଜରିତ କଣ୍ଠରେ କହିଲେ—"କ'ଣ କହିଲ, ସମ୍ପୂର୍ଣ୍ଣ ସ୍ୱାଧୀନତା ଦେବାର ଫଳ—କ'ଣ ସ୍ୱାଧୀନତା ଦେଇଛ ଶୁଣେ····ତମେ, ଖାଇବ ବୋଲି ମାଛ ପାଇଁ ତାକୁ ପଠାଇଛି, ଏଇ ମୋର ସ୍ୱାଧୀନତା ? ଏଇଥି ପାଇଁ ଘରେ ତମେ ରହିବ ନାହିଁ । ଆଉ ରହିବ କିଏ ? ରହିବି ମୁଁ ? ମୁଁ ତୁମର କିଏ ..? ଥରେ ଥରେ କରି ହଜାର ଥର କହିଲେ ଯାହାର ଗୋଟିଏ ପଦ କଥା ବି ତୁମେ ରଖୁନା ତାକୁ ଦେଇଦେବ ଘର । କାହିଁକି ? ସେ କ'ଣ ତୁମର ଘର ଜଗୁଆଳି ? ଦରକାର ନାହିଁ ମୋର ଏ ଘରଦୁଆର ଦାଆଁ ଦେବତା...ମୁଁ ନଉକ୍ଷଣି ଘର ଝିଅ ହୋଇନି ମୁଁ·····ଏ ଘରଦୁଆର ମତେ ସରଗ ପରି ଲାଗିବ·····"

ସୁପ୍ରଭାଙ୍କ କଣ୍ଠ ଅପମାନରେ ରୁଦ୍ଧ ହୋଇ ଆସୁଛି । ତଥାପି ସେଇ ବାଷ୍ପରୁଦ୍ଧ କଣ୍ଠରୁ ଭାସିଆସୁଛି ବାକି ଅଂଶତକ "ଏଡ଼େବଡ଼ ଅଫିସରଟାଏ ହୋଇଛ ଯେ ପିଅନଟେ କି ଚପରାଶିଟେ ନାହିଁ । ଏତିକି ଟିକିଏ ଗୁହାର ଟୋକା····ସେଇ ଗ୍ୟାରେଜ୍ ଖୋଲିବ, ଗେଟ୍ ଫିଟାଇବ, ଫାଇଲ ବୋହିବ, ଅଫିସରୁ ଆଣିବ ଡାକ, ଟୁର୍‌ରେ ଗଲେ ସାଙ୍ଗରେ ଯିବ ସେଇ । ସିଗାରେଟ ଠାରୁ ଲଣ୍ଡନିଲ ପର୍ଯ୍ୟନ୍ତ ବଜାରରୁ ଆଣୁଥିବ ଥରକୁଥର···। ମୁଁ ଟିକିଏ ମାଛ ପାଇଁ ପଠାଇଲିରୁ ଏଡ଼େ ପାଟି—। ଛୁଟିଦିନ ମାଛ ଫାଛ ଟିକିଏ କଲେ ଭଲରେ ଗଣ୍ଡେ ଖାଇବ ବୋଲି ଏତେ କଥା । କ'ଣ ଏମିତି ଭୁଲ୍ କଥାଟେ ମୁଁ କରି ପକେଇଲି ଯେ ଏତିକି ରାଗ ?

ପରିସ୍ଥିତି କ୍ରମେ ଜଟିଳ ହୋଇ ଉଠୁଛି । କି ଉପାୟରେ ମୁଁ ଏଥିରୁ ମୁକ୍ତି ପାଇବି, ଉପାୟ ଖୋଜି ପାଉନି । ସମ୍ପୂର୍ଣ୍ଣ ନୀରବ ରହିଯାଇ ସୁପ୍ରଭାଙ୍କ

Digitized by PPRACHIN, SOA

ଉପରେ ଦୃଷ୍ଟି ପକାଇଲାବେଳକୁ, ସୁପ୍ରଭା ଡା'ଇନିଂ ଟେବୁଲ ପାଖ ଗୋଟେ ଚେୟାର ଉପରେ ବସି କାନ୍ଦିବାରେ ଲାଗିଛନ୍ତି "କ'ଣ ପାଇଁ ତମେ ସବୁବେଳେ ମୋ ଉପରେ ଏମିତି ଚଣ୍ଡ ଚଣ୍ଡ ହୁଅ ? ସମ୍ଭାଳି ଯାଉଚ ବୋଲି ? ତୁମେମାନେ ସବୁଠାରୁ ଭାରି ସ୍ୱାର୍ଥପର···। ତମମାନଙ୍କ ପାଇଁ ବିବାହ ଗୋଟେ ଭଗବାନଙ୍କ ଆଶୀର୍ବାଦ ପତ୍ର····। ସୁନ୍ଦରୀ ଶିକ୍ଷିତା ଝିଅ, ଘରକୁ ନେଇଆସି ତା' ଉପରେ ଅଧିକାର ସାବ୍ୟସ୍ତ କର । ଯେତେପ୍ରକାର ଦୌରାତ୍ମ୍ୟ ତାରି ଉପରେ । ସେ ଯେମିତି ଅଭିଶପ୍ତା କନ୍ୟାଟି ! ତୁମମାନଙ୍କ ମନ ନେଇ ନ ଚଳିଲେ ସେ ଆହୁରି ଅଭିଶପ୍ତା ହୋଇ ପଡିବ ।"

ସଦ୍ୟ ଜଳା ସିଗାରେଟ୍‌ଟାକୁ ଆସ୍‌ଟ୍ରେରେ ମକଚି ଦେଇ ସୁପ୍ରଭାଙ୍କୁ କହିଲି ବାସ୍, ସେତିକି ନା, ଆଉ ଅଛି କହିବାକୁ ?

"କ'ଣ ଏମିତି କହିପକେଇଲି କି ? କହିଲେ ତ ଏଇଲେ ପୋଥି ହେବ । ଭାତ ଗଣ୍ଡେ ଖାଇବାକୁ ଦେଇ ପୋଷିଚ ବୋଲି, ବସ୍ କହିଲେ ବସୁଚୁ, ଉଠ୍ କହିଲେ ଉଠୁଚୁ····। ତମର ମନ ନେଇ ଆମେ ସାରା ଜୀବନ କଟେଇ ଦେବୁ । ଆମ ମନ ତୁମେ ମୁହୂର୍ତ୍ତିକ ପାଇଁ ବୁଝିବ ନାହିଁ । କଥା କଥାକେ ରାଗ । ସ୍ତ୍ରୀ ପ୍ରତି ସ୍ନେହ ନାହିଁ...ଶ୍ରଦ୍ଧା ନାହିଁ ସବୁବେଳେ ହାକିମାତି । ଯା....ଯା...ଯୁଆଡେ଼ ଯାଉଚ ଯାଅ । ମୁଁ ତୁମର କୌଣସି କଥା ଶୁଣିବାକୁ ପ୍ରସ୍ତୁତ ନୁହେଁ ।"

ଆଜି ନ ହୋଇ, ଅନ୍ୟ ଯେ କୌଣସି ଦିନ ହୋଇଥିଲେ, ସୁପ୍ରଭାଙ୍କର ଏ ଦୀର୍ଘ ବକ୍ତବ୍ୟର ଉତ୍ତର ମୁଁ ଦେଇଥାଆନ୍ତି, ଏକ ଶକ୍ତ ଚପେଟାଘାତରେ । ଆଜି ମୁଁ ନୀରବ ରହିଯାଇଥିଲି କେବଳ, ପ୍ରଭାତର ସେ ଅନନୁଭୂତ ଅନୁଭୂତି ପାଇଁ । ମୋ ବୟସର ପଞ୍ଚଦଶକରେ, କେବଳ ସେଇ ସୁପ୍ରଭାଙ୍କ ଲାଗି ମୁଁ ଅନୁଭବ କରିଥିଲି ଦୁଇଜଣଙ୍କର ପ୍ରବଳ ଉତ୍କଣ୍ଠା, ଅହେତୁକୀ ଶିହରଣ ଓ ଅଦମ୍ୟ ପିପାସା ।

ତଥାପି ମୁଁ ସୁପ୍ରଭାଙ୍କୁ କ୍ଷମା ନ ଦେଇ ଏ ପରିବେଶରୁ ମୁକୁଳିଯିବା ପାଇଁ, ନିଜେ ଯାଇ ଗ୍ୟାରେଜ୍ ଖୋଲି ଗାଡ଼ି ବାହାର କରି ବାହାରକୁ ଚାଲିଗଲି ।

ସୁପ୍ରଭା ମୋତେ ଏକ ଚକ୍ଷୁରେ ଚାହିଁ ରହିଥିଲେ । ବୋଧେ ଭାବୁଥିଲେ, ଇସ୍···· ଲୋକଟା କେଡ଼େ ବଦ୍‌ରାଗୀ, ଏକଜିଦିଆ, ମୁଣ୍ଡୁ····

ସହର ବଜାର ଡେଇଁ ଗାଡ଼ି ଆଗେଇ ଗଲାଣି ଅନେକ ଦୂର । କିନ୍ତୁ ମୁଁ ଯାଉଚି କୁଆଡେ଼····? ଯିବି ବା କୁଆଡେ଼····? ବୈଶାଖ ମାସ । ଦିନ ଦଶଟା ବାଜିଥିଲେବି ସୂର୍ଯ୍ୟଙ୍କ ତାପ ପ୍ରଚଣ୍ଡ····। ସାମ୍ନାପଟୁ ଧୂଳି ଧୂଳି ଝାଞ୍ଜି ଆସି ମୁହଁରେ

Digitized by PPRACHIN, SOA

ଲେସି ହୋଇ ଯାଉଚ.....। ଅଗତ୍ୟା ଗୋଟାଏ ଗଛ ଗୁଇତଳେ ଗାଡ଼ି ରଖି ଜବସ୍ଥ ଚତ୍ତରେ ସିଗାରେଟ୍ ଟାଣିବାରେ ଲଗିଲି । ଚତୁର୍ଦ୍ଦିଗର କୋଳାହଳରେ ମୁଁ ଆତ୍ମବସ୍ମୃତ ।

ଗାଡ଼ି ଭିତରୁ ଏଇ ସାମ୍ନା ଦ୍ୱିତଳ ପ୍ରାସାଦ ଅଡ଼େ ଟିକଏ ଗୃହିଲି.... ଏ'ଟା ଜଣ୍ଟସ୍ଥ ଗୋଟାଏ ହୋଟେଲ....। ସୁଅ ମୁହଁରେ ଲୋକ ଘର ଭିତରେ ପଶୁଛନ୍ତି ଓ ବାହାରୁଛନ୍ତି । ସିନେମା ହଲ୍ ଭଳି ଏଠି ବି ଅସଂଖ୍ୟ ଲୋକଙ୍କ ଗହଳି । କାହାର ଗୋଟାଏ ଚହ୍ଲା ଚହ୍ଲା ମୁହଁ ଦେଖାଯାଉଚ । ଜଣ୍ଟସ୍ଥ ଏ ମୁହଁ ସୁମନ୍ତର....। ସୁମନ୍ତ ମୋର ଏକଦା ସହପାଠୀ ଓ ସେ ଖୁବ୍ ଭଲ ଛାତ୍ର ହିସାବରେ ମୁଁ ତାଙ୍କୁ ଭୟ କରୁଥିଲେବ ଦାରିଦ୍ର୍ୟର ଶୀକାର ହୋଇ ପାଠ ପଢ଼ାର ଅଧାରୁ ଯାଇ ସେକ୍ରେଟେରିଏଟ୍‌ରେ କରଣୀ ଗିରିକଣ୍ଟ କଲା । ଆଜି ଉଠି ଉଠି ସେ ରେଭିନ୍ୟୁ ସେକ୍‌ସନର ହେଡ୍‌କ୍ଲର୍କ....ମୁଁ ରେଭିନ୍ୟୁ ସେକ୍ରେଟେରି...। ତଥାପି ଆମର ସମ୍ପର୍କ ସେଇ ବାଲ୍ୟସାଥିର...। ଦେଖାହେଲେ, ତା' ଅଭାବର ପରିବାରର କଥା ମୋ ଆଗେ ବର୍ଣ୍ଣନା କରେ ।

ସୁମନ୍ତ ମୋର ପାଖକୁ ଆସି ଭକ୍ତ୍ରୋଚିତ ନମସ୍କାର ଜଣାଇ ତାର ଏଠିକୁ ଆସିବାର କାରଣ ଜଣାଇଲା – ପିଲାମାନେ ଲଗାଇଲେ ଆଜି କିଛି ହୋଟେଲ ଜଳଖିଆ ଖାଇବେ । ଦଶଟଙ୍କା ଆଣିଥିଲି । ବଳିଚ କୋଡ଼ିଏ ପଇସା...। ଯାହା ହେଉଚ ହଉ....। କେତେ ଆଉ ସେ ଚୁଡ଼ା ମୁଢ଼ି, ମୁଢ଼ି ଚୁଡ଼ା ଖାଇବେ ?

ମୋ ମୁଣ୍ଡ ଭିତରେ ଯେମିତି କ'ଣ ଗୋଳମାଳ ହୋଇଯାଉଚ...। ମୁଁ କମିତି ଅସ୍ଥିରତା ଅନୁଭବ କରୁଚ...। ଦେହର ପ୍ରତିଟି ଅଙ୍ଗପ୍ରତ୍ୟଙ୍ଗ ଅତିମାତ୍ରାରେ ଉତ୍ତେଜ । ମୁଁ ଭାବି ପାରୁନ କ'ଣ ଏହାର କାରଣ ? ଗାଡ଼ି ଭିତରୁ ବାହାରି ଆସି ଅଯଥା ପଦଗ୍ଭରଣ କରୁ କରୁ ହଠାତ୍ ହୋଟେଲ ଝରକା ଭିତରକୁ ଦୃଷ୍ଟି ମୋର ଲମ୍ବିଗଲା । ଅତି ମନଯୋଗ ସହକାରେ ସଂଖ୍ୟାଧିକ ଲୋକ ଖାଇବାରେ ଲଗିଛନ୍ତି...। କିଏ କଣ୍ଟା ଚାମୁଚ ସାହାଯ୍ୟରେ ଚପ୍ ଖଣ୍ଡେ ଉଠାଉଚ ତ କିଏ ରେକେଟି ଗ୍ଭଲିତ ମାଂସର ଖଣ୍ଡେ ହାଡ଼....। କାହା ବଳିଷ୍ଠ ହାତମୁଠା ଭିତରୁ ପୁରୁଳି ପଡ଼ୁଚ ଗୋଲଆଗୋଳେଇ ଘିଅର ବଡ଼ ବଡ ଗୁଣ୍ଡା...। ଆଉ କିଏ ବାଁ ହାତରେ ବଟର ଲଗା ପାଉଁରୁଟି ଖଣ୍ଡେ ଧରି ଡାହାଣ ହାତରେ ଆମ୍ଲେଟରୁ ଖଣ୍ଡେ ଛିଣ୍ଡେଇ ପାଟିରେ ପୂରାଉଚ ।

ଏ ଦୃଶ୍ୟରେ ମୁଁ ଅଧୀର ହୋଇ ଉଠିଲି । ମତେ ମନେହେଲା ବହୁବର୍ଷ ଧରି ମୁଁ ଯେମିତି ଅନାହାରୀ...। ମୋ କ୍ଷୁଧିତ ହୃଦୟ ବଳଲରେ ବାଳସି ଉଠିଲା....। ଗ୍ଭବଲି ଗାଡ଼ି ଲକ୍ କରି ହୋଟେଲରେ ବସିଗଲେ କେମିତି ହୁଅନ୍ତା ?

Digitized by PPRACHIN, SOA

ଖଣ୍ଡେ କଟ୍‌ଲେଟ୍ ଓ ଗୋଟେ ବଏଲଏଗ୍ ଏ ସକାଳକୁ ସୁନ୍ଦର କରି ତୋଳନ୍ତା...। ସକାଳ ? କଏ ଯେମିତି ଫୁସି ଫୁସି କାନପାଖେ ମୋର ବେଦମ୍ ହୋଇଯାଉଚି, ବସ୍ତୁସ୍ଥରେ ଘଣ୍ଟାକୁ ଚାହିଁଲାବେଳକୁ ସମୟ ଏଗାର।

ପ୍ରବଳ କ୍ଷୁଧାର ଜ୍ୱାଳା ସମ୍ଭାଳି ନ ପାରି ମୁଁ କ୍ଷିପ୍ରଗତିରେ ହୋଟେଲ ଭିତରକୁ ପଶିଗଲି। ହୋଟେଲବଏ ଠାରୁ ମେନୁଟା ପଢ଼ିସାରି ପ୍ରକୋଷ୍ଠ ଭିତରେ ଅସ୍ଥିରଭାବେ ବୁଲି ଆସିଲିଣି ପ୍ରାୟ ଚାରିଥର....। ହୋଟେଲବଏ ଫ୍ରିଜ ଭିତରୁ ଥଣ୍ଡା ପାଣିର ବୋତଲ ଆଣିବାକୁ ଯାଇଚି। ମୁଁ ଚଉକି ଛାଡ଼ି ଗୋଟାଏ ଲକ୍ଷ୍ୟରେ ଆସି ପହଞ୍ଚିଗଲି ମୋର କାର୍ ପାଖେ, ଦେହ ଆଉ ମନରୁ ଗୋଟା ଗୋଟା ଝାଳ ବୋହି ପଡ଼ୁଚି...। ଯାହାହେଉ ମନରେ ଗଭୀର ଆତ୍ମସନ୍ତୋଷ, ମୁଁ ଖାଇବା ଆଣିବାକୁ ତାକୁ ବରାଦ୍ କରିନି ! ଗତ ରାତିର ରାତି ପୋଷାକ ମୋ ଦେହରେ। ମନିପର୍ଶ କାହିଁ ?

କପର୍ଦ୍ଦକ ଶୂନ୍ୟ ହୋଇ ମୁଁ ଗାଡ଼ି ଭିତରକୁ ପଶି ଯାଉ ଯାଉ ଆଖି ଆଗରେ ଭାସି ଉଠିଲା, ସୁପ୍ରଭା ଖାଇବାକୁ ବାଢ଼ୁଥିବାର ଗୋଟିଏ ଦୃଶ୍ୟ...ଅଳ୍ପ ଅରୁଆ ଚାଉଳର କଞ୍ଚା ଭାତ, ହାପ୍‌ପ୍ଲେଟ୍ ପରିବା ତରକାରି, ସାଲାଡ୍ ଟିକିଏ ଓ ପରେ ପରେ ପାଖରେ ବସି ସୁପ୍ରଭା ପରଷି ଚାଲିଥିବେ ଖଣ୍ଡ ଖଣ୍ଡ ମସଲା ଦିଆ ଗରମ ଗରମ ମାଛ ଭଜା.....ଚୁମୁର୍ ଚୁମୁର୍ ଝଡ଼ା ମାଛ ବେସର। ଖଣ୍ଡ ଖଣ୍ଡ ପେଟି ଦହି ମାଛ ଓ ନିଜ ହାତ ତିଆରି କେତେଖଣ୍ଡ ସେକା ପାମ୍ପଡ଼...।

ମୋ ମନ ଭିତରୁ ସବୁତକ ରାଗ, ମାନ, ଅଭିମାନ କୁଆଡ଼େ ଉଭେଇ ଗଲା...। ମୁହୂର୍ତ୍ତିକରେ ମନ ସ୍ଥିର କରି, ଘରେ ଯାଇ ପହଞ୍ଚିଲି। ବାହାର ବାରଣ୍ଡାରେ ବହୁ ସମୟ ଧରି ଥୁଆ ହୋଇଥିବା ଖବର କାଗଜ, ଷ୍ଟିଅର ସାମ୍'ନା ଓ ଭୁକ୍ତାବଶେଷ ଚା' କପ୍ ପ୍ଲେଟକୁ ଏକାଠି କରି ଘରେ ପଶୁଥିଲେ ସୁପ୍ରଭା....। ମୋତେ ଦେଖି ତାଙ୍କ ଅଭିମାନିଆ ମୁହଁ ଉପରେ ଆନନ୍ଦର ବର୍ଷା ବର୍ଷିଗଲା ଯେମିତି !

ତର ତର ହୋଇ ଘର ଭିତରକୁ ପଶିଯାଇ ଗାଧୁଆ ଘରଟା ଖୋଲି-ଦେଇ, ରୋଷେଇ ଘରେ କ'ଣ ଟିକିଏ ଖୁଟ୍ ଖାଟ୍ କରିଦେଇ କହିଲେ—ହରିଆ ଆଜି ଖୁବ୍ ଭଲ ମାଛ ଆଣିଚି...।

ଯନ୍ତ୍ରପରି ମୋର ସମସ୍ତ ନିତ୍ୟକର୍ମ ମୁହୂର୍ତ୍ତିକ ମଧ୍ୟରେ ତୁଟାଇ, ଖାଇବା ପାଇଁ ଉପକ୍ରମ କରୁଚି, ଲକ୍ଷ୍ୟ କଲି, ସୁପ୍ରଭାଙ୍କ ଚାଳିଶି ବର୍ଷର ମହଲିଣ ପଡ଼ି ଆସିଥିବା ମୁହଁ ଉପରେ ଯେଉଁ ଆତ୍ମସନ୍ତୋଷ ଫୁଟି ଉଠୁଚି, ମନେ ହେଉଚି, ଅକସ୍ମାତ୍ ଘନ ଘୋର ଏ ଅନ୍ଧାର ରାତିରେ ସତେ କି ପୁନେଇଁ ଜହ୍ନ ଉଇଁଚି...

●

Digitized by PPRACHIN, SOA

ଭୟ

ନୃସିଂହ ପ୍ରସାଦ ତ୍ରିପାଠୀ

ସକାଳେ—
ଖବର କାଗଜରେ ଆଖି ଦେବାକୁ ଭୟ ।
ବିମାନ, ବସ୍, କିମ୍ବା ରେଲ୍ ଦୁର୍ଘଟଣା
ଅସଂଖ୍ୟ ଲୋକଙ୍କ ମୃତ୍ୟୁର ସଂକ୍ଷିପ୍ତ ହିସାବ ।
ବଳତ୍କାର, ଅପରିପକ୍ୱ ବାଳିକା ଉପରେ
ପାଶବିକ ଅତ୍ୟାଚାର, ଜଣେ ତଥାକଥିତ
ବାବାଙ୍କର ସ୍ୱେଚ୍ଛା କରି ଗିରଫ୍ ବା ଫେରାର୍
ହେବାର ଖବର । ଦରଦାମ, ବେକାରି, ଓ ଜନସଂଖ୍ୟା ବୃଦ୍ଧି ।

ଖାଇବେଳେ—
ଖାଇ ବସିଲେ କି ଅହେତୁକ ଭୟ !
ତେଲରେ ମୋବିଲ୍, ଗହମରେ ଅନାବନା
ମଞ୍ଜି ଏବଂ ଗୁଣ୍ଡଳରେ ଗୋଡ଼ି, ପରିବା ସହିତ
ସଂରକ୍ଷଣ ଲାଗି ବ୍ୟବହୃତ ବିଷାକ୍ତ ଔଷଧ ।
ପାଣିରେ ନର୍ଦ୍ଦମାର ଜୀବାଣୁ ।
ଅଫିସରେ ପାଦ ଦେଲେ ବି ଦେହଥରା ଡର ।
କାନକୁହା, ଖୋସାମଦିଆଙ୍କ ଭିଡ଼, ଧର୍ମଘଟ
କଲମଗୁଡ଼ ଗଦଗୁଡ଼ ଘରଗୁଡ଼—ଏଇପରି
ଅନେକ ଗୁଡ଼ ଶବ୍ଦ ଖଣି ପଡ଼ିଥିବା ଜାଗାକୁ ବି ଭୟ ।

Digitized by PPRACHIN, SOA

ସଂନ୍ଧ୍ୟାବେଳେ
ପଇସା ମାଗୁଥିବା ସ୍ତ୍ରୀକୁ ଡ଼ର —
ଫେସ୍‌ନବାଜ୍ ପୁଅ ଓ ତା' ପଲ୍‌ଟଣକୁ ଡ଼ର
ଘରକୁ ଫେରିନଥିବା ଝିଅର ଭବିଷ୍ୟତକୁ ଡର
ବଜାର କରିବାକୁ ଡର, ଦୋକାନକୁ ଭେଟିବାକୁ ଡର
ରାସ୍ତାରେ ନେତାଙ୍କ ପୋଷାକ ପିନ୍ଧି ବୁଲୁଥିବା
ଗୁଣ୍ଡାଙ୍କୁ ଡର ।

ଏଠାରେ—
ବଞ୍ଚିବାକୁ ଡର ଏବଂ ମରିବାକୁଡର୍
ଭଗବାନଙ୍କୁ ଭୟ ସଙ୍ଗ ସଇତାନଙ୍କୁ ବି ଭୟ
କ୍ଷେପଣାସ୍ତ୍ରରେ ଭର୍ତ୍ତି ହେଉଥିବା ଆକାଶକୁ
ଡର; ଗୋଡ଼ତଳେ ଅତ୍ୟାଗ୍ନିଶତ ମାଟିକୁ ବି ଡର ।
ବଞ୍ଚିବାର ନାଁ କଣ ତେବେ ଖାଲି ଡର ଏବଂ ଡର ???

୭-୯-୮୫ କର୍‌ଲମ ଗୁଡ଼
ବିଶାଖା ପାଟଣା — ୩
ଆନ୍ଧ୍ର

Digitized by PPRACHIN, SOA

ନବଭାରତ ଓ ମନସ୍ୱୀ ନୀଳକଣ୍ଠ

ଡଃ ନରେନ୍ଦ୍ରନାଥ ମିଶ୍ର

ନବ ଭାରତର ଅନ୍ୟତମ ନିର୍ମାତା ପଣ୍ଡିତ ନୀଳକଣ୍ଠ । ନବ ଭାରତର ନିର୍ମାଣ ଦେଶବିଦେଶର ଭୂମିଭାଗରେ ନୁହେଁ, ତାହାର ଜନସାଧାରଣଙ୍କ ଆତ୍ମାରେ ନବ ନବ ଭାବର ବିକାଶରେ ହିଁ ସମ୍ଭବ । ଏହି ଭାବରେ ଭାବିତ ହୋଇ ନୀଳକଣ୍ଠ କଳ୍ପନା କରିଥିଲେ 'ନବଭାରତ' ପତ୍ରିକା । ୧୯୩୩-୩୪ ମସିହା । ପଣ୍ଡିତ ନୀଳକଣ୍ଠ କେନ୍ଦ୍ରୀୟ ଆଇନ ବିଧାୟକ ସଭାର ସଭ୍ୟ । ସମଗ୍ର ଭାରତୀୟ ମହାଜାତିର ଭାବମୂର୍ତ୍ତି ତାଙ୍କ ଦୃଷ୍ଟି ଆଗରେ ପ୍ରସାରିତ । କ'ଣ ବା ଏ ମହା-ଜାତିର ଐତିହ୍ୟ ? କେଉଁ ଆତ୍ମିକ ଓ ନୈତିକ ଭିତ୍ତି ଉପରେ ଠିଆ ହୋଇ ଏ ମହାଜାତି ଆଧୁନିକ ସମସ୍ୟାସଙ୍କୁଳ ପୃଥିବୀର ସମ୍ମୁଖୀନ ହୋଇ ପାରିବ ? ଏହା ହିଁ ଥିଲା ନୀଳକଣ୍ଠଙ୍କ ଧ୍ୟାନର ବିଷୟ । ସତେ ଯେପରିକି ସତ୍ୟବାଦୀର ଆଦର୍ଶ କେବଳ ପୁନରୁଜ୍ଜୀବିତ କରିବା ନୁହେଁ, ପୁନଃ ପ୍ରତିଷ୍ଠା କରିବା ନବଭାରତର ଲକ୍ଷ୍ୟ । ଊନବିଂଶ ଶତାବ୍ଦୀରୁ ପ୍ରଜ୍ୱଳିତ ଓଡ଼ିଆ ସାହିତ୍ୟର ଦୀପଶିଖା ଉତ୍କଳ ସାହିତ୍ୟ ପତ୍ରିକାର ଏହା ଅନ୍ତିମ କାଳ । ନୀଳକଣ୍ଠ ନବଭାରତକୁ ଏକ ଅନୁଷ୍ଠାନରେ ପରିଣତ କଲେ । ରାଜନୀତିରେ ଶତ ଘୂର୍ଣ୍ଣି ଉତ୍ଥାନ ପତନ, ଦଳ ବର୍ଜନ ଓ ଦଳ ଗଠନ, ନିର୍ବାଚନରେ ଜୟପରାଜୟ ସବୁର ଊର୍ଦ୍ଧ୍ୱରେ ତାଙ୍କର ମହତ ଧ୍ୟାନ-ଦୃଷ୍ଟି ନବଭାରତକୁ କେନ୍ଦ୍ର କରି ପ୍ରସାରିତ ହୋଇଥିଲା । ଏଇ ନବଭାରତ ଥିଲା ଏକ ମହତ୍ ଅନୁଷ୍ଠାନ । ନବଭାରତ ପ୍ରକାଶନ ସଂସ୍ଥା, ନବଭାରତ ପତ୍ରିକା (ମାସିକ, ସାପ୍ତାହିକ, ଦୈନିକ) ସବୁକିଛି ଉପରେ ପଣ୍ଡିତ ନୀଳକଣ୍ଠଙ୍କର ମହାନ୍ ବ୍ୟକ୍ତିତ୍ୱ ପ୍ରତିଫଳିତ ହୋଇଥିଲା । ପରିଣତ ବୟସ, ଅର୍ଦ୍ଧଶତବର୍ଷ ବୟସର ବହୁ ବିଚିତ୍ର ଅଭିଜ୍ଞତା, ମହାନ୍ ପାଣ୍ଡିତ୍ୟ—ଏ ସବୁର ପ୍ରତିଫଳନ ଘଟୁଥିଲା ନବଭାରତ ପୃଷ୍ଠା-ଗୁଡ଼ିକରେ । ଶେଷ ବୟସରେ ଏକ ସମୟରେ ଏଇ ନବଭାରତ ହିଁ ଥିଲା ପଣ୍ଡିତଜୀ-ଙ୍କର ଶ୍ରେଷ୍ଠ କର୍ମସ୍ଥଳ ।

ସେଇ ଦିନର ସେଇ ନବଭାରତ ପ୍ରେସ । କଟକର ହୃତ୍‌ପିଣ୍ଡ ଚୌଧୁରୀ ବଜାର ଓ ସାହିତ୍ୟ ସଂସ୍କୃତିର ପ୍ରାଣକେନ୍ଦ୍ର ବାଲୁବଜାର (ଏବେ ବିନୋଦବିହାରୀ) ମଝିରେ ସଂଯୋଗକାରୀ ରାସ୍ତାଟି ବାଙ୍କାବଜାର । ବାଲୁବଜାର ଆଡୁ ସେପଆଡକୁ

Digitized by PPRACHIN, SOA

ଏକ ଦ୍ୱିତଳ ପ୍ରାସାଦରେ ପ୍ରତିଷ୍ଠିତ ଥିଲା ନବଭାରତ ପ୍ରେସ (ଏବର କଳାବିକାଶ କେନ୍ଦ୍ରର ବିପରୀତ ଦିଗରେ)। ସମାଜ ପ୍ରେସ ମଧ୍ୟ ଥିଲା ଏହାର ଅଦୂରରେ। ପୂର୍ବପଟରୁ ଏହି ପ୍ରେସ ଭିତରେ ପ୍ରବେଶ କଲେ ପ୍ରଥମେ ପଡ଼େ ନବଭାରତ ପ୍ରେସର ଅଫିସ। ଏଇ ଅଫିସ ପାଖରେ ଗୋଟିଏ କୂଅ। କୂଅ ପାଖରେ ବଡ଼ ପଣସ ଗଛଟିଏ ଶାଖା ପ୍ରଶାଖା କରି ରହିଥିଲା ଦ୍ୱିତଳ ପ୍ରାସାଦର ଶୀର୍ଷ ଦେଶ ପର୍ଯ୍ୟନ୍ତ। ଉପର ମହଲାରେ ଦୁଇଟି କୋଠରୀ। ପ୍ରଥମ କୋଠରୀଟିରେ ସବୁବେଳେ ବହି ପଡ଼ିଥାଏ। ଏହା ପଣ୍ଡିତଜୀଙ୍କର ଗ୍ରନ୍ଥାଗାର। ଏହାର ସମ୍ମୁଖରେ ଏକ କ୍ଷୁଦ୍ର ବାରଣ୍ଡା। ଏହାହିଁ ଥିଲା ପ୍ରାୟ ପଣ୍ଡିତଜୀଙ୍କ ସ୍ନାନାଗାର। ଅପର ଘରଟି ଆକାରରେ ଥିଲା ବେଶ୍ ବଡ଼ ପ୍ରାୟ ଗୋଟିଏ ଛୋଟ ହଲ୍‌ଭଳି। ଏଥିରେ ଥିଲା ଗୋଟିଏ ଓସାରିଆ ତକ୍ତପୋଷ, ଗୋଟିଏ ବଡ଼ ଟେବୁଲ ଓ କେତୋଟି ଚୌକି ଓ ଗୋଟିଏ ଟେଲିଫୋନ। ଖଟ ଉପରେ ଥାଏ ଗୋଟିଏ ବଡ଼ ସପ। ଏହାହିଁ ଥିଲା ପଣ୍ଡିତଜୀଙ୍କ ଶୟନକକ୍ଷ ଅଧ୍ୟୟନ କକ୍ଷ ଓ ଅତିଥିଶାଳା। କେଉଁ ଯୁଗର ଗୋଟିଏ ସିଲିଂ ପଂଖା ଥିଲା ଏ ଘରେ ଏକମାତ୍ର ଆଭିଜାତ୍ୟର ସଙ୍କେତ। ଘରର ପୂର୍ବ ଓ ପଶ୍ଚିମ ପଟେ ଥିଲା ବଡ଼ ବଡ଼ ଖୋଲା ଝରକା। ଉଦୟ ଓ ଅସ୍ତ ସୂର୍ଯ୍ୟର କିରଣ ଏ ଘରେ ଅନାୟାସରେ ପ୍ରବେଶ କରୁଥିଲା। ଦକ୍ଷିଣ ପଟର ବଡ଼ ଦରଜାଟି ଦେଇ ଅଦୂରର ପଣସଗଛର ଶିର ଛୁଇଁ ମଳୟ ଖେଳି ଯାଉଥିଲା। ଉତ୍ତରକୁ ଥିଲା ଗୋଟିଏ ଛୋଟିଆ ଦ୍ୱାର। ଏଇ ଦ୍ୱାର ଦେଇ ଯାଇ ହେଉଥିଲା ଅସ୍ତ୍ର ଖୋଲା ଛାତ ଉପରକୁ।

ସ୍ୱାଧୀନତାର ପ୍ରାକ୍‌କାଳରେ ରାଜନୈତିକ ଜଞ୍ଜାଳରୁ ପ୍ରାୟ ଏକ ପ୍ରକାର ମୁକ୍ତହୋଇ ଏଇଠାରେ ପଣ୍ଡିତଜୀ ସାହିତ୍ୟ ସାଧନାରେ ନିରତ ଥିଲେ। ୧୯୪୬ରୁ ନବଭାରତର ପ୍ରକାଶ ବନ୍ଦହୋଇ ଯାଇଥିଲା। ମାତ୍ର ପଣ୍ଡିତଜୀ ଓଡ଼ିଆ ସାହିତ୍ୟର ନିମ୍ନ ପରଶୁରାମ, ସଂସ୍କୃତ ଓ ସଂସ୍କୃତ ବ୍ୟତୀତ ନାନା ପୁସ୍ତକାଦି ରଚନାରେ ନିଜକୁ ନିୟୋଜିତ କରିଥିଲେ। ସେଇ ଆଡ଼ମ୍ବରହୀନ ଖଟଟି ଉପରେ ଆବକ୍ଷ ପ୍ରସାରିତ ଶୁକ୍ଳ ଶ୍ମଶ୍ରୁ, ଶୁକ୍ଳକେଶ, ଶୁକ୍ଳ ଖଦଡ଼ର ଧୋତି ଓ ଫତେଇଟି ପିନ୍ଧି ପଣ୍ଡିତଜୀଙ୍କ ଶୋଇ ଶୋଇ ବହି ପଢ଼ିବା ବା ପ୍ରବନ୍ଧ ଡାକିବା, ନାନା ଆଲୋଚନାରେ ଆଗନ୍ତୁକଙ୍କୁ ହସାଇ ହସାଇ ବୁଝାଇ ଖୁଣ୍ଡିବାର ଦେଖିବାକୁ ମିଳୁଥିଲା। ଏଇଠାରେ ସାରା ଜଗତ ସୁପ୍ତହୋଇ ଆସିବା ସମୟରେ ପଣ୍ଡିତଜୀ ନୀରବରହି ଗ୍ରନ୍ଥପାଠରେ, ନୂତନ ଗ୍ରନ୍ଥ ରଚନାର ଚିନ୍ତାରେ ନିମଗ୍ନ ରହୁଥିଲେ। ଡକ୍ଟର କୁଞ୍ଜବିହାରୀ ଦାଶଙ୍କ କଥାରେ—"ନବଭାରତ ପ୍ରେସର ଉପର ତାଲାରେ ପଣ୍ଡିତ ନୀଳକଣ୍ଠ—ତାଙ୍କ ଅସଜ୍ଜିତ ମଳିନ କୋଠରୀଟିରେ ବିଦ୍ୟାର ଆସର ଜମୁଥିଲା। ଉତ୍ସାହୀ ଆକାଂକ୍ଷୀ, ଅକ୍ଳାନ୍ତ, ଜିଜ୍ଞାସୁ ତରୁଣଙ୍କ ସହିତ ତାଙ୍କ ଆଲୋଚନା ଶାଖା ପ୍ରଶାଖା ମେଲି ଦୂର ଦିଗ୍‌ବଳୟକୁ ଚାଲି ଯାଉଥିଲା। ସଂଶୟ ମୋଚନ ଲାଗି ସେ ଥିଲେ ଏକ ବିଶ୍ୱ-

Digitized by PPRACHIN, SOA

କୋଷ । ସମସ୍ତପ୍ରତି ଅସଚେତନ, ସାଂସାରିକ ମୋହମୁକ୍ତ ଆତ୍ମବିସ୍ମୃତ ପୁସ୍ତକ ଗଦା ମଧ୍ୟରେ ଅଣ୍ଟେଇ ହୋଇ ବସି କିନାଥରୁ ଜଗନ୍ନାଥ, ଅମ୍ବର, ମଜ୍‌ଦା, କୋଇଲିରୁ ମହାକାବ୍ୟ, ମୁଗ୍ଧବୋଧ ବ୍ୟାକରଣରୁ ସିଦ୍ଧାନ୍ତ କୌମୁଦୀ, ଲୌକିକ ଭାଷ୍ୟରୁ ମହାଭାଷ୍ୟ, ନ୍ୟାୟଦର୍ଶନରୁ ବିଶ୍ୱଦର୍ଶନ ପର୍ଯ୍ୟନ୍ତ ଆଲୋଚନାରେ ନିମଗ୍ନ ରହୁଥିଲେ, ଆଧୁନିକ ଯୁଗର ଏହି ସକ୍ରେଟିସ" (ପୃ. ୪୬୫ ମୋ କାହାଣୀ ୨ୟ ସଂ ୧୯୮୦)

'ନବଭାରତ ପ୍ରେସ' ପଣ୍ଡିତଜୀଙ୍କ ନିଜଭାଷାରେ 'ମୋ ଜୀବନର ଗୋଟିଏ ପ୍ରଧାନ ଘଟଣା (ଆତ୍ମଜୀବନୀ) ଏହାର ପରିକଳ୍ପନା ଗୋପବନ୍ଧୁଙ୍କ ଜୀବିତ କାଳରୁ । ଥରେ ଗୋପବନ୍ଧୁଙ୍କ ସଙ୍ଗେ ମହାଭାରତର କୃଷ୍ଣବିଷୟରେ ଆଲୋଚନା ପ୍ରସଙ୍ଗରୁ ନୀଳକଣ୍ଠ ଭାବିଲେ – କୌଣସିମତେ ଜଗତରେ ଆତ୍ମା ଅନାତ୍ମା ଧର୍ମ ପ୍ରଚାର ପାଇଲେ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ପ୍ରଚାରିତ ଧର୍ମ ଅର୍ଥାତ ଖ୍ରୀଷ୍ଟଧର୍ମ, ବୁଦ୍ଧଧର୍ମ, କୃଷ୍ଣଧର୍ମ ଆଦିର ଯଥାର୍ଥ ପ୍ରତିକାର ହୁଅନ୍ତା ... ଏହାହିଁ ଭାବ ସେହିଦିନଠାରୁ ମନେ କଲି ମୁଁ ନିଜେ ଗୋଟିଏ ମାସିକ ପତ୍ର କାଢ଼ିଲେ ଭଲ ହୁଅନ୍ତା । ୧୯୩୩ରେ ଦିଲ୍ଲୀରୁ ଫେରିବା ବାଟରେ କଲିକତାରେ ନିଜର ଜଣେ ପୂର୍ବତନ ଛାତ୍ର ଭୁସ୍ୱାଁ ଭାସ୍କର ମହାପାତ୍ରଙ୍କ ପିଲାମାନଙ୍କ ଗୃହଶିକ୍ଷକ (ଚନ୍ଦ୍ରମଣି ମିଶ୍ର) ଙ୍କ ସଙ୍ଗେ ପରାମର୍ଶକରି – ସେହିଠାରେ ବିଚାର ହୋଇ ଠିକ୍ ହେଲା । ...ସେଇ ପତ୍ରଟି ହେଲା ମାସିକ "ନବଭାରତ" । (ନୀଳକଣ୍ଠ ଗ୍ରନ୍ଥାବଳୀ ପ୍ରଥମଭାଗ ପୃ ୧୦୯) ।

ନବଭାରତ ପତ୍ରିକା ଏକ ଉଦାର ଆଦର୍ଶବାଦ ଉପରେ ପ୍ରତିଷ୍ଠିତ ଥିଲା । ତାର ଶିରୋନାମା ତଳେ ସ୍ଥାନ ପାଇଥିଲା ନିମ୍ନ ଶ୍ଳୋକଟି –

ଯସ୍ୟାକ୍ଷରସ୍ୟୈତପସାଽପି ବିଭାତି ବିଶ୍ୱଂ
ସ୍ପଷ୍ଟଂ କ୍ଷରନ୍ତୁଗଦାଦଂ ଖଳୁ ଭୂତସଂଘୈଃ ।
ଆଶାସ୍ମହେ ପ୍ରତିପଦଂ ପ୍ରବିଭାତୁ ତସ୍ୟ
ବିଶ୍ୱପ୍ରକାଶ ବିଧିନା ନବଭାରତୋଽୟମ୍ ।

ଭାରତର ଅକ୍ଷୟ ତପସ୍ୟାରେ ଆଲୋକିତ ବିଶ୍ୱର ବିକାଶଶୃଙ୍ଖଳଧାରା ପ୍ରତିଷ୍ଠାର ମହାନ୍ ପ୍ରୟାସରେ ନବଭାରତର ପୃଷ୍ଠାଗୁଡ଼ିକ ମନସ୍ୱୀ ନୀଳକଣ୍ଠଙ୍କ ଅକୁତୋଭୟ ଚିନ୍ତା ଓ ସୁବିବେଚିତ୍ରେ ରୁଦ୍ଧିମନ୍ତ ଥିଲା । ନବଭାରତର ପ୍ରଥମ ସଂଖ୍ୟାରେ ହିଁ "ବିଧାତାଙ୍କ ସୃଷ୍ଟି" ନିବନ୍ଧରେ ବିଶ୍ୱଶୃଙ୍ଖଳାରେ କ୍ରମ ପରିଣାମର ଧାରା ଉପରେ ନୀଳକଣ୍ଠ ଆଲୋକପାତ କରିଥିଲେ । "ମାନବ ପ୍ରଗତିର ଧାରା" (୪ର୍ଥ ବର୍ଷ ୫ମ ସଂଖ୍ୟା ୧୯୦୫) ପ୍ରବନ୍ଧରେ ପଣ୍ଡିତଜୀ ଲେଖିଥିଲେ –"ସଂଗ୍ରାମର ମହାମାରଣ ସ୍ଥିତି-ସୁରକ୍ଷିତ ସାମ୍ରାଜ୍ୟ ଓ ପୁଞ୍ଜିପତିଙ୍କ ନିର୍ଯ୍ୟାତନାର ପ୍ରତିକ୍ରିୟା ଆଜି ପୃଥିବୀରେ ସର୍ବତ୍ର ଦେଖାଦେଉଛି । ମାନବର ଆତ୍ମା କେବଳ ବସ୍ତୁ ରହୁନାହିଁ ।

Digitized by PPRACHIN, SOA

ଆହାର ନିଦ୍ରାଦି ବୃତ୍ତିର ଚରିତାର୍ଥତାର ମାପକାଠିରେ ପୃଥିବୀର ପ୍ରଗତି ମପା-ହେବାର ଆରମ୍ଭ ହୋଇଛି । ଦାବୀ ଓ ଜୁଲୁମ ଏ ପ୍ରଗତିର ଶସ୍ତ୍ର । କର୍ତ୍ତବ୍ୟ ଓ ଆତ୍ମବିକାଶର ଏଥିରେ ସ୍ଥାନ ନାହିଁ । 'ଆତ୍ମଲଭମନ୍ତ୍ର' ସ୍ଥାନରେ ଆତ୍ମବିକାଶ ସାଧନାରେ ମାନବ ପ୍ରଗତିର କଳ୍ପନା ପଣ୍ଡିତଜୀଙ୍କ ମନରେ ଦୃଢ଼ଭାବରେ ସ୍ଥାନ ପାଇଥିଲା ।

ଏକ ଦିଗରେ ସମାଜର ସମୃଦ୍ଧ ପ୍ରଗତି ଓ ବିକାଶ, ଅନ୍ୟଦିଗରେ ଏହି ବିକାଶରେ ଓଡ଼ିଆ ଭାଷା ଓ ସାହିତ୍ୟର ମୌଳିକ ଦାନ ଯେନ ନୀଳକଣ୍ଠ ଦାସବାବୁ ନିଜର ପୁଷ୍କଳ ଚିନ୍ତା ପ୍ରକାଶ କରୁଥିଲେ । ନାନା ସଭା ସମ୍ମିଳନୀରେ ପ୍ରଦତ୍ତ ନିଜ ମୌଳିକ ଯୁକ୍ତି ଓ ଚିନ୍ତାଧାରା ସମ୍ବଳିତ ଭାଷଣ ଗୁଡ଼ିକର ଅନୁଲିପି ନବଭାରତକୁ ବଡ଼ ଉପାଦେୟ କରିପାରିଥିଲା । ପଣ୍ଡିତଜୀ ଅନୁଭବ କରିଥିଲେ "ଓଡ଼ିଆ ସର୍ବଦା ନିଜ ଭାଷାରେ ନିଜର ସାହିତ୍ୟ ପ୍ରକାଶ କରିଥିଲା । ପରାଧୀନତା ଓ ଅନୁକରଣ ସର୍ବସ୍ୱତାର ଘୋର ଗ୍ଲାନିରୁ ଜାତିର ପ୍ରାଣର ଭାଷା ଓ ଭାବକୁ ମୁକ୍ତ କରି ନବ-ସାହିତ୍ୟ ସୃଷ୍ଟି ତାଙ୍କ ଇପ୍ସିତ ଲକ୍ଷ୍ୟଥିଲା ।

ଉଭୟ ନବୀନ ଓ ପ୍ରବୀଣ ଲେଖକଙ୍କ ପାଇଁ ନବଭାରତର ପୃଷ୍ଠା ଉନ୍ମୁକ୍ତ ଥିଲା । ଲେଖକ ନୁହେଁ, ଲେଖା ହିଁ ଥିଲା ନବଭାରତ ପାଇଁ ଲେଖା ମନୋନୟନର ମାପକାଠି । ମୌଳିକ ରଚନା ସଙ୍ଗେ ସଙ୍ଗେ ଇଂରେଜୀ ଓ ବଙ୍ଗଳା ପ୍ରଭୃତିରୁ ଉଚ୍ଚ-କୋଟୀର ଲେଖାମାନ ଅନୁବାଦ ଓ ଆହରଣ ମାଧ୍ୟମରେ ପ୍ରକାଶ ପାଉଥିଲା । ଅନୁବାଦର ଭାଷା ଥିଲା ଖାଣ୍ଟି ଓଡ଼ିଆ । ଲେଖାଟିଏ ପ୍ରକାଶ ପାଇଗଲେ ଲେଖକଙ୍କ କର୍ତ୍ତବ୍ୟ ଶେଷ ହେଉ ନ ଥିଲା । ଲେଖାର ମୌଳିକତା, ଉପଯୋଗୀତା, ଆହରଣ-ପଟୁତା ଯେନ ନାନା ଆଲୋଚନା ପାଠକମାନଙ୍କ ପକ୍ଷରୁ ସଂପାଦକ ଆହ୍ୱାନ କରୁଥିଲେ । ଏ ସବୁ ଆଲୋଚନାର ମାନ ଥିଲା ଅତି ଉଚ୍ଚକୋଟୀର । ଏଥିରେ ବ୍ୟକ୍ତିଗତ ଆକ୍ରୋଶ ବା ନିନ୍ଦା ପ୍ରଶଂସାର କୌଣସି ସ୍ଥାନ ନ ଥିଲା । ଲେଖାର ମାନ ଉନ୍ନତ କରିବା ଓ ସେବା ସୂତ୍ରରେ ଲେଖକ ଗଢ଼ିବା, ପାଠକଙ୍କ ରୁଚିକୁ ଉନ୍ନତ କରିବା ଥିଲା ଏହିସବୁ ସମାଲୋଚନାର ଉଦ୍ଦେଶ୍ୟ । କୌଣସି କୌଣସି ସମା-ଲୋଚନାର ଶେଷ ସିଦ୍ଧାନ୍ତ ସଂପାଦକଙ୍କର ସୁଚିନ୍ତିତ ମନ୍ତବ୍ୟରେ ପ୍ରକାଶ ପାଉଥିଲା । ଗଦ୍ୟକବିତା ଯେନ ବାଦାନୁବାଦ ଓ ଏ ସମ୍ପର୍କରେ ପଣ୍ଡିତଜୀଙ୍କର ସୁଚିନ୍ତିତ ମନ୍ତବ୍ୟ ଏହାର ଏକ ଦୃଷ୍ଟାନ୍ତ ।

ଜୟପୁର ମହାରାଜାଙ୍କ ଆଂଶିକ ଦାନ ଓ ପଣ୍ଡିତଜୀଙ୍କର ସାଙ୍ଗଠନିକ ନୈପୁଣ୍ୟକୁ ଭିତ୍ତିକରି ନବଭାରତ ଏକ ମହାନ ଅନୁଷ୍ଠାନରେ ପରିଣତ ହୋଇଥିଲା ।

Digitized by PPRACHIN, SOA

ପାଠକ, ଲେଖକଙ୍କ ପାଇଁ ସମାନ ସୁଯୋଗ ସୃଷ୍ଟିଥିଲା ଏହାର ଉଦ୍ଦେଶ୍ୟ । ଯଦି ବା ସେ ଯୁଗର ଲେଖକଙ୍କ ଶ୍ରମର ଯଥାର୍ଥ ମୂଲ୍ୟଦେବା ସମ୍ଭବ ନ ଥିଲା । ତେବେ ସାହିତ୍ୟକ ବେଠି ଭଳି ପ୍ରବନ୍ଧମାନ ପ୍ରକାଶକର ନିଷ୍ଠାପର ସାହିତ୍ୟ ସେବକଙ୍କୁ ସେମାନଙ୍କର ଯଥାର୍ଥ ପ୍ରାପ୍ୟ ଦାନର ଦୂରପନେୟ କର୍ତ୍ତବ୍ୟ ବିଷୟରେ ସଚେତନତା ପ୍ରକାଶ ପାଇଥିଲା । କୌଣସି ପତ୍ର ପତ୍ରିକାର ଏକକ ଇତିହାସ ଏବେ ବି ଅନାଲୋଚିତ । ନବଭାରତର ଇତିହାସ ଉପରେ ଯଥାର୍ଥରେ ଆଲୋକପାତ କରିବା ସମ୍ଭବହେଲେ ଆମର ସାଂସ୍କୃତିକ ଐତିହ୍ୟର ଏକ ମହାନ ଅଧ୍ୟାୟ ଉନ୍ମୋଚିତ ହୋଇପାରିବ ।

୧୮, ରଜତପଲ୍ଲୀ
ଶାନ୍ତିନିକେତନ ୭୩୧୨୩୫
ପଶ୍ଚିମବଙ୍ଗ



Digitized by PPRACHIN, SOA

ତୋର ଭଗ୍ନ କଣ୍ଠରେ

—ଗିରିବାଳା ମହାନ୍ତି

ତୋର ଭଗ୍ନ କଣରେ ?
ତୁ ତ ସ୍ଥିର ତୋର ସିଂହାସନେ !
ତୋତେ ତୋ ଅଧିକାରରୁ ଟଳେଇବ,
ସାଧ୍ୟ କା'ହାର !!

ତୁ-ତ ତୋର ବସିଚୁ ଘଟରେ ପଟରେ
ଦେହର ସାମନ୍ତ, ମନର ସାମନ୍ତ
କେତେ ଛଟକରେ ସାକାର ଘଟରେ
ନିରାକାର ନାରାୟଣ
ତୋର ଭଗ୍ନ କଣ
ସେ ! !

ତୋତେ କଣ କହି ଚିହ୍ନାଇବା ଆଉ ?
ସଖା ? ନାଁ ପ୍ରେମିକ ?
ବନ୍ଧୁ ? ନାଁ ପତି ? ?
ଏକାକାର ସବୁ ରୂପରେ ତୁ ତ
ଯେଉଁଠି ବସ୍ତ୍ରହରଣ
ସେଇଠି ନିଜେ ବସ୍ତ୍ରଟି
ସ୍ତମ୍ଭଟିତ ନୃସିଂହଟି
କେଉଁଠି ତାରଣତ କେଉଁଠି ମାରଣ,
କୋଉ ତୋ ନିଜକୁ ଛୁଡ଼ି ତୁ କଥା କହୁଛୁ ଯେ
ଘର ବୁଢ଼ା ! ତୋତେ ଫେର ଚହ୍ନେଇବାକୁ ପଡ଼ିବ ! !

Digitized by PPRACHIN, SOA

— ଖେଳ ମତ୍ତ ହେଉ ଜ୍ଞାତ କୁଟୁମ୍ବମାଶ
ମୃଗକଣ୍ଠୀ ବନ୍ଧୁ ମାନ୍ୟାରେ
ନଜେ ତାରଟି, ଧନୁଟି, ଗୁଣଟି
ଅଉ ଆମୃଘାତୀ ମନ୍ଦାକାଳଟି ! !

ତୋର ଭୟ କଣ ସେ !
ତୁତ ସ୍ଥିର ହୋଇ ବସିଚୁ ସର୍ଗର
ଗମ୍ଭୀର ଭିତ୍ତିର ସିଂହାସନରେ
ସାମନ୍ତି ପଶ, ଦକ୍ ଦକ୍ ଦୀପ ଅଲୁଅରେ ।
କଥାଟିଏ ରଖ—
ଖାଲିଭାବ ଅଭାବକୁ ସଦ୍‌ଭାବ ହୋଇ
ମିଶାଇ ନେଉଥା ସଖୀକୁ ତେ ଥରେ
ସ୍ରୋତର ବନ୍ଧୁଟିଏ କର ।
ନ ହେଲେ ନିନ୍ଦିତ ହେବ ସେ
ସାମନ୍ତପଣ ତୋଶ ! !

ଓଡ଼ିଆ ବିଭାଗ
ଶାନ୍ତିନିକେତନ

Digitized by PPRACHIN, SOA

କବିତାରେ ନିସର୍ଗ ପ୍ରକୃତି

ଶ୍ରୀ ବସନ୍ତ କୁମାର ପଣ୍ଡା

ବିସ୍ମୟଶୀଳତା ଓ ସର୍ଜନଶୀଳତା ପ୍ରକୃତିର ଧର୍ମ । * ମାକ୍ସ ମୁଲରଙ୍କ ମତରେ 'Nature; Etymologically means she, who gives birth, who brings forth' (୧) ଦୃଶ୍ୟ ଅଦୃଶ୍ୟ ସମସ୍ତ ବସ୍ତୁ ଜନ୍ମମାନେ ପ୍ରକୃତି ଜଗତର ପରିସୀମାକୁ ଆସେ । ମନୁଷ୍ୟ ନିଜେ ପ୍ରକୃତି ଜଗତର ଅଂଶ ବିଶେଷ ଓ ମନୁଷ୍ୟଗଢ଼ା ବସ୍ତୁଜଗତ ପ୍ରକୃତି ଜଗତର ପ୍ରତିରୂପ ଓ ପରିପୂରକ । ପ୍ରକୃତି ବିଶ୍ୱସୃଷ୍ଟିର ସାର୍ବିକ ରୂପ । ବହିର୍ବିଶ୍ୱ ଓ ଅନ୍ତର୍ବିଶ୍ୱ —ସମସ୍ତ ଜଗତର ପ୍ରକାଶ ଏଥିରେ ପାର୍ଥିବ ଅପାର୍ଥିବ, ବାସ୍ତବ ଅବାସ୍ତବ; ପ୍ରାକୃତ ଅପ୍ରାକୃତ, ସତ୍ୟ ଓ କାଳ୍ପନିକ – ଏ ସମସ୍ତ ରୂପ ପରିଗ୍ରହ କରେ । ଚଳମାନ ଜଗତର ପ୍ରାଣଶକ୍ତି ଏଥିରେ ପ୍ରକାଶିତ ହୁଏ । ସଜୀବ ଓ ନିର୍ଜୀବ ଏକ ସୂତ୍ରରେ ଗ୍ରଥିତ ହୁଏ । ପ୍ରକୃତି ଶବ୍ଦଟି ବୈଦିକ ଯୁଗପରେ ହିଁ ଭାରତୀୟ ସାହିତ୍ୟରେ ଦେଖାଯାଏ । ବେଦରେ ଏହାର ସମାର୍ଥବୋଧକ ଶବ୍ଦଥିଲା 'ଋତ' । (୨) ତୈତ୍ତିରୀୟ ଆରଣ୍ୟକ (୧୦. ୧୦. ୩) ଓ ଗୋପଥ ବ୍ରାହ୍ମଣ (୧.୧.୨୪-୨୯) ପ୍ରଭୃତିରେ ପ୍ରଥମେ ଏହି ଶବ୍ଦର ପ୍ରଚଳନ

---

* କୃ (କରିବା, ତିଆରି କରିବା) ଧାତୁପୂର୍ବରେ 'ପ୍ର' ଉପସର୍ଗ ଓ ପରେ 'କ୍ତିନ୍' (ସ୍ତ୍ରିୟାଂ କ୍ତିନ୍—ପାଣିନୀ: ୩-୩-୯୪) ପ୍ରତ୍ୟୟ ଯୁକ୍ତ ହୋଇ ପ୍ରକୃତି ଶବ୍ଦର ସୃଷ୍ଟି ଯାହାର ଅର୍ଥ ବିଚକ୍ଷଣ କର୍ମୀ ।

(୧) Max Muller : Lectures on the Science of language. London (1864).

(୨) ନିଘଣ୍ଟୁ (Nighantu) ଓ ନିରୁକ୍ତ (Nirukta) ସରଣୀରେ 'ଋତ'କୁ ପ୍ରକୃତି ଭାବରେ ଗ୍ରହଣ କରିଯାଇଛି । Max Muller ଙ୍କ ମତରେ "Rita is a straight, direct or right line and in a more General sense the law of Nature" India, what can it teach us—Longmans green and Co, London (1899) P. 243.

Digitized by PPRACHIN, SOA

ଦେଖାଯାଏ । ଇଂରାଜୀରେ 'Nature' ଶବ୍ଦକୁ ଏହାର ପ୍ରତିଶବ୍ଦ ଭାବରେ ବ୍ୟବହାର କରାଯାଏ । କିନ୍ତୁ ପ୍ରକୃତିର ଭାବରୂପ Nature ଶବ୍ଦରେ ବର୍ଦ୍ଧିତ କି ନୁହେଁ ତାହା ଏକ ପ୍ରଶ୍ନ ।

ପ୍ରକୃତିର ପ୍ରକାର :

ସ୍ଥୂଳଭାବରେ ଦେଖିଲେ ପ୍ରକୃତିର ଦୁଇରୂପ । ଗୋଟିଏ କ୍ଷଣ ଭଙ୍ଗୁର ଓ ଅନ୍ୟଟି ଚିରସ୍ଥାୟୀ ବା ଶାଶ୍ୱତ । ଯଦିଓ ସୂକ୍ଷ୍ମ ଭାବରେ ଦେଖିଲେ ପ୍ରତ୍ୟେକଟି ହିଁ ସୃଷ୍ଟି ଓ ବିଲୟର ଅଧୀନ । କିନ୍ତୁ ଏହା ଦାର୍ଶନିକର ଦୃଷ୍ଟି । ଏଠି କବିତା ଆଲୋଚନା-କ୍ଷେତ୍ରରେ କବିର ଦୃଷ୍ଟି ନେଇ ହିଁ ଦେଖାଯାଉ । ବୃକ୍ଷଲତା, ଫଳ ପୁଷ୍ପ, ପଶୁପକ୍ଷୀ ଏସବୁ ପରିବର୍ତ୍ତନଶୀଳ ପ୍ରକୃତିର ରୂପ । କିନ୍ତୁ ସୂର୍ଯ୍ୟ ଚନ୍ଦ୍ର, ଗ୍ରହତାରକା ଦାବାଗ୍ନି, ଆକାଶ, ବର୍ଷା - ଏସବୁ ସ୍ଥାୟୀ ଅପରିବର୍ତ୍ତନୀୟ ପ୍ରକୃତିର ବିଗ୍ରହ । ଋକ୍‌ବେଦୀୟ ପ୍ରକୃତି ସ୍ତୋତ୍ରଗୁଡ଼ିକରେ ଏମାନଙ୍କର ବନ୍ଦନା ଦେଖିବାକୁ ମିଳେ । କ୍ଷଣଭଙ୍ଗୁର ପ୍ରକୃତିର ବର୍ଣ୍ଣନା ସେଠି ସ୍ଥାନ ପାଇନାହିଁ । ପ୍ରାଚୀନ ପ୍ରକୃତି କବି-ମନରେ ତାହାର ପ୍ରଭାବ କମ୍ । ଅସାଧାରଣ ପ୍ରକୃତିର ଅପରୂପ ପ୍ରକାଶ ବିଷୟରେ କବି ସର୍ବଦା ସଚେତନ । ବେଳେ ବେଳେ ପ୍ରକୃତିର ଅଫୁରନ୍ତ ଶୋଭାରାଶି କବି-ମସୀରେ ସଚିତ୍ର ଓ ବେଳେବେଳେ ବିଚିତ୍ର ରୂପନେଇ ପ୍ରତିଭାତ ହୁଏ । ପ୍ରକୃତିର କେତେକ ଭାବ ଏକ ଚିରନ୍ତନ ସଂଘର୍ଷରେ ଲିପ୍ତ । ଦାବାଗ୍ନି, ଆଲୋକ ଅନ୍ଧକାର ମଧ୍ୟରେ ଯେଉଁ ଯୁଦ୍ଧ କିମ୍ବା ମେଘ ମେଘର ସଂଘର୍ଷରେ ବିଦ୍ୟୁତ୍‌ର ଝଲକ ବା ବଜ୍ରର ଝଙ୍କାର କବିତାର କୋରକ ଭାବରେ ଅପୂର୍ବ ରୂପଲାବଣ୍ୟ ଲାଭକରେ ।

ପ୍ରକୃତି, ମନୁଷ୍ୟ ଓ କବିତା :

ପ୍ରକୃତି—ମଣିଷ ସମ୍ପର୍କର ଆଦିକାଳରୁ କବିତାର ଇତିହାସ ଗଢ଼ା । ପୁଣି ଯେତେବେଳେ ମନୁଷ୍ୟ ପ୍ରକୃତିରୁ ତା ମନର ଭଗବାନଙ୍କୁ ଗଢ଼ିଲା କବିତାହେଲା ତ୍ରିଧର୍ମୀ – ମାନବ, ପ୍ରକୃତି ଓ ଭଗବତାଶ୍ରୟୀ । ତେଣୁ ସର୍ବଦା ପ୍ରକୃତି କବିତାର ଉପଜୀବ୍ୟ ଭାବରେ ବିଦ୍ୟମାନ । ସ୍ଥିତି ପାଇଁ ସଂଘର୍ଷରେ ମନୁଷ୍ୟର ଜୀବନ ଗଠିତ । କିନ୍ତୁ ଆଧିଭୌତିକ ଜଗତ ତା ମନରେ ଭୟର ସଞ୍ଚାର କରେ । ମୃତ୍ୟୁର ପଦଧ୍ୱନି ଭିତରେ ଜୀବନସଙ୍ଗୀତ ରଚନା କରିବା ତା ପକ୍ଷେ ଅସହ୍ୟ ହୋଇଉଠେ । ପ୍ରକୃତି ଉପରେ ପ୍ରଭୁତ୍ୱ କରିବା ଓ ନିଜର ଆୟତ୍ତକୁ ଆଣିବାର ଅହରହ ପ୍ରଚେଷ୍ଟା ମଧ୍ୟ ତା ମନରେ କ୍ରୋଧ ଓ ଦ୍ୱେଷ ସୃଷ୍ଟି କରିଥାଏ । ପ୍ରକୃତିଠାରୁ ନିଜକୁ ଦୂରେଇ ନେଇ ତା ଉପରେ ଅଧିକାର ଜାହିର କରିବା ଦ୍ୱାରା ହିଁ ଆଧୁନିକ ମାନବ-

Digitized by PPRACHIN, SOA

ସଭ୍ୟତାର ପତନ ହେଉଛି । ଊନବିଂଶ ଶତକରେ ଏହି ଧାରଣାର ପ୍ରମୁଖ ପ୍ରବକ୍ତା-ଥିଲେ ଫରାସୀ ମନୀଷୀ ଜାଁ ଜେକ୍ ରୁଷୋ । ତାଙ୍କ ମତରେ ପ୍ରକୃତି ଉପରେ ଅତ୍ୟାଗ୍ରହ ହିଁ ଆଧୁନିକ ସଭ୍ୟତାର ନାନା ଦ୍ୱନ୍ଦ୍ୱ ଓ ସମସ୍ୟାର କାରଣ । ସାରଲ୍ୟକୁ ବଳି ଦେଇ ମଣିଷ ଶିକ୍ଷିତ ହେଲା । ଶିଳ୍ପ ସମ୍ଭୋଗ ବଳରେ ସେ ହେଲା ବିଳାସୀ । ତାର ସାହିତ୍ୟ ଜିଜ୍ଞାସା ହେଲା ବନୋକ୍ରର ପ୍ରରୋଚକ । ବିଜ୍ଞାନ ମଣିଷର ସହଜ ବିବେକ ବୋଧକୁ ଦୁର୍ବଳ କରିଦେଲା । ନୂତନ ସଂସ୍କୃତି ମଣିଷର ପ୍ରୟୋଜନ ବୈଚିତ୍ର୍ୟ ବଢ଼ାଇ ଅତୃପ୍ତି ସୃଷ୍ଟି କଲା । ମଞ୍ଜି ପୋତି ଗଛରେ ଫଳ ଫଳାଇବାର ଚେଷ୍ଟା ଯେଉଁଦିନରୁ ମଣିଷ ଆରମ୍ଭକଲା, ସେଇଦିନରୁ ତାର ଭାଗ୍ୟ ବିପର୍ଯ୍ୟୟ ଆରମ୍ଭ ହେଲା । ଧାତୁର ଆବିଷ୍କାର ଓ ତାର ପ୍ରୟୋଗ ପଦ୍ଧତିର ଉଦ୍ଭାବନ ତାକୁ ସର୍ବନାଶ ଆଡ଼କୁ ବାଟ କଢ଼େଇଲା । ଗୋଷ୍ଠୀ ଜୀବନର ଐକ୍ୟ ଭାଙ୍ଗି ଦେଖ ଦେଲା ବ୍ୟକ୍ତି-ସ୍ୱାତନ୍ତ୍ର୍ୟ ଚେତନା । ତେଣୁ ଏଇ ପତନରୁ ଉଦ୍ଧାର ପାଇବା ପାଇଁ ଆଧୁନିକ ସଭ୍ୟତାର ଆମୂଳ ଉଚ୍ଛେଦ କରି ପୁଣି ପ୍ରକୃତି କୋଳକୁ ଫେରିଯିବା ପାଇଁ ରୁଷୋ ପ୍ରସ୍ତାବ ଦେଲେ । ( ) ଏସବୁ କଥାରୁ ଧୀରେ ଧୀରେ ପ୍ରକୃତି ବିଷୟରେ ଧାରଣା ସ୍ପଷ୍ଟ ହୋଇଯାଏ ଓ ମଣିଷ ବିସ୍ମୟାଭିଭୂତ ହୋଇ ପଡ଼େ । ପ୍ରକୃତିର ମହାନ ପ୍ରଶାନ୍ତ ଗମ୍ଭୀର ସତ୍ତା ଆମ ଭିତରେ ଅଜଣା ଅନୁଭବ ଆଣେ । କେତେବେଳେ ପ୍ରକୃତିର ପ୍ରଶାନ୍ତ ରୂପ ଆମକୁ ବିହ୍ୱଳ କରେ, ପୁଣି କେତେବେଳେ ବଦାନ୍ୟ ହେବାକୁ ପ୍ରେରଣା ଦିଏ ତ କେତେବେଳେ ସ୍ତବ୍ଧ କରିଦିଏ । ସ୍ରୋତସ୍ୱିନୀର ଅବିଶ୍ରାନ୍ତ କଳକଲ୍ଲୋଳ ପ୍ରବାହ ମନୁଷ୍ୟକୁ ବଦାନ୍ୟ ହେବାକୁ ଶିଖାଇଦିଏ । ଉଚ୍ଚ ପର୍ବତର ଗମ୍ଭୀର ରୂପ ମନୁଷ୍ୟକୁ ମହାନ ଓ ଏକାତ୍ମ ହେବାକୁ କହେ । ପବନର ହିଲ୍ଲୋଳରେ କମ୍ପିତ ଜଳରାଶି ମନୁଷ୍ୟ ମନର ଉଦ୍‌ବେଗ ଓ ଉଦ୍‌ବିଗ୍ନତା ସହ ତୁଳନୀୟ । ଚପଳାର ଚଳ ଚଞ୍ଚଳ ଗତି ଓ ବିଭୀଷିକା ତା ମନରେ ଭୟ ସଞ୍ଚାର କରେ । ପର୍ବତ, ଆକାଶ, ନଦୀ, ଜଳରାଶି, ମେଘ — ଏସବୁ ସର୍ବଦା ମଣିଷ ମନରେ ଭାବଧାରା ସହ ସମତାଳ ଦେଇ ଗତି କରନ୍ତି । ଏସବୁର ପ୍ରଭାବ ମଣିଷ ମନର ପ୍ରଭୂତ ପରିବର୍ତ୍ତନ ଆଣେ । ବିଦ୍ୟୁତର କମ୍ପନ, ପ୍ରବୃଷ୍ଟିର ଧାରାପାତ, ପ୍ରଭାତର ଆଗମନ ଓ ବାତ୍ୟାର କରାଳରୂପ ମଣିଷର ଚିନ୍ତା ଭାବନା ଓ ଅନୁଭବକୁ ଅହରହ ଛୁଇଁଯାଏ, ପ୍ରକୃତି ବିନା ମଣିଷ ନିର୍ଜୀବ । ପାର୍ଥିବଭାବେ ହେଉ କିମ୍ବା ପାରମାର୍ଥିକଭାବେ ହେଉ ପ୍ରକୃତି ସହ ତାର ସମ୍ବନ୍ଧ ଅବିସମ୍ବାଦିତ । ଏପରିକି ସାଂସାରିକ ମୋହଭଙ୍ଗ ପରେ ବୈରାଗ୍ୟର ତାଡ଼ନା ଭିତରେ ଏକ ସଂକୀର୍ଣ୍ଣ ସୀମା ଭିତରୁ ମୁକ୍ତିପାଇ ମନୁଷ୍ୟ

( ) ଶିବନାରାୟଣ ରାୟ ! ମୌମାଛି ତନ୍ତ୍ର (୧୯୬୦), ରେନାସାଁସ୍ ପବ୍ଲିଶର୍ସ କଲିକତା । ପୃ [illegible]

Digitized by PPRACHIN, SOA

ବିଶ୍ୱପ୍ରକୃତି ସହିତ ଏକାତ୍ମ ହେବାକୁ ଚାହିଁଥାଏ । ସେତେବେଳେ ସେ ପ୍ରକୃତିକୁ ଏକ ମହାନ୍ ସତ୍ତା ଭାବରେ ଗ୍ରହଣ କରିଥାଏ । ମହାନତାର ମୂର୍ତ୍ତି ଓ ସୌନ୍ଦର୍ଯ୍ୟର ସ୍ଫୂର୍ତ୍ତି ଭିତରେ ଚିରନ୍ତନ ପ୍ରକୃତି ମନୁଷ୍ୟକୁ ବିମୋହିତକରେ । ବିଭିନ୍ନ ଭାବରେ ପ୍ରକୃତିର ସ୍ଫୁରଣ ହୃଦୟକୁ ସ୍ପର୍ଶକରେ ଓ ଅନୁଭବକୁ ରଞ୍ଜିତକରେ । ସେତେବେଳେ ସେ ନତମସ୍ତକ ହୋଇ ପ୍ରକୃତିର ବନ୍ଦନାକରେ, ବିହ୍ୱଳ ହୋଇ ତାର ବର୍ଣ୍ଣନା-କରେ, ବିସ୍ମିତ ହୋଇ ତାର ଏଇ ରହସ୍ୟ ବିଷୟରେ ପ୍ରଶ୍ନକରେ । ସମସ୍ତ ସମୟରେ ସେ ଦେଖେ ପ୍ରକୃତି ତାର ସହଧର୍ମୀ ହୋଇଛି । ତାର ଭାବ ଓ ଭଙ୍ଗୀକୁ ଇଙ୍ଗିତ କରୁଛି, ତାର ସମବେଦନା ଜଣାଉଛି । ସୁଖ ଦୁଃଖରେ, ଆଶା ଓ ହତାଶାରେ ତାର ସଙ୍ଗୀ ହୋଇ ପ୍ରାଣର କଥାକୁ ବୁଝିଛି । ଏକ କଥାରେ କହିଲେ ପ୍ରକୃତି ମଣିଷର ମାନସ ଜଗତକୁ ସର୍ବାଦୌ ଅଧିକାର କରି ବସିଛି । ତାର ଶରୀର ଓ ମନରେ, ଶିରା ପ୍ରଶିରାରେ, ରକ୍ତ ଓ ରଶ୍ମିରେ, ଅନୁଭବ ଓ ଉପଲବ୍ଧିରେ, ବିକାଶ ଓ ପ୍ରକାଶରେ, ସ୍ଥିତି ଓ ସମ୍ଭାବନାରେ ସ୍ଥୂଳ କି ସୂକ୍ଷ୍ମ ଭାବେ ପ୍ରକୃତିର ପ୍ରଭାବ ଅନସ୍ୱୀକାର୍ଯ୍ୟ । ମଣିଷ ତାର ଚିନ୍ତା ଚେତନାକୁ, ଭାବ ପ୍ରବଣତାକୁ ପ୍ରାକୃତିକ ପ୍ରତୀକ ମାଧ୍ୟମରେ ପ୍ରକାଶକରେ । ପ୍ରକୃତିର ରଙ୍ଗ ଓ ଧ୍ୱନିରେ ଗଢ଼ ରୂପକଳ୍ପ ଓ ସଙ୍ଗୀତ ମାଧ୍ୟମରେ ଆବେଗକୁ ବ୍ୟକ୍ତ କରିବାକୁ ଚେଷ୍ଟାକରେ । ନୈସର୍ଗିକ ଭାବେ ପ୍ରକୃତି ସହ ମନୁଷ୍ୟର ଅନୁଭୂତିରୁ କବିତାର ଜନ୍ମ । ପ୍ରକୃତି ମନୁଷ୍ୟର ଅନ୍ତର୍ଜଗତକୁ ସ୍ପର୍ଶକରେ, ସେଥିରୁ ସୃଷ୍ଟିହୁଏ କବିତାର ଧାରା । ବାହ୍ୟ ପ୍ରକୃତିର ନୈସର୍ଗ ଶୋଭା କବିର ମନରେ ଭାବନାର ସ୍ପୃହା ଜାଗେ । ପ୍ରକୃତି ଜଗତର ପ୍ରତି-ବିମ୍ବକୁ କବି ବର୍ଣ୍ଣାଢ୍ୟ କରି ଆଙ୍କେ । କଳାର ସୃଷ୍ଟି ତେଣୁ କଳାକାରର ସୌନ୍ଦର୍ଯ୍ୟାନୁଭୂତିରୁ ଜନ୍ମେ । କବିତା ଏକ କଳା । ପ୍ରାକୃତିକ ସୌନ୍ଦର୍ଯ୍ୟାନୁଭୂତିର ତାହା ବାଙ୍ମୟ ପ୍ରକାଶ । ପ୍ରକୃତି ଯେପରି ବାସ୍ତବ ସେହିପରି ନୁହେଁ, ପ୍ରକୃତି ଯେପରି ପରିଦୃଶ୍ୟମାନ ସେହିପରି ତାର ବର୍ଣ୍ଣବିହ ରୂପ ଗ୍ରହଣକରେ କଳାକାରର ତୂଳୀ ଓ କବିର କଲମରେ ।

ଏହିପରି ଭାବରେ କବିତା ଏକ ଅନୁକରଣ ଓ ସଂଯୋଜନାର କଳା ମାତ୍ର ପ୍ଲାଟୋଙ୍କ ମତରେ ଏହା ବହିଃ ପ୍ରକୃତିର ନକଲ ଅନୁକରଣ । ତାଙ୍କ ମତରେ ସୌନ୍ଦର୍ଯ୍ୟ ସର୍ବଦା ସ୍ୱର୍ଗୀୟ । ଯେପରିକି କାରିଗରର ନିର୍ମିତ ଚୌକିଟି ପ୍ରକୃତ ଚୌକିର (ତାର ଧାରଣା) ରୂପାନ୍ତର ଓ କଳାକାରର ଅଙ୍କିତ ଚୌକି ପୁଣି ସେହି ରୂପାନ୍ତରର ରୂପାନ୍ତର । ଠିକ୍ ସେହିପରି ଏହି ବିଶ୍ୱର ପ୍ରାକୃତିକ ଜଗତ ଐଶ୍ୱରିକ ଜଗତର ଅନୁକରଣ ବା ରୂପାନ୍ତର ଓ କବିତାର ଜଗତ ପୁଣି ତାହାର ରୂପାନ୍ତର ବା ଅନୁକରଣମାତ୍ର । ଏହି ସୂତ୍ରରେ ଏହା ବାସ୍ତବର ଅନୁକରଣର ଅନୁକରଣ, (Copy of the Copy) ।

Digitized by PPRACHIN, SOA

କବିତାରେ ପ୍ରାକୃତିକ ଜଗତର ପ୍ରତିବିମ୍ବନ ହୁଏ । କିନ୍ତୁ ଅନୁକରଣ କଲେ ମଧ୍ୟ ଏହା ପ୍ରକୃତିର ନୀରସ ରୂପାନ୍ତର ନୁହେଁ । କଳାକାର କେବେହେଁ ଏକ ଫଟୋଗ୍ରାଫର ନୁହେଁ । ବସ୍ତୁ ଜଗତ ଠିକ୍ ଯେପରି, ସେହିପରି ସେ ତାକୁ ଆଙ୍କେ-ନାହିଁ । ଆରିଷ୍ଟଟଲଙ୍କ କାବ୍ୟତତ୍ତ୍ୱରେ କୁହାଯାଇଛି—କବି କିମ୍ବା କଳାକାର ଅନୁ-କରଣ କଲେ ମଧ୍ୟ ଏକ ନିର୍ଦ୍ଦିଷ୍ଟ ବସ୍ତୁ ମଧ୍ୟରେ ତିନୋଟି ଅବସ୍ଥା ଦେଖିଥାନ୍ତି – ବସ୍ତୁଟି କିପରି ଥିଲା ବା ଅଛି, ବସ୍ତୁଟି କିପରି ହେବା ଉଚିତ ଓ ବସ୍ତୁଟି ବିଷୟରେ ଯେପରି କୁହାଯାଏ ବା ଚିନ୍ତା କରାଯାଏ । (୧) ଏହି ଅନୁକରଣ ପୁଣି ଦୃଶ ଅଦୃଶ୍ୟ, ସ୍ଥାୟୀ ଅସ୍ଥାୟୀ, କ୍ଷଣଭଙ୍ଗୁର ଓ ଚିରସ୍ଥାୟୀ, ବିଦ୍ୟମାନ ଓ ପରିକଳ୍ପନୀୟ ସବୁକୁ ପରିସର ମଧ୍ୟକୁ ଆଣିଥାଏ । ତେଣୁ କଳା ପ୍ରତିଫଳନର ପ୍ରତିଫଳନ ବା ଗୋଟିଏ କଥାରେ କହିଲେ ପ୍ରତିସରଣ । ପ୍ରକୃତି ଜଗତର ଦର୍ଶନରେ ପ୍ରଥମ ପ୍ରତି-ଫଳନ ହୁଏ । ପୁଣି ସେହି ପରିଦୃଶ୍ୟମାନ ପ୍ରକୃତିକୁ ଭାଷାରେ ପ୍ରକାଶ କରିବାରେ ଦ୍ୱିତୀୟ ପ୍ରତିଫଳନ ଘଟେ । କେତେକଙ୍କ ମତରେ ପ୍ରକୃତି ହେଉଛି ସୂକ୍ଷ୍ମ ଭାବ-ଧାରାର ଜଡ଼ ପ୍ରକାଶ । କଳାରେ ତେଣୁ କେବଳ ବସ୍ତୁ ଅନୁକୃତ ହୁଏନାହିଁ । ଅଦୃଶ୍ୟ ଭାବ ମଧ୍ୟ ରୂପନିଏ । କବିତାରେ ସେ ନିର୍ଯ୍ୟାସ ସୃଷ୍ଟି ପାଇଁ ପ୍ରକୃତି ମନୁଷ୍ୟର ଭାବକୁ ଉଦ୍ଦୀପିତ କରେ । ଅସୀମ ପ୍ରକୃତିର ଅନୁପମ ସୌନ୍ଦର୍ଯ୍ୟ ଏକ ଶାଶ୍ୱତ ସଂଘର୍ଷ ଭିତରେ ମନୁଷ୍ୟ ମନକୁ ଆପ୍ଲୁତ କରେ । ଇନ୍ଦ୍ରିୟାନୁଭୂତିରେ ସୌନ୍ଦର୍ଯ୍ୟର ସଞ୍ଚାର ମଣିଷ ମନକୁ ଆନ୍ଦୋଳିତ କରେ, ତାର ଐଶ୍ୱର୍ଯ୍ୟ ରୂପଲାଭ କରେ କବିତାରେ, ପ୍ରତ୍ୟକ୍ଷ ଅନୁଭୂତିର ଅବିକଳ ଚିତ୍ରାଙ୍କନ କରି କବି ପ୍ରକୃତିକୁ ପୁନର୍ଜନ୍ମ ଦିଅନ୍ତି କବିତାରେ । ପାଷାଣ ବକ୍ଷରେ ପ୍ରାଣର ସଞ୍ଚାର କରି ସୌନ୍ଦର୍ଯ୍ୟର ନୂତନ ଦିଗ୍‌ଦର୍ଶନ ସେଠି ଉନ୍ମୀଳିତ ହୁଏ । କବିତାର ଏହି ରହସ୍ୟ ବିଷୟରେ ଦାର୍ଶନିକ ପ୍ଲାଟୋ ଅଙ୍କିଥିଲା ଭଳି ମନେହୁଅନ୍ତି । କବିତାର ରାଜ୍ୟ ବହିଃ ପ୍ରକୃତିର ଅତୀତ ଏକ ସ୍ୱତନ୍ତ୍ର ରହସ୍ୟମୟ ଜଗତ । ବହିର୍ଜଗତ ସହ ଅନ୍ତର୍ଜଗତର, ନୈସର୍ଗପ୍ରକୃତିସହ ନିଜସ୍ୱପ୍ରକୃତିର ମିଳନରେ କବି ଆଉ ଏକ ଜଗତ ସୃଷ୍ଟି କରନ୍ତି । କବିତାର ଯାଦୁ ବଳରେ ଅନୁଭୂତିର ଚଳଚଞ୍ଚଳ ମୁହୂର୍ତ୍ତ ଗୁଡ଼ିକ ଚିରକାଳର, ବହିର୍ଦୃଷ୍ଟି ଅନ୍ତର୍ଦୃଷ୍ଟିରେ ବ୍ୟକ୍ତିବସ୍ତୁ ବିଶ୍ୱବସ୍ତୁରେ ପରିଣତ ହୁଏ । ତେଣୁ କବିତାର ଅନୁକରଣରେ

---

(୧) The poet, being an imitator, like a painter or any other artist, must of necessity imitate one of three objects, things as were or are, things as they are said or thought to be, or things as they aught to be. Aristotle poetics, PXXX Buteher's translation.

Digitized by PPRACHIN, SOA

ଯେଉଁ ବାସ୍ତବତା ସୃଷ୍ଟି ହୁଏ ତାହା ବସ୍ତୁ ଜଗତଠାରୁ ଆହୁରି ଉର୍ଦ୍ଧ୍ୱରେ । ବସ୍ତୁ ଓ ବାସ୍ତବତାର ସୁମଧୁର ସମନ୍ୱୟରେ କବିତାରେ ଚିରସ୍ଥିତ ସୌନ୍ଦର୍ଯ୍ୟର ସଞ୍ଚାରହୁଏ । କବିତାର ଅନୁକରଣ ତେଣୁ ଅନାନୁକରଣ ନୁହେଁ, ନବନବ ସର୍ଜନ ଶାଳିନୀ, କଳା ଓ କବିତା ମାଧ୍ୟମରେ ବସ୍ତୁର ସଚ୍ଚ ବାସ୍ତବତା ଦେଖାଇବା କବି ଓ କଳାକାରର ଧର୍ମ । ଏହି ସୂତ୍ରରେ ପ୍ରକୃତି ସହ ନିଜ ନିଜର ସୌନ୍ଦର୍ଯ୍ୟାନୁଭୂତିକୁ ସେମାନେ ପାଠକ ଓ ଦର୍ଶକ ସମକ୍ଷରେ ଉପସ୍ଥାପନ କରନ୍ତି । ବସ୍ତୁତନ୍ତ୍ର ଓ ଭାବତନ୍ତ୍ର ମାଧ୍ୟମରେ ଏହି ରସ ସୃଷ୍ଟି କବିତାରେ ସଫଳ ହୋଇଥାଏ ।

କଳା ଓ କବିତାରେ ପ୍ରକୃତିର ରୂପ :

ସ୍ଥିରକଳା ଓ ଚାରୁକଳା ଉଭୟରେ ପ୍ରକୃତି ମୂର୍ତ୍ତିମନ୍ତ ହୋଇଥାଏ । ଚିତ୍ରଚିତ୍ର, ଭାସ୍କର୍ଯ୍ୟ ଓ କାବ୍ୟକବିତା ସବୁକିଛି ଏହାର ଅନ୍ତର୍ଗତ । ସ୍ଥାବର କଳା-ଭାବରେ ଭାସ୍କର୍ଯ୍ୟ ଓ ଚିତ୍ରରେ ପ୍ରକୃତିର ଚଳଚଞ୍ଚଳ ରୂପ ଫୁଟିଉଠି ପାରେନି । ଏଥିରେ କେବଳ ପ୍ରକୃତିର ନିସ୍ତବ୍ଧ ସୌନ୍ଦର୍ଯ୍ୟ ରୂପଲାଭ କରିଥାଏ । ବୃକ୍ଷଲତା, ଫଳପୁଷ୍ପ ପ୍ରଭୃତି କୋମଳ ପ୍ରକୃତିର ଅନୁପମ ରମଣୀୟତା ଏଥିରେ ପ୍ରକାଶିତ ହୁଏ ।

କିନ୍ତୁ ଅନ୍ୟ ଦିଗରେ କାବ୍ୟ କବିତା ହେଉଛି ପ୍ରକୃତିକୁ ପ୍ରକାଶ କରିବାର ଏକ ଉତ୍କୃଷ୍ଟ ଓ ସଜୀବ ମାଧ୍ୟମ । ଏ କ୍ଷେତ୍ରରେ ଚିତ୍ରକଳା ଓ କବିତାର ପ୍ରଭେଦ ଦେଖାଇବାକୁ ଯାଇ ସମାଲୋଚକ Wordsfold କହିଛନ୍ତି 'Broadly put, Poetry represents what is in Progression, painting what is juxte positiom. (୧) କବିତାରେ ସ୍ଥିର ଓ ଚଞ୍ଚଳ ପ୍ରକୃତିର ଉଭୟ ରୂପ ଚିତ୍ରିତ ହେଲେ ମଧ୍ୟ ସମୟର ତାଳରେ ବାସ୍ତବ ଜଗତର ଗତିଶୀଳ ପ୍ରକ୍ରିୟା କବିତାରେ ପ୍ରାଣବନ୍ତ ହୋଇଯାଏ । କିନ୍ତୁ ଚିତ୍ରକଳାରେ ବସ୍ତୁ ବା ବ୍ୟକ୍ତିର ଏକ ନିର୍ଦ୍ଦିଷ୍ଟ କ୍ରିୟାଶୀଳ ମୁହୂର୍ତ୍ତକୁ ରୂପ ଦିଆଯାଇଥାଏ । R. A Scottjames ଙ୍କ ମତରେ ଚିତ୍ରକଳା ଓ କାବ୍ୟ ଶିଳ୍ପ ମଧ୍ୟରେ ଏହାହିଁ ହେଉଛି ମୁଖ୍ୟ ପ୍ରଭେଦ ରେଖା । (୨) ଏହି ସୂତ୍ରରେ ଚିତ୍ରଶିଳ୍ପର ପରିସର ସଂକ୍ଷିପ୍ତ କିନ୍ତୁ କବିତାର କ୍ଷେତ୍ର ଅସୀମ । ସମୀପସୁଦୂର, ସ୍ଥିରଚଂଚଳ, ପ୍ରଶାନ୍ତ ଶ୍ୟାମକାନ୍ତ ଓ ସାନ୍ତଅନନ୍ତ—

(୧) Wordsford, W. B : Principles of Criticism (1923) P. 107. Allen and Unwin.

(୨) Scott James, R. A : The Making of Literature (1948) P. 178.

Digitized by PPRACHIN, SOA

ପ୍ରକୃତିର ସମସ୍ତ ବିଚିତ୍ର ବିକାଶକୁ କବିତାରେ ରୂପ ଦିଆଯାଏ । ପ୍ରାବୃଟର ଅବିରତ ଧାରାପାତ, ବର୍ଷାର ଗନ୍ଧ, ବିଦ୍ୟୁତର ଚମକ, ସୂର୍ଯ୍ୟର ପ୍ରଭା, ପ୍ରଭାତର ଆଭା ଓ ଦିବାରାତ୍ରିର ଆଗମନ ଓ ପ୍ରସ୍ଥାନ ଯେପରିକି ପ୍ରକୃତି.....କବିର କାବ୍ୟକୁ ସଞ୍ଜୀବିତ କରେ । ବିଜନର ମନ୍ଦ୍ରଧ୍ୱନି କି ମୃଦୁମନ୍ଦ ବାୟୁର ସ୍ପର୍ଶ ମଧ୍ୟ କବିତାରେ ରୂପନିଏ । ଏହିସବୁ ବହିଃପ୍ରକୃତି ସହିତ ଐକାନ୍ତିକଭାବେ ସମତାଳ ଦେଇ ରୂପନିଏ ମନୁଷ୍ୟର ଅନୁଭବ ଓ ଉପଲବ୍ଧି । କୋମଳ ସ୍ନେହ, ଅନୁପମ ଅନୁରାଗ, ମଧୁର ପ୍ରେମ କିମ୍ବା ବିଧୁର ବିରହ ପ୍ରକୃତି ସହିତ ସମଭାବେ ପ୍ରକଟିତ ହୋଇଥାଏ କବିତାରେ । ପ୍ରତୀକ ମାଧ୍ୟମରେ କବିତା ବସ୍ତୁକୁ ପୁନର୍ଜନ୍ମ ଦିଏ । ବର୍ଣ୍ଣନାରେ ବସ୍ତୁକୁ ମୂର୍ତ୍ତିମନ୍ତ କରି ଗଢ଼ି ତୋଳିବା ପାଇଁ କବିତାରେ ବ୍ୟବହୃତ ହୁଏ ସଞ୍ଜୀବନୀ ଶବ୍ଦରାଜି । ସତ୍ୟ ଓ କଳ୍ପନା କିମ୍ବା ଭାବ ଓ ଅନୁଭବ ଭିତରେ ସୂକ୍ଷ୍ମ ସମ୍ପର୍କ ସ୍ଥାପନ କରି ଭାଷାରେ ତାହାକୁ ଫୁଟାଇବା ପାଇଁ ପ୍ରତୀକ ଶବ୍ଦ ହିଁ ସାର୍ଥକ ଓ ସର୍ବଶ୍ରେଷ୍ଠ ମାଧ୍ୟମ ଭାବରେ ଗୃହୀତ । ଏହା ଫଳରେ ବାସ୍ତବ ବସ୍ତୁର ସାର୍ବିକ ରୂପକୁ ଚିତ୍ରଣ କରିବାରେ କବିତା ସମର୍ଥ ହୋଇଥାଏ । ପ୍ରକୃତିର ପୂର୍ତ୍ତି ଓ ପ୍ରାଣବନ୍ତ ପ୍ରକାଶ ନିମନ୍ତେ କବିତା ହିଁ ହେଉଛି ସର୍ବୋତ୍କୃଷ୍ଟ ମାଧ୍ୟମ । କବିତାରେ କାବ୍ୟସତ୍ତା ସହିତ କବିର ବ୍ୟକ୍ତିସତ୍ତା ଓ କାବ୍ୟବସ୍ତୁ ପ୍ରତି ବ୍ୟକ୍ତିଗତ ଦୃଷ୍ଟିକୋଣ ମଧ୍ୟ ପ୍ରକାଶ ପାଇଥାଏ । ନୈସର୍ଗ ପ୍ରକୃତି ଚିତ୍ରଣରେ ପ୍ରକୃତି ପ୍ରତି କବିର ଦୃଷ୍ଟିକୋଣ ଜଣାପଡ଼େ । ବିଶ୍ୱକବି ରବୀନ୍ଦ୍ରନାଥଙ୍କ 'Personality' ପ୍ରବନ୍ଧରେ କୁହାଯାଇଛି—

If you ask to draw some particular tree and I am an artist, I try to copy every detail, lest I should otherwise lose the peculiarity of the tree forgetting that the peculiarity is not the personality. But when the true artist comes he overlooks all details and gets into essential characterisation. Our rational man also seeks to simplify things into their principle to get rid of the details, to get to the heart of things where things are one. It is the function of an artist to particularise that one tree. How does he do it? Not through the peculiarity which is discord of the unique but through the personality which is harmony, therefore he has to find out the inner concordance of that one thing with its outer surroundings of all things. (p)

(p) Tagore, R. N—Personality (1948) p-23-24.

Digitized by PPRACHIN, SOA

ସୌନ୍ଦର୍ଯ୍ୟର ନାନ୍ଦନିକ ଉପାଦାନ ପ୍ରକୃତି :

କବିତା ନାନ୍ଦନିକ ଅନୁଭୂତିର ଏକ ସାର୍ଥକ ମାଧ୍ୟମ । Leigh Hunt କହନ୍ତି – Poetry is passion for beauty because its office is to exalt and refine by means of pleasure, and beauty is nothing but the loveliest form of pleasure. (୧) ପ୍ରକୃତିର ବିଚିତ୍ର ପ୍ରକାଶରେ ଅଦୃଶ୍ୟର ରୂପ ଧରାଦିଏ ସୌନ୍ଦର୍ଯ୍ୟରେ । ସୌନ୍ଦର୍ଯ୍ୟ ପୁଣି ଐଶୀ ଚେତନାର ବାଣୀବହ ପ୍ରକୃତି ଏଦ୍ୱାର ବାହକ । ଏକ ଚରମ ସୃଷ୍ଟିମନ୍ତ୍ରର ଦୀପ୍ତ ପ୍ରକାଶ ଭାବରେ ସୌନ୍ଦର୍ଯ୍ୟର ପ୍ରଥମ ବିଗ୍‌ଦର୍ଶନ ଘଟେ ପ୍ରକୃତିରେ, ତା ପରେ କଳା ଓ କବିତାରେ ଶତଧା ସହସ୍ର ଭାବରେ ଏହା ମାନବ ହୃଦୟକୁ ନବରାଗରେ ରଂଜିତ କରିଥାଏ । Hegel କହନ୍ତି – Beauty is disclosure of mind or of the idea through senseous forms or media. (୨) ତାଙ୍କ ମତରେ କାବ୍ୟିକ ସୌନ୍ଦର୍ଯ୍ୟ (Poetic Beauty ପ୍ରକୃତିର ସୌନ୍ଦର୍ଯ୍ୟଠାରୁ ଉଚ୍ଚତର । କାରଣ ତାହା କବିର ସୌନ୍ଦର୍ଯ୍ୟସ୍ରଷ୍ଟା ମନରୁ ଜାତ ହୋଇଥାଏ । କିନ୍ତୁ ପ୍ରାକୃତିକ ସୌନ୍ଦର୍ଯ୍ୟର ଲକ୍ଷଣରେ ଏକକତା, ସମାନତା ଓ ପରିମିତିବୋଧର ପ୍ରୟୋଜନ ଅତ୍ୟନ୍ତ ଜରୁରି । ଅନେକେ ପୁଣି ବିଭେଦ ଭିତରେ ଏକତ୍ୱବୋଧକୁ (Unity in diversity) ସୌନ୍ଦର୍ଯ୍ୟର ବୈଶିଷ୍ଟ୍ୟଭାବେ ପ୍ରତିପାଦନ କରନ୍ତି । ଅନେକେ ଅଙ୍ଗ, ରଙ୍ଗ, ଔଜ୍ଜ୍ୱଲ୍ୟ ଓ ପ୍ରକାଶ ଭଙ୍ଗୀର ଦୀପ୍ତିକୁ କବିତାରେ ସୌନ୍ଦର୍ଯ୍ୟ ସୃଷ୍ଟିର ନିଦାନ ଭାବରେ ଗ୍ରହଣ କରିଛନ୍ତି । କିନ୍ତୁ Goetheଙ୍କ ମତରେ – Beauty is inexplicable, It is Love-ring, floating and glittering shadow, whose outline eludes the grace of definition. (୩)

ବିଶ୍ୱ ସୃଷ୍ଟିର ଚଳମାନ ପ୍ରକୃତିରେ ଯେଉଁ ସଙ୍ଗତି ଓ ସୁଷମା ସାଧାରଣ ଚକ୍ଷୁରେ ଧରାପଡ଼େନି କବିର ସନ୍ଧାନୀ ଦୃଷ୍ଟିରେ ତାହାର ଅପାର୍ଥିବ ରୂପ ସୌନ୍ଦର୍ଯ୍ୟସ୍ଥାନ କରେ କବିତାରେ । (୪) A, O. Lovejoyଙ୍କ ମତରେ ବିଶ୍ୱର

---

(୧) Quoted by A.C. Shastri : Studies in Aestheties p, 109-10.

(୨) (୩) Quoted by B, B. Chaubey : Treatment of Nature in Rgveda p. 239.

(୪) ଅମିୟକୁମାର ସେନ୍ : ପ୍ରକୃତିର କବି ରବୀନ୍ଦ୍ରନାଥ, (୧୩୫୮ ସାଲ) P. 1, ବିଶ୍ୱଭାରତୀ ।

Digitized by PPRACHIN, SOA

ବିଚାର ନିୟମରେ ପ୍ରକୃତି ପରିଚାଳିତ । ପ୍ରକୃତିଠାରେ ଅର୍ଦ୍ଧବ୍ୟକ୍ତ ସତ୍ତା (Half-Personified) ଆରୋପିତ । ଏହା ସେ Nature ବା Noturan ବୋଲି ଅଭିହିତ କରିଛନ୍ତି । ମାନବିକ କାର୍ଯ୍ୟାବଳୀର ବିଭିନ୍ନ ଦିଗ ଏହା ମାଧ୍ୟମରେ ବିକଶିତ । କଳା ସୃଷ୍ଟିରେ ଏହା ନିର୍କ୍ଷିତ । (୧) Croceଙ୍କ ମତରେ ସୌନ୍ଦର୍ଯ୍ୟ ହେଉଛି ପ୍ରକାର ପ୍ରକାଶିତ ରୂପ । ନାନ୍ଦନିକ ଆନନ୍ଦ ପ୍ରକୃତରେ ସୌନ୍ଦର୍ଯ୍ୟର ସଫଳ ରୂପାୟନ ଉପରେ ନିର୍ଭର କରେ । ସେ ସୌନ୍ଦର୍ଯ୍ୟ ଓ କଳାକୁ ଏକ ଓ ଅଭିନ୍ନ ଭାବରେହିଁ ଗ୍ରହଣ କରିଛନ୍ତି । ପ୍ରାକୃତିକ ଜଗତର ସକଳ ସୌନ୍ଦର୍ଯ୍ୟ ମନୁଷ୍ୟ ମନରେ ଯେଉଁ ଆନନ୍ଦାନୁଭୂତି ଦିଏ ତାହା ନାନ୍ଦନିକ ଚେତନା ଦ୍ୱାରା ପରିମିତ । ଏହି ଚେତନାର ଚାରୋଟି ସ୍ତର । କ୍ରୋଚେଙ୍କ ମତରେ Impression, Expression. Pleasure ଏବଂ Translated Beauty ଏହାର ଚାରୋଟି ବିଭିନ୍ନ ସ୍ତର ଭାବେ ନିର୍ଣ୍ଣିତ । (୨) କୌଣସି ପ୍ରାକୃତିକ ବସ୍ତୁର ଅବଲୋକନଜନିତ ଭାବ କବି ମନରେ ପ୍ରତିଫଳିତ ହୋଇ କବିତାରେ ଅନୁରୂପ ସୌନ୍ଦର୍ଯ୍ୟ ପରିସ୍ଫୁଟ କରେ । ପାଠକ ହୃଦୟରେ ଆନନ୍ଦ ସଞ୍ଚାର କରିବା ବା ତାର ନାନ୍ଦନିକ ରୂପ ଜିଜ୍ଞାସାକୁ ତୃପ୍ତ କରିବା ଏହାର ଉଦ୍ଦେଶ୍ୟ ।

ପ୍ରକୃତି ଅଙ୍କନର ବିଭିନ୍ନ ଶୈଳୀ :

ପ୍ରକୃତି ମାନବର ଜୀବନ ଲୀଳାର ଆଧାର । ତାହାହିଁ ମଣିଷର ଜୀବନାଭିନୟରେ ବାହ୍ୟ ଜଗତ ଓ ଭାବଲୋକ ଉଭୟର ରଙ୍ଗମଞ୍ଚ । ପ୍ରକୃତି ମଧ୍ୟରେ ହିଁ ମାନବ ଜୀବନର ବିକାଶ ସାଧିତ ହୁଏ । ଇନ୍ଦ୍ରଧନୁର ସପ୍ତରଙ୍ଗ ଶୋଭା ସୂର୍ଯ୍ୟ ରଶ୍ମି ବିନା ଯେପରି ଅକଳ୍ପନୀୟ, ଆକାଶ ବିନା ସେହିପରି ଭିତ୍ତିଶୂନ୍ୟ । ଠିକ୍ ସେହିପରି ମନୁଷ୍ୟର ପ୍ରାଧାନ୍ୟ ଆପଣାର ବୋଲି କୁହାଗଲେ ମଧ୍ୟ ପ୍ରକୃତି ବିନା ତାହା ଅସାର୍ଥକ । ପ୍ରକୃତିର ପାର୍ଶ୍ୱଭୂମି ଉପରେ ମନୁଷ୍ୟ ତାର ଜୀବନ-ମନ୍ଦିର ନିର୍ମାଣ କରେ । ମନୁଷ୍ୟର ଜୀବନ ତାହାର ଘଟଣାକ୍ରମର ଶୃଙ୍ଖଳାରେ ରଚିତ । ଏହି ଘଟଣାବଳୀର ସ୍ଥିତି ପ୍ରକୃତି ଦ୍ୱାରା ପୁଷ୍ଟ । ପ୍ରକୃତି ଦ୍ୱାରା ଆଶ୍ରିତ ମନୁଷ୍ୟ ପୁଣି

---

(୧) A. O. Love-joy : Senses of Nature as the Aesthetic norms' in The History of Ideas.

(୨) Croce. B : Aesthetics as science of expression and General linguistics, Translation—D. Ainstic (1929) London. p. 96.

Digitized by PPRACHIN, SOA

ତାହାର ରୂପକାର ଭାବେ ନିଜକୁ ପରିଚିତ କରାଏ । ପ୍ରକୃତିର ରୂପ ଓ ଭାବ ଗତି ମାନବ ଜୀବନର ସମାନାନ୍ତର । ବ୍ୟାପକ ପାର୍ଶ୍ୱଭୂମି ଓ ଚିରନ୍ତନ ସହଚରୀ ଭାବରେ ପ୍ରକୃତି ନିଜକୁ ବିସ୍ତାର କରିଥାଏ ମନୁଷ୍ୟର କ୍ରିୟା କଳାପରେ ଓ ଚିନ୍ତା ଚେତନାରେ ।

ରୂପାତ୍ମକ ଓ ଭାବାତ୍ମକ ଦୁଇ ପ୍ରକାରେ ପ୍ରକୃତିର ଚିତ୍ରଣ ହୋଇଥାଏ । କୌଣସି ଦୃଶ୍ୟକୁ ଦେଖି ତାର ଫଟୋଗ୍ରାଫିକ୍ ଚିତ୍ର କବିତାରେ ସ୍ଥାନ ଦେବାକୁ ରୂପାତ୍ମକ ଶୈଳୀ କୁହାଯାଏ । ଏଥିରେ କବି ଚିନ୍ତାର ମାର୍ମିକ ପ୍ରକାଶ ଥାଏ କମ୍ ବେଶୀଥାଏ ଚିତ୍ରଶିଳ୍ପର ମନ । କିନ୍ତୁ ଭାବାତ୍ମକ ଶୈଳୀରେ ପ୍ରକୃତ କବିତ୍ୱ ଫୁଟି ଉଠିଥାଏ । ପ୍ରକୃତିର କୌଣସି ଦୃଶ୍ୟରେ ବିମୋହିତ କବିପ୍ରାଣ ବ୍ୟଞ୍ଜନା ମାଧ୍ୟମରେ ତାକୁ ରୂପଦିଏ କବିତାରେ । ବୈଚିତ୍ର୍ୟମୟ ଭାବ ରାଜିର ଛନ୍ଦୋବଦ୍ଧ ମଞ୍ଜୁଳ ପରି ପ୍ରକାଶରେ କବିତା ହୋଇଉଠେ କାଳଜୟୀ । ରୂପାତ୍ମକ ଶୈଳୀ ପୁଣି ଦୁଇ ପ୍ରକାର ହୋଇପାରେ ବୋଲି ହିନ୍ଦୀ ଆଲୋଚକ ଡଃ ରଘୁବଂଶଙ୍କ ମତ । ତାହା ବର୍ଣ୍ଣନାତ୍ମକ ଓ ଚିତ୍ରାତ୍ମକ ଶୈଳୀ । (୧)

କବିତାରେ ପ୍ରକୃତି ଚିତ୍ରଣର ବିଭିନ୍ନ ଦିଗ :

ସୃଷ୍ଟିର ଆଦିମ କାଳରୁ ନୈସର୍ଗ ପ୍ରକୃତିର ଅପରୂପ ଶୋଭା କବି ନୟନରେ ପ୍ରେମାଞ୍ଜନ ଲଗାଇ ଆସିଛି । ରୂପପ୍ରାଣ କବି ପ୍ରକୃତିର ରମଣୀୟତାରେ ମୁଗ୍ଧ ହୋଇ କବିତାରେ ତାକୁ ଅଙ୍ଗୀକାର କରିଛନ୍ତି ବହୁଭାବରେ । କୁହାଯାଇଛି—

ଅପାରେ ଖଲୁଃ ସଂସାରେ କବିରେବ ପ୍ରଜାପତି
ଯଥାସ୍ମୈ ରୋଚତେ ବିଶ୍ୱଂ ତଥେଦଂ ପରିବର୍ତ୍ତତେ ।

ଅନନ୍ତ ରସଗ୍ରାହୀ ମନନେଇ କବି ପ୍ରଜାପତି ପ୍ରକୃତିକୁ ଦର୍ଶନ କରେ, ତାର ବିସ୍ମୟତ ସୌନ୍ଦର୍ଯ୍ୟରେ ଆତ୍ମହରା ହୁଏ । ତାକୁ ରୂପଦିଏ କାବ୍ୟରେ ବ୍ୟଞ୍ଜନା-ମୟ ପ୍ରାଣସ୍ପର୍ଶୀ ଭାଷାରେ । ପ୍ରକୃତିର ପ୍ରତିଟି ଛବିକୁ ସେ ସୌନ୍ଦର୍ଯ୍ୟସିକ୍ତ କରି ରଚନା କରେ । ସେଠି ପ୍ରକୃତି ହିଁ କବିର ମୁଖ୍ୟ କାବ୍ୟ ବସ୍ତୁ ହୋଇ ଉଠିଥାଏ । ଏହାକୁ ପ୍ରକୃତି ବର୍ଣ୍ଣନାର ବସ୍ତୁତାନ୍ତ୍ରିକ ରୀତି (Objective description) କୁହାଯାଏ ।

(୧) ଡଃ ରଘୁବଂଶ : ପ୍ରକୃତି ଔର କାବ୍ୟ (୧୯୫୬) ପୃ ୬୦-୬୫ ସାହିତ୍ୟ ଭବନ ଲିଃ, ଆଲହାବାଦ ।

Digitized by PPRACHIN, SOA

ପୁଣି ଅନ୍ୟନ୍ତ ପ୍ରକୃତି କାବ୍ୟମଞ୍ଚର ପୃଷ୍ଠଭୂମିରେ ଦଣ୍ଡାୟମାନା, ସେ ହୋଇଛନ୍ତି ନେପଥ୍ୟ ନାୟିକା । ସଞ୍ଚାରୀ ଭାବ ରୂପେ ମୁଖ୍ୟ ରସକୁ ଉଦ୍ଦୀପିତ କରାଇବାରେ ତାହା ସହାୟତା କରେ । ପ୍ରକୃତିର ପ୍ରଚ୍ଛେଦନାରେ ପରିସ୍ଥିତି ରସଘନ ହୋଇଉଠେ । କାବ୍ୟ ବର୍ଣ୍ଣିତ ଚରିତ୍ରମାନଙ୍କର ଭାବ ପ୍ରବଣତାର ଇନ୍ଧନ ଭାବରେ ପ୍ରକୃତି କାବ୍ୟରେ ସ୍ଥାନପାଏ । କବିର ବ୍ୟକ୍ତିଗତ ଦୃଷ୍ଟିରେ ତାହା ଧରା-ପଡ଼େ ବହୁ ବିଚିତ୍ର ରୂପରଙ୍ଗ ନେଇ । ଏହି ବର୍ଣ୍ଣନାକୁ ବ୍ୟକ୍ତି କେନ୍ଦ୍ରିକ ସୃଷ୍ଟି (Subjective deseription) କୁହାଯାଇଥାଏ ।

ହଡ଼ସନ୍ ତାଙ୍କ ଗ୍ରନ୍ଥରେ କବିତାରେ ପ୍ରକୃତି ଚିତ୍ରଣ ମୁଖ୍ୟତଃ ଦୁଇଭାବରେ ହୋଇଥାଏ ବୋଲି ଲେଖିଛନ୍ତି । ତାଙ୍କ ମତରେ ଏକ ପ୍ରକାରେ କବିତାରେ ପ୍ରକୃତିର ବିଶ୍ୱସ୍ତ (faithful ଚିତ୍ରଣ କରାଯାଇଥାଏ । ଏହି ଚିତ୍ରଣ କରିବାରେ କବିର ଦୃଷ୍ଟି ନିଃସର୍ଗ ପ୍ରକୃତି ଉପରେ ନିବଦ୍ଧ । ପ୍ରକୃତି ସେଠି ସ୍ଥିର ବା ଚଞ୍ଚଳ, ମୂକ ବା ମୁଖର ଯାହାହେଉ କବିର ପ୍ରତ୍ୟକ୍ଷ ଅନୁଭୂତିରେ ରସାଣିତ ହୋଇ ପ୍ରକାଶିତ ହୁଏ । ରସଗ୍ରାହୀ ଓ ସୌନ୍ଦର୍ଯ୍ୟ ପିପାସୁ କବିମନ ପ୍ରକୃତିର ଅପରୂପ ଲାବଣ୍ୟକୁ ସୂକ୍ଷ୍ମଭାବେ ଦେଖେ ତା ଫଳରେ ପ୍ରତିଫଳିତ ପ୍ରଚ୍ଛବିର ପରିସ୍ଫୁରଣ ହୁଏ କବିତାରେ । ଅନ୍ୟ ଭାବରେ ପୁଣି କବିତାରେ ପ୍ରକୃତିର ଗତାନୁଗତିକ ବା ପାରମ୍ପରିକ ଚିତ୍ରଣ କରାଯାଇଥାଏ । ଏହି ପ୍ରଥାକୁ ହଡ଼ସନ୍ କହନ୍ତି Unfaithful ବା traditional (୧) ଗ୍ରନ୍ଥ ପାଠ ଦ୍ୱାରା ଲବ୍‌ଧ ଜ୍ଞାନରୁ ପୂର୍ବସୂରୀ ମାନଙ୍କର ପ୍ରକୃତି ବର୍ଣ୍ଣନାକୁ ଅନୁସରଣ କରି କବିତାରେ କବି ପ୍ରକୃତିକୁ ରୂପ ଦେଇଥାଏ । ଏଠି ପ୍ରକୃତି ପ୍ରତି କବିର ଦୃଷ୍ଟିକୋଣ ପ୍ରଚଳିତ ପ୍ରଥାବଦ୍ଧ । ଏଥିରେ ଚିନ୍ତାର ମାର୍ମିକ ପ୍ରକାଶନଥାଏ, ଅନୁଭୂତିର ସ୍ପର୍ଶ ନ ଥାଏ, ଆବେଗରେ ଉଷ୍ମତା ନ ଥାଏ — ଥାଏ କେବଳ ବସ୍ତୁ ଲୁଣ୍ଠନ ଓ ଭାଷା ଗୁମ୍ଫନ କୌଶଳର ଚମତ୍କାରିତା ।

ପ୍ରାଚୀନ କାବ୍ୟରେ ପ୍ରକୃତିର ଭୂମିକା ଥିଲା ଗୌଣ । ପ୍ରାଚୀନ କବିତା ପ୍ରକୃତିକୁ ଶିଥିଳ ଭାବରେ ହିଁ ଚିତ୍ରଣ କରିଛନ୍ତି । ଏଥିରେ ବାଲ୍ୟ ସୁଲଭ ବର୍ଣ୍ଣନା-ଥିଲା ବେଶୀ । କବିର ଭାବାବେଗ ଏଥିରେ ଅନୁପସ୍ଥିତ । କାବ୍ୟ ବସ୍ତୁର ପ୍ରବାହ ଭିତରେ ଯେପରିକି ପ୍ରକୃତି ଅବଲୀଳାକ୍ରମେ ପ୍ରବେଶ କରିଛି । ପ୍ରକୃତିର କ୍ଲାସିକ୍ ବା ଚିରସ୍ଥିତ ସୌନ୍ଦର୍ଯ୍ୟର ରୂପ ଏଥିରେ ନିର୍ଜିତ । ମହାକାବ୍ୟ ମାନଙ୍କରେ ଏହାର ପରମ୍ପରା ରହିଛି । ଇଂରେଜୀ ସାହିତ୍ୟରେ ଚସାର (ଗୌଣ ହେଲେ ହେଁ) କିମ୍ବା ଆମ ସାହିତ୍ୟରେ ସାରଳା, ବଳରାମଙ୍କ କାବ୍ୟକୃତିରେ ଆମେ ଏହାର ଲକ୍ଷ୍ୟ

(୧) W. H. Hudson : An Introduction to the stu 'y of literature AP. II (Treatment of Nature in Poetry.)

Digitized by PPRACHIN, SOA

କରଥାଉ । ପ୍ରକୃତିର ରୂପ ଏଠି ସ୍ଥିର, ଗମ୍ଭୀର ଓ ନୈର୍ବ୍ୟକ୍ତିକ । ସାମଗ୍ରୀକଭାବେ ପ୍ରକୃତିର ଅନନ୍ତ ମହିମା ଓ ଅପରୂପ ଲାବଣ୍ୟକୁ ଏଥିରେ ରୂପଦିଆ ଯାଇଥିଲା ।

ମଧ୍ୟ ଯୁଗର କାବ୍ୟ କବିତାରେ ପ୍ରକୃତି ଚିତ୍ରଣ ପୁଣି ହେଲା ଭିନ୍ନ ପ୍ରକାର । କାବ୍ୟରେ ପ୍ରଯୁକ୍ତ ଉପମା ଓ ରୂପକ ଅଳଙ୍କାରରେ କ୍ଷେତ୍ର ଭାବରେ ପ୍ରକୃତିର ବିନିଯୋଗ ହେଲା ଆଲଙ୍କାରିକ କାବ୍ୟରେ । ଯେପରିକି ନୈଷଧୀୟ କାବ୍ୟ ଜଗତରେ କିମ୍ବା ଇଂରେଜରେ ପୋପ୍ ପ୍ରଭୃତିଙ୍କ କାବ୍ୟରେ ବା ଓଡ଼ିଆ ସାହିତ୍ୟରେ ଉପେନ୍ଦ୍ର ଓ ସମକାଳୀନ କବିଗଣଙ୍କ କାବ୍ୟରେ ଏହି ରୀତିକୁ ହିଁ ଗ୍ରହଣ କରାଯାଇଛି । ଏହି କାବ୍ୟ କବିତାରେ ପ୍ରକୃତି ମୁଖ୍ୟ ବିଷୟ ଭାବେ ଚିତ୍ରିତ ହୋଇନାହିଁ । ନାୟକ ନାୟିକାଙ୍କର ଯୁଗପତ୍ ପ୍ରଣୟର ଆଲମ୍ବନ ଓ ଉଦ୍ଦୀପନ ବିଭାବଭାବେ ଗୃହୀତ ହୋଇଛି । ଯଦି ବା କେଉଁଠି ସରୋବର, ଉପବନ ବା ଋତୁ ବର୍ଣ୍ଣନା ସ୍ଥାନ ପାଇଛି, ତାହା ଗୌଣ ଭୂମିକା ଗ୍ରହଣ କରିଛି । ପ୍ରକୃତି ଏଠି ସଜୀବ ନୁହେଁ ସଜୀବତାର ସହାୟକ, ରମଣୀୟ ନୁହେଁ ରମଣୀୟତା ପ୍ରତିପାଦକ, କର୍ମମୁଖର ନୁହେଁ ସ୍ଥିର । ତେଣୁ ଅଜସ୍ର ପ୍ରକୃତି ଚିତ୍ରଣ ମଧ୍ୟରେ ବି ଆମେ ପ୍ରାଣସ୍ପର୍ଶୀ ଆଲେଖ୍ୟ ପାଉ ନାହିଁ । ଯଦିବା କେହି କେହି ମହାକବିଙ୍କ ଅମର ତୂଳୀ ସ୍ପର୍ଶରେ ସ୍ଥାନେ ସ୍ଥାନେ ପ୍ରକୃତି ଚଞ୍ଚଳ ହୋଇ ଉଠିଛି—ସଜୀବତାର ସ୍ପର୍ଶରେ ତାହା ହୋଇଛି ସୁକାନ୍ତ—ଚିରସ୍ଥିତ ସୌନ୍ଦର୍ଯ୍ୟର ଆଧାର । କିନ୍ତୁ ମୁଖ୍ୟତଃ ଚିତ୍ରାଙ୍କନର ଆୟାସଲବ୍ଧ କାରିଗରୀ ବ୍ୟତୀତ ପ୍ରକୃତିର ରମ୍ୟକାନ୍ତିର ଔଜ୍ଜ୍ୱଲ୍ୟ ଏଠି ମ୍ଳାନ ।

ଆଧୁନିକ ଯୁଗରେ କାବ୍ୟରେ ପ୍ରକୃତି ଚିତ୍ରଣ ବହୁଭାବରେ କରାଯାଏ । ଇନ୍ଦ୍ରିୟଗ୍ରାହ୍ୟ ପ୍ରକୃତିର ରୂପ ଏଥିରେ ଚିତ୍ରିତ ହେବା ସଙ୍ଗେ ସଙ୍ଗେ ଏକ ବିଶେଷ ମୁହୂର୍ତ୍ତରେ ମାନସିକ ସ୍ଥିତି ଓ ଭାବାବେଗକୁ କେନ୍ଦ୍ରକରି ପ୍ରକୃତିର ରୂପ ବର୍ଣ୍ଣନା ମଧ୍ୟ ଏଥିରେ କରାଯାଇଥାଏ । କୌଣସି ଘଟଣା, ପରିବେଶର ପୃଷ୍ଠଭୂମି ଭାବରେ ପ୍ରକୃତିର ବର୍ଣ୍ଣନା ଆଧୁନିକ କବିତାର ଅଙ୍ଗୀଭୂତ ହୋଇଥାଏ । କଥା କାବ୍ୟ ଗୁଡ଼ିକରେ ଏହାର ପ୍ରାଚୁର୍ଯ୍ୟ ଦେଖାଯାଏ । ଟେନିସନ୍, ବାଇରନ୍ ଓ ରାଧାନାଥ ପ୍ରଭୃତି କବିଗଣ ନିଜ ନିଜର କଥା କାବ୍ୟରେ ପୃଷ୍ଠଭୂମି ରୂପେ ପ୍ରକୃତି ବର୍ଣ୍ଣନା କରିଛନ୍ତି । ପ୍ରଣୟ ପୂର୍ବରୁ କୌଣସି ରୂପ ରସ ଗନ୍ଧ ଭରା ପ୍ରକୃତିର ସୌନ୍ଦର୍ଯ୍ୟ ଚିତ୍ରଣ କାବ୍ୟରେ ସବୁବେଳେ ଦେଖାଯାଏ । ପୁରୁରବା ଓ ଉର୍ବଶୀଙ୍କ ପ୍ରଣୟ ବର୍ଣ୍ଣନା ପୂର୍ବରୁ ଋତୁରାଜ ବସନ୍ତର ମଧୁସ୍ପର୍ଶରେ ପରିବେଶ ରସାଳ ହୋଇଉଠେ । ସେହିପରି କୌଣସି ଯୁଦ୍ଧ ବିଗ୍ରହର ବର୍ଣ୍ଣନାରେ ରୁକ୍ଷ ଓ କର୍କଶ ପ୍ରକୃତିର ଭୟାନକ ଓ ବୀଭତ୍ସ ଚିତ୍ର ପାଠକମନରେ ଭୟ ଓ ଘୃଣା ସଞ୍ଚାରକରେ । ପ୍ରକୃତିର ଅଉ ଏକ ପ୍ରକାର ଚିତ୍ରଣ ହୁଏ, ତାହା କବି ସୃଷ୍ଟିରୁ କାବ୍ୟରେ ପ୍ରକୃତିର ରୂପନିର୍ଣ୍ଣୟ ।

Digitized by PPRACHIN, SOA

ଐତିହାସିକ କୌଣସି ଘଟଣା, ବ୍ୟକ୍ତି ବା ସ୍ଥାନର ସ୍ମରଣରେ ହେଉ କିମ୍ବା କୌଣସି ବ୍ୟକ୍ତିଗତ ଅନୁଭୂତି ପ୍ରସୂତ ପ୍ରେମାଞ୍ଚକର ବା ବିସ୍ମୟ ବିହ୍ୱଳ ମୁହୂର୍ତ୍ତର ସ୍ମରଣରେ ହେଉ କବିପ୍ରତିଭାର ଅପରୂପ ରୂପାୟନ ଘଟେ କବିତାରେ । ଏଠି ପ୍ରକୃତି ଚିତ୍ରଣରେ କବିଙ୍କର ଇତିହାସ ବୋଧ, ଅତୀତ ପ୍ରୀତି ଓ ଜାତୀୟ ଭାବ ଚେତନା ମଧ୍ୟ ପ୍ରକାଶ ପାଇଥାଏ ।

ପ୍ରକୃତି ଅତି ମହାନ ଓ ଚିରନ୍ତନ । ତା ତୁଳନାରେ ମନୁଷ୍ୟ ଜୀବନ କ୍ଷୁଦ୍ର ଓ କ୍ଷଣିକ । ମନୁଷ୍ୟ ଜୀବନର ଅସରନ୍ତି ବିଚିତ୍ର ଘଟଣାକୁ ପ୍ରକୃତିର ବିପୁଳ-ବିଭବ ମଧ୍ୟରେ ଐକାନ୍ତିକଭାବେ ପ୍ରକାଶ କରାଯାଏ । ଆଧୁନିକ କବିତାରେ ମନୁଷ୍ୟ ଜୀବନର ସୁଖଦୁଃଖ, ଆନନ୍ଦ ନିରାନନ୍ଦ, ବିଜୟ ବିପର୍ଯ୍ୟୟ, ଆଶା ହତାଶା ଓ ସାଫଲ୍ୟ ବୈଫଲ୍ୟ ଆଦି ନାନା ବିପରୀତ ଦ୍ୱନ୍ଦ (Contrast) ପ୍ରକୃତିର ସମାନ୍ତରାଳ ଚିତ୍ରଣରେ ରୂପପାଏ । ରୋମାଣ୍ଟିକ୍ କବିଗଣଙ୍କ କବିତାରେ ନାନା ମାନବୀୟ ଆବେଦନରେ ପୁଷ୍ଟ ହୋଇ ପ୍ରକୃତି ପ୍ରକାଶିତ ହୋଇଛି । ମନୁଷ୍ୟର ସୁଖଦୁଃଖରେ ସହାୟ ହୋଇଛି । ମିଳନରେ ତା ସହିତ ପୁଳକିତ ହୋଇଛି ଓ ବିରହରେ ତା ସହିତ ବିଧୁରିତ ହୋଇଛି । ବିଧିର ବିଧାନରେ ମନୁଷ୍ୟର ଭାଗ୍ୟ ବିପର୍ଯ୍ୟୟରେ ତାକୁ ସମବେଦନା ଜଣାଇଛି । ପ୍ରକୃତି ମାତାଭଳି ମନୁଷ୍ୟକୁ ସ୍ନେହ କରିଛି, ସଖୀଭଳି ସାନ୍ତ୍ୱନା ଦେଇଛି ଓ ପ୍ରିୟାଭଳି ମୁଗ୍‌ଧ କରିଛି । ରୋମାଣ୍ଟିକ୍ ପ୍ରକୃତିରେ ଆବେଗୋଚ୍ଛ୍ୱ ମୁହୂର୍ତ୍ତର ପରିସ୍ଫୁରଣ ଘଟିଛି ସର୍ବାଧିକ । ଆଦ୍ୟ ଆଷାଢ଼ର ଭରାବାଦଲ ଭିତରେ ହଠାତ୍ ନିଜ ପ୍ରିୟାର ଚିର ପୁରାତନ ଅଥଚ ନିତ୍ୟନୂତନ ମୁଖଟି କଳ୍ପନାରେ ଦେଖି ପୁଲକିତ ହେବା କିମ୍ବା ପ୍ରିୟଜନର କଳନ୍ଦାକୁ ଦେଖି ନିଜ ମୁଖର ଦୁର୍ଭିନ୍ଦାରେ କିଂକର୍ତ୍ତବ୍ୟବିମୂଢ଼ ହୋଇ ପଡ଼ିବା ଭଳି ଆକସ୍ମିକ ଘଟଣାର ବର୍ଣ୍ଣନା ଭିତରେ ନିସର୍ଗ ବାହ୍ୟ ପ୍ରକୃତିସହ ମାନବିକ ଅନ୍ତଃପ୍ରକୃତିର ଆତ୍ମିକ ସୂକ୍ଷ୍ମ ସମ୍ପର୍କର ସହଜ ପ୍ରକାଶ ହୋଇଥାଏ ଏହି କାବ୍ୟରେ । ଏପ୍ରକାର ବର୍ଣ୍ଣନାକୁ ହଡସନ୍ କହିଛନ୍ତି କବିର 'Pathetic fallacy' । ତେଣୁ ଏହାକୁ କୁହାଯାଏ 'Emotional Interpretation of Nature' ଓ୍ୱାର୍ଡ଼ସ୍‌ଓ୍ୱାର୍ଥ, କୀଟସ୍, ବାଇରନ୍ ଓ ଶେଲି ସମସ୍ତେ ପ୍ରକୃତିର ବିଶଦ ଓ ମାର୍ମିକ ଚିତ୍ରଣ କରିଛନ୍ତି । ତାହାର ପ୍ରତିରୂପ ଆମେ ଆମ କାବ୍ୟରେ ରାଧାନାଥ, ମଧୁସୂଦନ, ଗଙ୍ଗାଧର ଓ ନନ୍ଦକିଶୋରଙ୍କ କବିତାରେ ଦେଖୁଁ । ଓ୍ୱାର୍ଡ଼ସ୍‌ଓ୍ୱାର୍ଥଙ୍କ ପ୍ରକୃତି ଐଶ୍ୱରିକ । ଶେଲିଙ୍କ ପ୍ରକୃତି ଅନନ୍ତଭୂମାର ଅଫୁରନ୍ତ ପ୍ରକାଶ । ପୁଣି କୀଟସ୍ ଓ ବାଇରନ୍‌ଙ୍କ ପ୍ରକୃତି ଇନ୍ଦ୍ରିୟଗ୍ରାହ୍ୟ ଆବେଗପୂର୍ଣ୍ଣ ଅନୁଭୂତିର ସହାୟ । ଏଠି କବିଙ୍କର ବୈୟକ୍ତିକ ପ୍ରକାଶ ଘଟିଥାଏ । ତେଣୁ ଆଧୁନିକ କବିତାରେ ପ୍ରକୃତିର

Digitized by PPRACHIN, SOA

ନୈର୍ବ୍ୟକ୍ତିକ ରୂପ ବିରଳ । ଆଦ୍ୟ-ଆଧୁନିକ ଯୁଗର ଓଡ଼ିଆ କବିତାରେ ଏହାର ଭୂରି ଭୂରି-ଦୃଷ୍ଟାନ୍ତ ଆମ ଆଖିରେ ପଡ଼େ । ପୁଣି ସତ୍ୟବାଦୀ ଯୁଗୀୟ କବିତାରେ ରୋମାଣ୍ଟିକ୍ ପ୍ରକୃତି ସହିତ ମିଶ୍ରିତ ଭାବରେ କ୍ଲାସିକ୍ ପ୍ରକୃତିର ରୂପଟି ଚିତ୍ରିତ । ଗୋପବନ୍ଧୁ ଓ ନୀଳକଣ୍ଠଙ୍କ କବିତାରେ କ୍ଲାସିକ ପ୍ରକୃତି ଓ ଗୋଦାବରୀଶଙ୍କ କବିତାରେ ରୋମାଣ୍ଟିକ୍ ପ୍ରକୃତିର ବିଚିତ୍ର ପ୍ରକାଶ ଘଟିଅଛି । ଜ୍ଞାନ ସହିତ ଆବେଗର ସମ୍ମିଶ୍ରଣରେ କ୍ଲାସିକର କାର୍ଯ୍ୟକାରଣବୋଧ ଓ ରୋମାଣ୍ଟିକ୍ ଦୃଷ୍ଟି-ପ୍ରେରଣା ପରିପୂରକଭାବେ ଏହି କବିତାରେ ପ୍ରକୃତି ଚିତ୍ରଣକୁ ଏକ ଚିରନ୍ତନ ମର୍ଯ୍ୟାଦା ପ୍ରଦାନ କରିଅଛି । ତା ପରେ ସବୁଜ କବିତାରେ ନଓ-ରୋମାଣ୍ଟିକ୍ (Neo-romantic) ପ୍ରକୃତିର ରୂପବିନ୍ୟାସ ଘଟିଅଛି । ଏଠି ପ୍ରକୃତି ବହିର୍ଜଗତଠାରୁ ବେଶୀ ପରିମାଣରେ ମଣିଷର ଅନ୍ତର୍ଜଗତଠାରେ କେନ୍ଦ୍ରୀଭୂତ । ଅଜ୍ଞାତ ପ୍ରୀତିସହ ସୁଦୂର ପ୍ରୀତି ଭିତରେ ସେଠି ଆତ୍ମ ଅନ୍ତରର ଏକ ମର୍ମବାଣୀ ଶୁଣି । ବିଶ୍ୱ ପ୍ରକୃତି ସହିତ ମାନବ ପ୍ରକୃତିର ସୂକ୍ଷ୍ମ ସମ୍ମିଶ୍ରଣରେ ଏହି କବିତାରେ ମାଟି ଓ ଆକାଶକୁ ଏକାଠି କରି ତାର ଅଜଣା ସ୍ପର୍ଶ ଅନୁଭବ କରିବାର ଚେଷ୍ଟା କରାଯାଇଛି । ଅନ୍ନଦାଶଙ୍କର, କାଳିନ୍ଦୀଚରଣ ଓ ବୈକୁଣ୍ଠନାଥଙ୍କ କବିତାରେ ପ୍ରକୃତିର ଏହି ରହସ୍ୟମୟ ଦିଗଟି ସତତ ଉଦ୍‌ଘାଟିତ । ସେହିପରି ପ୍ରତୀକବାଦୀ କବିମାନଙ୍କ କବିତାରେ ଶକ୍ତିଶାଳୀ ପ୍ରତୀକ ମାଧ୍ୟମରେ ପ୍ରକୃତିର ରୂପମାଧୁର୍ଯ୍ୟ କବିତାରେ ବ୍ୟଂଜିତ ହୋଇଥାଏ । ପ୍ରତୀକ ଶବ୍ଦଟିର ସ୍ୱରୂପ ଓ ଧ୍ୱନି ଭିତରେ ବର୍ଣ୍ଣିତ ପ୍ରାକୃତିକ ବସ୍ତୁଜଗତର ଆତ୍ମା ଧରାପଡ଼େ ଓ ପାଠକକୁ ମୁଗ୍ଧ କରେ । ଫରାସୀରେ ବୋଦ୍‌ଲେୟାରଙ୍କ କାବ୍ୟସରଣୀରେ ଏହାର ଆରମ୍ଭ ହୋଇଥିଲା । ବର୍ତ୍ତମାନ ବିଶ୍ୱର ନାନା କାବ୍ୟ ସାହିତ୍ୟରେ ଏହାର ପ୍ରୟୋଗ ପ୍ରତିଷ୍ଠା ଦେଖାଯାଏ । ଓଡ଼ିଆ କାବ୍ୟଜଗତରେ ସଚ୍ଚିରାଉତରାୟଙ୍କ ଠାରୁ ଆରମ୍ଭକରି ସାମ୍ପ୍ରତିକ ସମସ୍ତ କବିଗଣ ଊଣାଅଧିକେ ଏହି ଧାରାର ବାହକ । କବିତାରେ ପ୍ରତୀକ ବ୍ୟତୀତ ନାନା ରୂପକ, ଚିତ୍ରକଳ୍ପ ପ୍ରୟୋଗ ମାଧ୍ୟମରେ ମଧ୍ୟ ପ୍ରକୃତିର ଅଙ୍ଗରୂପ ଓ ସ୍ୱଭାବରୂପକୁ ପ୍ରକାଶ କରାଇବାର ପ୍ରଚେଷ୍ଟା ସାମ୍ପ୍ରତିକ କବିତାରେ ଅହରହ ବିଦ୍ୟମାନ ।

ଅତ୍ୟାଧୁନିକ କାଳରେ ପ୍ରକୃତିକୁ ନେଇ ବିଭିନ୍ନ ବିଷୟର ବିଶ୍ଳେଷଣ କରାଯାଇଛି । ପ୍ରକୃତିକୁ ଜନନୀଭାବେ ଯୁଗ ଯୁଗ ଧରି କୁହାଯାଉଥିଲେ ମଧ୍ୟ ମାନବ ଜଗତ ବିଷୟରେ ତାହା ସମ୍ପୂର୍ଣ୍ଣ ଉଦାସୀନ । ପ୍ରକୃତି ଅଚଳ, ଅପରିବର୍ତ୍ତନୀୟ, ଏହାର କୌଣସି ଭଲ ମନ୍ଦ ନାହିଁ । ଏହି କଠୋର ବାସ୍ତବ ଧାରଣାକୁ ବୈଜ୍ଞାନିକ ଯୁଗରେ ଆହୁରି ଦୃଢ଼କରି ଦିଆଯାଇଛି । ଏହାକୁ ପ୍ରକୃତିର ବୈଜ୍ଞାନିକ ବିଶ୍ଳେଷଣ (Scientific Interpretation) କୁହାଯାଇପାରେ । କୌଣସି ଘଟଣା ଦୁର୍ଘଟଣାର

Digitized by PPRACHIN, SOA

ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ପ୍ରକୃତିର ରୂପ କିନ୍ତୁ ସମାନ । ଏଥିରେ କୌଣସି ପରିବର୍ତ୍ତନ ହୁଏନି । (ଯେପରି ଗୋଦାବରୀଶ ମିଶ୍ରଙ୍କ 'କାଳିଜାଇ' କବିତାରେ କିମ୍ବା କୌଣସି ସାମୁଦ୍ରିକ ଝଡ଼ (Tempest) ସମୟର ପ୍ରାକୃତିକ ରୂପରେ) ଏହି ଭଳି ଭାବରେ ମନୁଷ୍ୟ ଜୀବନର ହିତାହିତ, ବିକାଶ ଓ ବିନାଶରେ ତାକୁ ନିଯୁକ୍ତ କରିବା ପାଇଁ ପ୍ରକୃତି ଚର୍ଚ୍ଚା (Ecology) ଆରମ୍ଭ ହୋଇଛି । କବିତାର କଳେବର ତାକୁ ମଧ୍ୟ ଅଙ୍ଗୀଭୂତ କରିବାର ପ୍ରୟାସ କରୁଛି ।

ଏବେ ପ୍ରକୃତିର ନୃତାତ୍ତ୍ୱିକ ବିଶ୍ଳେଷଣ ମଧ୍ୟ କବିତାରେ ସ୍ଥାନ ପାଉଛି । ସବୁ ଯୁଗରେ ପ୍ରାୟ ସବୁ ସଂସ୍କୃତିରେ କବିତା ପ୍ରକୃତିର ଅନୁଗ । ଅଥର୍ବ ବେଦରେ ପ୍ରକୃତିକୁ ଲକ୍ଷ୍ୟ କରି କୁହାଯାଇଛି 'ପଶ୍ୟ ଦେବସ୍ୟ କାବ୍ୟଂ ନ ମମର, ନ ଜୀରଯ୍ୟତି' । ନୈସର୍ଗ ପ୍ରକୃତି ଓ ପବିତ୍ରତାରୁ ଜନ୍ମନିଏ କବିତା । ତେଣୁ ପ୍ରକୃତି ପବିତ୍ର । ପ୍ରକୃତି..... ଆଶ୍ରୟୀକବିତା ବିଶ୍ୱମୁଖୀ ଓ ମାନବାନୁସାରୀ । ବୃହତ୍ତର ଭାବରେ ଦେଖିଲେ ଏଥିରେ ଗୋଟିଏ ଜାତିର ଓ ଯୁଗର ଧ୍ୟାନ ଧାରଣା, ପ୍ରାଣସ୍ପନ୍ଦନ ପ୍ରକୃତି ମାଧ୍ୟମରେ ପ୍ରତିଫଳିତ ହୋଇଥାଏ । କୌଣସି ପର୍ବତ ଶିଖରରେ ପାହାଡ଼ୀ ଜାତିର ପ୍ରକୃତି ପ୍ରତି ଦୃଷ୍ଟି ଓ ଦ୍ୱୀପ ମଧ୍ୟରେ ବଣିକମାନଙ୍କର (ଇଂରେଜ୍‌ମାନଙ୍କ ପରି) ପ୍ରକୃତି ପ୍ରତି ଦୃଷ୍ଟି ଭିତରେ ପ୍ରଭେଦ ସ୍ପଷ୍ଟ । ବିଭିନ୍ନ ଜାତି ଓ ସଂସ୍କୃତି ଭିନ୍ନ ଭିନ୍ନ ଚିନ୍ତାଧାରାର ପରିବର୍ତ୍ତକ ଭାବରେ କବିତାରେ ପ୍ରକୃତିର ରୂପ ମୂଲ୍ୟକୁ ହୁଏତ ଅସ୍ୱୀକାର କରିପାରେ । ଯେପରି ପ୍ରାଚୀନ ଯୁଗରେ ସମାଜର ଅଙ୍ଗ ମନୁଷ୍ୟ ଆଧୁନିକ ଯୁଗରେ ପ୍ରକୃତି ଓ ବିଶ୍ୱ ବା ଭୂମା (Cosmos)ର ଅଂଶଭାବେ ନିଜକୁ ସଚେତନ କରାଇଛି । (୧)

ମଣିଷର ସବୁ ଭଲମନ୍ଦ ପ୍ରକୃତି ସହ ସମତା ରକ୍ଷାକରେ । (୨) ସମାଜରେ କୌଣସି ବିଶୃଙ୍ଖଳା ସୃଷ୍ଟି ହେଲେ ଦେଖାଦିଏ ପ୍ରକୃତିରେ ବିଶୃଙ୍ଖଳା ଓ ପରି-ଶେଷରେ ଧ୍ୱଂସ ସାଧନ । ମଣିଷ ତେଣୁ ନିଜ ସ୍ଥିତିର ଆବଶ୍ୟକତାରୁ ପ୍ରକୃତି ଓ ପରିବେଶ ସହ ଧାରାବାହିକତା ଓ ସମତା ରକ୍ଷା କରିବା ପାଇଁ ଚେଷ୍ଟିତ । ଏହି ଚଳମାନ ଚେଷ୍ଟାର ସ୍ୱରୂପ ଆମେ ମନୁଷ୍ୟକୃତି କବିତାରେ ଚିରଦିନ ଦେଖିଥାଉଁ ।

---

(୧) Joseph M. Kitagawa : History of Religions (Vol 1) Essays on Divinity (1967) P. 39-65. (Chikago).

Digitized by PPRACHIN, SOA

(୨) "In the zumi world view, for instance, there is harmonious indication of God, Nature and Man is on enduring recurrent system. Here the duty of man is the performance of those collective rituals that mantain a perpetual and unchanging harmonies-oneness of God. Man and nature -- the attitude is one of doing ones part is a persistant system.

Robert Redfield : The primitive world and its Transformations New-york-(1953) P. 22.

(ବି. ଦ୍ର. ଗବେଷଣା ପ୍ରବନ୍ଧଟି ଡଃ ନରେନ୍ଦ୍ରନାଥ ମିଶ୍ରଙ୍କ ନିର୍ଦ୍ଦେଶନା ଓ ତତ୍ତ୍ୱାବଧାନରେ ଲିଖିତ ଓ ୨୮-୭-୧୧ ରେ ବିଶ୍ୱ ଭାରତୀ ଓଡ଼ିଆ ପାଠଚକ୍ରରେ ପଠିତ-ଆଲୋଚିତ) ।

୧୫, ବିଦ୍ୟାଭବନ
ବିଶ୍ୱଭାରତୀ, ଶାନ୍ତିନିକେତନ (ପ. ବଙ୍ଗ)

Digitized by PPRACHIN, SOA

ଶୀତଳ ସୂର୍ଯ୍ୟ

—କଇଲାଶ ପଟ୍ଟନାୟକ

ବାପାଙ୍କୁ ଦେଖିବାମାତ୍ରେ ନୀଳଲୋହିତ ଭାବେ ସେ ଯେମିତି ମାର୍ବଲର ମୂର୍ତ୍ତିଟେ । ମଣିଷ ନୁହଁନ୍ତି । ଦେବତା ବି ନୁହନ୍ତି । କେବଳ ପଥରଟିଏ । ନଚେତ୍ ଏତେ ସହିବାର ଆଉ ନିର୍ଲିପ୍ତ ରହିବାର ଶକ୍ତି ଆଉ କାହା ପାଖରେ ଥାଆନ୍ତା ?

ସହିବାର ଆଉ ନିର୍ଲିପ୍ତ ରହିବାର ? କଥାଟା ଭାବି ମନେ ମନେ ହସିଲା ସେ । ନୀଳ ଲୋହିତ ସ୍କୁଲ୍ ପଢୁଥିବା ବେଳେଠୁଁ ଘଟଣାଟା ଘଟିଗଲା । ଦିନେ ଆସିଲା ସ୍କୁଲରୁ ଦୌଡ଼ି ଦୌଡ଼ି । ହାତରେ ବହିସବୁ ଫୋପାଡ଼ିଦେଲା ଥାକରେ । କହିଲା, ବୋଉ, ଦେଲୁ ଶୀଘ୍ର କଣ ଖାଇବାକୁ । ଭୋକ ହେଲାଣି । ବୋଉ ତାର ପଖାଳ ବାଢ଼ୁ ବାଢ଼ୁ ସେ ଶୁଣି ପାରିଲା କୁନାଭାଇ ଆଉ ବାପାଙ୍କ ଭିତରେ କିଛି ଗୋପନ କଥାବାର୍ତ୍ତା । ବାପା—ଝିଅଟିର ଗଢ଼ କଣ ? କୁନାଭାଇ—ରଉତ, ମାନେ ବାପା—ମାନେ କଣ ? ଚପାତ ? କଣ ଭାବୁଚୁ ତୁ, ମୁଁ ମରିଗଲିଣି ? ମୋ ମଲାପରେ ଯାହା କରିବ, କରିବା ଏବେ ନୁହେଁ । କଣ କହିବେ ଲୋକେ ମୋତେ ? ଦେଖିବେ ପଟ୍ଟନାୟକ ଘର ପୁଅଟା ବାହା ହେଲା ଗୁପୁଣୀଟାଏ—ଏଇଆନା ? କୁନାଭାଇ—ବାପା, ତମେ ବୁଝୁନ କିଛି । ବାପା—କଣ ବୁଝିବି ? ଏଇଆ ତ—ତୁ କଥା ଦେଇଚୁ ତାକୁ ବାହାହେବୁ, ନହେଲେ ସେ ଆତ୍ମହତ୍ୟା କରିବ । ନଚେତ୍ ତୁ ଜୀବନସାରା ଆଉ ବାହା ହବୁନି-ଏଇ ସବୁ ତ ? ମତେ ତୁ ଧମକ ଦେ'ନା କୁନା ! କହି ଦଉଚି, କୋଉ ରଉତ କି ଗଉଡ଼ଘର ଝିଅ ଏଠିକି ଆସିପାରିବନି ବୋହୂ ହୋଇ !

ଅଚାନକ ଆସିଗଲା ବୋଉ । ନୀଳଲୋହିତକୁ ଧମକ୍ ଦେଇ କହିଲା, "ହେଇ, କଣ ଶୁଣୁଚୁ ? ଯା, ପଖାଳ ବାଢ଼ିଦେଇଚି ।" ସେ ଆଉ କିଛି ଶୁଣିପାରିନଥିଲା । ପଖାଳଖାଇ ପଡ଼ିଆକୁ ଚାଲିଗଲା ଫୁଟବଲ ଖେଳି । ଆସିଲାବେଳେ ଶୁଣିଲା କୁନାଭାଇ ଘରଛାଡ଼ି ଯାଇଛନ୍ତି ।

ଗଡ଼ଜାତ ପବନକୁ ନିଃଶ୍ୱାସରେ ନେଇ ବାପାଙ୍କର ସମସ୍ତ ଜୀବନ ବିତିଚି । ଆଧିପତ୍ୟ ବିସ୍ତାରର ଖାନଦାନୀମୋହ ସେଇପବନ ବାଟେହିଁ ତାଙ୍କୁ ଆକ୍ରାନ୍ତ

Digitized by PPRACHIN, SOA

କରିଦେଇଲା । ସିଭିଲ ଇଂଜିନିୟରଙ୍କ ସେ । କେତେ କୋଠାର ନକ୍‌ସା ତିଆରି କରନ୍ତି । କେତେ ପୁରୁଣା ଘରର ମଡ଼େଲ ବଦଳେଇ ଦିଅନ୍ତି । ତାଙ୍କର ଅଲକ୍ଷ୍ୟରେ ଯେ ତାଙ୍କ ନିଜ ଘରର ମଡ଼େଲ ବଦଳି ଯାଉଥିଲା ଏକଥା ସେ ବୁଝିନଥିଲେ । ସେ ମଡ଼େଲର ଡିଜାଇନ କିନ୍ତୁ ସେ ନିଜେହିଁ ପ୍ରସ୍ତୁତ କରିଥିଲେ । ନିଜ ଅଜାଣତରେ । ସ୍ୱଇମାନେ ତ କେବଳ ସେଇ ମଡ଼େଲକୁ ରୂପଦେଇ ଦେଲେ !

ସେତେବେଳେ ନୀଲଲୋହିତ ଖୁବ୍‌ ଛୋଟଥିଲା । ହୁଏତ ପ୍ରାଇମେରୀ ସ୍କୁଲକୁ ଯାଉଥିଲା ପିଠିରେ ବସ୍ତାନି ଝୁଲେଇ । ବାପା ସେତେବେଳେ ତାର ଖୁବ୍‌ ସ୍ୱର୍ଗ । ତାଙ୍କର ସେତେବେଳର ରୂପ ତାର ମନେପଡ଼େ ବେଳେବେଳେ । ପାଦର ବ୍ରାଉନ୍‌ ରଙ୍ଗର ବୁଟଠାରୁ ଆରମ୍ଭ କରି ମୁଣ୍ଡର ବ୍ରାହ୍ମଣୀ ବେଙ୍ଗଭଳି ବଡ଼ ମାଟିଆ ଟୋପି ପର୍ଯ୍ୟନ୍ତ ସବୁ । ସାର୍ଟ ପେଣ୍ଟ ପ୍ଲେନକଲରର । କଡ଼ଇସ୍ତ୍ରୀ ସାର୍ଟ ଇନ୍‌ ହୋଇଥିବ । ତା ଉପରେ ଗୋଟିଏ ହାଲୁକା ନୀଳରଙ୍ଗର ଟ୍ୱଇଟ୍‌ । ମୁହଁରେ ମୋଟା ନିଶ । ପାଟିରେ ପାଇପ୍‌ । ଓଠ କଳା ଚେନ୍‌ସ୍ମୋକର । ଗାଲ ପାଲିସ୍‌ । ଆଖି ଦୁଇଟାରେ କେମିତି ଗୋଟିଏ ଗାମ୍ଭୀର୍ଯ୍ୟ । ଗୋଟିଏ ଟାଣୁଆ ଭାବ । ଦେଖିଲେ ମନହେବ ବାଘଟାଏ ଅବା । ଏଇନେ ମାଡ଼ିଆସିବ । କଥାବାର୍ତ୍ତା ଠୋ-ଠୋ । ପାଖରେ ଖଜଣା ଦେଇନପାରି ବନ୍ଧାହୋଇ ଆସିଥିବା ପ୍ରଜାଙ୍କପରି କୁଣ୍ଠ କଣ୍ଟ୍ରାକ୍‌ଟର ଜଣେ ଦୁଇଜଣ । ବିନୀତ, ଅନୁଗତ । ଆଉ, ହାତରେ ଟ୍ୟାପଧରି କାନ୍ଥବାଡ଼ ସବୁ ମାପି ପକାଇବା ଛଳରେ ନିଜକୁହିଁ ସବୁବେଳେ ବାପାଙ୍କ ଆଖି ସାମନାରେ ରଖିଥିବା ପିଅନ୍‌ଟି !

ଗଡ଼ଜାତି ଅହଙ୍କାରକୁ ବଢ଼େଇ ନେବାପାଇଁ ସବୁ ଯେମିତି ଥିଲା ପୂର୍ବ ନିର୍ଦ୍ଦିଷ୍ଟ । କର୍ତ୍ତୃତ୍ୱର ମହଲ ତିଆରି ପାଇଁ ବାପା ପାଇଯାଇଥିଲେ ସବୁଯାକ ସିମେଣ୍ଟ ଇଟା, ବାଲି, ଚୂନ, ସୁରୁକି ଆଉ ଛଡ଼ ।

ମହଲ ସିନା ତିଆରି ହୋଇଗଲା ହେଲେ, ନକ୍‌ସାଟାରେ ଯେ ଭୁଲ ରହିଯାଇଥିଲା । କେତେଦିନ ବା ମହଲ ରହିଥାନ୍ତା ମୁଣ୍ଡ ଉଠେଇ ?

ନୀଲଲୋହିତର ଉପରଖଇଟି ବୁଲୁ । ପଢ଼ୁଥିଲା ବି. ଏ । ଚମତ୍କାର ସ୍ପୋର୍ଟସ ମ୍ୟାନ । ଶହେ, ଦୁଇଶହ, ପନ୍ଦରଶହ ମିଟର ରନ୍‌, ଶହେ ମିଟର ହାର୍ଡ଼ଲ୍‌ସ ରେସ, ଜେଭଲିନ୍‌ ଥ୍ରୋ;ରେ ତା ରେକର୍ଡ ଏବେବି ସେମିତି ରହିଚି । କେହି ଭାଙ୍ଗି ପାରିନାହାନ୍ତି । ଖେଳୁଥିଲା ବି ସେମିତି । ଫୁଟବଲ କ୍ୟାପ୍‌ଟେନ । ସ୍ପୋର୍ଟସରେତ ତିନିବର୍ଷଧରି କଲେଜ ଚାମ୍ପିଆନ୍‌ । ସେଥର ସ୍ପୋର୍ଟସର କୋଚିଙ୍ଗ ନେବାକୁ ଯାଇଥିଲା ମାଡ୍ରାସ ଯେ ଆସୁ ଆସୁ ପରୀକ୍ଷା ଆଉ ପନ୍ଦରଦିନ । ତାକୁ ଦେଖୁ ଦେଖୁ

Digitized by PPRACHIN, SOA

ବାପା ହୋଇଗଲେ କଲଙ୍କ। କୋଇଲା ଭଳି କଳା । ମନଇଚ୍ଛା ଗାଳିଦେଇଥିଲେ । କହିଥିଲେ କଣ ବର୍ତ୍ତି। ଫୋପାଡ଼ୁଥିଲୁ ମନେନାହିଁ ପରୀକ୍ଷା ଅଛି ବୋଲି ? ମନେ କାହିଁକି ପଡ଼ିବ ? ଫର୍ମ ଫିଲପ୍ କେଲେ ଟଙ୍କାତ ଠିକ୍ ମିଳିଯାଉଛି । ପାଶ୍ ହେଲେ କେତେ ନ ହେଲେ କେତେ ? ଖେଳ ଖେଳ ବିତିଗଲା ସାରାବର୍ଷ ଏବେ ପରୀକ୍ଷା ଅଛି ପନ୍ଦର ଦିନ । କୋର୍ସ ସାରିବୁ କେମିତି ? ନା ହଲରେ କପି କରିବୁ ? ବାପା, ମାଙ୍କର ନାମ ବୁଡ଼େଇବାକୁ ତ ଜନ୍ମିଚ କୁଳାଙ୍ଗାର ସବୁ ।

କ୍ଷମତାର ଅହମିକାକୁ ମମତାର ଫଲ୍‌ଗୁ ଭସେଇ ନେଲା । ଭିତରୁ ବାହାରି ଆସିଲା ବୋଉ । ବୁଲୁଭାଇର ହାତଧରି ଭିତରକୁ ଟାଣି ନେଉ ନେଉ କହିଲା । ଏତେଦିନ ପରେ ପିଲାଟା ଆସିଲା ଘରକୁ ! ଆସୁ ଆସୁ ତା ଉପରେ ତୋଡ଼ ! ବାପା, ମାଙ୍କ ନାମ ବୁଡୋଉଛି ନା ଉଠେଉଛି ? ଖବର କାଗଜରେ ତା ଫଟୋ ବାହାରିଲାବେଳେ ତମନାଁଟା କଣ ନ ଥାଏ ସେଥିରେ ?

କୂଅ ଭିତରେ ସିଂହଟେ ଅଛିଯେ କହୁଛି ସେଇହିଁ କେବଳ ବଣର ରାଜା । ଗର୍ଜି ଉଠିଲା ବଣର ସିଂହ । ତାର କର୍ତ୍ତୃତ୍ୱ ପ୍ରତି କାହାର ଯେମିତି ଶାଣିତ ଅଙ୍ଗ । ଏ ବଣରେ କେବଳ ତାର ଅଧିକାର । ଆଉ କେହି ସେ ଅଧିକାର ତାଠୁ ନେଇ-ଗଲେ ସେ ସହିପାରିବନି ।

ନିଜ କଥା ଉପରେ କଥା-ବାପାଙ୍କ ପାଇଁ ଅସହ୍ୟ । ଗର୍ଜି ଉଠିଲେ, ହୁଁ ... ବର୍ତ୍ତି। ଫର୍ଗି ଫିର୍ଗି ନାମ କମେଇବ ଆଉ ପେପରରେ ବାପର ନାମ ଲେଖିଦେଇ ବର୍ତ୍ତିଯିବ ? ସେସବୁ ମୁଁ କିଛି ଶୁଣିବନି । ଶୁଣ ବୁଲୁ, ଯଦି ହଲରେ କପିକରି ଧରାପଡ଼ୁ କି ଫେଲ୍ ହେଉ ପରୀକ୍ଷାରେ ତୋ ମୁହଁ ମୁଁ ଚାହିଁବିନି - ମନେ ରଖିଥା ।

ପାଇପ୍‌ରୁ ସରିଯାଇଥିଲା ତମାଖୁ ଅନେକ ବେଳରୁ । ବାପା ଗାଳିଦେଇ ସାରି ପାଇପ୍ ଟାଣିଲେ । ଥରେ, ଦୁଇଥର ନା, ଧୂଆଁ ବାହାରୁନି । ରାଗି ଫୋପାଡ଼ିଦେଲେ । କିଛି ପୋଡ଼ା ତମାଖୁ ବାହାରି ହୋଇଗଲା, ଆଉ ତା ମଝିରେ ପାଇପ୍‌ଟା ଦୁଇଖଣ୍ଡ ।

କର୍ତ୍ତୃତ୍ୱ ଜାହିରର ମୋହ ବୋଧେ ମଣିଷର ପ୍ରାଗ୍‌ଐତିହାସିକ । ସେଇ ରକ୍ତ ଏବେ ବାପାଙ୍କ ଦେହରେ ଫୁଟୁଛି ଟକ୍ ଟକ୍ ହୋଇ । ପରିବାରର ମୁଣ୍ଡି ଆଜି ସେ । କ୍ଷମତା ଛାଡ଼ିବେ କେମିତି ?

ବୋଉ ଦିନେ କ୍ଷୀରି କରୁଥିଲା । ଭାଇ କହିଲା । ଟିକେ ଏଇ ପାଖରୁ ବୁଲିଆସୁଛି । ବୋଉ କହିଲା । ତୁ ତ କ୍ଷୀରି ଭଲପାଉ ବୋଲି କରିଛି । ଏତେ-

Digitized by PPRACHIN, SOA

ଦିନରୁ କହୁଥିଲୁ କ୍ଷୀରକର, କ୍ଷୀରକର । ଏବେତ ହେଇଗଲାଣି । ଟିକେ ଖାଇ-ଦେଇଯା । ବୁଲୁଭାଇ ତାର ଧଳା ପଲିଷ୍ଟର ବାନିଥିନ୍ ପିନ୍ଧି ସାରିଥିଲା । ଟେରିନ୍ ର ଧଳା ବେଲ୍ ଆଉ ପାଦରେ ଛ’ ନମ୍ବର ନର୍ଥଷ୍ଟାର । ମୁଣ୍ଡ କୁଣ୍ଢେଇ ହଉ ହଉ କହିଲା । ଶୁଣୁଚ କଣ ରେଜଲ୍ଟ ବାହାରିଚ । ଯାଏଁ ଟିକେ ଦେଖିଆସେଁ । କ୍ଷୀର ରଖିଥିବୁ । ଆସିଲେ ଖାଇବ ।

ଭାଇ କିନ୍ତୁ ଆଉ ଆସିଲାନି । ଆସିଲେ ସନ୍ଧ୍ୟାରେ ପୋଲିସ । ହାତରେ ଲମ୍ବା ଚିଠିଟିଏ ଭାଇର । ବାପାଙ୍କ ପାଇଁ । ସୂଚନା ଦେଲେ, ଶବ ପୋଷ୍ଟମର୍ଟମ ପାଇଁ ଯାଇଚି । କାଲିସକାଳେ ଆପଣ ପାଇପିବେ ଦାହ ପାଇଁ । ବାପା ନିର୍ବାକ । ଥମିଯାଇଚି ଯେମିତି ସବୁ ଗର୍ଜନ । ନରମି ଆସିଚି ଅହଙ୍କାରର ଆଖି ଦୁଇଟି । ଭାଙ୍ଗିଯାଇଚି ବେକର ସବୁ ଟାଣ । ଝୁଙ୍କିଯାଇଚି ମୁଣ୍ଡଟା । ପରଦା ଯେପଟେ ବୋଉ ଛିଡ଼ା ହୋଇଚି ବା କାନ୍ଦୁଚି ନା କିଛି କହୁଚି । ବୋଉକୁ ହଲେଇଦେଇ ମାଲମିହି ସେପେଇଘର ଆଡ଼ୁ ଦୌଡ଼ିଆସି.....ବୋଉ, ଭାଇପାଇଁ ଯୋଉ କ୍ଷୀର ରଖିଥିଲୁ ତାକୁ ବଳେଇ ଖାଇଦେଲା ଏଇନେ କହିଲା ବେଳକୁ ବୋଉ ପଡ଼ିଗଲା ଚଟାଣରେ । ସେ ମୂର୍ଚ୍ଛା ହୋଇ ସାରିଥିଲା ।

ରେଳଲାଇନ ଉପରେ ପଡ଼ିଥିଲା ଗଣ୍ଡିଟା । ଆଉ ଗ୍ଭରି ଛ’ ହାତ ଦୂରରେ ମୁଣ୍ଡଟା ଛେଚିହୋଇ ଯାଇଥିଲା ଗୋଟିଏ ବୁଦାମୂଳେ । ଧଳା ପଲିଷ୍ଟର ବେନିଥିନ ଆଉ ଧଳା ଟେରିନ୍ ବେଲ୍ ସବୁ ଯେମିତି ହୋଇଯାଇଚି ଲାଲ । ଗୋଡଟେ ମୋଡ଼ି-ହୋଇ ଭାଙ୍ଗି ଯାଇଥିଲା । ଛିଣ୍ଡା ପେଣ୍ଟ ଭିତରୁ ବାହାରି ଆସିଥିଲା ଫାଟିଯାଇଥିବା ଅଣ୍ଡୁ । ପୋଲିସ ପାଇଲା ପେଣ୍ଟ ପକେଟରୁ ଚିଠିଟେ । ବାପାଙ୍କ ପାଖକୁ ଲମ୍ବା ଚିଠିଟେ । ତରତର ହୋଇ ଲେଖା । ଶେଷଆଡ଼କୁ ଲେଖାଥିଲା, “ତମର ସମ୍ମାନ ବଢ଼େଇବାକୁ ମୁଁ କିଛି କରିପାରିଲିନି । ବାପା ଦିନେ କହିଥିଲ ନା, ହଲରେ କପିକଲେ କି ପରୀକ୍ଷାରେ ଫେଲହେଲେ ତମେ ମୋ ମୁହଁ ଗ୍ଭହିଁବନି । ପରୀକ୍ଷା ହାଲରେ ତ କପି କରିନି, ପରୀକ୍ଷାରେ କିନ୍ତୁ ଫେଲ ହୋଇଗଲି । ମୁଁ କୁଳାଙ୍ଗାର ବୋଲି ତମେ କହିଥିଲ । ସେଇ କୁଳାଙ୍ଗାର ଭାବି କ୍ଷମା କରିବ ମୋତେ ମୋ ମୃତ୍ୟୁପାଇଁ ମୁଁ କାହାକୁ ଦୋଷ ଦେଉନି । ଦୁଃଖ ରହିଗଲା ବୋଉ ପାଖରୁ କ୍ଷୀର-ଖାଇ ପାରିଲିନି । ବାପା, ମୋର ଏଇ ଆତ୍ମହତ୍ୟାପାଇଁ ଯୋଉ ଅପମାନଟିକେ ପାଇବ ତାକୁ ସହିନେବ । ତା’ ପରେ ତ ମୁଁ ଆଉ ତମକୁ ଅପମାନିତ କି ତମର ନାମ ବୁଡ଼େଇବାକୁ ଆସିବିନି ।”

କୁନାଭାଇଙ୍କ ଘର ଛାଡ଼ିବା ଦୁଃଖଟା ବାପା ସମ୍ଭାଳି ନେଇଥିଲେ । ଏବେ ଏଇ ଆଘାତଟାକୁ ସହିବା ପାଇଁ ଚେଷ୍ଟା କଲେ ! ତାଙ୍କର ସେ କ୍ରୋଧୀ ମୁହଁ ଆଉ

Digitized by PPRACHIN, SOA

ଗର୍ଜିଲି ସ୍ୱର ତଥାପି ରହିଥିଲା ଅନେକଦିନ । ହେଲେ, ସେ କ୍ରୋଧର ଦାହିକାଶକ୍ତି କ ସେ ସ୍ୱରର ଝାଣପଣ ଆଉ ନ ଥିଲା । କେମିତି ଗୋଟିଏ ଫାଙ୍କା ଫାଙ୍କା ଭାବ । ସେ ଯେମିତି ବାଉଁଶ ଖଣ୍ଡେ । ଉପରଟା ଚକ୍‌ଚକ୍ । ପାଲିସ୍ । ଭିତରଟା ଫମ୍ପା । ମନେହେଲା, ହଠାତ୍ ଯେମିତି କେହି ଆସି ତାଙ୍କୁ କହୁଚ, ଅନେକ ହେଲାଣିରେ ବାବୁ ! ଏସବୁ ଅହଙ୍କାର ଛାଡ଼ିଦେ । ବାନପ୍ରସ୍ଥ ଧର ।

ଫୁର୍ସତ ନଥିଲା ବାପାଙ୍କୁ ବାନପ୍ରସ୍ଥ ଧରିବାକୁ । ତିନୋଟି ଝିଅର ବାହାଘର । ବଡ଼ଟା ପାଇଁ ସେ ଏଣେତେଣେ ଆଖି ବୁଲାଉଛନ୍ତି । କହୁଚନ୍ତି ବି କେତେଜଣଙ୍କୁ । କିନ୍ତୁ କାହିଁ ? ଖବର ଦେଇଥିଲା ବୁନାଭାଇ । ଅନେକଦିନ ପରେ ବୋଉ ପାଖକୁ ଚିଠି ଖଣ୍ଡେ । ଭଉଣୀ ପାଇଁ କେଉଁଠି ଗୋଟେ ପାତ୍ର ଦେଖିଚି । ପିଲାଟା କୁଆଡ଼େ ଷ୍ଟେଟବ୍ୟାଙ୍କ ଏଗ୍ରିକଲ୍‌ଚରାଲ ଡେଭ୍‌ଲପମେଣ୍ଟ ବ୍ରାଞ୍ଚରେ ଫିଲ୍‌ଡ୍ ଅଫିସର । ଉମାଣ୍ଡ କେବଳ ସ୍କୁଟର । ଆଉ କିଛି ନୁହେଁ । ବୁନାଭାଇ ଲେଖିଚି ସ୍କୁଟର କଥା ସେ ବୁଝିବ । ବାକି ବାହାଘରଟା କରିଦେଲେ ଏଇ ଜାନୁଆରୀରେ ଭଲ ହୁଅନ୍ତା ।

ମାଲଲ୍ଲେହିତର ମନେଅଛି, ବୋଉ ଏକଥା କହିଲାବେଳେ ବାପା ଚିଡ଼ିଙ୍କି ଉଠିଥିଲେ । ଅନେକଦିନ ତଳର ବୁନାଭାଇଙ୍କ ଆଘାତ ବୋଧେ ନୂଆ ହୋଇ-ଯାଇଥିଲା । ପୁରୁଣା କଂସାଟା ମାଜିଦେଲେ ଯେମିତି ଦେଖାଯାଏ ନୂଆ ନୂଆ । ପ୍ରତିଶୋଧ ନେବାର ଲୋଭ ସମ୍ଭାଳି ପାରିଲେନି ବାପା । କର୍ତ୍ତୃତ୍ୱ ଜାହିର୍‌ର ପ୍ରବଣତା ଭିତରେ ଲୁଚିଗଲା ଝିଅଟିଏର ସୁଖୀ ଦାମ୍ପତ୍ୟ ଭାବନା । କହିଲେ : ପାତ୍ରଟି ଚଷା ନା ଗଉଡ଼ ? ନଜେତ ସ୍ୱଷ୍ଟୁଣୀଟିଏ ବା' ହେଲା । ଏବେ କ'ଣ ଲିଲି ପାଇଁ ଚଷାଟେ ଯୋଗାଡ଼ କରିଚ ? ଲେଖିଚ କ'ଣ ନା-ଫିଲ୍‌ଡ୍ ଅଫିସର । ହଁ, ଚଷା ନହେଲେ ଫିଲ୍‌ଡ୍ ଅଫିସର ହେବ କେମିତି ? ତାକୁ ଲେଖିଦିଅ ଲିଲି ବୋଉ, ତା ବାପର କ୍ଷମତା ଅଛି ଲିଲି ପାଇଁ ଆହୁରି ଭଲ ପାତ୍ର ଯୋଗାଡ଼ କରିବାର । ବୋଉ ଆଉ କିଛି ବୁଝାଇଲାନି । ସେ ଜାଣେ, 'ମୁଁ' ପଣର ଭୂତ ତାଙ୍କ ମୁଣ୍ଡରେ । କିଛି ବୁଝିବାର ଶକ୍ତି ତାଙ୍କର ନାହିଁ ।

ଜେକେବି.ପା ଥିଲେ ରାଜାଙ୍କର ଏକାନ୍ତ ବିଶ୍ୱାସୀ ପାରିଷଦଟିଏ । ସେ ମଲାବେଳେ ବାପା ପଢ଼ୁଥିଲେ ଶେଷବର୍ଷ ଇଣ୍ଟରମିଡ଼ିଏଟ । ଆଉ, କକା ଚାଲି-ଯାଇଥିଲେ ସହରର ସବୁ ମଦ ଦୋକାନ । ନିଜ ଭାଗର ଜମିସବୁ ଜୁଆ ଖେଳରେ ହାରେଇ ଦେଇ ଟେଜରିଡ ଦୋକାନଟେ ଦେଇଥିଲେ । ଇଲେକ୍‌ସନ ହେଲେ ବେଶ୍ କିଛି ପଇସା ଟାଉଟଗିରି କରି ପାଇ ଯାଉଥିଲେ । ସେଇଥିପାଇଁ ତାଙ୍କର

Digitized by PPRACHIN, SOA

ସମ୍ପର୍କ ପ୍ରାୟ ନ ଥିଲା ବାପାଙ୍କ ସଙ୍ଗେ । ତେବେ ଆସୁଥିଲେ ବେଳେବେଳେ । ବାପାଙ୍କ ସ୍ୱାସ୍ଥ୍ୟ ପାଇଁ ଅଯଥା ଚିନ୍ତା କରି, କୁନାଭାଇ ପାଇଁ ଅସୂୟା ପ୍ରକାଶ କରି, ପିଲାଲୋକଙ୍କୁ ବାଦାମ, ଚକୋଲେଟ କି ଆଉ କିଛି ଧରେଇ ଦେଇ ଚାଲି ଯାଉଥିଲେ । କୁନାଭାଇର ଚିଠି ଆସିବାର ଦିନେ ଦୁଇଦିନ ପରେ ସେ ପୁନର୍ବାର ଆସିଲେ । ବାପାଙ୍କ ସଙ୍ଗେ କଥାବାର୍ତ୍ତା ହେଲେ କିଛି । ବାପା ଡାକିଲେ ବୋଉକୁ । ତିନିହେଁ କିଛି କଥାବାର୍ତ୍ତା କଲେ ଗୋପନରେ । ବୋଉର ସ୍ୱର ଶୁଣାଗଲା— ବୟସଟା କିନ୍ତୁ ଏତେ... । ମଝିରେ ବାପା କଥା କାଟିଲେ । ନା, ଜାତ ଭଲ । ବଂଶର ନାମ ଅଛି । ବୟସଟାରେ ଅଛି କ'ଣ ? କକାଙ୍କ ସ୍ୱର : ବୁଝିଲ ଭାଉଜ ଗାଲି ଭାଇଙ୍କ ନାମ ଶୁଣି ମତେ ଲଗେଇଛନ୍ତି ମାସେ ହେବ । ମୁଁ ଖାଲି ଟାଳଟୁଳ କରୁଥିଲି । ଆଉ ରଖେଇ ଦେଲେନି । ବାପା କହିଲେ ତାଙ୍କୁ—ଠିକ୍ ଅଛି, ତୁ କଥାବାର୍ତ୍ତା କର । ଭଲ ଘର । ଭଲ ଜାତ । ଡିମାଣ୍ଡ ତ କିଛି ନେବେନି କହୁଚି ଆଉ କ'ଣ ଚିନ୍ତା ? ତୁ ଲାଗିପଡ଼ ।

ବାହାଘର ହୋଇଗଲା । କୁନାଭାଇ ଆସିଥିଲେ । ଭାଉଜ ବି ଆସିଥିଲେ । ଲିଲି ଅପା ଗଲା ଶାଶୁଘରକୁ । ଦୁଇଦିନ ପରେ ଖବର ପଠେଇଲା ବରଟା ଦୋବେଇ । ଝିଅଟିଏ ଅଛି ତା'ର ଦୁଇବର୍ଷର । ଆଗ ସ୍ତ୍ରୀ ମରିଯାଇଚି ଡେଲିଭରି ବେଳେ । ଏଇ କେଇମାସ ଆଗରୁ । ବାପାଙ୍କ ଆଖି ଲାଲ ହୋଇଗଲା । କକାଙ୍କ ପାଖକୁ ଦୌଡ଼ିଗଲେ । କକା କିନ୍ତୁ ନ ଥିଲେ । ଖୁଡ଼ୀ କହିଲେ, ଭୁବନେଶ୍ୱର ଯାଇଛନ୍ତି କୋଉ ଜଣେ ମନ୍ତ୍ରୀ ଡାକିଥିଲେ । ବାପା ଚିତ୍କାର କଲେ, ମନ୍ତ୍ରୀ ଡାକିଛନ୍ତି ନା ମୋତେ ଲୁଚୁଚି ? ବଦମାସ, ସେ କ'ଣ ଜାଣି ନଥିଲା ବରଟା ଦୋବେଇ ? କାହିଁକି କହିଲାନି ଆଗରୁ ? ଠିକ୍ ଅଛି ସେ ଆସୁ । ତା'ର ମୋର ପୁଣି କଥା ହେବ । ବୋଉ ଖାଲି କାନ୍ଦୁଥିଲା । ବୋଉକୁ ଚିଠିଦେଲା କୁନାଭାଇ । ବାପାଙ୍କୁ କହ ଘର ଭଲ । ଜାତ ଭଲ । ଦୋବେଇ ହେଲାତ କ'ଣ ହେଲା ? ଜଳିଲା ଲୁହାଖଣ୍ଡରେ କିଏ ଯେମିତି ଚେଙ୍କା ଦେଇଦେଲା ପିଠିରେ । ବାପାଙ୍କ ଅଧିକାର ଜମେଇବାର ଆସକ୍ତିରେ ଗୋଟିଏ ବଡ଼ ଧକ୍କା । କିଛିଦିନ ପରେ ସେ ଗଲେ ଲିଲି ଅପାଙ୍କ ପାଖକୁ । କହିଲେ : ଦର୍କାର ନାହିଁ ଏମିତି ଘର । ଲିଲିକୁ ନେଇ ଆସିବି । ତାକୁ ଆଉଥରେ ବାହାଦେବି ନଚେତ୍ ମୋ ପାଖରେ ରଖିବି ଶେଷ ପର୍ଯ୍ୟନ୍ତ । ଘରୁ ବାହାରିଲାନି ଲିଲି ଅପା । ମନାକରି ପଠେଇଲା ବାପାଙ୍କୁ ଦେଖା ଦେବାକୁ । କହିଲା · ବାପାଙ୍କୁ କହିଦିଅ ତାଙ୍କ ଝିଅ ମରିଯାଇଚି । କାହା-ପାଇଁ ସେ ଆସିଚନ୍ତି ଏଠିକି ?

ଅନଭ୍ୟସ୍ତ କାନ୍ଧରେ ସବାଶ୍ୱ ଥୋଇ ନିର୍ଦ୍ଦୟ ଆଦେଶ ଦେଲେ ଚଲାଇବାକୁ । ଋଷିଙ୍କ କାନ୍ଧରେ ସିନା ଉପବୀତ ଶୋଭାପାଏ, ସବାସ୍ତ-ଦଣ୍ଡତ

Digitized by PPRACHIN, SOA

ନୁହେଁ ? ଅହଂମତ୍ତ ନହୁଷ କିନ୍ତୁ ଏକଥା ବୁଝି ନଥିଲେ । ବୁଝି ନ ଥିଲେ ସବାରୀ ବୋହୁବାବେଳେ ଋଷିମାନେ ଛାଡ଼ୁଥିବା ଖରଶ୍ୱାସ ବାହାରୁଥିଲା ପରିଶ୍ରମର କ୍ଲାନ୍ତି ଯୋଗୁଁ ନୁହେଁ ଅପମାନର ତୀବ୍ରତା ଯୋଗୁଁ । ନହୁଷଙ୍କ ଗର୍ବ ଚରମରେ ପହଞ୍ଚିଲା । ସବାରୀରେ ବସି ପଦାଘାତ କଲେ ସବାରୀ ବାହକ ଋଷିଙ୍କୁ । ଔଦ୍ଧତ୍ୟପୂର୍ଣ୍ଣ ସ୍ୱରରେ ଆଦେଶ ଦେଲେ, ସର୍ପ... । ଅର୍ଥାତ୍ ଶୀଘ୍ର ଚାଲ । ଭାଙ୍ଗିଗଲା ସହିବାର ସବୁ ସୀମା । ଅବିଳମ୍ବରେ ଫଳିହେଲା ଅଭିଶାପ । ନହୁଷ ପାଲଟିଗଲେ ବିରାଟକାୟ ସର୍ପ । ଇନ୍ଦ୍ରପଦ, ସ୍ୱର୍ଗସୁଖ, ଅହମିକା, ଔଦ୍ଧତ୍ୟ ସବୁର ମୋହ ଭାଙ୍ଗିଗଲା । ସଭିଏଁ ଦୂରେଇ ଯାଇଥିଲେ ତାଙ୍କ ପାଖରୁ— ସ୍ତ୍ରୀ, ପୁତ୍ର, କ୍ଷମତା ବିଳାସ, ସୁଖ । କେବଳ ଅରଣ୍ୟରେ ଏକା ଏକା ସର୍ପ ହୋଇ ବୁଲିବା ଥିଲା ତାଙ୍କର ଭାଗ୍ୟଲିପି ।

ମୀଳନ୍ତୀହିତ ଅନୁଭବ କଲା, ଲିଲି ଅପା ପାଖରୁ ବାପା ଫେରିବା ପରେ ତାଙ୍କ ଭିତରେ ଏକ ଆଶ୍ଚର୍ଯ୍ୟ ପରିବର୍ତ୍ତନ । କିଛିଦିନ ତ ପୂରାପୂରି ଚୁପ୍ ରହିଲେ । କାହା ସଙ୍ଗେ ବି କିଛି କଥା ହେଲେନି । ଦୀର୍ଘଦିନ ଶାରୀରିକ ଅସୁସ୍ଥତାର କାରଣ ଦର୍ଶାଇ ଛୁଟି ନେଲେ । ପରିବାରର ଯିଏ ଯାହା କଲେବି ସେ କିଛି କହିଲେନି । ସବୁଥିରୁ ମୁକ୍ତ । ଆଖି ଦୁଇଟାର ଗାମ୍ଭୀର୍ଯ୍ୟ ରୂପନେଲା ନିର୍ଲିପ୍ତତାରେ । ଓଠର ଶବ୍ଦ ଲିଭିଗଲା । ସତେ 'ମୁଁ' ପଣରେ କିଏ ଯେମିତି ବୋଳିଦେଲା ନୀରବତାର କାଳି ।

ବାପାଙ୍କ ଆଧିପତ୍ୟ ବସ୍ତୁ ରର ମୋହ ଥିଲା ପାହାଡ଼ ଉପରେ ମେଘର ଛାଇ ଭଳି । ମେଘ ଭାସିଗଲେ ଛାଇ ଲିଭିଯାଏ ।

ସବୁ ମେଘ ଏବେ ଭାସିଯାଇଛି । କୁନାଭାଇଙ୍କ ପାଖରେ ବାପାଙ୍କ ପାଇଁ କୌଣସି ସମବେଦନା ନାହିଁ । ବରଂ ରହିଛି ତାଙ୍କର ଔଦ୍ଧତ୍ୟ ପାଇଁ ଚରମ ବିରକ୍ତି । ଲିଲି ଅପା ନିଜର ଭାଗ୍ୟକୁ ଦୋଷ ଦେବା ପୂର୍ବରୁ ବାପାଙ୍କୁ ହିଁ ଦୋଷୀ କଲା । ଯାହାଙ୍କର କୁନାଭାଇ ଉପର ରାଗ ତାକୁ ବିବାହ ପରଦିନ ହିଁ କରିଦେଲା ଦୁଇବର୍ଷର ଝିଅଟିରେ ମା' । ତାଙ୍କ ପାଇଁ ବୋଉ ଛାତିର କୋଉ ଅନ୍ଧାର କୋଣରେ ବି ଅଛି ଏକ ଅବ୍ୟକ୍ତ ହତାଦର । କ୍ଷୀର ତିଆରି କରିବା ସେ ଭୁଲି ଗଲଣି । କାହାପାଇଁ ବା କରିବ ? ଯିଏତ ଖାଇଥାନ୍ତା— ସେ ଖାଇ ପାରିଲାନି । ତାକୁତ ପଠେଇ ଦେଲେ ବ ପା କୁଆଡ଼େ କୁଆଡେ ।

ମେଘଥିଲା ବୋଲି ସିନା ଛାଇ ଥିଲା । ମେଘସବୁକୁ ସମସ୍ତେ ଗୋଟିଏ ଗୋଟିଏ କରି ଉଡ଼େଇ ନେବାପରେ ଏବେ ଆଉ ଅଛି କିଏ ଯେ ? ବାପା ହୋଇଗଲେ ପାହାଡ଼ ଭଳି ଚୁପ୍ । ପରିବାରର ସବୁ କାମରେ ନିରାସକ୍ତ । କେବଳ ପାଇପ୍ ଟାଣିଲେ । ଧୂଆଁର ପୃଥିବୀରେ ବଢିଥିବା ଦିନସବୁର ସ୍ମୃତିଚାରଣ କଲେ । ଯେପରି ସ୍ମୃତି ଚଲେ । ପ୍ରଚଣ୍ଡ ବେଗରେ ବୋହୁଥିବା ନଦୀଟି ଅଚାନକ ହୋଇଗଲା ଦିନେ ଶୂନ୍ୟ ଗର୍ଭା । ତା ଭିତରେ ବିରାଟ ଶୂନ୍ୟତା ।

Digitized by PPRACHIN, SOA

ନହୁଷ କେବେ କ'ଣ ଭାବିଥିଲେ ଇନ୍ଦ୍ରପଦର ସମସ୍ତ ସୁଖ, ସ୍ୱର୍ଗ ଶାସନର ସମସ୍ତ କ୍ଷମତାକୁ ଅହଙ୍କାରର ପଦାଘାତଟିଏ ତାଙ୍କଠାରୁ ନେଇଯିବ ବୋଲି ?

ଯେବେ ବାପା ନଥିବା ବେଳେ ମିଲଲେ ହାତ ପଡ଼ୁଥିଲି ତାଙ୍କ ଟେବୁଲରେ । ଦେଖିଲି ଆଗରେ ପଡ଼ିଛି ଚକ୍‌ଚକ୍ ପ୍ଲାଷ୍ଟିକ କଭରର ଖାତାଟିଏ । ଓଲଟେଇ ଦେଲି । ଦେଖିଲି ଏଲ୍ ଆଇ. ସି-ର ଡାଇରି । ପ୍ରଥମ ପୃଷ୍ଠାରେ ବାପାଙ୍କ ନାମ ଓ ଠିକଣା । ଦ୍ୱିତୀୟ ପୃଷ୍ଠାରେ କିଛି ନକ୍‌ସା ଭଳି ଚିହ୍ନ । ଦୁଇ ତିନୋଟି ପୃଷ୍ଠାରେ କାହାର ଠିକଣା ନଚେତ୍ ଟଙ୍କା ପଇସାର ହିସାବ । ଆଗ୍ରହଶୂନ୍ୟ ହେବେ ପୃଷ୍ଠା ଓଲଟାଇଲି ବେଳେ ସେ ଦେଖିଲି, ଡାଇରିର ଶେଷଆଡ଼େ ଦୁଇ ତିନୋଟି ପୃଷ୍ଠାରେ ଲେଖାଅଛି –

ଘର ଭିତରେ କେମିତି ଏକ ନିର୍ଜନତା, କେମିତି ଏକ ଶୂନ୍ୟତା । ମଝିରାତିରେ ମୂର୍ତ୍ତିକ ଷ୍ଟେସନରେ ରେଳ ନଥିଲେ ଯେମିତି ଲାଗେ ସବୁ ଖାଲି ଖାଲି— ସବୁ ଧୂସର । ବଂଶ ମର୍ଯ୍ୟାଦାକୁ ବଜାୟ ରଖିବା ପାଇଁ ମୁଁ ତ ଥିଲି ଆଗଭର ସିପାହୀଟିଏ । କେହି ତାକୁ ଅମାନ୍ୟ କଲେ ମୋର ଅହଙ୍କାର ମୋତେ ଉଗ୍ର କରି ଦେଉଥିଲା । ସେଇଥିପାଇଁ ମୋର ଏତେ ବଡ଼ ଶାସ୍ତି ?

ମୁଁ ଯେ ପ୍ରଥମେ ବାପା, ତା'ପରେ ସିପାହୀ ଏକଥା ଅନୁଭବ କରୁ କରୁ ସମୟ ଅନେକ ବିତି ଯାଇଥିଲା । ମୋ ଭିତରର ମମତାକୁ କେହି ଦେଖି ପାରିଲେନି । କେତେ ହତଭାଗ୍ୟ ମୁଁ ।

ନହୁଷ, ତମେ ବଡ଼ ଭାଗ୍ୟବାନ । ଶାପ ମୁକ୍ତପରେ ତମେ ପୁଣି ଫେରି ପାଇଥିଲ ତମ ପରିବାରକୁ, ତମରି ରାଜ୍ୟକୁ । ମୋର ଅଭିଶାପ କାହିଁ ? ମୁକ୍ତି ବା କାହିଁ ? ମୁଁ କ'ଣ ଫେରି ପାରିବ କୁନାର ବିଶ୍ୱାସ, ବୁଲୁର ଜୀବନ, ଲିଲିର ଭୁମାଗିରି ? ସର୍ପ ହୋଇ ତମେ ହୁଏତ ତମର ପରିବାର କି ରାଜ୍ୟକୁ ଭୁଲି ଯାଇଥିଲ । ସାପମାନଙ୍କ ଭିତରେ ସାପ ହୋଇଯାଇ ଥିଲ । ହେଲେ ମୁଁ ? ମୋର ଅତୀତ କେମିତି ଭୁଲିବି ? ମିରବତାର ପୃଥିବୀ ମଧ୍ୟ ମୋ ପାଇଁ ଏବେ କଷ୍ଟଦାୟକ । ଘର ଭିତରଟା ଯେ ସମ୍ପୂର୍ଣ୍ଣ ଫାଙ୍କ୍ ।

ଘର ଭିତରଟା ଫାଙ୍କା ହୋଇ ଯାଇଛି - ଏ ଅନୁଭବ ଆସିବା ମାତ୍ରେ ମନେ ହେଉଛି ମୁଁ ଖୁବ୍ ଏକା । ସାରା ପୃଥିବୀରେ ଏକା । ଦୁଃଖ ବାଣ୍ଟିବାର ଆଗ୍ରହ ନେଇ କେହି ଟିଏ ବି ହାତ ପ୍ରସରି ଆସୁନି ମୋ ପାଖକୁ । ସବୁ ମଣିଷ କେମିତି ଦୂରେଇ ଯାଇଛନ୍ତି ମୋ ପାଖରୁ । ଏବଂ ମୁଁ ହଠାତ୍ ଅସ୍ପୃଶ୍ୟ ହୋଇ ଉଠିଛି ।

ଓଡ଼ିଆ ବିଭାଗ
ଶାନ୍ତିନିକେତନ

Digitized by PPRACHIN, SOA

ଦୁଃଖର ସୂର୍ଯ୍ୟଟିଏ

ହର ପ୍ରସନ୍ନ ଦାସ

(୧)

ମେହନତି ମଣିଷର କଳା କଳା, ଝାଳ ବୋଳା
ହାତ ଟେକା ଧୂମ୍ ଧୂମ୍ ହାତୁଡ଼ି ପ୍ରହାର
ଭାଙ୍ଗି ଦିଏ, ରଜା ଘରର ପ୍ରାଚୀର ମନ୍ଦର
ଆକାଶକୁ ଲମ୍ବି ଥିବା ଥିଲାବାଲା ଲୋକଙ୍କର
ମାର୍ବଲ ଚଟାଣ । ପାପର ସହର,
କାଟି ଦିଏ ଶକ୍ତ ଶକ୍ତ ଲୁହାର ହୃଦୟ
ଚୂନାକରେ ଅହମିକା । ଗର୍ବର ପାହାଡ଼ । ପଥର
ଖାଲି ଢିପ, ବାଟ । ଅବାଟ, ଧଳା । କଳା
ସବୁ ହୁଏ ଏକାକାର ।

(୨)

ସେ ଲୋକର ଖରବେଳ ଉତ୍ତପ୍ତ ଶୋଷରେ
ଶୁଖିଯାଏ ନଈ । ନାଳ । କୂଅ । ପୋଖରୀର ପାଣି
ସମୁଦ୍ର ଲୁଚୁଏ ମୁହଁ ମରୁଭୂମି ତତଲା ବାଲିରେ
ପାଣିକଳ କାନ୍ଦେ ଏକା ସଅଁ ସଅଁ ହୋଇ
ରାଜ ରାସ୍ତା କଡ଼େ ଅବା ଶ୍ରମିକ ବସ୍ତିରେ,
ବଡ଼ ବଡ଼ ଗନ୍ତାଘରୁ ବୋହିଯାଏ ରକ୍ତର ଶଲଫ୍
ବନ୍ୟା, ବାତ୍ୟା, ଅବା କେବେ ମରୁଡ଼ି ଆସିଲେ,
ଝାଳ, ରକ୍ତ ଶୁଖିଯାଏ, ସିମେଣ୍ଟ ବାଲିରେ
ମାଟି ତାଡୁ ତାଡ଼ୁ ଶୁଖିଲା ଶୋଷରେ

Digitized by PPRACHIN, SOA

(୩)

ପିଠିପଟେ ଲଗିଥିବା ଭୋକରେ । ଜଆଁରେ
ଯୋଡ଼ିଯାଏ କୋଠାବାଡ଼ି । ରାସ୍ତାଘାଟ । ପାହାଡ଼ ଜଙ୍ଗଲ
ରାଜାଙ୍କର ଗନ୍ଧାଘର । ଦରବାର । କଂସା କବାଟର,
ଧୂସରିତ ହୋଇଯାଏ ଆକାଶର ବକ୍ଷ·ଜହ୍ନର·ହସ
ଉଦ୍ୟାନରେ ଫୁଟିଥିବା ନାଲି ନେଳି ଫୁଲଙ୍କର ବାସ
ପୃଥିବୀ ନଶବେ ହୁଏ । ମା'ଆ କୋଳେ ଛୁଆଟିଏ
କ୍ଷୀର ପାଇଁ କାନ୍ଦୁ କାନ୍ଦୁ ହଠାତ୍ ଚୁପ୍ ହୋଇଯାଏ,
ଜଆଁରେ ତ ବାଣହୁଏ ନାହିଁ ମାଂସର ପାର୍ଥକ୍ୟ
ନିଜ ଅବା ପର । ବିଷ ବା ଅମୃତ । ପାପ ଅବା ପୁଣ୍ୟ
ରକ୍ତ ଓ ମାଂସର । ସ୍କୁଲ ଓ କୋଠାର । ମା'ଆ ଓ ଛୁଆର ।

(୪)

ରକ୍ତ ଦେଲେ । ଝାଳ ଦେଲେ ଅବା ଲୁହ ଝରାଇଲେ
ସୁନା ଫଳେ ଶ୍ରମିକର ହାତେ ଆଉ କାହା ଶୁଖିଲା ଭୂଇଁରେ
ବନ୍ଧୁକର ହସି ଉଠେ —ହସେ ନାହିଁ ଶ୍ରମିକର ପୁଅ
ସ୍ତ୍ରୀ, ପିଲା, ବାପା, ମାଆ—ଶୁଖିଯାଏ ମାଆ ସ୍ତନୁ କ୍ଷୀର୍ ।
ବାତ୍ୟା ଆସେ, ବନ୍ୟା ଓ ମରୁଡ଼ି ଆସେ
ଶଲଫ୍ ସାଙ୍ଗରେ ଧର ଶ୍ରମିକ ବସ୍ତିରେ,
ଦୁଃଖର ସୂର୍ଯ୍ୟଟିଏ ଆକାଶରେ ଝୁଲି ଝୁଲି ଖସିପଡ଼େ
ଦିନ ମର୍ଣ୍ଣିଟାରେ ସ୍କୁଲଘର ଅଗଣା ଭିତରେ । ଲିଭିଲା ଚୂଲରେ
ଉଇଖିଆ ଜାତକରେ ଭାଗ୍ୟ ତାର ହଜିଯାଏ
ଭୋକ, ଶୋଷ । ଦିନରାତ । ସୁଖ, ଦୁଃଖ ଏକାକାର ହୁଏ ।
କଳା କଳା ଝାଳ ବୋଳା ହାତର ସେ ହାତୁଡ଼ି ପ୍ରହାରରେ
ଦିନ ତାର ସରିଯାଏ ଜୀବନକୁ ଖୋଜି ଖୋଜି
ସିମେଣ୍ଟ ବାଲିରେ ! ଚିମିନି ଧୂଆଁରେ । କୋଇଲା ଖଣିରେ
ନିଜ ରକ୍ତ ନିଜେ ପିଇ ସମାଜ ଦାଣ୍ଡରେ ।

୧୧୩, ଡବଲ ଷ୍ଟୋର
ନିଉ ରାଜେନ୍ଦ୍ର ନଗର
ନୂଆଦିଲ୍ଲୀ—୧୧୦୦୬୦

Digitized by PPRACHIN, SOA

ଏକାକୀ ଉଦାସୀ ମନ

ମାନସ ରଞ୍ଜନ ମହାପାତ୍ର

ରାତିରେ ଶୋଇ ପଡ଼ିଲେ ପ୍ରତିଦିନ ସେ ସ୍ୱପ୍ନ ଦେଖେ ।

ସୁନ୍ଦର ଗୋଟେ ସହର । କହ୍ଲରେ ଧୂଆ ରାସ୍ତାମାନେ । ସୂର୍ଯ୍ୟ ଉଦିବା ମାତ୍ରେ ହିଁ ପ୍ରତିଦିନ ତିଆରି ହେଉଥିବ ଅସଂଖ୍ୟ ଆନ୍ତରିକ ଶବ୍ଦ ଓ ବାକ୍ୟ । ସମସ୍ତଙ୍କ ପାଇଁ ସମାନ ଉଚ୍ଚତାରେ ଥିବ ଗୋଟେ ଗୋଟେ ଛୋଟିଆ ଘର ।

ସ୍ୱପ୍ନ ନ ଦେଖିଲାବେଳେ ହଠାତ୍ ଦିନେ ସେ ଦେଖିଥିଲା ଏଇ ସ୍ୱପ୍ନ । ପ୍ରଥମେ ପ୍ରଥମେ ନୂଆ ନୂଆ ଲାଗୁଥିଲା । ମିଛ ମିଛ ମନେ ହେଉଥିଲା । ପ୍ରତିଦିନ ଦେଖିଲା ପରେ ସତ ସତ ମନେହେଲା । ହେଲେ ଏଯାଏଁ ସତ ହୋଇ ପାରିଲା ନାହିଁ । ପ୍ରତିଦିନ ରାତିରେ ସ୍ୱପ୍ନ ଦେଖିବା ଓ କିଛି ସମୟ ନିଦ ଭାଙ୍ଗିଲା ପରେ ଆକାଶକୁ ଅନେଇ ନିଶ୍ୱାସ ଛାଡ଼ିବା ଛଡ଼ା ଗତ ଷୋଳବର୍ଷ ଭିତରେ ବିଶେଷ ପ୍ରଗତି ହେବାର ସଙ୍କେତ ନାହିଁ । ସ୍ୱପ୍ନ ଦେଖିବା ଭିତରେ ସେ ଶିଶୁରୁ କିଶୋର । କିଶୋରରୁ ଯୁବକ, ନଦୀରୁ ସମୁଦ୍ର ପୁଣି ସମୁଦ୍ରରୁ ଆକାଶ ହୋଇଛି । ବ୍ୟସ୍, ଆଉକିଛି ପରିବର୍ତ୍ତନ ନାହିଁ ।

ସମୟ ବଦଳି ନାହିଁ । ବଦଳି ନାହିଁ ସହର । ବଦଳି ନାହିଁ ଜୀବନର ମୂଲ୍ୟବୋଧ ।

: ଜାଣିଛ, ରତ୍ନାକର କହୁଥିଲେ ମାନସ କୁଆଡ଼େ ତା ପ୍ରେମିକାର ସୂପ ରଣରେ ଝଙ୍କାରରେ ଲୁଚିଛି । ମିଛରେ ଆମକୁ ଖାଲି ଆଦର୍ଶ କଥା, ସଚେତ ମହାନ୍ତ ସନ୍ଥ ତା ମତପାର୍ଥକ୍ୟ କଥା କହୁଥିଲା । ହିପୋକ୍ରିଟ୍ !

: ବିଜୟ ପଟ୍ଟନାୟକ ପରି ସଙ୍ଗଠକ ଆଉ ଆଉ ମଙ୍ଗଳା ମହାନ୍ତିଙ୍କର କଏ ଗୋଟେ ପିଲାଟେ ବାଟ ଗାଁରୁ ଉଡ଼ିଆସି ପୁରୀରେ ସଙ୍ଗଠକ ବନିଛି । ବିଚରା ଖୋଲ ହୋଇଯିବ ଶେଷକୁ ।

: ବାହୁନୀପତି ବୁଢ଼ା ଏବେ ସାହିତ୍ୟ ସଭାକୁ ବେଶି ଯାଉଛି । ସାହିତ୍ୟ ନାଁରେ ରାଜନୀତି । ବିଚରା ମରିଯିବ ଏମିତି ହାଉ ହାଉ ଦିନେ ।

Digitized by PPRACHIN, SOA

• ଅଲେଖବାବୁ କଣ୍ଟ୍ରାକ୍‌ଟରକୁ ଜାଣିଚ ନା ! ରାସ୍ତା କାମଟେ ନେଲ ସେ ଡବଲକ୍ଷ ଟଙ୍କା ମାରନେଲ । ଶେଷକୁ ଝିଅ ବୋହୁଙ୍କୁ ବ ଇଞ୍ଜିନିୟର ପାଖରେ ରାତରେ ଶୋଇବାକୁ ଛାଡ଼ଦେଇ ଏଇ କଣ୍ଟ୍ରାକ୍‌ଟରମାନେ ଲାଭ ଉଠାନ୍ତ । ବାଷ୍ଟାର୍ଡ଼ସ୍ ।

• ଶୈଳ ଗେଟେ ପର୍ତିକାଟେ କାଢ଼ିଚ । ଭଲ ହୋଇଚ ପର୍ତିକାଟା । ବଚରା ଯା' ହଉ ସେ ବଡ଼ଦାଣ୍ଡ ଗୋଷ୍ଠୀ ଗୋଡ଼ଗୁଡ଼ ଚନ୍ଦ୍ର ମିଶ୍ର ଗେଷ୍ଠୀ ଗୋଡ଼ ଧରଲ ବୋଲି ପର୍ତିକାଟେ କାଢ଼ିଲ । ପଢ଼ୀ, ଚନ୍ଦ୍ର ମିଶ୍ର, ରଘୁ ମିଶ୍ର, ବଜାସ୍ୱ ପଟ୍ଟନାୟକ ସେ ପର୍ତିକାର ଉପଦେଷ୍ଟା !

• ଆର୍ତ୍ତେନ୍ଦୁ ଏବେ ଭଲ କବତା କେମିତ ଲେଖୁଚ ଜାଣ ? ଶୁଭେନ୍ଦୁ ସୀର୍‌ ପରା ସେଗୁଡ଼ାକ କରେକ୍‌ସନ କରୁଛନ୍ତ । ନହେଲେ...ସହରର ଏମିତ ପରଚତ ଅପରଚତ ଶବ୍ଦମାନଙ୍କ ଭିତରେ ଅଣନଃଶ୍ୱାସୀ ହୋଇ ଯାଉଚ ସିଏ । ଜୁପ୍‌ଚୁପ୍ ଏକାକୀ ରାସ୍ତାରେ ଗଲେ ବ ଲାଭ ନାହିଁ । ମୁକ୍ତ ନାହିଁ । ଘୃଣଆଡ଼ୁ ବୋମାମାଡ଼ । ନପୁଂସକ ପ୍ରତ୍ୟୟମାନଙ୍କର ଅନ୍ଦମଣ । ଗୁଜବରେ, ଅପସ୍ମୃତରେ, ଅନ୍ଧକାର ଔଦ୍ଧତ୍ୟରେ ଧ୍ୱସ୍ତ ବାଧ୍ୱସ୍ତ ସହର ।

ଅଥଚ ପିଲାଦନୁ ସିଏ ଦେଖୁଚ ଗୋଟେ ନୂଆ ସହରର ସ୍ୱପ୍ନ—

ସକାଳ ରେଳ ଇଞ୍ଜିନ୍‌ର ଅମାନୁସିକ ଗର୍ଜନରେ ନଦ ଭାଙ୍ଗେ ସହରର । ତା'ପରେ ରକ୍‌ସାର ଟିଂ ଟିଂ ଘଣ୍ଟି ଶବ୍ଦ, ମନ୍ଦରରେ ପକ୍ଷୀମାନଙ୍କ ମଙ୍ଗଳ ଆଳତ ପୂଜା ଓ ଗଧ ରଡ଼ର ପ୍ରାର୍ଥନା । କୌଣସି ହୋଟେଲ୍ ବା ଲଜ୍‌ରେ ଅପରଚତ ପୁରୁଷଟିଏ ସହତ ଲଙ୍ଗଳା ହୋଇ ରାତ ବତେଇଥିବା ଝିଅଟିଏର କେତେଟା ଟଙ୍କା ପାଇଁ ଅପେକ୍ଷା, ସମୁଦ୍ର କୂଳରେ ଅବକ୍ଷୟ ଗ୍ରସ୍ତ ମଣିଷ କେତେଟାଙ୍କର ସମୁଦ୍ର ସ୍ନାନ, ରେସ୍ତୋରାଁ ମାନଙ୍କରେ ଭ୍ରଷ୍ଟପ୍ରଜ୍ଞ ମାନଙ୍କର ଚା କପ୍ ଭିତରେ ବପ୍ଳବ ବଶ୍ୱର ପରକଳ୍ପନା । ସ୍କୁଲ୍ କଲେଜ ମାନଙ୍କରେ ବେକାର ହେବାପାଇଁ ଶିକ୍ଷା ଦେଉଥିବା ବଚରା ଅଧ୍ୟାପକ ମାନଙ୍କର ଆତଙ୍କଗ୍ରସ୍ତ ସ୍ୱର । ସୁବଧାଯୋଗୀ ମଣିଷଟି ପାଖରେ କୃତଜ୍ଞତା ଜ୍ଞାପନ ନାହିଁ । ଗ୍ରେଟଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ଏଠି ଅକୃତଜ୍ଞ ମଣିଷ ।

ତା'ର ଉଦାସୀ ଆତ୍ମା ବଳପି ଉଠେ । କାହାକୁ କନ୍ତୁ କହ ପାରେନ ସିଏ । ଏ ଏକ ବଚତ୍ର ସହର । ଏ ସହରରେ ନଜ ପ୍ରେମିକାବ ନଜର ଶତ୍ରୁ । ନଜ ଘର ନଜ ଉପରେ ପ୍ରତ ମୁହୂର୍ତ୍ତରେ ଭାଙ୍ଗି ପଡ଼ିବାର ସମ୍ଭାବନା ।

ଭାଙ୍ଗି ପଡ଼ିଲଣି ବ କେତେଥର । ଏମିତ ହୋଇଚ, କେତେଜଣ ବନ୍ଧୁ ବାଟ ନ ପାଉଥିବାବେଳେ ତାଙ୍କୁ ସେ ବାଟ ଦେଖାଇ ଦେଇଚ । ପର ମୁହୂର୍ତ୍ତରେ

Digitized by PPRACHIN, SOA

ସେମାନେ ତା ଗୁଡରେ ଛୁରୀ ଲଗେଇ ଦେଇଛନ୍ତି । ପଙ୍କ ଭିତରୁ ଗୋଟେ ଝିଅଙ୍କୁ ଉଦ୍ଧାର କଲା ସିଏ ଦିନେ । ପ୍ରୀତି ଦେଇ ମମତା ଦେଇ ତା'କୁ ସଜେଇ ଦେଲା । ହଠାତ୍ ସେଇ ଝିଅଟା ଦିନେ ପଦ୍ମ ହୋଇଗଲା ପରେ ନିର୍ଲିପ୍ତ ସ୍ୱରରେ କହିଲା, ଲୋକମାନେ କହୁଛନ୍ତି ତମେ ମତେ ପଦ୍ମ କରିଦେଇଚ । ସତରେ କ'ଣ ତମେ ମତେ ପଦ୍ମ କରିଦେଇଚ ? ତମେ ମତେ ପଦ୍ମ ନ କରିଥିଲେ ବି ମୁଁ ପଦ୍ମ ହୋଇ ପାରିଥାନ୍ତି । ପଦ୍ମଠୁ ଅଙ୍କୁର ବଡ ଜନ୍ମ ବି ହୋଇ ପାରିଥାନ୍ତି । ତମେ ମତେ ଗୀତ ଗାଇବା ଜାଣି ନ ଥିବା ବେଳେ ଗୀତ ଗାଇବା ଶିଖେଇଚ । ଯା'ର ଅର୍ଥ କ'ଣ ମୋ ସ୍ୱର ବି ତମର ?

ସେଦିନ ସିଏ ଚୁପ୍ ହୋଇ ଆକାଶକୁ ଚାହିଁଥିଲା । ଆକାଶ ତା'ର ବନ୍ଧୁ । ବନ୍ଧୁ ତା'ର ସମୁଦ୍ର । ନିଜ ସହର ତା'ର ପ୍ରଥମ ଶତ୍ରୁ । ଉତ୍ତର ଦେଇ ନ ଥିଲା । କ'ଣ ବା ଉତ୍ତର ଦେଇ ପାରିଥାନ୍ତା ?

ଉଡ଼ି ନ ଶିଖିଥିଲାବେଳେ ପକ୍ଷୀ ପୃଥିବୀର । ଉଡ଼ି ଶିଖିଲା ପରେ ପୃଥିବୀ ସହ ତା'ର ସମ୍ପର୍କ କ'ଣ ବା ଥାଏ ? ପକ୍ଷୀ ଭଲପାଏ ପୃଥିବୀକୁ । ପ୍ରେମ ବି କରେ । କିନ୍ତୁ ସ୍ୱୀକାର କରିବ କାହିଁକି ? ପକ୍ଷୀ କ'ଣ ବଞ୍ଚି ପାରିବନି ପୃଥିବୀ ବିନା !

ନିଜ ମନକୁ ଏଥିକି ସିଏ ବୁଝେଇ ଦେଇଥିଲା । ଧୋ ବାଇଆ ଗୀତ ଗାଇ ତା ବୋଉ ତା'କୁ ପିଲାଦିନେ ଶୁଆଇ ଦେଲାପରି ଶୁଆଇ ଦେଇଥିଲା ସିଏ ତା ମନକୁ । ପିଲାଦିନେ ଘରେ କେବେ ପାଟିତୁଣ୍ଡ ଲାଗିଲେ ଛାତ ଉପରକୁ ଯାଇ ଯେମିତି ସିଏ ଘଣ୍ଟା ଘଣ୍ଟା ଉଦାସ ହୋଇଯାଏ, ସେମିତି ଉଦାସ ହୋଇଯାଇଥିଲା ସେଦିନ ରାତରେ କେତେ ଘଣ୍ଟା । ନିଦ ନଲାଗିବାରୁ ଫାଲେ କ୍ୟାଂପଜ୍ ଖାଇଥିଲା ।

ସହରର ରଙ୍ଗ ପ୍ରତି ମୁହୂର୍ତ୍ତରେ ବଦଳୁଚି । ତା ସହର ଏକ ବହୁରଙ୍ଗୀ ଶାଢ଼ୀ ପିନ୍ଧା ଗର୍ଭବତୀ ନାରୀ । ସେ ଗର୍ଭରେ ପରମାଣୁ ବୋମା ଅଛି କି ଫୁଲ-ବଗିଚା ଅଛି, ତା ତାଙ୍କୁ ଅଜଣା । ପିଲାଦିନେ ସ୍କୁଲରେ ଟ୍ୟୁବାଲ୍ କେନ୍ ଗପ ସିଏ ପଢ଼ିଥିଲା । ଟ୍ୟୁବାଲ୍ କେନ୍‌ର ପ୍ରଥମେ ଖଣ୍ଡା ଓ ବର୍ଛା ଗଢ଼ା ଓ ଶେଷରେ ଲଙ୍ଗଳରେ ତା'ର ପରିସମାପ୍ତି କଥା ଶୁଣି ସିଏ ମନେ ପକେଇ ଥିଲା ପ୍ରଥମ ଲଢ଼େଇରେ ଟିମ ହାରିବା କଥା । ସହରର ଆଘାତ ଓ ଅବକ୍ଷୟ ସେଇଥିପାଇଁ ତା'କୁ ବିଶେଷ ହଟେଇ ପାରିନଥିଲା ତା ମୂଲ୍ୟବୋଧରୁ । ଅନାଗତ ଭବିଷ୍ୟତର ଅପେକ୍ଷାରେ ସିଏ ବର୍ତ୍ତମାନକୁ ଭୁଲି ଯାଇଥିଲା ।

ଅଥଚ ଦୂର ସେଇ ଷ୍ଟେସନ୍ କାହିଁ ଯେ ? ସେଇ ଷ୍ଟେସନ୍‌ର ଅପେକ୍ଷାରେ ଯମୁନାରୁ ନିରଞ୍ଜନା ପର୍ଯ୍ୟନ୍ତ ବୁଲି ବୁଲି ସିଏ କ୍ଲାନ୍ତ ହୋଇ ଗଲାଣି । ସହରର

Digitized by PPRACHIN, SOA

ସର୍ବକୋଷରେ କ'ଣ ବଢୁଚ ଜଣାଣି ସିଏ ସହରକୁ ଶାଢ଼ି ପିନ୍ଧେଇ ଦେବାର ଇଚ୍ଛାରେ ମସ୍‌ଗୁଲ ହୋଇଚ । ନୀଳ ରଙ୍ଗ ଶାଢ଼ୀ ପିନ୍ଧା ସହରର ସ୍ୱପ୍ନ ଦେଖି ଦେଖି ପାଗଳ ହୋଇଯାଇଚି ସିଏ ।

ସଞ୍ଜ ହେଲେ ସହର ନିଦେଇଯାଏ ! ସହରର ନାଁ । କରା ପୁରୁଷମାନେ କୁଁ । ଭଦ୍ର ମହିଳା ବା ହିଁ ଅମାନଙ୍କ ଘରେ ଆଡ୍ଡା ଜମାନ୍ତି । ସାଇକେଲ ମ ନଙ୍କର ସମ୍ମିଳିତ ଶବ୍ଦ ବନ୍ଦ ହୋଇଯାଏ କିଛି ମିନଟ୍ ପାଇଁ । ରାସ୍ତା କଡ଼ରୁ ଗୋଟା-ହାଇଥିବା ଗୁଜବମାନେ ପହଞ୍ଚନ୍ତି ବିଭିନ୍ନ ଲୋକଙ୍କ ଘରେ, ସ୍ବ କପ୍ ସଂଲଗ୍ନ ଆଲୋଚନାରେ ।

ଶନିବାର ସାହିତ୍ୟ ସନ୍ଧ୍ୟା ନାଁରେ କେତେଟା ପାଗଳ କବି ଅନୁଷ୍ଠାନଟେ ଛାଡ଼ି ଚାଲନ୍ତି, ଜାଣିଚ ?

ମାନସ୍‌ଟା ଗୋଟେ ଏମିତି ଅହଙ୍କାରୀ ଆଉ ପ୍ରତିଷ୍ଠା କାଙ୍ଗାଳ ଯେ ଯଦି କାହାକୁ କେବେ କୋଉଠି ଛପେଇ ଦେଇଥାଏ, ତେବେ ପଚିଶ ଯାଗାରେ କଥା କଥାରେ ସେଇ କଥା କହେ । ଭଲ କବିଟେ, କିନ୍ତୁ ଭଲ ମଣିଷଟେ ନୁହଁ !

ପଞ୍ଚବାବୁ ଅଫିସରଟା ଲାଞ୍ଚଖୋର୍ । ସେ ମାନଗୋବିନ୍ଦ ଦାସ ତା'କୁ ଟଙ୍କା ଦେଇନି ବୋଲି ତା କାମଟା କଲାନି ।

ଦେଖ, ବିଶ୍ୱରଞ୍ଜନଟା କେମିତି ଅଲୁଅ କବିଟେ । ଅନ୍ୟମାନେ ଲେଖା ମାଗିଲେ ନାହିଁ ନାହିଁ କହେ, ଅଥଚ ଶୈଳ ମାଗିଲା ଯେ ଯାଙ୍ଗେ ଯାଙ୍ଗେ ଦେଇଦେଲା ।

ମଙ୍ଗଳା ଆଜିକାଲି ସୁକାନ୍ତ ନାଣି ବା ଶର୍ମିଷ୍ଠା ଅପାଙ୍କ ଘରକୁ ନ ଯାଇ କଲ୍ୟାଣୀ ଅପାଙ୍କ ଘରକୁ ବେଶି ଯାଉଚି । କାରଣ କ'ଣ ?

ସ୍ୱପ୍ନ କହୁଥିଲା, ମାନସ ପ୍ରେମିକାର ହସ୍ତାକ୍ଷରରେ ତା କବିତାଟା ଝଙ୍କାରକୁ ଯାଇଚି । ଏଇଟା କ'ଣ ସୁପାରିଶ୍ ନୁହେଁ । ମାନସ୍...କାଓ୍ୱାର୍ଡ୍ ।

ଗୁଜବର ଶେଷ ନାହିଁ । ନିଜ ଭିତରେ ସିଏ ଅନୁଭବ କରୁଚି । କେହି ଜାଣି ନ ପାରୁଥିଲେ ବି ସହର ତଳକୁ ତଳକୁ ଦବି ଯାଉଚି । ନିର୍ଭରତାର ସହିତ ଠିଆ ହେବା ପାଇଁ ଇଚ୍ଛା ବି ମାଟି ନାହିଁ । ନିଜ ପାଖରେ ନିଜେ ସିଏ ଛୋଟ ହୋଇ-ଯାଉଚି । ପ୍ରିୟତମ ସ୍ୱପ୍ନଟା ମିଳେଇ ଯାଉଚି ପ୍ରତି ମିନଟ୍‌ରେ ।

କାହାକୁ ବା ମନକଥା କହିବ ସିଏ ? ଏ ସହର ତା'କୁ ଭଲଲାଗୁନାହିଁ । ତା'ର ଦରକାର ପ୍ରିୟତମ ସକାଳଟିଏ । ପ୍ରିୟମୁଖ ପ୍ରତ୍ୟୁଷଟିଏ, ପ୍ରୀତିମୟ କିଛି

Digitized by PPRACHIN, SOA

ଲୋକ ଓ ଗାଡ଼ି ତଳର ଶବ୍ଦ ଶୁଣିବା ପାଇଁ ଶତକଡ଼ା ଶହେଭାଗ ଅନ୍ତରଙ୍ଗ । ଏକ ମନଲାଖି ଝିଅ । ପ୍ରେମିକା ।

ରାତି ବାରଟା ପରେ କିଛି ସମୟ ପାଇଁ ନୀରବତା ସହ ତା'ର ଦେଖା ହୋଇଯାଏ । ପ୍ରିୟା, ନୀରବତା ପାଇଁ ସ୍କୁଲ ଜୀବନରେ ସିଏ ଗୁଡ଼ାଏ କବିତା ଲେଖିଥିଲା । ନିଃସଙ୍ଗ ମୁହୂର୍ତ୍ତ ମାନଙ୍କରେ ନୀରବତାର କବିତା । କବିତାର ନୀରବତା । ଦେଖା ହବାମାତ୍ରେହିଁ ସିଏ କାନ୍ଦେ । କହେ, ତମେ ମତେ ଏଇଠୁଁ ଉଦ୍ଧାର କରିନିଅ । ମତେ ଭଲ ଲାଗୁନି ଏ ସହର । ମତେ ଶୂନ୍ୟମୟ କରିଦିଅ । ମତେ ଏକ ସଙ୍ଗେ ଅନ୍ଧ ମୂକ ବଧିର କରିଦିଅ ।

ନୀରବତା ପ୍ରତି ମୁହୂର୍ତ୍ତରେ କଥା ଅକୁହା ଏକ ନଦୀ । ତା'କୁ ଅନେଇ ଅନେଇ ଗୀତଗାଏ ସିଏ । ବଂଶୀ ବି ବଜାଏ । ଗୀତ ଗାଇବା, ବଂଶୀ ବଜେଇବା ଭିତରେ ରାତି ପାହିଯାଏ । ପୁଣି ସେଇ ରେଳଗାଡ଼ିର ଗର୍ଜନ ।

ସାମ୍ନାସାମ୍ନି କଥା କହିବାକୁ ଏ ସହରର ଲୋକମାନେ ଭୟ କରନ୍ତି । ସ୍ନେହ କରିବା ପରେ ହଠାତ୍ ପହଞ୍ଚନ୍ତି ପୋଲିସ୍ ବେଶ ଧରି । ମିତ ବୋଲି ଡାକିଲେ କାନ୍ଧରେ ହାତ ପକେଇ ପରମୁହୂର୍ତ୍ତରେ ଚପିଦିଅନ୍ତି ବେକ । ମୈତ୍ରୀ ନାଁରେ ଏ ସହରର ଲୋକମାନେ ଛୁରୀର ପୂଜା କରନ୍ତି ।

କୁଆଡ଼େ ଗଲା ସତରେ ସ୍ୱପ୍ନାୟିତ ସେଇ ନୀଳ ନିର୍ଜନ ସହର ? ଉଦାସୀ ଏକାକୀ ତା'ର ମନ ପ୍ରତି ମୁହୂର୍ତ୍ତରେ ଏମିତି ଖାଲି ଭାବି ଭାବି ଅସହାୟତାରେ ବନ୍ଦୀ ହୋଇଯାଏ ।

ଜୀବନକୁ ଭଲ ପାଇବ ବୋଲି ପିଲାଦିନୁ ସଙ୍କଳ୍ପ କରିଥିଲା ସିଏ । ଜୀବନକୁ ବୁଝିବା ପରେ ଦେଖିଲା ଘର ଭିତରେ ଏକ ବିଷାକ୍ତ ବାୟୁମଣ୍ଡଳ । ବାପା ବୋଉଙ୍କର କଳି । ଅସଭ୍ୟ ଭାଷାରେ ପରସ୍ପର ପ୍ରତି ଆଘାତ । ସେଇଠି ସିଏ ଭାବି-ନେଇଥିଲା । ସିଏ ଏମିତି ହବ ନାହିଁ । ମଣିଷ ସହ କଳି କରିବ ନାହିଁ । ସମସ୍ତଙ୍କୁ ଭଲ ପାଇବ । ଏମିତି ଭଲପାଇବ ଯେ ଭୁଲ୍ ବୁଝିବ ନାହିଁ । ଜୀବନକୁ ଉଚ୍ଛଳିତ ନଈଟିଏ କରିଦବ ।

ଜୀବନକୁ ଏବେ ସିଏ ଘୃଣା କରିବା ଆରମ୍ଭ କରିଚି । ସୋଫା ଗଦି ପରି ତା'ର ଜୀବନ, ରେଶମି ତା'ର ମନ ଏବେ ରୂପାନ୍ତରିତ ହୋଇଯାଇଚି ଟାଆଁସିଆ

Digitized by PPRACHIN, SOA

ଏକ କତା ଛଆଣ୍ଟ ପାଁ ଫୋଣ୍ଟରେ । ବିଭୂତି ପଟ୍ଟନାୟକଙ୍କ ରୋମାଣ୍ଟିକ ତା'ର ବୋହେମିଆନ୍ ସତ୍ତା ଏବେ ଚନ୍ଦ୍ରରଞ୍ଜନ ଦାସଙ୍କ ଅଥବା ସ୍ୱବର୍ଣ୍ଣା ମିଶ୍ରଙ୍କ ପ୍ରବନ୍ଧ-ମୟ ସତ୍ତା ପାଲଟି ଗଲାଣି ।

ଅନୁଭବ କରୁଚି, ସିଏ ଜଳୁଚି—ଦୁଃଖରେ, ଅପମୃତ୍ୟୁରେ, କାମନାରେ, ଯନ୍ତ୍ରଣାରେ । କେହି ଚେଷ୍ଟା କରୁନି ତା ଜ୍ୱଳନ କମେଇବାକୁ । ତା ପିଠିରେ ସ୍ନେହର ହାତ ବୁଲେଇ ଦେବାକୁ । ଅକୃତଜ୍ଞ ସହରର ପ୍ରତି ଧୂଳିକଣା ତା ପାଇଁ ଅକୃତଜ୍ଞ ପାଲଟି ଯାଇଚି ।

ତଥାପି ଏତେ ଦୁଃଖ ଭିତରେ ବି ସିଏ ହସେ । ନୀରବରେ ଅନେକ ସମୟ ରାସ୍ତା କଡ଼ରେ ଠିଆ ହୁଏ । ଶୂନ୍ୟକୁ ଅନେଇ ଗୀତ ଗାଏ ନୀରବରେ ।

ବୋଧେ ସେଇ ନୀରବତା ଭିତରେ ନିଜକୁ ବୁଝେଇବାକୁ ଚେଷ୍ଟା କରୁଥାଏ ସିଏ । ବ୍ୟସ୍ତ ହୁଅନି । କିଛି ଡେରିରେ ହେଲେ ବି ଗୋଟେ ନୂଆ ସକାଳ ନିଶ୍ଚିତ-ଭାବେ ଆସୁଚି !!

ସର୍ବୋଦୟ ନଗର
ପୁରୀ-୨। ୨୦୦୨

Digitized by PPRACHIN, SOA

॥ ନୂଆ ବାସ୍ନା ॥

—ଶୈଳବାଳା ପଲାଇ

ତମ ଉଛତ ପୁରୁଷ କାର
ମୋ ଗ୍ରୀବରେ ଲେଟେ ଯେବେ
ଉଦାସୀ ସମୁଦ୍ରଟିଏ ହୋଇ
ଦରଫୁଟା ଫୁଲ ବି ଖୋଲିଦିଏ ଆଖି
କେମିତି ଏକ ବିମୁଗ୍ଧ ବାସ୍ନାରେ
ଗୀତ ଗାଏ
ଜୀବନର ପକ୍ଷୀ ॥

ଏଇତ ଜୀବନର ପ୍ରିୟତମ ମୁହୂର୍ତ୍ତ
ତମେ ଏମିତି ଲେଟୁଥାଅ
ଲେଟୁଥାଅ ଶୁଭଙ୍କର ।
ଶ୍ୟାମଳ ଧରଣୀ ହୋଇ
ମୁଁ କେବଳ ଶୁଣୁଥାଏ
ତମ ଗ୍ରୀବ ତଳର ଶବ୍ଦ
ମୋ ବଂଚିବାର ଦିନ ଦଂଡ
ସରିବା ପର୍ଯ୍ୟନ୍ତ ॥ × ॥

ଆସ୍କା ବଗିଚା
ବଡ଼ଶଙ୍ଖ, ପୁରୀ-୭୫୧୦୦୨

Digitized by PPRACHIN, SOA

ଦେଶପ୍ରେମୀ

—ରମେଶ ଚନ୍ଦ୍ର ଧଳ

"ଆଉ କେତେଜଣ ଅପେକ୍ଷାରେ ଅଛନ୍ତି ?

"ଆଉ ଦୁଇଜଣ ...।"

ଭିତରକୁ ତାକିବାଦ କହିବା ପୂର୍ବରୁ ଅତି ମାତ୍ରାରେ ଉତ୍କ୍ଷିପ୍ତ ହୋଇ ଦୁଇଜଣ ଯୁବକ ଡେପୁଟି ଡାଇରେକ୍ଟରଙ୍କ ଅଫିସ ଭିତରକୁ ଧସେଇ ପଶି ଆସିଲେ। ସେ କିଛି ପଚାରିବା ପୂର୍ବରୁ ସେମାନେ କହିବାକୁ ଆରମ୍ଭ କରିଦେଲେ "କଣ ଆଉ ସାକ୍ଷାତ କରିବାକୁ ଇଚ୍ଛାନାହିଁ ଗୋପାଳ ଦରକାର ହେଲାଣି ? ଘୋସ୍କେଲ ଆମକୁ କ'ଣ ଭାବିଲୁଣି। ଆମ ସଙ୍ଗେ ପୁଣି ପରିହାସ।

ଅଫିସ ଅର୍ଡ଼ଲି ମାରବରେ କେବଳ ସାହେବଙ୍କ ନିର୍ଦ୍ଦେଶକୁ ଅନାଇ-ରହିଥାଏ। ଆଖିମାରିଦେଲେ ଧକାମାରି ବାରଣ୍ଡା ତଳକୁ ନିକାଲି ଦେବ। ଗାଳିଟିଏ ଦେଲେ ଦୁଧ ବାହାରି ପଡ଼ିବ ଏଠି ଫୁଟାଣି ଦେଖାଉଛନ୍ତି। ସେ ଏମିତି କେତେ ଯୁବନେତା ଦେଖିଛି। ତା'ର ଅବସର ସମୟ ଆସି ନିକଟ ହୋଇଗଲାଣି। ଆଉ ବର୍ଷ ହଟା ମୋଟେ ରହିଲା। ମାତ୍ର ଏମିତି ଯୁବନେତା ସେ କେବେ ଦେଖି ନ ଥିଲା। ଦେଖିଛି ନିଜଆଖିରେ ଗାନ୍ଧିଜୀଙ୍କ ଆହ୍ୱାନରେ ଦିନେ ଏମିତି ଯୁବନେତା-ମାନେ ଆଇନଭଙ୍ଗ ଆନ୍ଦୋଳନ କରୁଥିଲେ। ଅହିଂସା ଆନ୍ଦୋଳନ। ପୁଲିସ ବେତ, ଘୋଡ଼ା ସବାରର କୋରଡ଼ାରେ ସେମାନେ ଲହୁଲୁହାଣ ହେଉଥିଲେ। ମାତ୍ର ପାଟି ଫିଟାଉ ନଥିଲେ କେଉଁ ପାଣି କୁଆଡେ ଯ ଉଛି ଦେଖିବା ପାଇଁ ନରେଶ ଚୂପ୍ ହୋଇ ଠିଆ ହୋଇ ରହିଲା।

ସାମାନ୍ୟ କେତେ ମିନିଟପରେ ଡେପୁଟି ଡାଇରେକ୍ଟର କହିଲେ ଅପଣ-ମାନେ ବସନ୍ତୁ। କ'ଣ ହୋଇଛି ବୁଝିବା। ଚତ୍କାର କରନ୍ତୁ ନାହିଁ।

"ବସିବୁ କ'ଣ ବେ ? ଆମେ ଏଠିକୁ ବସିବା ପାଇଁ ଆସିନାହୁଁ। ଆମେ ଆଜ ତୁମଠୁ ଜବାବ ତଲବ କରିବାକୁ ଏଠିକୁ ଆସିଛୁ। ପଚିଲେ ଆମ ପ୍ରଶ୍ନର ଜବାବ ଦିଅ। ତାପରେ ଅନ୍ୟ କଥାବାର୍ତ୍ତା.....।"

Digitized by PPRACHIN, SOA

"କେଉଁ କଥା କୁହନ୍ତୁ ?"

"ଗଲ୍ କାଲ୍ କ୍ଲାର୍କ ଇଣ୍ଟରଭ୍ୟୁ ସରିଲାଣି ?"

"ହଁ"

"ଆମ କାଣ୍ଡିଡେଟ୍ ପଇଲେ ନାହିଁ କାହିଁକ ? ଆମେ ମନ୍ଦାକିନୀ ପଟ୍ଟନାୟକଙ୍କ ପାଇଁ ସ୍ଲିପ ଦେଇଯାଇଥିଲୁ । ମନ୍ତ୍ରୀ ମଧ୍ୟ ଫୋନ୍ କରିଥିଲେ ।" କ'ଣ ମିଛ ?

"ଟେବୁଲ ଡ୍ର ଭିତରୁ ଗୋଟିଏ ସ୍ଲିପ୍ କାଢ଼ି ଡେପୁଟି ଡାଇରେକ୍ଟର ଦେଖାଇ କହିଲେ ଏଇତ ଆପଣଙ୍କ ସ୍ଲିପ୍ ।

"ସ୍ଲିପ୍ ଦେଖାଉଛ କ'ଣ ? ସ୍ଲିପ୍ ଗୁଡ଼ିକୁ ? ଆମ କାଣ୍ଡିଡେଟ୍ ସିଲେକ୍ଟ ହେଲେ ନାହିଁ କାହିଁକ କହିବାକୁ ପଡ଼ିବ । କୁହନ୍ତୁ । "ଶୁଣନ୍ତୁ ···ପ୍ରଦୀପବାବୁ ···ଆଉକିଛି ନଶୁଣି ପ୍ରଦୀପ ଖୁବ୍ ଯୋରରେ ଚିତ୍କାର କରି କହିଲେ ବହୁତ ଶୁଣାଇଲେ ଆଉ ଶୁଣିବା ଦରକାର ନାହିଁ । ତୁମେ କ'ଣ ଭାବୁଛ ଆମେ ଯୁବନେତାମାନେ କିଛି ଦେଖୁନାହୁଁ । କୌଣସି ସମ୍ବାଦ ରଖୁନାହୁଁ ।"

ଡେପୁଟି ଡାଇରେକ୍ଟର ସେମାନଙ୍କ ଆଉଥରେ ତାଙ୍କୁ ଚଲାପଟାଏ ଗୁହିଁଗଲେ । କହିଲେ କ'ଣ ଆପଣ କହିବାକୁ ଗୁହାଁନ୍ତି । ସିଧା କହୁନାହାଁନ୍ତି କାହିଁକ ?

ଯୁବନେତା ପ୍ରଦୀପ ବାବୁ କହିଲେ ମୁଁ ଜାଣିବାକୁ ଗୁହେଁ ଆପଣ କେତେ ଟଙ୍କା ନେଇ ଏସବୁ ବଦଳା ବଦଳି କରିଛନ୍ତି ? ଏ ଦେଶକୁ ଆପଣମାନେ ନଷ୍ଟ କରୁଛନ୍ତି । ପାଟି ଶୁଣି ସେତେବେଳକୁ ଷ୍ଟେନୋବାବୁ, ବଡ଼ବାବୁ ଏବଂ ଆଉ ସେଣ୍ଟିମାନେ ଥିଲେ ଡେପୁଟି ଡାଇରେକ୍ଟରଙ୍କ ଅଫିସ୍ ଭିତରେ ଆସି ଜମା-ହେଲେ । ପୁଣି ସେଇପ୍ରଶ୍ନ ଆମେ ଜାଣିବାକୁ ଗୁହୁଁ କେତେଟଙ୍କା ତୁମେ ନେଇଛ ?

ଧୀର ସ୍ଥିର ହୋଇ ଡେପୁଟି ଡିରେକ୍ଟର ଷ୍ଟେନୋଙ୍କୁ ଡାକ କହିଲେ ସୌମ୍ୟ ତୁମେ ଗଲକାଲ ହୋଇଥିବା ଇଣ୍ଟରଭ୍ୟୁ ଫାଇଲଟି ଆଣିଲ । ଫାଇଲ ଆଣି ଟେବୁଲ ଉପରେ ଥୋଇଲେ ସୌମ୍ୟ । ଧୀରେ ଧୀରେ ଫାଇଲ ଫିଟାଇ ଡେପୁଟି ଡାଇରେକ୍ଟର ଦାସ ପଢ଼ି ଗୁଲିଲେ ଶୁଣନ୍ତୁ, ଫାଇନାଲ ସିଲେକ୍ସନ ପାଇଁ ଦଶଜଣ କାଣ୍ଡିଡେଟ୍ ଥିଲେ । ପାର୍ଟି ସେକ୍ରେଟାରୀ ଦୁଇଜଣଙ୍କ ପାଇଁ କହି-ଥିଲେ । ଏମ୍ ଏଲ୍. ଏ· ରାମ ନୂଆ ତିନିଜଣଙ୍କ ପାଇଁ । ରେଭେନ୍ୟୁ ମିନିଷ୍ଟର ୪ ଜଣଙ୍କ ପାଇଁ, ଆପଣ ଯୁବନେତା ମନ୍ଦାକିନୀଙ୍କ ପାଇଁ । ଆଉ ଜଣେ କାହାପାଇଁ

Digitized by PPRACHIN, SOA

କହିଥିଲେ ସାଇଡ଼ରେ ମୁଁ ନୋଟ୍ କରି ରଖିଛି । ପଢ଼ନ୍ତୁ ତିନିଗୋଟି ପୋଷ୍ଟ ପାଇଁ ଦଶଜଣ ପ୍ରାର୍ଥୀ, ସେଥିପାଇଁ ପଚିଶଟି ସୁପାରିସ୍ । ସୁପାରିଶକାରୀମାନଙ୍କ ମଧ୍ୟରେ ମନ୍ତ୍ରୀ, ମନ୍ତ୍ରୀଙ୍କ ସ୍ତ୍ରୀ, ଏମ୍. ଏଲ୍ ଏ, ପାର୍ଟି ସେକ୍ରେଟେରୀ, କମିସନର ପର୍ଯ୍ୟନ୍ତ ଅଛନ୍ତି । ପିଏ ଯାହା ପାଇଁ କହିଛନ୍ତି ମୁଁ ନାଁ ପଛରେ ଟିପିଦେଇଛି । ଦୟାକରି ପଢ଼ନ୍ତୁ ।

ଶେଷରେ ତିନିଜଣ ବଛାହେଲେ । ସେମାନେ ଯଥାର୍ଥରେ ଯୋଗ୍ୟ । ମନ୍ତ୍ରୀ-କହିଥିଲେ ତାଙ୍କୁ ସିଲେକ୍ସନ୍ ପରେ ଫୋନ୍ କରି ଜଣାଇଥିଲି । ମନ୍ତ୍ରୀ ସବୁ ଶୁଣି ଆଉ ତିନିଜଣଙ୍କ ନାମ କହିଲେ । ତାଙ୍କର ନିର୍ଦ୍ଦେଶ ହିଁ କାର୍ଯ୍ୟକାରୀ ହେଲା ।

ମୁଁ ନୀରବ ରହିଲି ମୋର ବିବେକ ବିରୁଦ୍ଧରେ । ମୁଁ କହିଲି ଫାଇଲି ଦସ୍ତଖତ କରି ବନ୍ଦକରିରଖିଦେଇଥିଲି । ଡାଇରେକ୍ଟରଙ୍କ ସଙ୍ଗେ ପରାମର୍ଶ କରି ଫଳାଫଳ ଘୋଷଣା କରିବାକୁ । ଏହି ଫଳାଫଳ ନୋଟିସ୍ ବୋର୍ଡରେ ମରିହେବା ପୂର୍ବରୁ ମୁଁ କେବଳ ଫୋନ୍ ପାଉଛି । ମନ୍ତ୍ରୀଙ୍କ ଘରୁ, ଏମ୍. ଏଲ୍. ଏଙ୍କ ଘରୁ ଏମ୍. ପି ଙ୍କ ଘରୁ କମିସନରଙ୍କ ଘରୁ । ମନେ ମନେ ଭାବୁଥିଲି ଆଉ ହୁଏତ ଚାକିରି ବାକିରି ସାଧାରଣଙ୍କ ଭାଗ୍ୟରେ ଯୁଟିବ ନାହିଁ । ବ୍ୟାକିଂ ନଥିଲେ ଏ ଚାକିରୀ ଆକାଶ କୁସୁମ । ବୈତରଣୀ ପାରିହେବା ସଙ୍ଗେ ସମାନ ।

ପ୍ରଦୀପ ଏବଂ ତାଙ୍କର ବନ୍ଧୁ ଶାନ୍ତିରଞ୍ଜନ କ'ଣ ଗୁଡ଼ାଏ ଉତ୍କ୍ଷିପ୍ତ ହୋଇ କେବଳ କହି ଚାଲିଥାନ୍ତି । ବାହାରକୁ ଶୁଭୁଥାଏ ସମସ୍ତେ ଚୋର । ବାକି ତୁମେ ଏକା ଏଠାରେ ଭଦ୍ରଲୋକ । ନୁହେଁ ? ତୁମ ମଜା ନିକାଳି ଦେବୁ । ମନ୍ତ୍ରୀ କହିଲେ ତୁମେ ସବୁ କରିଛ । ସେ କିଛି ଜାଣନ୍ତି ନାହିଁ । ମିଶ୍ରବାବୁ ତ କେବେ ମିଛ କହିବେ ନାହିଁ । ମନ୍ଦାକିନୀ କ୍ଲର୍କ ପୋଷ୍ଟଟି ପାଆନ୍ତୁ ମନ୍ତ୍ରୀ ତ ଚାହିଁଥିଲେ । ମିଛୁଆ ।

ଡେପୁଟି ଡାଇରେକ୍ଟର୍ ଆଉ ସମ୍ଭାଳି ପାରିଲେ ନାହିଁ । ସେ'ତ ସହଜେ ଗୌରବର୍ଣ୍ଣର । ରାଗିଗଲେ ଆହୁରି ଅଧିକ ଲାଲ ଦିଶନ୍ତି । ମୁହଁ ତାଙ୍କର ରକ୍ତଲାଲ ହୋଇ ଉଠିଲା । ସେ କହିଚାଲିଲେ କାଲିକା ପିଲା ତୁମେ ମୋତେ ଧମକାଉଛ । ମୁଁ ମିଛୁଆ ମୁଁ ନିଏ ଲାଞ୍ଚ । କ'ଣ କହୁଚ ? ତୁମ ମନ୍ତ୍ରୀ ମିଶ୍ରବାବୁ ସତ କହିଛନ୍ତି । ସେ ମିଛ କହନ୍ତି ନାହିଁ । ଆଚ୍ଛା ଠିକ ଅଛି । ଗୋଟିଏ କଥା ପ୍ରମାଣ କରିବା ।

ଅବସର ନେବାପାଇଁ ମୋର ଆଉ ମୋଟେ ଛମାସ ରହିଲା । ଜୀବନରେ ଲାଞ୍ଚମିଛ ନେଇଛି । ଦୁର୍ନୀତି କରିଛି ବୋଲି କେହି ପଦେହେଲେ କହି ନଥିଲେ ଆପଣମାନେ ଆସି ଆଜି କହିଲେ । ମୋତେ ମାଡ଼ ମାରିବାର ଧମକ ଦେଉଛନ୍ତି । ଦେଶକୁ ଆମେମାନେ ଖରାପ କରୁଛୁ ବୋଲି ଆପଣମାନେ ଅଭିଯୋଗ କରୁଛନ୍ତି ।

Digitized by PPRACHIN, SOA

ଆମେ ଏବେ କାହା ହୁକୁମ ତଲବ କରିବୁ ? ମନ୍ତ୍ରୀ ନା ଆପଣ ମାନଙ୍କ ପରି ଗୁମସ୍ତ ମାନଙ୍କର ?

'ଗୁମସ୍ତ' କାହାକୁ କହୁଛନ୍ତି ?''

ସାମାନ୍ୟ ଗମ୍ଭୀର ଓ ଦୃଢ଼ତାର ସହିତ ଦାସ ବାବୁ କହିଲେ କାହାକୁ ଗୁମସ୍ତ କହୁଛୁ....ବେଶ୍ ବୁଝିପାରୁଥିବେ । ଆପଣମାନେ କେବେ ଭାବିବା ଉଚିତ୍ ନୁହେଁ ଯେ ଆପଣମାନେ କେବଳ ଦେଶପ୍ରେମୀ । ଏ ଦେଶକୁ ଆପଣମାନେ କେବଳ ଭଲ ପାଆନ୍ତି । ମୋତେ ମାଡ଼ ଦେବାର ଧମକ କ'ଣ ଦେଖାଉଛନ୍ତି ? ଯଦି ସତ୍‌ସାହାସ ଅଛି ଚାଲନ୍ତୁ ମନ୍ତ୍ରୀଙ୍କୁ ସିଧା ମୁହାଁ ମୁହିଁ ପଚାରିଦେବା । ଯେ, ଯେଉଁମାନେ ସିଲେକ୍ଟ ହୋଇଛନ୍ତି ସେମାନଙ୍କ ନାମ କହିଥିଲେ କି ନାହିଁ । ଆପଣମାନେ ଯେଉଁ ମନ୍ଦାକିନୀ ମନ୍ଦାକିନୀ ହେଉଛନ୍ତି ତାଙ୍କ ନାମ ମନ୍ତ୍ରୀ ସୁପାରିଶ କରିଛନ୍ତି କି । ମୁଁ ଯାହା କହୁଛି ଯଦି ମିଥ୍ୟା ପ୍ରମାଣିତ ହୁଏ ତେବେ ଆପଣ ମୋତେ ଯୋତାରେ ପିଟିବେ । ଏଠାରେ ମୋ ଅଫିସ ଷ୍ଟାଫମାନଙ୍କ ସମ୍ମୁଖରେ ନୁହେଁ । ପ୍ୟାରେଡ୍ ଗ୍ରାଉଣ୍ଡରେ ସର୍ବସାଧାରଣରେ । ସମସ୍ତେ ଜାଣିବେ । ଆପଣଙ୍କର ସୁନାମ ବୃଦ୍ଧି ଦେଶର ମଧ୍ୟ ମଙ୍ଗଳ ହେବ । ସମସ୍ତେ ପ୍ରଶଂସା କରିବେ – କହିବେ, ଯାହାହେଉ ଯୁବ ନେତୃତ୍ୱ ଦୁର୍ନୀତି, ପ୍ରିୟାପ୍ରୀତି ନିବାରଣ ପାଇଁ ଉଦ୍ୟମ କରି ଚାଲିଛି ।

ଡେପୁଟି ଡାଇରେକ୍ଟର ଦାସବାବୁ କ'ଣ କହି ଆସୁଥିଲେ ହଠାତ୍ ଫୋନ୍‌ବାଜି ଉଠିଲା ସେ ଫୋନ୍ ଧରିଲେ । ହଁ କୁହନ୍ତୁ ମୁଁ ଡେପୁଟି ଡାଇରେକ୍ଟର କହୁଛି ।

କିଏ ? ମିନିଷ୍ଟରଙ୍କ ଓ୍ୱାଇଫ୍ ଟିକେ କଥା ହେବେ । ଦିଅନ୍ତୁ ।''

''ହଁ ଇଣ୍ଟରଭ୍ୟୁ ସରିଛି । 'ଫାଇଲ୍ ମନ୍ତ୍ରୀ ମଗାଇ ନେଇଛନ୍ତି । ଆପଣ ତାଙ୍କୁ ସିଧା ପଚାରନ୍ତୁ ମୁଁ କହି ପାରିବି ନାହିଁ ।

ଫୋନ୍‌ଥୋଇ ଦାସବାବୁ କହିଲେ ମନ୍ତ୍ରୀଙ୍କ ସ୍ତ୍ରୀ ଫୋନ୍ କରିଥିଲେ । ଠିକ ପାଞ୍ଚ ମିନିଟ୍ ପୂର୍ବରୁ ପାର୍ଟି ଅଫିସରୁ ଅଫିସ ସେକ୍ରେଟାରୀ ଫୋନ୍ କରିଥିଲେ । ଆପଣମାନେ ତ ଏତେ ସାଧୁ ଦେଖାଇ ହେଉଛନ୍ତି । ଏସବୁର ପ୍ରତିବାଦ କରୁ-ନାହାଁନ୍ତି । ଅଫିସରମାନଙ୍କୁ ତ ଏଣିକି ଘନ ଘନ କାହିଁକି, ଫୋନ୍ ହେବ । ସ୍ୱୀ'କର ତା' କର ବୋଲି କୁହାଯିବ । ସେମାନେ ସ୍ୱଚ୍ଛନ୍ଦରେ କାମ କରିବେ କିପରି ? ମନ୍ତ୍ରୀଙ୍କ ସ୍ତ୍ରୀ ଫୋନ କରିଥିଲେ । ସେ କ'ଣ କରୁଛନ୍ତି ଆପଣମାନେ କେହି ଜାଣି ପାରୁନାହାଁନ୍ତି । ଗୋଟିଏ ଘରେ ଦୁଇଟି ଅଫିସ୍ । ମନ୍ତ୍ରୀଙ୍କର ଗୋଟିଏ

Digitized by PPRACHIN, SOA

ପାର୍ଶ୍ୱରେ ଏବଂ ଅପର ପାର୍ଶ୍ୱରେ ତାଙ୍କ ସ୍ତ୍ରୀଙ୍କର । ମନ୍ତ୍ରୀ କେତେ ଭଲଲୋକ । ହସି କଥା କହନ୍ତି । କହିବାନୁଯାୟୀ ବେଳେ ବେଳେ ପି ଏ ଙ୍କୁ ଡ଼ିକ୍‌ଟେସନ ଦିଅନ୍ତି । ମାତ୍ର ଫଳ କିଛି ହୁଏ ନାହିଁ । କାମ କରାଇବାକୁ ଅଛି ତ ମନ୍ତ୍ରୀଙ୍କ ସ୍ତ୍ରୀଙ୍କୁ ସାକ୍ଷାତ କରିବାକୁ ହେବ । ସେ କ'ଣ ଚାହାନ୍ତି ବୁଝି ସନ୍ତୁଷ୍ଟ କରିବାକୁ ପଡିବ ତେବେ ଯାଇଁ ତୁମ କାମ ହେବ । ତୁମେ ଅନୁଭବ କରିବ ଦେଶରେ ଗଣତନ୍ତ୍ର ଚକ ଘିଞ୍ଚି ଘିଞ୍ଚି ହୋଇ କପରି ଆଗକୁ ଧାଉଁଛି । କାହିଁ ଆପଣମାନେ ତ ଏସବୁର ପ୍ରତିବାଦ କରୁ ନାହାଁନ୍ତି । କ'ଣ ଶାନ୍ତିରଞ୍ଜନବାବୁ, ପ୍ରଦୀପବାବୁ କିଛି ନାହାନ୍ତି । ଚୁପ୍ ରହିଲେ ଯେ, ପ୍ରଦୀପବାବୁ ଉଠି ଯିବା ପାଇଁ ଉଦ୍ୟମ କଲେ । କହିଲେ ନା ଆମେ ମଧ୍ୟ ଏସବୁର ପ୍ରତିବାଦ କରିବୁ । ଆମକୁ ଫ୍ୟାକ୍‌ଟସ୍ ଦିଅନ୍ତୁ ଫିଗର ଦିଅନ୍ତୁ । ଦାସବାବୁ ସାମାନ୍ୟ ହସି କହିଲେ—ଆପଣମାନେ କିଛି ଜାଣି ପାରୁ ନାହାଁନ୍ତି । ତଥ୍ୟ ମୋ ଠାରୁ ଚାହୁଁଛନ୍ତି । ଯାଆନ୍ତୁ ସପ୍ଲାଇ ଅଫିସକୁ । ଯାଆନ୍ତୁ ତହସିଲଦାରଙ୍କ ଅଫିସକୁ । ଯାଆନ୍ତୁ ଆପଣଙ୍କ ବିଭିନ୍ନ ଶିଳ୍ପ ସମ୍ପର୍କୀୟ ପ୍ଲାନ୍ ଆପ୍ରୁଭ୍ କରିବା ପାଇଁ । ସପ୍ଲାଇ ଅଫିସରେ ବସ୍ତାଏ ସିମେଣ୍ଟ ପାଇବେ ନାହିଁ । ତହସିଲଦାରଙ୍କ ଅଫିସରେ ବିନା ପାଉଣାରେ କାମ ହୁଏ ନାହିଁ । ସରକାରୀ ଜମି ଲିଜ୍ ପାଇବା ପାଇଁ ଏମ୍. ଏଲ୍.ଏ. ସେକ୍ରେଟାରୀ ମନ୍ତ୍ରୀ ପର୍ଯ୍ୟନ୍ତ ଆପଣା ଲୋକଙ୍କୁ ସୁପାରିଶ କରନ୍ତି । ଯେଉଁ ତହସିଲଦାର ନେଇ ଆଣି ଥୋଇ ପାରିଲେ । ସେ ଭଲ । ହ୍ୟାଙ୍ଗ, ହ୍ୟାଙ୍ଗ କମ୍ପିଟାଣ୍ଟ ଅଫିସର । କ'ଣ କହିବା ଶୁଣନ୍ତୁ । ଆପଣମାନେ ଜାଣିପାରୁ ନାହାଁନ୍ତି ଦୁର୍ନୀତି କପରି ହେଉଛି କେଉଁଠି ଚାଲିଛି । ଭି. ଆଇ ପି କୋଟା କହିଲେ କ'ଣ ବୁଝି ପାରୁ ନାହାଁନ୍ତି । ସାଧାରଣ ନାଗରିକ ଯେଉଁଠି ନିଜର ଘରମରାମତି ପାଇଁ ବସ୍ତାଏ ସିମେଣ୍ଟ ପାଏ ନାହିଁ ସେଠାରେ ମନ୍ତ୍ରୀ, ଏମ୍ ଏଲ୍ ଏ ଦେଶପ୍ରେମୀମାନେ ଭି. ଆଇ. ପି. ସିମେଣ୍ଟ କୋଟା ପାଆନ୍ତି । କିଛି ଜାଣିପାରୁ ନାହାଁନ୍ତି ? ଫ୍ୟାକ୍‌ଟ ଫିଗର ମୋଠାରୁ ଚାହୁଁଛନ୍ତି । ଆପଣମାନଙ୍କ ପରି ଯୁବନେତାମାନେ ବିଭିନ୍ନ ଅଫିସରେ ପହଞ୍ଚି ଧମକ ଚମକ କରି କାମ କରାଇ ନେଉଛନ୍ତି । ଏଟା ଦୁର୍ନୀତି ଭିତରେ ଯିବ ନା ନାହିଁ । କୁହନ୍ତୁ ତ ।

ଶାନ୍ତିରଞ୍ଜନ କହିଲେ ଏସବୁର ପ୍ରତିବାଦ ହେବ । ଆମେ ପ୍ରତିବାଦ ନିଶ୍ଚୟ କରିବୁ । କୌଣସି ପ୍ରକାର ପ୍ରିୟା ପ୍ରୀତିକୁ ବରଦାସ୍ତ କରାଯିବ ନାହିଁ । ଆମେ ଯାଉଛୁ । ପୁଣି ଆସିବୁ ।

"ପରେ ନୁହେଁ ଏହି ମୁହୂର୍ତ୍ତରୁ ଆରମ୍ଭ କରିବା । ଲେଟ୍ ଅସ୍ ଟେକ୍ ଅପ୍ ଦିଶ୍ କେଶ୍ । ଆଜି କନ୍‌ଫ୍ରଣ୍ଟ ସରିଲେ ଆପଣ ଯିବେ । ଏ ସଂପର୍କରେ ସମସ୍ତେ ଜାଣିବା ଉଚିତ । ମୁଁ ଚାକିରି ପାଇଁ ବିବ୍ରତ ନୁହେଁ । ମୁଁ ମୋଟେ ଚାକିରି କରି

Digitized by PPRACHIN, SOA

ନ ଥିଲେ ମଧ୍ୟ ଭଲରେ ରହିପାରୁ ଥାଆନ୍ତି । ଜମିଜମା ଯଥେଷ୍ଟ ଅଛି । ଏବେ ମୁଁ ଆତୁର ନିଶ୍ଚିନ୍ତ । ମୋର ପିଲାମାନେ ଚାକିରି କରିଗଲେଣି । ସେମାନଙ୍କୁ ମଣିଷ କରିବାର ଦାୟିତ୍ୱରୁ ମୁଁ ବର୍ତ୍ତମାନ ମୁକ୍ତ । ଭାବିଥିଲି ଛ'ମାସ ଅନ୍ତେ ଅବସର ନେବାପରେ ସାଧାରଣ ଜୀବନ ନିର୍ବାହ କରିବି । ମାତ୍ର ଆଜିଠାରୁ ଚାକିରି ନାହିଁ ବୋଲି ଧରିନେଇ ଆପଣମାନଙ୍କ ସହିତ ସ୍ୱର ମିଳାଇ ଦୁର୍ନୀତି ନିବାରଣ ନିମନ୍ତେ ସଂଗ୍ରାମ କରିବି । ଚାଲନ୍ତୁ, ମନେ ରଖନ୍ତୁ...ମନ୍ତ୍ରୀ ଯଦି ଆପଣମାନଙ୍କ ସାମ୍ନାରେ ଫୋନ୍ କରି ତାଙ୍କ ପ୍ରାର୍ଥୀମାନଙ୍କୁ ନିଯୁକ୍ତି ଦେବାକୁ କହି ନ ଥାନ୍ତି ଏବଂ ମନ୍ଦାକିନୀ ନିମନ୍ତେ କହିଛନ୍ତି ବୋଲି କହିବେ ତେବେ ଆପଣମାନେ ମୋତେ ସିଧା ସର୍ବସାଧାରଣ ଦେଖି ପାରିଲା ସ୍ଥାନରେ ଯୋତା ପିଟିବେ । ନଚେତ ମନ୍ତ୍ରୀଙ୍କୁ ସେଠାକୁ ଟାଣି ଆଣି ଯୋତାରେ ପିଟି ପାରିବେ ତ ? ତେବେ ବୁଝିବି । ଏ ଦେଶର ଭବିଷ୍ୟତ ଉଜ୍ଜ୍ୱଳ । ନିଶ୍ଚିତ ଭାବରେ ଆପଣଙ୍କ ହାତରେ ଏ ଦେଶକୁ ଶୁଦ୍ଧ ଦିଆ ଯାଇପାରେ ।

ଉପସ୍ଥିତ ଅଫିସ୍ ଷ୍ଟାଫ୍ ଚୁପ୍‌ଚାପ୍ ଠିଆହୋଇ ରହି ଥାଆନ୍ତି । ସ୍କ୍ରିନ୍ ବାହାରୁ କେତେ କେତେ କଥା ହେଉଥିବାର ଶୁଣାଯାଉ ଥିଲା । ଦାସ ସାହେବ ଆଜି ଏମାନଙ୍କୁ ଛାଡ଼ୁ ନାହାନ୍ତି । ବଗୁମନ୍ତ ନ ଜାଣି ଏମାନେ ସାପ ଗାତରେ ହାତ ପୂରାଇ ଦେଇଛନ୍ତି । ଦାସ ସାହେବ ସେକ୍ରେଟାରୀ ମୁହଁକୁ ଫାଇଲ୍ ଫିଙ୍ଗିବା ଲୋକ । ଆଜି ଏମାନଙ୍କୁ ଶିକ୍ଷାଦେଇ ଛାଡ଼ିବେ ।

ଦାସ ସାହେବ ଘଣ୍ଟାକୁ ଚାହିଁଲେ । ଚାରିଟା ବାଜିବାକୁ ଆଉ ଦଶ ମିନିଟ୍ ବାକି । କହିଲେ ବ୍ୟସ୍ତ ହୁଅନ୍ତୁ ନାହିଁ । ମନ୍ତ୍ରୀ ମିଶ୍ରବାବୁ ମିଟିଂରେ ଥିଲେ । ବର୍ତ୍ତମାନ ଅଫିସକୁ ଆସିବେ । ସେ ଆସିଲେ ତାଙ୍କୁ ସିଧା ପଚାରି ଦେବା । କାହା କଥାନୁସାରେ କାମ ହେବ । ତାଙ୍କର ନା ତାଙ୍କ ଚାମଚାମାନଙ୍କ ନିର୍ଦ୍ଦେଶରେ ।

ଷ୍ଟେନୋକୁ ଡାକି କହିଲେ ମିନିଷ୍ଟର ମିଶ୍ର । ମିଟିଂରୁ ଫେରିଲେ ମୋତେ ଟିକେ ଫୋନ୍ କରିବାକୁ ପି. ଏ.ଙ୍କୁ କହିଦିଅ । ଜରୁରୀ କାମ ଅଛି । ମୁଁ କଥା ହେବାକୁ ଚାହେଁ । ଡାଇରେକ୍ଟଙ୍କ ଫୋନ୍‌ରେ କନେକ୍ଟ କରିବ । ଏ ଫୋନ୍‌ରେ ଭଲ ଶୁଭୁନାହିଁ । ଷ୍ଟେନୋ ଚାଲିଗଲା ପରେ ଦାସ ବାବୁ ପୁଣି ଆରମ୍ଭ କଲେ ସବୁଠାରେ ବ୍ଲାକ୍‌ସିପ୍ ଅଛନ୍ତି । ସେମାନେ ଆପଣା ଧନ୍ଦା କରି ବେଶ୍ ହାତ ଚକ୍‌କଣ କରୁଛନ୍ତି ମାତ୍ର ଆମେ ସମସ୍ତେ ବଦନାମ ହେଉଛୁ । ତାପରେ ଦାସବାବୁ ଯୁବନେତା ଦ୍ୱିଜଙ୍କଠାରୁ ଜାଣିବାକୁ ଚାହିଁଲେ ଯେ ତାଙ୍କ ଦଳର ଯୁବନେତା

Digitized by PPRACHIN, SOA

ତପନବାବୁ ସିଏ ମାଉସୀ ଝିଅକୁ ଧରି ପଳାଇ ଆସିଛନ୍ତି ବୋଲି ଅଭିଯୋଗ ହୋଇଛି ତାଙ୍କୁ ପୋଲିସ ଧରିଲେଣି ନା ନାହିଁ ?

ଦାସ ବାବୁଙ୍କର ଏ ପ୍ରଶ୍ନ ଶୁଣି ଶାନ୍ତିରଂଜନ ପ୍ରଦୀପଙ୍କ ମୁହଁକୁ ଚାହିଁଲେ । ଦାସବାବୁ କହିଲେ ଯୁବନେତା ତପନବାବୁ ଏଠାରେ ସଦର ମହକୁମାରେ ବୁଲୁଛନ୍ତି, ଆଶ୍ରମରେ ଅଛନ୍ତି ଅଥଚ ପୋଲିସ ତାଙ୍କୁ ଧରିପାରୁ ନାହାନ୍ତି । ଆପଣମାନଙ୍କ ପରି ଯୁବକମାନେ ତାଙ୍କୁ ଧରାଇ ଦେବାରେ ପୁଲିସ୍‌କୁ ସାହାଯ୍ୟ କରୁନାହାନ୍ତି କାହିଁକି ?

ଶାନ୍ତିରଂଜନ କ'ଣ କହି ଆସୁଥିଲେ ଷ୍ଟେନୋ ଆସି କହିଲେ ସାର୍, ମିନିଷ୍ଟର ଫୋନ ଧରିଛନ୍ତି । ଆସୁଛି କହି ସେ ଡାଇରେକ୍‌ଟରଙ୍କ ରୁମ୍‌କୁ ଗଲେ । ଷ୍ଟାଫ୍ କଏ କପରି ଛୁଟିପରେ ଘରକୁ ଯିବାପାଇଁ ଉଦ୍ୟତ ହେଉଥିଲେ । ପ୍ରହସନର ଅନ୍ତିମ ପରିଣତି ଦେଖିଯିବାର ଲୋଭ ସମ୍ବରଣ ନ କରି ପାରି ପୁଣି ଅଟକି ଗଲେ ।

— ଦୁଇ —

ଦାସ ସାହେବ ନିଜର ଅଫିସ ଭିତରେ ପ୍ରବେଶ କରି ଆସନ ଗ୍ରହଣ କରୁ କରୁ କହିଲେ ଆପଣ ଶ୍ରୀକରଣ ଶାନ୍ତିରଂଜନ ମହାପାତ୍ର ମାଛ ଖାଇ ପଞ୍ଚାସ୍ତରର ଯୁବନେତା ତ । ପ୍ରଦୀପବାବୁ ଆପଣଙ୍କର ବନ୍ଧୁ । ନୁହେଁ ? 'ହଁ' ଆପଣ କହୁଥିଲେ ନା, ଆପଣ ମନ୍ତ୍ରୀଙ୍କ ମଉସା ପୁଅ ଭାଇ' । 'ହଁ' ମୁଁ ମନ୍ତ୍ରୀଙ୍କୁ ପଚାରିଲି ସେ କିନ୍ତୁ କହିଲେ.... 'କଣ କହିଲେ ।' ଶୁଣନ୍ତୁ କହୁଛି..... ବ୍ୟସ୍ତ ହୁଅନ୍ତୁ ନାହିଁ । ତାଙ୍କର ସେପରି କୌଣସି ସଂପର୍କୀୟ ଭାଇ ନାହାନ୍ତି । ସେ ମନ୍ତ୍ରୀ ହେବାପରେ ତାଙ୍କର ଧର୍ମଭାଇ, ଧରମ ଭଉଣୀ, ସାଙ୍ଗସାଥୀ ସଂପର୍କୀୟଙ୍କ ସଂଖ୍ୟା ଅତି ମାତ୍ରାରେ ବୃଦ୍ଧି ପାଇଛି । ମନ୍ଦାକିନୀ କିଏ ସେ ଜାଣନ୍ତି ନାହିଁ । ତାଙ୍କ ସଂପର୍କରେ କେହି କେବେ ତାଙ୍କୁ କିଛି କହି ନାହାନ୍ତି । ପ୍ରଦୀପ କହିଲେ କଣ ....ମନ୍ତ୍ରୀ ଏପରି ଫ୍ଲାଟ୍‌ଲି କହି ନାହାନ୍ତି ବୋଲି ଜଣାଇ ଦେଲେ ? ଚାଲନ୍ତୁ ଯିବା ସେ ଆମ ସମ୍ମୁଖରେ କୁହନ୍ତୁ । ମନ୍ଦାକିନୀ କିଏ କିପରି ସେ ଜାଣନ୍ତି ନାହିଁ ?

ଦାସ ସାହେବ କହିଲେ ଆପଣମାନଙ୍କର ଯିବା ଦରକାର ନାହିଁ । ବର୍ତ୍ତମାନ ଏଠୁ ଆପଣମାନଙ୍କୁ ନେଇ ଯିବାପାଇଁ ମନ୍ତ୍ରୀ ବ୍ୟବସ୍ଥା କରୁଛନ୍ତି । ତେବେ ମନ୍ଦାକିନୀ ନାମରେ ଯେଉଁଗୁଡ଼ିଏ ଫୋନ୍ ମନ୍ତ୍ରୀଙ୍କ ରେସିଡେନ୍‌ସରୁ ମୋତେ ହୋଇଥିଲା ସେ ସବୁ ଆପଣମାନଙ୍କ ପରି ଦେଶପ୍ରେମୀ ଯୁବନେତାମାନେ କରିଥିଲେ । ଏବେ ବୁଝୁଛି କାମ କରାଇ ଦେବେ ବୋଲି ଆପଣ ବିଭିନ୍ନ ବ୍ୟକ୍ତିଙ୍କ

Digitized by PPRACHIN, SOA

ଠାରୁ ଟଙ୍କା ନେଇଛନ୍ତି, ମନ୍ତ୍ରୀଙ୍କ ନାମ କହି ଚାନ୍ଦା ଅସୁଲ କରୁଛନ୍ତି । ପୋଲିସରେ ଅଭିଯୋଗ ହୋଇଛି । ସେ ଲିସ ଆପଣଙ୍କୁ ଖୋଜୁଛନ୍ତି । ଆପଣଙ୍କୁ ପୋଲିସରେ ଦେବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

ଶାନ୍ତିରଂଜନ ଗର୍ଜନ କରି ଉଠିଲେ କ'ଣ ହେଲା ଆମକୁ ପୋଲିସରେ ଦେବାକୁ ମନ୍ତ୍ରୀ କହୁଛନ୍ତି ? ଆମେ ସବୁ ଚୋର, ଠକ, ପ୍ରତାରକ । ସେ କେବଳ ଦେଶପ୍ରେମୀ ? ସେ ଗୁହରେ ହାତ ଦେଇ କହି ପାରିବେ ସେ ସାଧୁ ସଚ୍ଚୋଟ, ନିର୍ମଳ । ଆମେ ଯାହା ଆଦାୟ କରୁ ସେଥିରୁ ସେ ତାଙ୍କ ପରସେଣ୍ଟେଜ୍ ପାଆନ୍ତି ନାହିଁ ? ମନ୍ଦାକିନୀ ସହ ଡାକବଙ୍ଗଳାରେ ସେ ରାତି କଟାଇ ନାହାନ୍ତି ।

ଦାସ ସାହେବ ସାମାନ୍ୟ ବିଦ୍ରୁପ କରି କହିଲେ ଆପଣମାନେ ତେବେ ଏହିପରି ଦେଶସେବା କରୁଛନ୍ତି । ଦେଶପ୍ରେମୀ କିଏ ? ଆପଣମାନେ—ମୁଁ ନିର୍ଦ୍ଦେଶ ତାମିଲ୍ କରିବା ଲୋକ । ମନ୍ତ୍ରୀ କହିଛନ୍ତି ଆପଣଙ୍କୁ ପୁଲିସରେ ଦେବାକୁ । ମୁଁ ପୋଲିସ ଷ୍ଟେସନକୁ ଫୋନ୍ କରିଛି । ଆସି ପହଞ୍ଚିବେ । ଟିକିଏ ଅପେକ୍ଷା କରନ୍ତୁ ।

ଶାନ୍ତିରଂଜନ, ପ୍ରଦୀପ ବେଶ୍ ପରିଚିତ ନାଁ । ତା ସାଙ୍ଗକୁ ମନ୍ଦାକିନୀ, ମନ୍ତ୍ରୀ ଡାକବଙ୍ଗଳା ଇତ୍ୟାଦି ନାଁ ଶୁଣି ଡେପୁଟି ଡାଇରେକ୍ଟରଙ୍କ ଅଫିସ ସାମନାରେ ଯିଏ ଯାହା ଥିଲା ସେ ଅଟକି ଗଲା । କେହି କେହି ପରଦା ଟେକି ସାମାନ୍ୟ ଭିତରକୁ ଉଙ୍କି ମାରି ଚାହିଁଲେ । କେହି ବା ଜାଣିବାକୁ ଚାହିଁଲେ ଘଟଣା କଣ ?

ଅଫିସ୍ ଅର୍ଡ଼ରଲି ନରେଶ ସାମାନ୍ୟ ହସି କହିଲା ବାବୁ ଏ ଦୁଇଜଣ ଯୁବ ଦେଶପ୍ରେମୀ ଦାସ ସାହେବ ଲାଞ୍ଚ ନେଇ କ୍ଲର୍କ ପୋଷ୍ଟ ପାଇଁ ସିଲେକ୍ସନ କରିଛନ୍ତି ଏବଂ ସେଥିପାଇଁ ତାଙ୍କୁ ଯୋତା ପିଟିବା ପାଇଁ ଧମକାଉ ଥିଲେ ।

ମନ୍ତ୍ରୀ ସେମାନଙ୍କୁ ପୋଲିସରେ ଦେବାପାଇଁ କହିଛନ୍ତି । ବିଭିନ୍ନ ପ୍ରକାର ଠକେଇ ଓ ଦୁର୍ନୀତିରେ ସେମାନେ ଲିପ୍ତ ।

ଶାନ୍ତିରଂଜନ ଓ ପ୍ରଦୀପଙ୍କ ମୁଖମଣ୍ଡଳ ଧୀରେ ଧୀରେ ନିସ୍ତେଜ ହୋଇ ଆସୁଥିଲା । ଦାସ ସାହେବ ମୁରୁକି ମୁରୁକି ହସି ଫାଇଲ ଉପରେ ଆଖି ବୁଲାଉ ଥିଲେ ।

ରମେଶଚନ୍ଦ୍ର ଧଳ, ଆଡ୍‌ଭୋକେଟ୍
ସଂପାଦକ 'ଜନପଥ'
ୟୁନିଟ୍-୨ ଭୁବନେଶ୍ୱର-୭୫୧୦୦୯

●

Digitized by PPRACHIN, SOA

ଜଗନ୍ନାଥ

—ବନମାଳୀ ବାଇକ

ଜଗନ୍ନାଥ କାଠର କଣ୍ଢେଇ ।
ଦୁର୍ବଳର ଉପାସ୍ୟ ଦେବତା । ସବଳର ଦୃପ୍ତ ଉପହାସ ।
ମୂଢକାଙ୍କ୍ଷ ନିର୍ବୋଧର ମହାପ୍ରଭୁ ବ୍ରହ୍ମାଣ୍ଡ ଗୋସାଇଁ ।

ଜଗନ୍ନାଥ ! ଇତିହାସ ବାରମ୍ବାର ଦେଇଅଛି ତମ ପରିଚୟ ।
ନିଜକୁ ପାରିନ ରଖି ଲୁଣ୍ଠିତ ସର୍ବସ୍ୱ ତମେ । ଘରଛଡ଼ା ।
ଚିଲ୍କାର ଅନ୍ଧାରି ଗୁହାରେ ଲୁଚିଇଛ ନିଜ କଳେବର ।
କାହିଁଗଲା ବଳିଆର ଭୁଜର ବହ୍ୱପ ତମ ? କାହିଁଗଲା ।
ଜଗତର ନାଥ ଅହଙ୍କାର ?

ସେଦିନ କଳାପାହାଡ଼ ରକ୍ତମଖା ତରବାରି ହସ ଦେଖି
ଶଙ୍କିଗଲେ ତମ ସେନା, ସେନାପତି,
ପ୍ରହରୀ ସାମନ୍ତ ।
ଖୋଲିଗଲା ସିଂହଦ୍ୱାର । ସିଂହାସନ ଛାଡ଼ି ତମେ ଛଡ଼ା ହେଲ
ଦାଣ୍ଡର କଣ୍ଢେଇ । ହାତରେ ଗୋଡରେ ବେଡ଼ି ।
ଭଙ୍ଗାଗଲା ତମ କୋଷାଗାର ।

ସୁଦର୍ଶନ ଚକ୍ର ତମ ରହିଗଲା ନିରୁତ୍ତର । ବ୍ରାହ୍ମଣ ଦଇତା କେହି
ପାରିଲେନି ରକ୍ଷା କରି ତମ ଅଭିମାନ ।
ତମେ ସର୍ବ ଶକ୍ତିମାନ ପରଂବ୍ରହ୍ମ । କାହିଁ ଗଲା ତମ ବ୍ରହ୍ମତେଜ ?
କାହିଁ ଗଲା ତମ ବଡ଼ପଣର ଫର୍ମାନ୍ ?

ଜଗନ୍ନାଥ ! ତମର ଠାକୁର ରାଜା ତମ ପାଦ ପରମ ସେବକ
ଯବନ ଶରଣ ଗଲା । ରଖି ପାରିଲାନି ତାକୁ
କରି ଥରେ ଚକ୍ର ଆଡ଼ୁଆଳ ।

Digitized by PPRACHIN, SOA

ତମ ଆଖି ଦେଖୁ ଦେଖୁ ନଅଙ୍କରେ ଭାସିଗଲେ ଏ ଦେଶର
ପ୍ରଜା ଓ ପାଟକ । ତମ ଆଖି ଦେଖୁ ଦେଖୁ
କାଟି କାଟି ଖଣ୍ଡ ଖଣ୍ଡ ବଣ୍ଟାଗଲା ତମର ମୁଲ୍କ,

ଆଜି ଆଜ୍ଞା ରାଜ୍ୟସାରା ଅଧମ ନାକମା ପଙ୍ଗୁ
ସଭିଙ୍କର ମୂଢ଼ ଆସ୍ଫାଳନ । ସଭିଙ୍କର ମ୍ଲେଚ୍ଛ ଅଦ୍ଭୂମିକା ।
ଏବଂ ପ୍ରତି ମୁହୂର୍ତ୍ତରେ ମଣିଷର ଲକ୍ଷେ ଅପମାନ
ଏଇ ତମ ଅନୁକମ୍ପା ? ଏଇ ତମ ପ୍ରଭୁର ଭୂମିକା ?

ତେଣୁ ଆଜି ଜଗନ୍ନାଥ ପ୍ରତ୍ୟାହାର କଲି ମୋର ସବୁ ପୂଜା ।
ଉପାସନା । ଅନୁରାଗ । ସକଳ ବିଶ୍ୱାସ ।

କାଠର ପ୍ରତିମା ତମେ କି ବୁଝିବ ବ୍ୟଥାତୁର ମଣିଷର
ଆକୁଳ ଆକୁତି । ଅଶ୍ରୁମସୃଣ ରକ୍ତ ଦୀର୍ଘଶ୍ୱାସ ।

ଅଧ୍ୟାପକ ଓଡ଼ିଆ ବିଭାଗ
ବି. ଜେ. ବି ସନ୍ଧ୍ୟା ମହାବିଦ୍ୟାଳୟ

Digitized by PPRACHIN, SOA

ଦାମ୍ପତ୍ୟ

—ଜ୍ୟୋତ୍ସ୍ନା ରାଉତରାୟ—

ଆଃ.....କେଡ଼େ ମନୋରମ ଏଇ ଚନ୍ଦ୍ରୋଦୟର ମୁହୂର୍ତ୍ତି ! ଆକାଶ ଓ ପୃଥିବୀର ବ୍ୟବଧାନ ମଝିରେ କେବଳ ଆଲୋକର ଫୁଆରା । ଏହା ଅଦୃଶ୍ୟ ଭାବରେ ଦେହରୁ ମନକୁ, ସ୍ନାୟୁରୁ ସ୍ନାୟୁକୁ ଫୁଲର ବାସ୍ନାପରି ଚହଟି ଯାଉଛି । ଅଚ୍ଛା ସୁହାଗ ଏଇଟା କି ଋତୁ ?

ବସନ୍ତ ....

ଆଃ...ବସନ୍ତ ....ବସନ୍ତ...ବସନ୍ତ ....

ସୁହାଗ ନିଃଶବ୍ଦରେ ହସିଲେ । "ମନେ ନାହିଁ.....ଆମେ ଏଇ ବସନ୍ତରେ ହିଁ ପରସ୍ପରର ନିକଟ ହୋଇଥିଲେ ।"

ଉଷ୍ମର ଆବେଗରେ ସୁହାଗଙ୍କର କାନ୍ଧରେ ହାତ ଥୋଇଲେ ବିରଞ୍ଚିନାରାୟଣ । "ଦାମ୍ପତ୍ୟର ପଚିଶ୍‌ଟି ବସନ୍ତ ଆମେ ପାରେଇ ଆସିଲେ ନା ସୁହାଗ ?"

ସୁହାଗଙ୍କର ମାନସିକ ସ୍ତରରେ ସ୍ମୃତି ଓ ସ୍ୱପ୍ନର ଆଲୋଡ଼ନ— କେତେ ସୁଖ, ପ୍ରାପ୍ତିର ବଣିଜ ଭିତରେ କେତେ ଶୀଘ୍ର କଟିଗଲା ପଚିଶଟି ବହୁରୂପୀ ବସନ୍ତ । କୋଳାହଳମୟ ଦାମ୍ପତ୍ୟର ଅହରହ ଗୁଞ୍ଜନ ଭିତରେ ସେମାନଙ୍କର ସବୁ ଆଶା ଉତ୍କଣ୍ଠାର ଶେଷ ହୋଇଯାଇଛି । ଝିଅ ବିବାହ କରିଯାଇଛି...ପୁଅ ପ୍ରତିଷ୍ଠିତ । ପଚିଶଟି ବସନ୍ତର ମୁହାଁମୁହିଁ ସେମାନେ । ଆକାଶରେ ଅଜଣା ତିଥିର ଚନ୍ଦ୍ର । କେତେ ଆପଣାର ମନେ ହେଉଛି ! ଫ୍ଲେଟ ବାଲ୍‌କୋନିର ଏଇ ନିର୍ଜନ ଉପତ୍ୟକାରେ ସୁହାଗଙ୍କର କଣ୍ଠ କାହିଁକି ଆବେଗରେ ବୁଜି ଆସିଲା । ସେ ନିଃଶବ୍ଦରେ ବିରଞ୍ଚି-ନାରାୟଣଙ୍କ ପାଖକୁ ଲାଗି ଆସିଲେ । ତାଙ୍କର ନିଜସ୍ୱ ସୁଖର ଏକମାତ୍ର ଆଶ୍ରୀସ୍ଥ ଏଇ ଲୋକଟି । ପଚିଶ୍‌ଟି ବସନ୍ତରେ ତାଙ୍କରି ଘୁଡର ନିଶ୍ୱାସ ଭିତରେ ସେ ଦିନରାତି ବିତେଇଛନ୍ତି ।

ସୁହାଗ....ଏତେ ରାତିରେ ଗୀତ ଶୁଭୁଛି..."ବୋଧହୁଏ ମୁନ୍ନା ଶୋଇକି ଟେପ୍ ବଜାଉଛି ।" କିନ୍ତୁ ଏ କି ପ୍ରକାର ଗୀତ ! ସାମାନ୍ୟ ବିରକ୍ତ ବିରଞ୍ଚି-ନାରାୟଣଙ୍କ କଣ୍ଠରେ ।

Digitized by PPRACHIN, SOA

ଶବ୍ଦ କରି ହସିଲେ ସୁହାଗ । "ଇଏ ଏବେର ସବୁଠୁ latest music ଡିସ୍କୋ ଦିଓ୍ୱାନେ ।' ମୁନ୍ନା କହୁଥିଲା କିଏ ଜଣେ ଟିନ୍ ଏଜର୍ ଝିଅ 'ନାଜିଆ ହାସାନ୍' ଗାଇଛନ୍ତି ।"

"କିନ୍ତୁ ଏତେ ସ୍ୱରରେ ମଣିଷ ଟିକେ ଶାନ୍ତିରେ....ବିରଞ୍ଚିନାରାୟଣଙ୍କର ପାଟିରେ ହାତଦେଲେ ସୁହାଗ । "ଛି....ମୁନ୍ନା ମନ ଖରାପ କରିବ । ଆଜିପରି ଦିନରେ କାହାକୁ ଦୁଃଖ ଦେଇ ଲଭ କ'ଣ ? ବୋଧହୁଏ ଆମପାଇଁ ବଜାଉଛି...।"

ବିରଞ୍ଚିନାରାୟଣ କ୍ଳାନ୍ତ ଭାବରେ ଚାହିଁଲେ । ସୁହାଗଙ୍କର ଡିମ୍ବାକୃତି ମୁହଁରେ ଜହ୍ନ ଆଲୁଅ । ପଚିଶ୍‌ଟି ଦାମ୍ପତ୍ୟ ସେମାନେ ପାରେଇ ଆସିଲେଣି ? ଆଜି ପଚିଶତମ ବିବାହ ବାର୍ଷିକୀ । କୌଣସି ଉତ୍ସବ କରିନାହାନ୍ତି ବିରଞ୍ଚିନାରାୟଣ । କେବଳ ବଡ଼ଝିଅ କୋଇଁ ଷ୍ଟେଟ୍‌ସ୍‌ରୁ ଶୁଭେଚ୍ଛାବାର୍ତ୍ତା ପଠେଇଛନ୍ତି । ଆଉ ପୁଅ ମୁନ୍ନାର ଏଇ 'ଡିସ୍କୋ ଦିଓ୍ୱାନେ' ଉପହାର ।

ମନେ ମନେ ବିପର୍ଯ୍ୟସ୍ତ ହୋଇଗଲେ ବିରଞ୍ଚିନାରାୟଣ । ପଚିଶ୍‌ଟି ଦାମ୍ପତ୍ୟ ! ଆଃ...ପଚିଶ୍ ବର୍ଷ ତଳେ ସେ ଥିଲେ ଏମ୍ ଏସ୍ ସି ଓ ସୁହାଗ ଥିଲେ ବି ଏସ ସି । ସେଦିନ ଏମିତି ଶୁଭେଚ୍ଛାବାର୍ତ୍ତା ନ ଥିଲା । ସେମାନେ 'ଡିସ୍କୋ ଦିଓ୍ୱାନେ' କଣ ଜାଣି ନ ଥିଲେ । କେବଳ ଗୋଟିଏ ଗ୍ରେଟିଆ ନବୁଜ କୋଠରି...ରଜନୀଗନ୍ଧାର ବାସ୍ନା ଓ ସୁହାଗଙ୍କର ଡିମ୍ବାକୃତି ମୁହଁର ଲାବଣ୍ୟ । ତାଙ୍କର ବଡ଼ ବଡ଼ ଆଖିର ଭାଷା, ଗହଳ କେଶର ଅରଣ୍ୟ ଏବଂ ତାପରେ...

ଦୀର୍ଘ ଏଇ ପଚିଶ୍‌ଟି ବସନ୍ତ । ଝିଅ ପୁଅ ସଂସାର । ଜଞ୍ଜାଳ, ସଂଗ୍ରାମ, ଉପରକୁ ଉଠିବାର ମୋହ, ବ୍ଲକଷ୍ଟର ଉନ୍ନତି, ଝିଅ ପୁଅର ସୁଖ ସମୃଦ୍ଧି...ଏକ ଦାମ୍ଭିକ ନାବିକ ପରି ସେ କେବଳ ଆହୁଲା ମାରି ଚାଲି ଆସିଛନ୍ତି । କିନ୍ତୁ ଆଜି... କେତେ କ୍ଳାନ୍ତ ଲାଗୁଛି ସତରେ ! ! କଣ ପାଇଲେ ସେ ! ଏସବୁ ତ ଶବ୍ଦେରେ ଅନେକେ ଜଣ ପାଆନ୍ତି...ପାଇଛନ୍ତି । ତେବେ....

ଆଜି ପଚିଶଟି ବସନ୍ତର ଏ ଚନ୍ଦ୍ରଚକିତ ମୁହୂର୍ତ୍ତ । ବହୁ ଫୁଲ, ବହୁ ସ୍ୱପ୍ନର ଅକ୍ଷତ ଅନୁଭୂତି...."ସୁହାଗ...କୁହ ଏ ଦୀର୍ଘ ପାଣି ସୁଅ ଭିତରେ ମୁଁ ତମକୁ କେବେ ଦୁଃଖ ଦେଇଛି ?

ନା...

'କେବେ କୌଣସି ଆଶା ଅପୂର୍ଣ୍ଣ ରଖିଛି ?'

ନା...

Digitized by PPRACHIN, SOA

'ତମ ପଣତର ପଣଧି ଭିତରେ ବାସ ଆଉ ବାହାର ସ୍ୱପ୍ନ ଦେଖିଛ ?

ନା....ନା....

'ତମେ ଖୁବ୍ ବଦ୍‌ରାଗୀ ଥିଲ ସୁହାଗ । ଖୁବ୍ ଅଳିଅଳ ଅନେକ ଅପେକ୍ଷମାଣ ମୁହୂର୍ତ୍ତିରେ ତମକୁ ହାତ ପାଆନ୍ତାରେ ପାଇ ବି ଦୀର୍ଘଶ୍ୱାସରେ ମୋର ମୁହୂର୍ତ୍ତି ବିତିଛି । ତମପାଇଁ ଅନେକ ସ୍ୱପ୍ନ, ଅନେକ ଅନୁଚିତ ଭାବନାକୁ ତ୍ୟାଗ କରିବାକୁ ପଡ଼ିଛି । ଦାମ୍ପତ୍ୟର ଏଇ ପଚିଶତମ ବସନ୍ତର ମୁହୂର୍ତ୍ତିରେ କୁହ ସୁହାଗ, ତମପ୍ରତି ମୁଁ ଏକନିଷ୍ଠ କି ନୁହେଁ ····

ସୁହାଗ ଚାହିଁଲେ ବିରଞ୍ଚିନାରାୟଣଙ୍କୁ । ଦୀର୍ଘ ନହକା ଚେହେରା ସାମାନ୍ୟ ଝୁଙ୍କି ପଡ଼ିଛି ସମୟର ଭାରରେ । ଚନ୍ଦ୍ରାଲୋକରେ ବି ସୁସ୍ପଷ୍ଟ ରୁପେଲି କେଶର ଅରଣ୍ୟ । ସେ ତାରୁଣ୍ୟ, ସେ ଉଚ୍ଛଳତା ଆଉ ଅବଶିଷ୍ଟ ନାହିଁ ସବୁ ପ୍ରାୟ ବଦଳି ଯାଇଛି । କେବଳ ରହିଛି ଆଖିର ସେ ପୁରୁଣା ଚଞ୍ଚଳ ଚାହାଣୀ । ସୁହାଗ ମନେ ମନେ ଗର୍ବିତ ପରିତୃପ୍ତ ହେଲେ । ବିରଞ୍ଚି ନାରାୟଣଙ୍କ ପରି ସ୍ୱାମୀ କେଉଁଠି ନାରୀଙ୍କର ଭାଗ୍ୟରେ ମିଳେ ! ଏକନିଷ୍ଠ ଭାବରେ ସେ ଦୀର୍ଘ ପଚିଶଟି ବସନ୍ତ କେବଳ ସୁହାଗଙ୍କୁ ଖୁସି ରଖି ଆସିଛନ୍ତି । କେବେ ମନୋମାଳିନ୍ୟ ହୋଇନି । ସୁହାଗ ବିନା ସେ ଅନ୍ୟ କିଛି ଜାଣିନାହାନ୍ତି । ଆଜି ଜୀବନର ଏଇ ପଡ଼ନ୍ତ ବେଳାରେ ବିରଞ୍ଚିନାରାୟଣଙ୍କ ପ୍ରତି ଅପାର ମମତାରେ ଭରିଗଲା ସୁହାଗଙ୍କର ମନ···

"ସୁହାଗ···ଏତେ ସୁନ୍ଦର ଏକ ଦିନରେ । ବସନ୍ତର ମିଠା ହାଓ୍ୱାରେ, ଏଇ ଚନ୍ଦ୍ରମନ୍ଦିର ମୁହୂର୍ତ୍ତିରେ, ମୋ ଗ୍ରୁଡର ଗୋଟିଏ ପାଖେ ଦରଜ ଲାଗୁଛି କାହିଁକି ?"

ବୋଧହୁଏ ସମୟ ପାଇଁ ··ବୟସ ପାଇଁ । ଆମେ ବୁଢ଼ା ହୋଇ ଗଲେଣି ଯେ····ତମେ ତେଇଶ୍ ଓ ମୁଁ କୋଡ଼ିଏ । ଆମର ପ୍ରଥମ ସନ୍ତାନ ଠିକ୍ ବର୍ଷକପରେ ତାପରେ ଏହା ପଚିଶଟି ଦୀର୍ଘ ଦାମ୍ପତ୍ୟ....'' ସୁହାଗଙ୍କର କଣ୍ଠରେ କୌତୁକ ।

ନାଃ ··· ସୁହାଗ ! ବୟସ ନୁହେଁ ସମୟ ନୁହେଁ । ମଣିଷ ବୋଧହୁଏ ଥରେ ଥରେ ଏମିତି ଏକୁଟିଆ ହୋଇଯାଏ । ଏଇ ଅଳ୍ପ ସମୟ ଆଗରୁ ମୋ ଭିତରେ ଆହ୍ୱାନ ଥିଲା, ଆନନ୍ଦ ଥିଲା ବସନ୍ତର ମୌସୁମୀ ଥିଲା । ଜହ୍ନର ଆଲୋଡ଼ନ ଥିଲା, ଆମର ପଚିଶଟି ଦାମ୍ପତ୍ୟ ପାଇଁ ମମତାସିକ୍ତ ସୋହାଗ ଥିଲା । କିନ୍ତୁ····ମାତ୍ର କେତୋଟି ମୁହୂର୍ତ୍ତି ଭିତରେ···ଏ ବୋଧହୁଏ ମୁନ୍ନାର ଡ୍ରସ୍‌କୋ ଦାଓ୍ୱାନେ'ର ମୂର୍ଚ୍ଛନା ପାଇଁ—ସେ ଯେ କୌଣସି ଭିପାର ସଙ୍ଗୀତ ହେଉ । ତା ଭିତରେ ଏମିତ

Digitized by PPRACHIN, SOA

ଏକ ମର୍ମସ୍ପର୍ଶୀ ଭାବଥାଏ ଯାହା କେବେ ଏମିତ ଏକୁଟିଆ ଚନ୍ଦ୍ର ଚକିତ ମୁହୂର୍ତ୍ତିରେ ମାର୍ମିକ ଆଶାବନ୍ଧ ହୋଇ ଝରଯାଏ । ହସ ଲୁହ, ପ୍ରାପ୍ତି ଅପ୍ରାପ୍ତି ସବୁର ହସ ବ ଵିକାଶ ଆଖି ସାମ୍ନାକୁ ଆସିଯାଏ ।"

ସୁହାଗ କିଛି କହିଲେନ । ରାତିର ବୟସ ବଢୁଛି । କୁହୁଡ଼ିଆ ରାତିର ନିଗୁଟିଆ ଆକାଶ ତଳେ ଅନାମିକା ଫୁଲର ବାସ୍ନା ପବନରେ ଚହଟି ଯାଉଛି । ଆଜ ସେ ବୟସର ଆଉ ରଙ୍ଗୁର ସ୍ୱପ୍ନ ନାହିଁ ତଥାପି ସୁହାଗ ଉଚ୍ଛ୍ୱସିତ ହୋଇ ଉଠୁଥିଲେ । କିନ୍ତୁ ବିରଞ୍ଚିନାରାୟଣ ହଠାତ୍ ଚୁପ୍ ହୋଇଗଲେ କେମିତି !

'ସୁହାଗ....କହି ପାରିବ ଏଇ ପଚିଶଟି ଦାମ୍ପତ୍ୟରୁ ତମେ କଣ ପାଇଲ ..

'ସବୁ...ସବୁ କିଛି...ମୋର କୌଣସି ଅପୂର୍ଣ୍ଣ ରଖିନାହାନ୍ତି ଭଗବାନ.....

ଏକ ଅପରାଜିତା ସାମ୍ରାଜ୍ଞୀପରି ସୁହାଗ ଫିସ୍ ଫିସ୍ କଣ୍ଠରେ କହୁଥିଲେ । ଅନୁଭୂତି ଓ ଆବେଗରେ ତାଙ୍କର ଦୁଇଆଖି ବନ୍ଦ ହୋଇ ଆସୁଥିଲା ।

ବିରଞ୍ଚିନାରାୟଣ ଅତି ପାଖରେ ଛିଡ଼ା ହୋଇଥିବା ସୁହାଗଙ୍କୁ ଚାହିଁଲେ । ବାଲ୍‌କୋମର ପରିସର ଗ୍ରେଟ ' ଦେହରେ ଦେହ ବାନୁଛି । ସୁହାଗଙ୍କର ମୁଣ୍ଡରୁ ଲୁଗା ଖସି ପଡ଼ିଛି । ରୁପେଲି କେଶର ଅଗ୍ରଭାଗ ବଢ଼ି ଗଲିଛି ତାଙ୍କର ସିନ୍ଥି ର ଦୁଇ-ପଟେ । ଲାବଣ୍ୟଭରା ଡିମ୍ବାକୃତି ମୁହଁ କେମିତି ରକ୍ତହୀନ ପାଣ୍ଡୁର ଦିଶୁଛି ! କଣ୍ଠର ହାଡ଼ ସୁସ୍ପଷ୍ଟ । ଦୁଇଟି ବଡ଼ ବଡ଼ ଆଖି ବୋଧହୁଏ ନିଷ୍ପ୍ରଭ ହୋଇ ଯାଇଛନ୍ତି । ଏ ତେବେ କଣ ସମୟ ? ଏ କଣ ବୟସ ! ତାଙ୍କର ଗ୍ଭତି ଭିତରୁ ଗୋଟାଏ ଦୀର୍ଘଶ୍ୱାସ ହଠାତ୍ ବାହାରି ଆସିଲା । ସୁହାଗ ଅଖି ଫିଟେଇଲେ ।

'କ'ଣ ହେଲା ତମର.....'

କିଛି ନାହିଁ ..

'ହଠାତ୍ ଏମିତ ବିଷର୍ଣ୍ଣ ହୋଇଗଲ ଯେ...'

"ନାଃ, ସୁହାଗ ମୋର କାହିଁକି ଏଇ ମୁହୂର୍ତ୍ତିରେ ମନେ ହେଉଛି, ହୁଏତ ମୁଁ କିଛି ହଜେଇ ଦେଇଛି । ଯାହା ପାଇବିନି କେବେ..."

ସେ ପୁଣି କଣ ? ସୁହାଗଙ୍କର କଣ୍ଠରେ ଅବିଶ୍ୱାସର ଚମକ ।

ସୁହାଗ.. ଦେଖି ପାରୁଛ ଆକାଶ ଓ ପୃଥିବୀର ବ୍ୟବଧାନ ମଝିରେ, ଚନ୍ଦ୍ରାଲୋକ ଭିତରେ ଦୁଇଟି ଉଦାସ ଆଖି...ସୁହାଗ କିଛି ବୁଝି ପାରିଲେନି । ବିରଞ୍ଚିନାରାୟଣଙ୍କର କାନ୍ଧରେ ହାତରଖି କହିଲେ, 'ଚାଲ ବିଶ୍ରାମ ନେବ । ରାତି ବେଶୀ ହେଲାଣି ...."

Digitized by PPRACHIN, SOA

"ନାଃ ..ସୁହାଗ ..ବର୍ଷପରେ ବର୍ଷ, କେତେ ଋତୁ, କେତେ ଝଡ଼ ବର୍ଷା କେତେ ସମସ୍ୟା ଧରି, ହୁଏତ କେତେ ଶତାବ୍ଦୀ ଧରି ସେ ମୋ ଛାତି ଭିତରେ ଜଗିରହିଛି । ମୁଁ ଇଚ୍ଛାକରି ଖୋଜିନି କେବେ । କିନ୍ତୁ ଆଜି ସବୁ ମନେ ପଡ଼ୁଛି । ନିଷ୍ଠୁର ନିର୍ବାସନ ଭିତରେ ମୁଁ ତାକୁ ଏତେ ଯତନରେ କେମିତି ସାଇତି ରଖିଥିଲି !"

ସୁହାଗ ଛୁଇଁ ଧରିଲେ ନିରଞ୍ଜନାରାୟଣଙ୍କର ହାତମୁଠାକୁ । ଉତ୍ତେଜନାରେ ଥରୁଥିଲେ ସେ । ତେବେ ···ତେବେ....ନିରଞ୍ଜନାରାୟଣ କଣ ଆଉ କାହାକୁ ..

'ହଁ ସୁହାଗ...ତାର ସେ ଦୁଇଟି ଆଖି । ପ୍ରତ୍ୟୁଷ ପଦ୍ମ ବିଶ୍ୱାସର ଭଲ-ପାଇବାର । ମୁଁ ବାହ୍ୟ ସ୍ୱର୍ଗ ପଳେଇଯାଇ ପାରିନି । ଉପଭୋଗ କରିଛି । ତାପରେ ଇଚ୍ଛାକରି ବାହ୍ୟସ୍ୱର୍ଗ ପଳେଇ ଆସିଛି । ଜଣକୁ ଠକିଦେଇ ସୁଖ ଓ ସମୃଦ୍ଧି ଭିତରେ ବଞ୍ଚିବାରେ ଖୁବ୍ ଆନନ୍ଦ, ନା ସୁହାଗ" ।

ସୁହାଗ ଯେମିତି ମୂକ, ବଧିର ହୋଇ ଯାଇଥିଲେ । 'ଆମେ ପରସ୍ପର ବନ୍ଧୁ ଥିଲୁ । ମଣିଷର ମନ କେତେ ଅଦ୍ଭୁତ କୌତୁହଳ ପ୍ରଦ ! ଆମେ କେହି କେବେ ଭଲପାଇବାର କଥା କହି ନଥିଲୁ । ବିବାହ କଥା କହିନଥିଲୁ । ତଥାପି ଆମେ-ଥିଲୁ ପରସ୍ପରର ଖୁବ୍ ନିକଟତମ । ଦେହରେ, ମନରେ । ଆମେ ପରସ୍ପରକୁ ଖୁବ୍ ବୁଝୁଥିଲୁ । ଆମ ଭିତରେ ରାଗ ଅଭିମାନ ଯେମିତି ଥିଲା ଠିକ୍ ସେମିତି ଥିଲା ବୁଝାମଣା । ମୁଁ ତାକୁ ଯାହା କହିବାକୁ ଚାହୁଁଥିଲି ଯାହା ବୁଝିବାକୁ ଚାହୁଁଥିଲି, ତାହା ସେ ଭାଷାର ଅନୁପସ୍ଥିତିରେ ମଧ୍ୟ ପ୍ରାଞ୍ଜଳ ଭାବରେ ବୁଝିପାରୁଥିଲା । ତା' ସହିତ ମୋର ପ୍ରତିଟି ମୁହୂର୍ତ୍ତ ସୀମିତ ହେଲେ ବି ସତ୍ୟ । ସୁହାଗ, ତମେ ବୁଝି-ପାରିବନି, ଯେଉଁ କେଇ ମୁହୂର୍ତ୍ତ ମୁଁ ସୁସ୍ଥ ପାଉଥିଲି ତେବେ କେବଳ ତା' ପାଖରେ । ମୋର ସବୁ ଅଶାନ୍ତିର ଯନ୍ତ୍ରଣାକୁ ସେ ନିଜର କରି ଭୁଲେଇ ଦଉଥିଲା ।"

'ତଥାପି ତମେ ଠକିଦେଲ କାହିଁକି ? ସୁହାଗଙ୍କର କଣ୍ଠରେ ପ୍ରାଚୈତି-ହାସିକ ଯୁଗର ଶୀତଳତା ।

'ସେଇ ଗୋଟିଏ ପ୍ରଶ୍ନର ଉତ୍ତର ମୁଁ କେବେ ଠିକ୍ ଖୋଜି ପାଇନି ସୁହାଗ । ମୋ ଛାତିରେ ସେଇ ଯନ୍ତ୍ରଣା, ସେଇ ଅସ୍ୱସ୍ତି ବୋଧହୁଏ ମୁଁ ଅପରାଧୀ...ଏକ ଦୀର୍ଘଶ୍ୱାସ ଭିତରେ ନିରଞ୍ଜନ ରାୟଣଙ୍କର କଣ୍ଠ ରୁନ୍ଧି ଆସିଲା ।

ଜହ୍ନକୁ ଚାହିଁଲେ ସୁହାଗ । ମେଘଖଣ୍ଡେ ଘୋଡେଇ ଦଉଛି ତା'ର ଅବୟବକୁ । ଏତେ ପ୍ରାଞ୍ଜଳ ଆଲୁଅଭରା ଆକାଶରେ ହଠାତ୍ ମେଘର ଆବିର୍ଭାବ !

Digitized by PPRACHIN, SOA

ଘଡ ବୋଧହୁଏ ଅନେକ ହେଲାଣି । କେମିତି ଗାଁ ଗାଁ ଶୂନ୍ୟତା...ଉପ୍‌କୋ ଦଓ୍ୱାନ'ର ମନ୍ଦର ମୂର୍ଚ୍ଛନା ଆଉ ଶୁଭୁନ । ମୁନ୍ନା ଶୋଇ ପଡ଼ିଲାଣି । ପାଖରେ ବିରଞ୍ଚିନାରାୟଣଙ୍କର ନିଶ୍ୱାସର ଶବ୍ଦ । ତଥାପି କେମିତି ଅପରିଚିତ ଲାଗିଲା ସୁହାଗକୁ । ଦାମ୍ପତ୍ୟର ପଚାଶଟି ବସନ୍ତ ହଠାତ୍ ଯେମିତି ବ୍ୟର୍ଥ ମୂଲ୍ୟହୀନ ମନେହେଲା । ନିଜର ସମସ୍ତ ଅଧିକାର, କର୍ତ୍ତୃତ୍ୱ, କ୍ଷମତାର ପ୍ରତିଷ୍ଠା ସେ କରି ଆସିଛନ୍ତି, ସେ ଅପରାଜିତା ସାମ୍ରାଜ୍ଞୀ । କିନ୍ତୁ ସେଇ ଦୁଇଟି ଆଖି ଯାହା ଆଜି ଏତେ ସୁନ୍ଦର ମୁହୂର୍ତ୍ତରେ ବିରଞ୍ଚିନାରାୟଣଙ୍କୁ ଯନ୍ତ୍ରଣା ଦେଉଛି ସେ ତେବେ କିଏ ?

ସୁହାଗ କିଣ କେବେ ଭାବିଥିଲେ, ସେ ଏମିତି ଭାବରେ ହାରିଯିବେ ସବୁ ପାଇବି କିଛି ପାଇବେନି । ପାଖାପାଖି ଗୋଟିଏ ଶଯ୍ୟାରେ ପଚାଶଟି ବସନ୍ତ କଟେଇ ସାରି ବି ସେ ବିରଞ୍ଚିନାରାୟଣଙ୍କଠୁ ଦୂରତ୍ୱରେ ରହିଗଲେ ! ହୁଏତ ଆଉ କେତୋଟି ବସନ୍ତ ଏମିତି ପାଖାପାଖି କଟିଯିବ । ତାଙ୍କର ଭଲମନ୍ଦ, ଦେହ ଖରାପରେ ବିରଞ୍ଚି-ନାରାୟଣ ତାଙ୍କ ମୁଣ୍ଡରେ ବ୍ୟସ୍ତତାର ହାତ ଥୋଇବେ । ଔଷଧ ଆଣିଦେବେ କିମ୍ବା ପୁନେଇଁ ପର୍ବରେ ଖୁସି କରିବାପାଇଁ ସୁନ୍ଦର ସମ୍ବଲପୁରୀ ଶାଢ଼ୀ, ସମସ୍ତ କଟେଇବା ପାଇଁ ଗପବହି । ନହେଲେ ପାଖାପାଖି ବସି ରେଡ଼ିଓରୁ କୌଣସି ପ୍ରିୟ ଗୀତ ଶୁଣିବେ କିନ୍ତୁ...ରହିଯିବ ଅଲକ୍ଷ୍ୟରେ ସେଇ ଏକ ଦୂରତ୍ୱର ସୃତାଖିଅ । ଯାହା ସୁହାଗ ଦେଖି ମଧ୍ୟ କିଛି କହି ପାରିବେନି । କାରଣ ସୁହାଗ ଆଜି ଆଉ ବଦ୍‌ରାଗୀ ଅଲଅଲ ସୁହାଗିନୀ ସୁହାଗ ନୁହନ୍ତି । ପଚାଶଟି ବସନ୍ତକୁ ପଛକରି ଅନେକ ବାଟ ଚାଲି ଆସିଥିବା ବୟସ୍କା, ପ୍ରୌଢ଼ା ସୁହାଗ । ପିଲାଳିଆମି ତାଙ୍କୁ ଶୋଭା ପାଏନା ।

ବିରଞ୍ଚିନାରାୟଣ ଦୂରକୁ ଚାହିଁଛନ୍ତି । ସେ କାହାକୁ ଖୋଜୁଛନ୍ତି ! ସୁହାଗ-ଙ୍କର ଛାତି ଭିତରଟା ହାହାକାର କରିଉଠିଲା । ଦାମ୍ପତ୍ୟର ପଚାଶଟି ବସନ୍ତ ସରି ଯାଉଛି । ଧ୍ୱଂସର ମେଘର ଆଢୁଆଳରେ ସଫେଦ ଚାନ୍ଦିନୀ ନ ହୋଇ ଯାଉଛି ଧୀରେ ଧୀରେ ।

ମାକଲପୁର, ବାଲେଶ୍ୱର-୭୫୬୦୦୧

Digitized by PPRACHIN, SOA

ଭଡ଼ାଘର

—ମନୋରମା ମହାପାତ୍ର

|| ୧ ||

କୋରେଇ ଓ ମହୁଲ ଫୁଲର ବାସ୍ନା
ମୋର ପିଲାଦିନ;
ଅନ୍ଧାରୁଆ ବାଉଁଶ ବଣର ସ୍ୱର
କାନଶିଖ ବୁଦାର ସ୍ପନ୍ଦନ ।।
ଷଠୀ ହାଣ୍ଡି ବସିବାର ଘର ମୋର ନିଜଘର
ହଳଦୀ ବଣର ଗନ୍ଧ ଭଡ଼ାଘରେ
କେମିତି ଯେ ଭୁଲି ହେବ
କେଉଁ ପିଲାଦିନେ
ନିଜଘରେ ମୂଷାଗ ତ ଖୋଜି
ଭଙ୍ଗାଦାନ୍ତ ପକାଇଲା ବେଳେ
କି ଅଦ୍ଭୁତ ଅନୁଭବ
ଚେତନାକୁ ଚମକାଇ ଦିଏ
ଏଇ ଭଡ଼ାଘରେ ।

|| ୨ ||

ବାସ୍ନାଭରା ଜହ୍ନିଫୁଲ ଫୁଟା ସଞ୍ଜ
ମେଘୁଆ ଆକାଶ ତଳେ ନୁଆଣିଆ ଚାଳ
ସେ ଚାଳରେ ସେତେବେଳେ
କିଏ ସତେ ଖୋସିଥିଲା
କଖାରୁ ଓ ଟିପି ଟିପି ହଳଦିଆ ଫୁଲ
ମୁଁ ଜାଣିଛି ମୁଁ ଜାଣିଛି
ତମେ ମୋର ପିଲାଦିନ

Digitized by PPRACHIN, SOA

ନୁଆଁଣିଆ ଖୁଲମାଟି ଘର
ଜହ୍ନି ଓ କଖାରୁ ଫୁଲ
ଅପା ଶୋଖ ଶୈଶବର ଧନ ।।

।। ୩ ।।

ମୁଁ ସତେ କ ଆଜି ସେଇ
ମିଟି ମିଟି କରୁଥିବା
ଜହ୍ନି ଫୁଲ
ତାର ସେଇ ଉଜ୍ଜ୍ୱଳ ଅସ୍ତିତ୍ୱ
ମୋର ସବୁ ଏକଲା ପଣକୁ
ମାଟିରେ ଦେଇଛ ପୋତ ଏଇ ଭଡ଼ାଘରେ
ଶୈଶବର ଶରଧାର ଡାକକୁ ଏଡ଼ାଇ
ମୁଁ ସତେ କ ଆତ୍ମମଗ୍ନ
ଭଡ଼ାଘର ଛଳନାର ମିଛ ଗାମ୍ଭୀର୍ଯ୍ୟରେ ।।

ପ୍ରୀତମ ପୁଷ୍ପ
୧୨୫, ଆଚାର୍ଯ୍ୟ ବିହାର
ଭୁବନେଶ୍ୱର-୧୩

Digitized by PPRACHIN, SOA

କୁମ୍ଭକାଡମୋଦୀ

—ରାମଚନ୍ଦ୍ର ସେଠୀ

ହଇହୋ ମିଆଁ ପୁଏ ତମକୁ ଏତେ ଆଗ୍ରହରେ ଆମେ ଅପେକ୍ଷା କଲୁ, ତମେ ଅବା କଥା ଦେଇ ନ ଥାଆନ୍ତ କି ? ଆଗରୁ ପହଁଚ କି ପଛରେ ଆସ କି ଜମାରୁ ନ ଆସ ଆମର ବା ଯିବବାର କଅଣ ଥିଲା ? ଆମେ ଅପେକ୍ଷା କରି କରି ନାକେଦମ୍ ହୋଇ ହରଦମ ତମକୁ ଅନେଇ ଅନେଇ ବେଦମ, ଦେଖିଲୁ ବେଳକୁ ମିଆଁ ପୁଅ କାନରେ ଅତର ତୁଳା ମାଡ଼ି ବଗିଚ ବେଶ ନ ହୋଇ ଏକଦମ୍ ବର ବେଶରେ ଆସି ହାଜର୍ । ହଇଓ ସେ ଏତେ ଘୁଷୁରି କାଟି ଆୟୋଜନ କରିଚ କଅଣ ତମେ ବାହାହେବ ବୋଲି···

ନଜରୁଲମିଆଁ କାନରେ ହାତ ଦେଇ ତୋବା ତୋବା କହି ବସି ପଡ଼ିଲା । ବସି ପଡ଼ିଲେ କଅଣ ହେବ ମିଆଁ ଏ, ଆମକୁ ଛାଡ଼ିଦେଇ ବନ୍ଧୁଙ୍କ ସାଙ୍ଗରେ ଆସିଲ, ଭୋଜନ ଖାଇଲ ପୁଣି କଅଣ ଭାବୁଛ ମଟର ସାଇକେଲରେ ଫେରିବ ନା କଅଣ ?

ତାଙ୍କର ମଟର ସାଇକେଲ ଚଢ଼ାଳୀ ବନ୍ଧୁ କଥାଟା କିଛି ନ ବୁଝି କିଛି ଦୁର୍ଘଟଣାକୁ ଆଶାକରି ଅନେଇ ଥାଆନ୍ତି । ସରଳ ଭାଷାରେ ବୁଝେଇଦେଲି, କିଛି ଭାବିବେନି ଆଜ୍ଞା ଆପଣ ଯାଆନ୍ତୁ । କାରଣ ନଜରୀ ମିଆଁକୁ ଆମେ ଆଜି ଛାଡ଼ିବୁ ନାହିଁ । ୟାକୁ ପୁଲାଏ ହରକତ ନକଲେ ଆମର ମନସାଧ ମେଣ୍ଟିବ ନାହିଁ । ଯଦି ତା ଘରବାଟେ ଯିବେ ତା ବିବିକୁ କହିଦେବେ ଯେ ମଦ୍ଧ ହର୍କତ ହୋଇ ଘରେ ପହଞ୍ଚିବ ।

ନଜରୀ ମିଆଁ ବନ୍ଧୁକୁ କୁଣ୍ଢେଇ ପକେଇ କହିଲା, ଦୋସ୍ତ ମୁଝେ ବଚାଓ, ଓ ଶାଲେ ମୁଝେ ବେୂଟଢ଼ଙ୍ଗେ ନେହିଁ, ୟହାଁ ଆନକେ ଲିଏ ବିବ ଭି ନରାଜଥି ମତଲବ୍ ରାଇଟ ଟାଇମ୍ ପର ନ ପୌଚୁଙ୍ଗାତୋ ଓ ଘୁଷା ହୋ ଯାଏଗୀ । ବଚାଓ ଓ ଶାଲେ ମେରା ଅଫିସ ଦୋସ୍ତ । ହମେଶା ମୁଝେ ତକଲିଫ ଦେତେ ହାଏ କଭି କଭି ରାତ ଗ୍ୟାରହକୋ ଖଟୀସେ ଗ୍ରେଡ଼ତେ ହେଁ । ଲେକିନ ମୁଝେ ଜ୍ୟାଦା ପ୍ୟାର କରତେ ହେଁ ।

Digitized by PPRACHIN, SOA

ଦେଖନ୍ତୁ ଆଜ୍ଞା ଏ ଶଳା ତେଲ ଢ଼ାଳିବାକୁ ଆରମ୍ଭ କରିଦେଲା । ହଇରେ ଖୋଦାଙ୍କ ଗୁଡ଼ ଚୋର ଏତେ ଗଣେଶ ପ୍ରୀତ କାହିଁକି ? ଗଣେଶମାର୍କା । ଢଙ୍ଗରେ କହିଲା ଜ୍ୟାଦା ପ୍ୟାର କରତେ ହୈ ।

ଟେମାର ଏ ବ୍ୟବହାରରେ ତ୍ରିବନ୍ଧୁ ଯୁକ୍ତ ନାରଦ ମିଆଁ ଏବଂ ତାର ବନ୍ଧୁ ସମସ୍ତେ ଆଁ କରି ଅନେଇ ଥାଆନ୍ତି । ବୁଝେଇ ଦେଲି ଘଟଣାଟା ଏକଦା ଲିଙ୍ଗ ମହାପ୍ରଭୁ ଜାଣିବାକୁ ଚାହିଁଲେ କେଉଁ ଡ଼ମ୍ପୁଟି ଟାଣୁଆଁ । ମାନେ କାର୍ତ୍ତିକ ନା ଗଣେଶ । ପରୀକ୍ଷାର ବାଟଟା ଖୋଜିଲେ । କହିଲେ ତ୍ରିଭୁବନ ବୁଲି ଯିଏ ଆଗ ଆସି ଏଠାରେ ପହଞ୍ଚିବ ସେ ହେବ ଶ୍ରେଷ୍ଠ ଓ ମୋର ସମସ୍ତ ସମ୍ପତ୍ତି ଉତ୍ତରାଧିକାରୀ ସୂତ୍ରରେ ପାଇବ ।

ଷ୍ଟାର୍ଟ ବୋଲି କହୁ କହୁ ମୟୂର ଝାଡ଼ିଲା ପକ୍ଷୀ-ଉଡ଼ିଲା । ଗଗନେ ମାନେ ଚହୁଁ ଚହୁଁ ଗୋଟାଏ ଭୁବନ ଶେଷକରି ଆଉ ଗୋଟାଏ ଭୁବନ ଧଇଲେ ।

ଗଣେଶ ଏବେ କରିବେ କଅଣ । ଅବଶ୍ୟ ବୁଦ୍ଧି ଖଟେଇଲେ । ଅସହାୟ ଭାବରେ କହିଲେ "ହେ ଚଉଦ ବ୍ରହ୍ମାଣ୍ଡର ଶ୍ରେଷ୍ଠ ଦେବ-ଦେବ-ମହାଦେବ ଲିଙ୍ଗ-ଦେବ ! ଟିକିଏ ସଙ୍କୁଚିଯାଅ । ତତ୍ପରେ ଟିକିଏ ତରଳିଯାଅ ।" ଅନେଇଲେ ଗଣେଶ, ଦେଖିଲେ ଏ ଭିତରେ କାର୍ତ୍ତିକ ଦ୍ୱିତୀୟ ଭୁବନ ଶେଷ କରି ସାରିଲେଣି । ଲିଙ୍ଗଦେବ ତଥାପି ଟାଣୁଆଁ—ଆଉକ ସେ ଅପେକ୍ଷା କରନ୍ତି । ଲିଙ୍ଗଦେବଙ୍କ ଚାରିପାଖରେ ଘୂରିବାକୁ ଆରମ୍ଭ କଲେ । କହିଲେ ପ୍ରଭୁ ତମେତ ତ୍ରିଭୁବନ ଚଉଦ ବ୍ରହ୍ମାଣ୍ଡ ଅନ୍ୟଆଡ଼େ ଯିବାର କି ପ୍ରୟୋଜନ । ସାତଥର ଘୂରିଗଲେ । ତେଲ ଟିମ୍ପା ପୁରା ଢାଳିଦେଲେ । ତେଲରେ ଜୁଡ଼ୁବୁଡ଼ୁ ହୋଇ ଲିଙ୍ଗଦେବ କହିଲେ, ତୁମେ ଶ୍ରେଷ୍ଠ ଗଣେଶ । ଲିଙ୍ଗ ପ୍ରତି ତୁମର ଏକାନ୍ତ ଭକ୍ତି ଓ ନିଷ୍ଠା ପ୍ରଦର୍ଶନ କରିଥିବାରୁ ତୁମେ ଶ୍ରେଷ୍ଠ । ଏଣିକି ତୁମେ ମୋର ସମସ୍ତ ସମ୍ପତ୍ତିର ଉତ୍ତରାଧିକାରୀ । ସର୍ବଦା ଲିଙ୍ଗ ଉପରେ ଧ୍ୟାନରଖ । ସୁଖରେ ସଂସାର କର । ଯେ ମୋର କୁଳ ବଢ଼ିହୋଇ ଆସିବେ ସେ ଯେପରି କଦାଚନ ଖାଲି ପେଟରେ ନ ରହନ୍ତି ।

ଗଣେଶ ଖୁସି ହୋଇ ଗଲେ ଓ କହିଲେ 'ଯଥାଆଜ୍ଞା ! କିନ୍ତୁ ପିତାଙ୍କ ସମ୍ପତ୍ତି ଦେଖି ଦୁଃଖରେ ଲୁହଟି ତଳକୁ ଖସି ଆସିଲା । କେତେକ ଭଙ୍ଗା ମାଠିଆ, ଭଙ୍ଗା କୁଲା, ଦରପୋଡ଼ା କାଠ ଓ ଛିଣ୍ଡା କୌପୁନୀ ଦଶଖଣ୍ଡ । କେବଳ ଆଗରେ ଗୋଟାଏ ଟାଣୁଆ ଷଣ୍ଢ ଠିଆ ହୋଇଛନ୍ତି ବେଖାତିରିଆ ଦୃଷ୍ଟି ପକାଇ । ଏଥର ଆନ୍ତରିକ ବିନମ୍ରତାର ସହିତ ଲିଙ୍ଗଦେବଙ୍କୁ ଗଣେଶ କହିଲେ । "ହେ । ପିତାଃ-ଏହାକି ମୋର ପ୍ରାପ୍ୟ ?"

Digitized by PPRACHIN, SOA

ଛାଙ୍କିଆ ଆଖିକୁ ଆହୁରି ଲାଲ କରି ଲିଙ୍ଗଦେବ ମହାଦେବ କହିଲେ, "ଆରେ ଆରେ ପାଷାଣ୍ଡ ଗଣେଶ ! ସମ୍ପତ୍ତିକୁ ମୋର ତୁଚ୍ଛ ମଣିଲୁ ସାମାନ୍ୟ ? ପ୍ରୀତି ହୋଇ ଦେଲି ଯାହା ସେଥିରେ ଆପତ୍ତି ? ନ ଭାବିଲୁ ତେବେ କିଆଁ ଏକଥା ଆଗରୁ ଚିଡ଼ିଲେ ଜର୍ଜରିତ କରି ମୋତେ, ପ୍ରୀତି ଦାନେ ମୋର ପୁଣି ଅସନ୍ତୁଷ୍ଟ ? ମନେରଖ ଗଜର ମସ୍ତକ ଧରି ବଞ୍ଚିଛୁ ଜଗତେ, ଭାବଅଛୁ ସିଂହବୃଦ୍ଧି ତହୁଁ ପ୍ରସ୍ରବିବ । ଅସମ୍ଭବ, ଦେଲି ଏହି ଅଭିଶାପ, ଗଜ ବୁଢ଼ିଆ ଜନ୍ମିବେ ତୋହରି ଔରସେ । ବଡ ବଡ଼ କାନାଧରି ପ ଉଥିବେ ଶୋଭା, । ହାଁଜା ହାଁଜା ସ୍ୱରେ ଭରିବେ ମେଦିନୀ, ସନ୍ଧ୍ୟାରେ ଆସିବେ କନ୍ତୁ ଲିଙ୍ଗର ମନ୍ଦିରେ, ସମ୍ମୁଖରେ ପାଷାଣ ବୃଷଭ, ପଛତାର ଦରଣ୍ଡି ଦରଣ୍ଡି ମାରୁଥିବେ ଆପଣା ମସ୍ତକେ, ଯାଅ ମୂର୍ଖ ।"

ବୁଝିଲେ ଆଜ୍ଞା, ଗଣେଶ ଏକାଥରକେ ଅତର୍ଦ୍ଧା ହୋଇ ପଳାୟନ କଲେ । ତାଙ୍କର ଗୋଷ୍ଠୀହେଲେ ଆମର ବଡବାବୁ ଓ ତାଙ୍କର ଉପର ଉପର ବାବୁମାନେ । ହଇରେ ନାଜରି ମିଆଁ, ସେମାନେ ସିନା ଚେଲେଇଲେ ତାଙ୍କ ମୁହଁକୁ ଶୋଭା ପାଇବ, କାରଣ ସେମାନେ ହେଲେ ଖୋଦ୍ ଗଣେଶ ବଂଶ । ଆମେ ପରି କିରାଣୀ, କାହାକୁ ଖାତିର କରିବା କାହିଁକି ଖାତିର କରିବା ଏବଂ କରିବାକୁ ବାଧ୍ୟ ଆମର ମାଇପମାନଙ୍କୁ । ତାଙ୍କୁ ସର୍ବଶକ୍ତିମାନ ଈଶ୍ୱର ମାନି ଚଳିବା । ତାଙ୍କ ପାଖରେ ଲାଙ୍ଗୁଳ ଯାକି ଚଳିବା । ଘରୁ ବାହାରି ପଡ଼ିଲେ ଆମର ଖାତିର କାହାକୁ ? ଆମେ ସିଂହ ପୁରୁଷ ପୁଙ୍ଗବ । ଆମ ସ୍ୱାଧୀନ କିରାଣୀ ଦଳର ସଭ୍ୟ ଆମେ ପାଞ୍ଚଜଣ ନାଦରିମିଆଁ ଦଳର ନିୟମରେ ଖିଲାପ କରୁଛି । ଏହାକୁ ବରଖାସ୍ତ କରିଯାଉ ।

ବରଖାସ୍ତ କଥା ପଡ଼ିଲେ ନାଦରି ମିଆଁ ସହ ଦଳର ଚାରିଜଣ ବୁଝିଗଲେ ଯେ "ଳ" ଉପାଖ୍ୟାନ ଆସିଗଲା । ମାନେ ଆମର ଯେତେବେଳେ ନାଦରି ମିଆଁକୁ ହଇରାଣ କରିବାକୁ ଇଚ୍ଛା ହୁଏ ଆରମ୍ଭ ହୁଏ "ଳ" ଉପାଖ୍ୟାନ । କଥା କଅଣ କି, ନାଦରି ମିଆଁ ଆଦୌ "ଳ" କହି ପାରେନ୍ନ, ସବୁବେଳେ କହେ "ଲ" ତେଣୁ "ଳ" କଥା ପଡ଼ିଲେ ସେ ମରିଗଲା ବୋଲି ଜାଣ । ତେଣୁ ମୋ ପକ୍ଷର ତିନିଜଣ ସାଙ୍ଗ ହସରେ କୁରୁଳି ଉଠିଲେ ଓ ନାଦରି ପ୍ରାଣ ଛୁଡ଼ିଗଲା ପରି ଅନୁଭବ କଲା ।

କହିଲି ନାଦରି ମିଆଁ ତତେ ଆଜି ଶାସ୍ତି ମିଳିବ । କଥାଟା ତାକୁ ଆହୁରି ପ୍ରାଞ୍ଜଳ ହୋଇଗଲା । ଭାରି ବିକଳ ହୋଇ କହିଗଲା, "ମେରି କସୁର ହୋଗିୟା ଦୋସ୍ତ, ମୁଝେ ମାଫ ଦୋ । ଔର କଭି ଐସେ କରୁଁଗା ନେହିଁ ।

ତଥାପି ଶାସ୍ତି ମିଳିବ । ତତେ ଗୋଟାଏ ପଦ ଗାଇବାକୁ ପଡ଼ିବ ଓଡ଼ିଆରେ । କଥା ନ ସରୁଣୁ ବାଛି ବାଛି ପ୍ରସ୍ତୁତ ହୋଇଥିବା ପରି ପଦକର ସୁର ଧରିଲା......

Digitized by PPRACHIN, SOA

କହିଲି ରହ ରହ ମିଆଁ ପୁଅ-ସେ ପଦକ ନୁହଁ, ମୋ ଠାରୁ ଆଗଶୁଣ ତାପରେ ବାବା ଗାଇବୁ—ସେ ପଦକ ହେଲା—

ଦେଖି ନବକାଳିକା ବକାଳିକା ମାଳିକା ଆଳୀ କାଳିକା କାନ୍ତପୁର ଏଠେ "ଲ" ଶୁଣୁ ଶୁଣୁ ଅତର୍କିତ । ଧରିଲା ନାହିର ମିଆଁକୁ । ଆଦେଶ ଦେଲି, ଗାଇଲା ବାବା ପ୍ରାଣ ଖୋଲି, ହୃଦୟ ଖୋଲି ଠିକ୍ ଭାବରେ । ଗାଆ-ଗାଇଲୁ ଏଥର । କହିଲା ଦେଖ, ଆଜ ନେହିଁ । କାଲ୍‌କୋ ବତାଦୁଁଗା । ମୁଝେ ମାର୍କେଟ ସେ କୁଛ ଖରିଦନା ହୈ । ବେଗର ଟଲ୍ ସେ ଯାଉଁଗାଁ ତୋ ବହୁ ଘୁସା ହୋଗୀ । ହମ ମର ଯାଉଁଗାଁ ।

ମଶକୁତ-ମର୍ । ହାଇରେ ଏଇଟା କି ବଡ଼କଥା । ଜନସଂଖ୍ୟା କମୁ-ମର୍ ଭଲ ଭାବରେ ମର୍ । ବହୁ ହାତରେ ତ ମଶକୁ । ଦୁଃଖ କାହିଁକି ? ତାହା ତ ଆମ ପାଖଜଣିଆ ସଂସାର କହୁଛି । ଆମର ମଟୋ ହେଲା—

ବଞ୍ଚି ରହିବା ସତ୍ୟ ସାଥେ
ନିତ୍ୟ ମରିବା ପତ୍ନୀ ହାତେ ॥

ଏଥର ପୁଣି କାନ୍ଦି ପକେଇଲା ନାଜର ମିଆଁ । ସମସ୍ତେ ଟିକେ ଡରିଗଲେ । ମୁଁ କହିଲି ହଉ ତେବେ ଛୁଟିଦେବା । ତେବେ ଅନ୍ତତଃ ଚଟ ଗୋଟିଏ ଶବ୍ଦ କହିବାକୁ ପଡ଼ିବ । କହ "କଦଳୀ" । ରାଜି ହୋଇଗଲା ନାଜର ମିଆଁ ।

ମତେ ବି ଆଶ୍ଚର୍ଯ୍ୟ ଲାଗିଲା । ଘଟଣା କଅଣ ? ନାଜର ପୁଣି କହିଦେବ କଦଳୀ ?

ଏଥର ଚେଷ୍ଟାକଲା ନାଜର । ପବନ ପାଟିରେ ପୁରାଇ ଏପଟ ସେପଟ ଦୁଇଥର କରି ପୁଣି ପାଟିକୁ ଆଫା ଅଫା କରି ପୁଣି ପବନ ଭର୍ତ୍ତି କରି ଜୋରରେ କହିଲା "କଦଳୀ" । ସମସ୍ତେ ହସରେ ଫାଟି ପଡ଼ିଲେ । ତାଙ୍କ ମଟର ସାଇକେଲ ବନ୍ଧୁଙ୍କୁ ବିଦାୟ ଦେଲୁ । ସେ ବି ବୁଝିଲେ, ନାଜରର ହାଇରାଣିଆ ଶବ୍ଦ ଆଉରି କଠିନ । ତାଙ୍କର କଅଣ କାମ ଅଛି କହି ଗାଡି ଷ୍ଟାର୍ଟ କଲେ । ଦୁଃଖ ଓ ବିମର୍ଷ ବଦନରେ ରହିଥାଏ ନାଜର ମିଆଁ ।

ତାପରେ ଗୋଟାଏ ରିକ୍ସା ଅଟକେଇ ନାଜରକୁ ସେଥିରେ ବସାଇଲୁ ଓ ସାଧାରଣ ଭଡ଼ାଠାରୁ ଦୁଇଗୁଣାରେ ତୁଟେଇଦେଇ ରିକ୍ସାରେ ଉଠିବାକୁ କହିଲୁ । ସେ ଜମାରୁ ରିକ୍ସାରେ ଯିବାକୁ ରାଜି ହେଉନଥାଏ । କାରଣ ଆମେ ରିକ୍ସାର ଦର ଦୁଇଗୁଣ କରି ଦେଇଛୁ । ଛେଳିକୁ ହାଣି ମୁହଁକୁ ନେଲେ ଯେଉଁ ଅବସ୍ଥା ଆଜି ନାଜରର ସେଇ ଅବସ୍ଥା । ରିକ୍ସାବାଲା ଅଧିକ ପଇସା ପାଇବ ବୋଲି କି ଖୁସି-ହେଲା । ତେବେ ସେ ବୋଧେ ଭାବୁଥାଏ ଏତେ ଅଧିକା ପଇସା ପାଉଛି କାହିଁକି ?

Digitized by PPRACHIN, SOA

ଆଉରି ତାଙ୍କୁ ସତର୍କ କରି ଦେବାକୁ କହୁଥିଲି ଦେଖ ରିକ୍ସା—ଏ ମିଆଁ ଜୀବନ ହାରିଦେବାକୁ ଆସିଥିଲା । ଆମେ ଖୋଜି ଖୋଜି ଏଠାରେ ପାଇଲୁ । ଏ ଯେପରି ବାଟରେ ଖସିନଯାଏ । ତାଙ୍କୁ ତା ଘରେ ପହଁଚାଇବୁ । ତା ବାପଠାରୁ ପଇସା ନେବୁ ଓ କହିଦେବୁ ଆଉ ଟିକିଏ ଯାଇଥିଲେ ବିଷଖାଇ ଦେଇ ଥାଆନ୍ତେ । ତୁ ପଇସା ପାଇବୁ ନାଜରା ବି ଉତ୍ତମ ମଧ୍ୟମ ପାଇବ ! ସେ ପଇସା ଦେଇ ଯେପରି ବାଟରେ କେଉଁଠି ନଖସେ । ଖସି ପଳେଇଲେ ପୁଣି ବିଷ ଖାଇଦେବ । ଆମେ ହେଲୁ ପୁଲିସି ବାଲା । ତୋ ରିକ୍ସାର ନମ୍ବର ରଖିଲୁ, କିଛି ଅଘଟଣା ଘଟିଲେ ତୁ ଜେଲଯିବୁ ।

ରିକ୍ସାବାଲାର ଅବସ୍ଥା ଯାଏଲ । କଅଣ କରିବ ସେ ବୁଝି ପାରିଲାନି । ରିକ୍ସାରେ ତାଙ୍କୁ ଧରି ଆଟେଇଲା । ଗୁଡ଼ାକୁ ଚାହୁଁଥାଏ ଓ ପଛକୁ ବୁଲି ବି ଚାହୁଁଥାଏ । ପୁଲିସିବାଲା କହିଛନ୍ତି । ବାବୁ ଖସିଗଲେ ମହା ଝାମେଲା । ଲକ୍ଷ୍ୟ କଲୁ ରିକ୍ସାବାଲା ଆଗକୁ ନଚାହିଁ ପଛକୁ କେବଳ ଚାହୁଁଛି । କେତେବେଳେ ସେ ଦୁର୍ଘଟଣା ଘଟେଇବ କହିହେଉନି । ହଉ ନାଜରା ତ ଆଗକୁ ଚାହିଁଛି । ଚାହୁଁଥାଉ । ଘରକୁ ଗଲେ ତାର ବାପ ମଧ୍ୟ ଔଷଧ ଦେବ ।

ସେତେବେଳକୁ ପ୍ରାୟ ରାତି ଦଶ । ପ୍ରହସନ ପରେ ଘରେ କିପରି ପହଞ୍ଚିବୁ ଆମକୁ ଚିନ୍ତା ଧରିଲା । ନ ହେଲେ ଆମ ଦଶା ବି ସେଇଆ ହେବ । ଅନ୍ୟ ତିନିଜଣ ଏକା ଅଞ୍ଚଳରେ ରହୁଛନ୍ତି, ଆସିଥିଲେ ରିକ୍ସାରେ । ଗୋଟିଏ ରିକ୍ସା ଧରି ସେମାନେ ମୋତାକୁ ବିଦାୟନେଲେ ହସି ହସି କହିଲେ ଭାଇ, ନାଜରା ଆମକୁ ଗାଳି ଦେଇ ଦେଇ ଯାଉଥିବ । ଏକୁଟିଆ ଯାଉଚ ଟିକିଏ ଜଗିରଖି ଯିବ । ଚାଲିଗଲେ ସେମାନେ !

ମୋ ସାଇକେଲକୁ ଅନେଇ ବଏଚ ଅବସ୍ଥା ଯାଏଲା । ସାଇକେଲର ସିଟ୍‌କୁ ଧରିଥିବା କଲାଟା କେବଳ ଅଛି, ମାନେ ସିଟ୍‌ଟା କିଏ ଖୋଲି ନେଇଚି । ପୁରୁଣା ଭୁବନେଶ୍ୱରରେ ଏ ଘଟଣା ଘଟିଲା । ଯିବାକୁ ପଡ଼ିବ ମଞ୍ଚେଶ୍ୱର । ଆଖିବାଟେ ମୋର ପବନ ଗଲା । ଆଖିରେ ଜୁଳୁ ଜୁଳିଆ ଉଡ଼ିଲେ । ମାନେ ମୋର ମହାରିଷ୍ଟ ପଡ଼ିଲା । ଏହାର ଖଣ୍ଡନ ଅସମ୍ଭବ । ଏସବୁ ହେଲା ନାଜରା ମିଆଁର ଅଭିଶାପ, ହାତେ ହାତେ ଫଳିଲା । ତେବେ କରେ କଅଣ । ଆଗକୁ ଟିକିଏ ଆଖି ପକଉ ପକଉ ସାଇକେଲ ବେଲକ୍ୟାପ ବି ନାହିଁ । ଭାବିଲି ଆଉ ଚିନ୍ତା କରିବା ଭୁଲ । ତେବେ କି ରକମ୍ ଯିବାଟା ହେବ । ବହୁ କଷ୍ଟରେ ଗୋଟାଏ ନଡ଼ାବଡ଼ା ସଂଗ୍ରହ କରି ସେ ସିଟ୍‌ଧରା କଲା ଉପରେ ଥୋଇ ତା ଉପରେ ବସିଲି । ଏଥର ନାନା ପ୍ରକାର ଚିନ୍ତା ମୁଣ୍ଡରେ ପଶିଲା । ମନେ ମନେ ଭାବୁଥାଏ ମୁଁ ଶୂଳୀ ପାଉଚ ନା ପାଲବଣ୍ଡା ମନ୍ତ୍ରୀ ?

Digitized by PPRACHIN, SOA

ସାଇକେଲ ଟିକଏ ଆଗକୁ ଗଡ଼ୁ ଗଡ଼ୁ ବଳେଇଟାଏ ଆଗ ଦେଇ ପଳେଇ-ଗଲା । ଏଥର ମୋ ପିଣ୍ଡରେ ପ୍ରାଣ ପଶିଲା ! ଖୁବ୍ ଖୁସିଟାଏ ହୋଇଗଲା । ସାଇକେଲ ପଛକୁ ନ ଫେରାଇ ଆଗକୁ ମାଡ଼ି ଗ୍ଲଲି । ମନେ ମନେ ମୋର ଗୋଟାଏ ଦୃଢ଼ ବିଶ୍ୱାସ ହୋଇଗଲା ଯେ ଘରେ ପହଞ୍ଚିବା ପୂର୍ବରୁ ମୁଁ ନିଶ୍ଚୟ ମରିଯାଇଥିବି । ଆଉ ତେଣିକି ଝଗଡ଼ା ନାହିଁ । ପ୍ରାଣ ଥିଲେ ସିନା ପତ୍ନୀଙ୍କର ନାଲିଆଖି ଦେଖିବାର ଦୁର୍ଯୋଗ ଘଟିବ । ବାସ୍ କାମ ସରିଲା ।

ପୁଣି ଠାକୁରଙ୍କୁ ମନେ ମନେ ଭୋଗ ଯାଚିଲି । ଠାକୁରେ କୌଣସି ମତେ ମୋତେ ଅକ୍କା ଖଟେଇ ଦିଅ । ତମର ତ ବନ୍ଧୁକ ଥିବ, ଲଗାଅ ଗୋଟାଏ ଉଚ୍ଚ କପାଳିଆ ବୁଲେଟ୍ ମୋ ଉପରେ । ଯୋଉ ବୁଲେଟ ମୋ ପତ୍ନୀଙ୍କ ବୁଲେଟ୍ଠାରୁ ଆଉରି ପାଓ୍ୱାର ଫୁଲ୍ ହୋଇଥିବ । ଆଉ କୌଣସି ମତେ ଫନ୍ଦି ଫିକର କରି ପାଁସୁକାର ଭୋଗ ମୋ ବିଧବା ପତ୍ନୀଙ୍କଠାରୁ ଖଟେଇ ନେବ । ଯଦି ନେଇ ନ ପାରିବ ଆର ଜନ୍ମରେ ପଛେ ସୁଝିଦେବ, ଆଜି ମୋତେ ଆର ପୁରକୁ ନେଇଯାଅ । ବଳେଇ ତ ଦେଖେଇଲାଣି, ତମେ ଏ କାମଟା ନିଶ୍ଚୟ କରିପାରିବ ମୁଁ ଜାଣେ, ହେ ପ୍ରଭୁ, ହେ ମା ବିଳେଇବାଣି, ମତେ ରକ୍ଷାକର ।

କାଳେ ଯେବେ ବାଟରେ କିଛି ନ ଘଟିବ ? ମୁଁ ଯେବେ ନ ମରିବି ?..... ମନକୁ ପ୍ରବୋଧ ଦେଲି । ହେ ଏ ବିରାଡ଼ି ଦେଖେଇ କେତେକେତେ କଥା ଘଟେଇଚି ଆଜି ମୋ ପାଇଁ ଘଟିବନି । ମନକୁ ସାହାସ ଦେଉଥାଏ, ନାନାପ୍ରକାର ଯୁକ୍ତି କରୁଥାଏ । ଆଉ ସବୁ ଯୁକ୍ତି ମୂଳରେ ସେଇକଥା ମୁଁ ଘରେ ପହଞ୍ଚି ପାରିବି ନାହିଁ, ତା ପୂର୍ବରୁ ନିଶ୍ଚୟ ମରିଥିବି, ଶାସ୍ତ୍ର କଥଣ ମିଛ ହେବ ? ଏମିତି କେତେ ଫଳିଚି ନା ?

ଯାତ୍ରା ସମୟରେ ବିଳେଇ ଆଗଦେଇ ଗ୍ଲଲିଗଲେ ଅଘଟଣ ନିଶ୍ଚୟ ଘଟିବ ଏ ବିଶ୍ୱାସଟା ମୋର ପିଲାଦିନୁ ଅଛି । କଥାଟାକୁ ଆଉରି ମଞ୍ଜେଇ କରି କହିଲେ ଭଲ ହେବ ଯେ ମୋ ବୁଢ଼ୀମାଆ ଏ ବିଶ୍ୱାସଟା ମୋ ଭିତରେ ଖୁନ୍ଦି ଦେଇଥିଲା । ବିଳେଇ ଦେଖିବାର ବିପତ୍ତି ଯେଉଁ ଆମ ଘରର ବି କାହାଣୀ ଅଛି । ବାପା ସେତେବେଳକୁ ମୋ ବୁଢ଼ୀମାଆ ପେଟ ଭିତରେ ଫୁଟବଲ ଖେଳୁଥିଲେ । କାରଣ ଏ ଘଟଣା ଘଟିବାର ସାତମାସପରେ ମୋ ବାପା ଜନ୍ମ ହୋଇଥିଲେ । ବୁଢ଼ା-ବାପାଙ୍କର ସେତେବେଳକୁ ଯୁଆନ ବୟସ । ମୁଁ ତ ଦେଖିନି, ବୁଢ଼ୀମା କହେ ମୁହିଁକୁ ତାଙ୍କର ବାଘୁଆ ନିଶ ଖରିମାନେ । ପାଞ୍ଚହାତିଆ ମର୍ଦ୍ଦ । ଶିକାର କରିବା ତାଙ୍କର ନିଶା । ସେଦିନ ନିଶ୍ୱାସ ପ୍ରଶ୍ୱାସ ଦେଖି ସବୁ ଶୁଭଯୋଗ ନିର୍ଣ୍ଣୟ କରି

Digitized by PPRACHIN, SOA

ଡ଼ାହାଣ ପାଦ ପାହାଚ ତଳକୁ ପକାଉ ପକାଉ କେଉଁଠୁ ଥିଲା ବଗୁଡ଼ ତାଙ୍କ ଆଗ-ବାଟ ଦେଇ ମାରିଲା କୁଦା । ତାଙ୍କ ଆଖି ନାଲି ହୋଇଗଲା । ସତେ ଯେମିତ ନଅାଁ ବାହାରୁଚ ବୁଢ଼ୀମାଆ ପୁରୁ ପାଣି ମାଠିଆ ଧରି ଠିଆ ହୋଇଥାଏ କୋଣାର୍କର ମଦାଳସାମୂର୍ତ୍ତି ଭଙ୍ଗୀରେ । ତା ପାଟିରୁ ବି କଥା ବାହାରୁ ନ ଥାଏ । ମନାକଲେ ତ ଆଗ ସିଏ ଶିକାର ହୋଇଯିବ । ବୁଢ଼ ବାପା ଟିକଏ ଠିଆହୋଇଲେ । ହେଲେ ମୁହଁ ବୁଲେଇଲେନ ।

ପରବାଣୁଆ ହାବଡ଼ାସିଂ ବୁଢ଼ା ଫେରିଆସି ଖବର ଦେଲା ବୁଢ଼ାବାପା ବାଘ ପାଟିରେ ଗଲେ । ତାପରେ ମୋ ବୁଢ଼ୀମାଆ ତ ଜୀବନକୁ ଛୁ କରିଦେଲା । ତା ମନ ଏତେ ଦୁଃଖ ହେଇଗଲା ଯେ ମୋ ବାପାଙ୍କ ପରେ ଆଉ ଗୋଟିଏ ହେଲେ ବି ଛୁଆ ହେଇଲାନ ।

ବଗୁଡ଼ ସମ୍ପର୍କରେ ଦ୍ୱିତୀୟ ଘଟଣା ହେଲା, ମୁଁ ନିଜେ ବି ଦେଖିଚ ପୁରା ମନେ ଅଛି କଥାଟା । ଗ୍ରେଟ ପିଲାମାନେ ସବୁ ଆଗେ ଖେଳୁଥାଉ ଗାଁ ମୁଣ୍ଡରେ । ସାଧୁ ପ୍ରଧାନ ବୁଢ଼ା ବାହାରିଥାଏ ହୁଇକେଟକୁ । ସହଦେବ ଜଣାଖୋରିଆ ତା ସାଥିରୁ ହାଇକୋର୍ଟିଆଟା । ସ୍ୱା ନାଆଁରେ ତା ନାଆଁରେ କେଶ୍ କରି ଲୋକଙ୍କୁ ହଇରାଣ ହର୍କତ କରିବା ତାର କାମ । ଶଳାଟା ଏବେ ମାଛୁଆ ଘାତକରେ ଗଲା ମାସକୁ ଛଅ ଥର ନ ଲି କୋଠା ନ ଦେଖିଲେ ତାକୁ ଅରୁଚ ଧରେ ।

ତେବେ ସେଦିନ ଖୁବ୍ ଟେଳାଏ ପଡ଼େଇ ଦେଇଥାଏ । ଇନ୍ଦ୍ର ଚନ୍ଦ୍ର ମାନିବା ଅବସ୍ଥାରେ ନ ଥାଏ । ସବୁ ଶୁଭ ଯୋଗ ଦେଖି ବୁଢ଼ା ବାହାରିଛି ଦେଖିଲା-ବେଳକୁ କଅଣ ନା ବଗୁଡ଼ ମାରିଲା କୁଦା ତା ଆଗରେ । ପୁରୁଖା ଲୋକେ ମନାକଲେ କଚେରୀକୁ ଯିବାପାଇଁ, ହେଲେ ବୁଢ଼ା କ ସେ କଥା ମାନେ ଆଗରୁ ସବୁକଥା ସରିଛି ଖାଲି ଶୁଣାଣିଟା ଅଛି । ଖାଲି ପହଞ୍ଚିଗଲେ ହେଲା । ଯାହା କିଛି ହେଉ ପଛକେ ପହଞ୍ଚିବାକୁ ପଡ଼ିବ ଦଶଟା ବେଳକୁ । ନ ହେଲେ ଏକ ତରଫା ଡିଗ୍ରୀ ହୋଇଯିବ । ଭାଙ୍ଗ ଖାଇଲାବେଳେ ଆଉ ସେ କାହାକୁ ମାନେନା । କଟକ ଆସି ହେବ ଅଢ଼େଇ କାଲିକା କୋଡ଼ିଏ କିଲୋମିଟର । ବୁଢ଼ ଗ୍ଲାଲିକ ଯିବା ଆସିବ କରେ । ସହଜେ ତ ଗ ଡ଼ିମଟର ଅମଅଡେ ନ ଥାଏ ସେତେବେଳେ, ତାକୁ ବା ପୁଣି ଅଟକେଇବ କିଏ ? ସେ ଅଗକୁ ମାଡ଼ି ଚାଲିଲା । ସେତେବେଳକୁ ଜଣାଟା ତାକୁ ପ୍ରବଳ ହବରେ ଧରିଥାଏ କାଠଯୋଡ଼ି ପାଖରେ ପହଞ୍ଚିଲା ବେଳକୁ କୁଅଡ଼େ ତ କୁ ଜୋରରେ ପରିଗ୍ରା ଲାଗିଲା । ହେଲେ ପରିଶ୍ରା କରୁ କରୁ ମୁହଁଟ, କେତେବେଳେ ଆମ ଗାଁ ଆଡ଼େ ବୁଲିଯାଇଚ । କ ଚ ମାର୍କା ଘୋଡ଼ାଏ ମୁତା ମୁଠ ବୁଢ଼ା ଚାଲିଲା ନାକ-ସିଧା ଆଗକୁ ।

Digitized by PPRACHIN, SOA

ସେ ଅସି ଗାଁରେ ପହଞ୍ଚିଲା ବେଳକୁ ଆମର ଖେଳ ସରି ନ ଥାଏ । ସେମିତି ଆମକୁ ଦେଖିଲା ମୁରବୀପଣ ଦେଖେଇ କହିଲା । "ହଇରେ ଶଳେ ତମେ କଟକ ବଜାର ଭିତରେ ଇମିତି କାହିଁ ଦଉଡ଼ୁଛ ? ଏଇଟା କଅଣ ଗାଆଁ ହୋଇଛି ? ଶଳାଙ୍କ ମୋଟର ମାଡ଼ିଗଲେ ଚାପିହୋଇ କାକୁଥ ହୋଇଯିବ, ଶଳେ, ଉଦ୍‌ବାର୍ଷି ହଉଛନ୍ତି । ତମେ ଶଳେ କଟକ ଅସିଲ କାହିଁକି ? ଏକ ଥରକେ ଆସି ଗ୍ରାଣ୍ଡହନ୍ସ-ଚୌକରେ ହାଜର । କଟକ ସହରରେ ହଜିଗଲେ ତମକୁ ଠାବ କରିବା କାଠିକର ପାଠ । ମା ବାପ ତମର ଟେର୍ ପାଇବେନି । ସେଥିକି ପୁଣି ପୋଲିସ୍ ଦେଖିଲେ ତମକୁ ଗିରଫ କରିବ । ଅସ ଶଳେ ମୋ ସାଙ୍ଗରେ ଆସ । କୋର୍ଟକାମ ସରିଲେ ମୋ ସାଥିରେ ଗାଁ କୁ ଯିବ । ଆମେ ତା କଥାରୁ କିଛି ବୁଝିପାରୁ ନ ଥାଉ ।

ସେତିକିବେଳେ ପଞ୍ଚୁ ନାହକ ତା ବଳଦକୁ ଯିବା ବାଟରେ ସେଠାରେ ପହଞ୍ଚିଲା । ତାକୁ ଦେଖି ବୁଢ଼ା କହିଲା କଓ ନାହାକେ ତମେ କଟକରେ କମିତି ? କାହିଁକି ଆସିଛୁ ? ପିଲା ବୁଢ଼ା ସମସ୍ତେ ଆଜି କଟକ ଆସିଛନ୍ତି । ଘଟଣା କଅଣ ?

ନାହାକ ବୁଢ଼ା କହିଲା କାହିଁ ପଧାନେ ଏଇଟା ତ କଟକ ନୁହଁ ତମେ ପରା କଟକ ଯାଇଥିଲ । ଗାଁ ମୁଣ୍ଡରେ ଠିଆ ହୋଇ କଟକ କଟକ କାହିଁ ହଉଚ । ଟେଲା କଅଣ ଖସିଛି ? ଏଇଟା ପରା ଗାଆଁ । ଧଡ଼ାସ୍ କରି ନଶାଟା ଛୁଟିଗଲା । ପଧ ନବୁଢ଼ା କହିଲା । ଭୁଲଟା ହୋଇଗଲା ହେ ନାହାକେ, କାଠଯୋଡ଼ି ପାଇ ଯାଇଥିଲି । ପଶରା କରୁ କରୁ ମୁହଁଟା ଗାଆଁ ଆଡେ ହୋଇଗଲା । ମୁଁ ତ ନାକସିଧା ଚାଲିଚି । ଗଲା ମୋ ଜୀବନରେ ପ୍ରଥମଥର ପରି ହାରିଲି । ମୋର ଗରହ ଜାର ଯୋଗୁଁ ତାର ଏକ ତରଫା ଡିଗ୍ରୀହେବ । ଗୁଡ଼ ବୁଢ଼ା ଖାଲି ରକ୍ତ ଚାଉଳ ଚୋବଉଥାଏ । ହେଲେ ଡାହିଆ ଜାମୁଡ଼ାରେ କି ଲାଭ । ବୁଢ଼ା ସେଦିନ ମାନିଲା । ଶଳା ଚଲେଇ ଯେ ଗୁ ପେ ହାରିଲା । ତା ନାକ ନଶ ତଳେ ପଡ଼ିଲା ।

ଆଉରି ବ ଗୋଟାଏ କାହାଣୀ ଅଛି ବୁଢ଼ା ସମ୍ପର୍କରେ । ବୁଢ଼ାଟା ଗୋଟାଏ ନବଜଆ ମଣିଷ । ଗେଟ ସ ହେବ ଅମଲର କଥା । ଟଙ୍କାକୁ ୨୦ ସେର ଗୁଆ । ଜାଇଫଳ ପଣ ଦିଅଣା ପଇସାଏ । ସେଦିନ ବୁଢ଼ା ଅଢ଼େଇ ଟଙ୍କାର ନିଶା ଚଢ଼େଇ ଦେଇଥାଏ । ନଅସୁତିକ ରେ ଗୋଟାଏ ବନ୍ଧୁକ ମାର୍କା ମାଞ୍ଚେଷ୍ଟର ଧୋତି କାଣି କାନ୍ଧରେ ପକେଇ ପାଦ ଟଳମଳ କରି ଘରକୁ ଫେରୁଥାଏ କେନାଲ ରାସ୍ତାରେ । ପବନ ହେଲାକି ତା ଅସାବଧାନତାରୁ ହେଲା କେଜାଣି ଧୋତିଟି କାନ୍ଧରୁ ଖସିଯାଇ କେନାଲ ଭିତରେ ପଡ଼ିଲା । ପାଣି ଚାଲିଥାଏ ତା ଉପରେ ଧୋତିଟି ଭାସି ଭାସି-ଚାଲିଥାଏ । ପ୍ରଥମେ ପାଣିରେ ପଶି ଅଣିବାକୁ ଚେଷ୍ଟା କରୁଥିଲା । କଅଣ ବୁଦ୍ଧି ତା

Digitized by PPRACHIN, SOA

ମୁଣ୍ଡରେ ପଶିଲା କେଜାଣି ହୁଡ଼ାବ କଲା ବଡ଼ ପାଟିରେ । ନ ହେଲେ କଥା ଟା ଜଣା ପଡ଼ିଥାଆନ୍ତା କିପରି । ତା ପଛରେ ଆମ ଗାଆଁର କେତେ ଲୋକ ଫେରୁଥିଲେ ।

କହିଲା "ନିଶାର ଦମ ହେଲା ଅଢ଼େଇ ଟଙ୍କା ଧୋଡ଼ର ଦାମ ନଅପୁଳିକା, ପାଣିରେ ପଶିଲେ ମନ୍ଦାର ଫୁଲିଆ ନିଶା ଟା ଭାଙ୍ଗି ଯିବ । ଯାଉ ହେ ନଅ ପୁଳିକାର ଧୋଡ଼ ଭାସିଯାଉ । ଆଉର ପୁଳିକାଏ ଲଫା ଅଛି ।"

ତା କଥା ଶୁଣି ପଛରେ ଆସୁଥିବା ଲୋକମାନେ ହସି ହସି ବେଦମ୍ ଓ ଲୁଗାଟିକୁ ପାଣିରୁ ଉଦ୍ଧାର କରି ତାକୁ ମଧ୍ୟ ସାଙ୍ଗରେ ଧରି ଗାଆଁକୁ ଆସିଲେ । ଅଢ଼େଇ ଟଙ୍କା ଆଉ ନଅପୁଳିକା କହିଲେ ବୁଢ଼ା ଚିଡ଼ିଯାଏ ଓ ଭାରି ବଜ୍ଜାତ ଭାଷାରେ ଗାଳିଦିଏ । ତଥାପି ପିଲାଏ ଚିଡ଼େଇବାକୁ ଟିଙ୍କପରି ତା ପଛରେ ଲାଗି ଥାଆନ୍ତି ।

ହଇହେ

ଘରଣୀଙ୍କର ଗର୍ଜନ ଶୁଣି ଜାଣିଲି ଯେ ମୁଁ ମରିବା ପରେ ଘରେ ପହଞ୍ଚି ସାରିଛି । ବଗାଡ଼ି ଦେଖିବା ସତ୍ତ୍ୱେ ଯେ କିପରି ଅଘଟଣ ନ ଘଟିଲା ସେ କଥା ଭାବିବାରେ ଲାଗିଲି । ଭୁତ ହାବୁଡ଼ରେ ନ ପଡ଼ିବା ପର୍ଯ୍ୟନ୍ତ ଭୟ ଥାଏ । ପଡ଼ି-ସାରିବାପରେ ଆଉ ଭୟ କାହାକୁ ? ହେଲେ ଏ ପାଖକୁ ନ ହେଲେ ସେ ପାଖକୁ ଘାଇଲା ନାଗୁଣୀ ପରି ସେ ଫଅଁ ଫଅଁ ହେଉ ଥାଆନ୍ତି ।

"ତମେ ସଞ୍ଜବେଳୁ ଯାଇଛ ଯେ ସ୍ୱୀଡ଼ ଆସି ଗୋଟାଏ ହେଲାଣି ମୁଁ ଇଆଡ଼େ ମଲି କି ଗଲି ସେଥିପାଇଁ ତମର ଟିକିଏ ହେଲେ ଚିନ୍ତାନାହିଁ । ଚୁଙ୍ଗୁଡ଼ି ମଦର ସଂସାର ସେଥିରେ କଅଣ ନା ବାହାରେ ବୁଲୁଛ ଧିକ୍ ସେ ମୁହଁକୁ । ଆଣିଛ ..ଆଣିଛ ବଜାର ସଉଦା । ଔଷଧ ଆଣିଛ ? ଏକଥା କାହିଁ ମନେ ପଡ଼ିବ ? କାହାକୁ ଶୁଆଇବ କାହାକୁ ପିଆଇବ, କିଏ କେଁ ତ କିଏ ଭେଁ, କିଏ ମୁତିଲାଣି କିଏ ହଗିଲାଣି, କୋଳରେ ତ ଗୃହଦାସର ଝିଅ କାହାକୁ ଭଲା କେମିତି ସମ୍ଭାଳିବି କହିଲ ? ତମକୁ ବାହା ହୋଇ ଥିଲି ବୋଲି ମୋ ବୋପା କଅଣ ହୁତ କାଟି ଲେଖି ଦେଇଛି ? କଅଣ ମୋ ପାଇଁ କରିଛ ? ଜାନକୁ ନା ଦେବକୁ । ସାତ-ପୁନଅଁରେ ତ ଯୋଉ ସାତ ସିଅଁକୁ ସେଇ ସାତସିଅଁ ଏକଥା କଅଣ ଆଖିକୁ ଦିଶୁନି ନା ଆଖି ଫୁଟି ଯାଇଛି ମୋର କଣ ପୁଞ୍ଜି ନା ପଞ୍ଝଟା ଅଛନ୍ତି ଯେ ଯାହାକୁ ନ ହେଲା ତ ତାକୁ କହିବି । ଅନେଇଛ କଅଣ ବା ? ସିଏ ତମର ଆଖି ନା ଗାଡ଼ ଦିଇଟା ? ମେହେନତ କରି ୫.୦ ବରଷରେ ସାତୁଟା ପିଲା ଦେଇଲି ଆଉ

Digitized by PPRACHIN, SOA

କଅଣ ତମପାଇଁ କର ଥାଆନ୍ତୁ ? ଧୂଳିଝଡ଼ ବେଳେ ମରୁଭୂମିରେ ଓଟ ଶୋଇଲା ପରି ମୁଁ ଶୁଣୁଥାଏ ସବୁକଥା ମୁହଁ ମାଡ଼ିଦେଇ ।

ଯୋଗକୁ ରିକ୍ସାଟିଏ ଆସି ଠିଆ ହେଲା ଓ କଥାଟା କଅଣ ଜାଣିବାପାଇଁ ଘରଣୀଙ୍କ ସ୍ୱରଟା ଠକ୍ କରି ବନ୍ଦ ହୋଇଗଲା । ନାଜରଙ୍କ ସ୍ୱର ଶୁଭିଲା ଦୋସ୍ତ ! ଭାବୀ କି ଯୋ ଗାନା ଗାତ ହୋ ଇସକା ଖେୟାଲ କ୍ୟା ହୋଗା ଦୋସ୍ତ ? ତୁମଣୀଙ୍କ ମୁଝେ ପରେଶାନ ମେ ଡ଼ାଲ ଥା । ଠିକ୍ ହୈ ।

ନାଜରଙ୍କୁ ଦେଖି କୋଟିନିଧି ପାଇଲା ପରି ଲାଗିଲା । ଦ୍ରୌପଦୀ ଲଙ୍ଗଳା ହୋଇ ଯାଉଥିବାପରେ ମହାପ୍ରଭୁ ଲୁଗା ଦେଲାପରି ଲାଗିଲା । ଥଣ୍ଟା କରୁ କରୁ ଛାତିରେ ତାକୁ କୁଣ୍ଢେଇ ପକେଇଲି । ମୋର ଅସହାୟ ବେଳେ ଆସି ପହଞ୍ଚିଥିବାରୁ ଖୁସିରେ ତାକୁ କୃତଜ୍ଞତା ଜଣାଇଲି । ତେବେ ଏତେ ରାତିରେ ସେ କାହିଁକି ଆସିଛି ପଚାରି ବୁଝିବାରୁ ଜାଣିଲି, ଘରକୁ ଦେଶରେ ଫେରିବାକୁ ତାର ଆଉ ସାହାସ ହେଲାନି । ବାପତାର ପୁଣି ପଇସା ଦେବ । ଆମର ଏ ସର୍ତ୍ତ ତା ପାଇଁ ଆଉ ଏକ ମରଣ । ତାକୁ ଅନ୍ୟ କେଉଁଠି ରହିବାକୁ ରିକ୍ସାବାଲା ବି ନାରାଜ । କହିଲା ପୁଲିସ୍ ବାଲାଙ୍କ ଡାଗିଦା । ତେଣୁ ସେ ରସୁଲଗଡ଼ଠାରେ ନରହି ମୋ ଆଶ୍ରାରେ ରହିବାକୁ ଆସିଛି । ଘଟଣାକୁ ମୁଁ ସମ୍ଭାଳିବି । ସକାଳୁ, ପୁଣି ତାକୁ ତା ଘରେ ଛାଡ଼ି ତା ବାପ ଆଗରେ କହିବାକୁ ପଡ଼ିବ ମିଛରେ ଆମର ଜଣେ ଦୋସ୍ତର ତବିୟତ ଖରାପ ହୋଗିୟା ଇସଲେକିଏ ହସପିଟାଲ ମେ ରୁକନା ହି ଜରୁରତ୍ ଥା । ହମଯବ ଓହାଁ ଥେ । ସବୁ କଥାରେ ରାଜି ହୋଇଗଲି । ରିକ୍ସାକୁ ବିଦାୟ ଦେଲୁ ।

ଦରକାର ନ ଥିଲେ ମଧ୍ୟ ନାଜରର ମେ ର କୁଣ୍ଢା-କୁଣ୍ଢି ଆଉରି ଥରେ ହୋଇଗଲୁ । ନାଜର କହିଲା ଓ ବିବି ଶାୟରୀ ଶୁନାଓ ଦୋସ୍ତ –, ବୁଝିଲି ସେ କଅଣ ଶୁଣିବାକୁ ଚାହୁଁଛି । ତେଣୁ ଦୁଃଖରେ ମଧ୍ୟ ତାକୁ ଟିକେ ଖୁସି କରିବାକୁ ଗାଇଲି—

ମଠୁଆ ବଳଦ ଚାଟୁଆ ଚାକର ମୂର୍ଖରା ମାଇପ ଯାଆର
ଯମଘରେ ଯାଇ କଫଳ ମିଳିବ କାଉମରଣ ତାହାର ।

ନାଜର ହସି ହସି କୁଉ କୁଉ କରୁ କରୁ ମୋତେ ଆଉରି ଥରେ କୁଣ୍ଢେଇ ପକେଇଲା ।

ଅଧ୍ୟାପକ : ରେଜିଓନାଲ କଲେଜ ଅଫ ଏଡ଼ୁକେଶନ,
ଭୁବନେଶ୍ୱର-୨, ୫୧୦୦୭,

●

Digitized by PPRACHIN, SOA

ଓଭାର୍ ଏଥାର୍କ୍

—ଫତୁରାନନ୍ଦ

ଗାଆଁରେ ସମସ୍ତଙ୍କ ମୁହଁରେ ସେଇ ଗୋଟିଏ କଥା । ନକଟା ସାହୁର ଟଙ୍କା ଗୋବର ଲେଣ୍ଡା ସାଙ୍ଗରେ ସମାନ । ଯେଉଁଠି ପଡ଼ିବ ସେଠୁଁ ମାଟି ସହିତରେ ଉଠିବ । ସୁଧ କଷାରେ ଅଙ୍କ ଅଧ୍ୟାପକ ବି ତା ଆଗରେ ଠିଆ ହେବାକୁ ଡ଼ରନ୍ତି । ଆଜିକାଲିକା କଲେଜ ଫାଇଦା ଲୁଆଁ ଚୁଙ୍ଗୁଚୁଙ୍ଗିଆ ଟୋକାଙ୍କୁ ସେ ପାସଙ୍ଗରେ ନ ପକାଇ ବେଳେ ବେଳେ ହାଙ୍କି ଦିଏ—"ଆରେ ରଖିମ ତୁମ ସୁଧକଷା ବହି । ତୁମେ ସେ ବହି ଖୋଜୁ ଖୋଜୁ ମୋ ମୁହଁରୁ ସୁଧଟା ଠିକ୍ ଠିକ୍ ବାହାରି ପଡ଼ିବ । ପରୀକ୍ଷା କରି ଦେଖ ।"

ସତକୁ ସତ ପିଲାଏ ପରୀକ୍ଷା କରି ଦେଖନ୍ତି ନକଟା ସାହୁ ଏକାବେଳେକେ ନଭୁଲ । ଅବଶ୍ୟ ପିଲାମାନଙ୍କୁ ଟିକିଏ ଅସୁବିଧା ହୁଏ । ସେମାନେ ଅଙ୍କ କଷିଲା-ବେଳେ ଶତକଡ଼ା ବର୍ଷକୁ ସୁଧ ୧୨, ଖୁବ୍ ହେଲେ ୧୪ ଯାଏ କଷିଛନ୍ତି । କିନ୍ତୁ ନକଟା ସାହୁର ସୁଧହେଲା—ଟଙ୍କାକେ ଦିନକୁ ପଇସାଏ ସୁଧ । ପିଲାଙ୍କୁ ଅଯଥାରେ ଲମ୍ବା ଅଙ୍କ କଷିବାକୁ ପଡେ । ଟଙ୍କାକେ ଦିନକୁ ପଇସାଏ ହେଲେ ଶହେଟଙ୍କାରେ ଦିନକୁ ସୁଧ ଶହେ ପଇସା ବା ଏକଟଙ୍କା । ମାସକୁ ସୁଧହେଲା ତିରିଶିଟଙ୍କା, ବର୍ଷକୁ ବା ବାରମାସକୁ ୩୦ x ୧୨ = ୩୬୦।- ଟଙ୍କା ଶତକଡ଼ା ବର୍ଷକୁ ସୁଧ ୧୪ ଜାଗାରେ ୩୬୦।- ଟଙ୍କା । ଅଙ୍କଟା କଷି ସାରିବାପରେ ପିଲାଏ ନିଶ୍ୱାସ ମାରନ୍ତି । ଏହି ସୁଧ ଖାତକ ଉପରେ କି ଆର୍ଥନୈତିକ ପ୍ରଭାବ ପକାଇଲା ବା ନକଟା ସାହୁର କେତେ ଆର୍ଥମାତିକ ପ୍ରଗତି ହେଲା ସେ ସବୁ ପୁରେଇବା ପାଇଁ ପିଲାଙ୍କ ମୁଣ୍ଡରେ ଥାନ ନଥାଏ । ପଇସା କେମିତି ବଢ଼େ, କେମିତି ଛୁଟେ ଏସବୁ ବିଷୟରେ ସାଧାରଣଜ୍ଞାନ ଥିବା ଗାଆଁର ଡ଼ାକ ପିଅନ ଦିନେ ଏ ସୁଧ କଥା ଶୁଣି ଲଥିକରି ତଳେ ବସିପଡ଼ି କପାଳରେ କର ଚାଡ଼ିଲା । ଗ୍ରାମ ଉଦ୍ଧାର ସମିତିର ଟାଣୁଆ ସେକ୍ରେଟେରି, ଡ଼ାକ-ପିଅନର ହଠାତ୍ ଏପରି ଅବସ୍ଥା ଦେଖି ପଚାରିଲା "ପିଉନ୍‌ବାବୁ କଅଣ ହେଲାକି ?" ଲଗ୍ ଲଗ୍ ୩ ଥର ପଚାରିବାପରେ ପିଉନ୍ ବାବୁ କହିଲେ—"ହଇହେ ଏ କେମନ୍ତ କଥା ନକଟା ସାହୁ ଶତକଡ଼ା ବର୍ଷକୁ ସୁଧ ୧୮ ଟଙ୍କା ଜାଗାରେ

Digitized by PPRACHIN, SOA

୩୬୦ ଟଙ୍କା ନେଉଛୁ । ଏହା ଶୁଣିବା ପରେ ମୋ କାନ ଭେଁ ଭେଁ ଡକା ପକାଉଛି । ହୁଇଦ୍ୱୋ ସେ ଶହେ ଟଙ୍କା ଧାର ଦେଲେ ବର୍ଷ ଶେଷରେ ସୁଧ ମୂଳ ମିଶାଇ ୪୬୦ ଟଙ୍କା ନେବ । ଯିଏ ଗ୍ରେଟିଆ ମୋଟିଆ ବେଉସାଟିଏ କରିବାକୁ ଶହେଟି ଟଙ୍କା ନେଇଥିବ ସେ ଅଉ କଅଣ ପାଇବ ?" ସେତେବେଳେ ମୁଣ୍ଡ କୁଣ୍ଡେଉ କୁଣ୍ଡେଉ ପଚାରିଲେ "ନକଟା ସାହୁ ତାହାହେଲେ ବେଶୀ ନେଇଯାଉଛି । ତାହା ହେଲେ ଆମ ଗ୍ରାମ ଉନ୍ନତି ସମିତିକୁ ବେଶୀ ବେଶୀ ଟଙ୍କା ଦାନ କାହିଁକି ? ଆମ ସମିତି ଫାଉଣ୍ଡ ଏପରି ଶୁଖା ଖଡ୍ ଖଡ୍ ଯେ କେବେ କେମିତି ଯଦି ଟିକିଏ ମାଲ୍‌ପାଣି ପଡ଼ିଁ ଆଶା ଡ଼ାକୁଛୁ ତେବେ ଫାଉଣ୍ଡ ମୁଣି ଦେଖିଲା ବେଳକୁ ଶୁଖା ଖଡ଼୍ ଖଡ଼୍ କେମିତି କଅଣ କଲେ ତାଠୁଁ ବେଶୀ ବେଶୀ ଝଡ଼େଇ ହେବ ତାର କିଛି ବାଟ ବତେଇ ଦିଅ ।"

"ସବୁ କିଛି ମୋତେ ମାଲୁମ, ସରକାରୀ ଟଙ୍କା ବଣ୍ଟି ବାଣ୍ଟି ମୋ ହାତରେ ବଣ୍ଡ ହୋଇଗଲାଣି । ଟଙ୍କାଟା ମୋ ହାତର ମଳ । ମୋତେ ସବୁ ମାଲୁମ, ବଢ଼ିଆ ବାଟ ବତେଇ ଦେବ । ତେମେ ସମସ୍ତେ ତା ବେଉସାରେ ଫେଣ୍ଟ୍ ପୂରାଇ ଦିଅ । ନକଟା ସାହୁ ଟଙ୍କାକେ ଦିନକୁ ପଇସାଏ ନେଉଛି ଲୋକଙ୍କୁ ଜଣେଇଦିଅ ମୁଁ ଦି ଦିନରେ ପଇସାଏ ନେବ । ସୁଧ ଅଧାକୁ ଖସି ପଡ଼ିବ ତାଠୁଁ ଯେଉଁମାନେ ନେଇଛନ୍ତି ସେମାନଙ୍କୁ ମନା କରିଦିଅ କେହି ସୁଧ ଦେବେ ନାହିଁ । ମକଦ୍ଦମା କଲେ ତା ବିରୁଦ୍ଧରେ ତମେ ଟୋକା ଦଳ ସାକ୍ଷୀଦେବ ।

ଟୋକାଦଳ ଆହ୍ଲାଦ ସମ୍ଭାଳା ପଡ଼ନ୍ତି । ନକଟା ସାହୁ ବେପାରରେ ସ୍ୱାଧମତ ଫେଣ୍ଟ୍ ପୁରେଇଦେଲେ । ଏଣେ ପୋଷ୍ଟମାଷ୍ଟର ଓ ପୋଷ୍ଟ ପିଅନଙ୍କ ମିଳିତ ଘରେଇ ବ୍ୟାଙ୍କ, ନକଟା ସାହୁ ସୁଧର ଅଧା ଅଧି ହାରରେ ଟଙ୍କା ଲଗାଣ, ତେଣେ ଟୋକା-ମାନଙ୍କର ତେଗା ମେଘା । ନକଟା ସାହୁର ବେଉସାରେ ନାଲିବତୀ ଜଳିଲା । ସେ ବେଉସା ବନ୍ଦ କରିଦେଲା । କିନ୍ତୁ କରିବ କଅଣ । ଆଉ ଅନ୍ୟକିଛି ବେଉସାରେ ଟଙ୍କା ଲଗେଇ ମୋଟା ପଇସା କିଛି ନ କମେଇଲେ ଅବସ୍ଥା ଟା ଅସମ୍ଭାଳ ହୋଇଯିବ । ସେ ନିଜେ ମଥା ଖଟେଇବା ସଙ୍ଗେ ସଙ୍ଗେ ବନ୍ଧୁମାନଙ୍କଠାରୁ ମଧ ଇଲମ ମାଗିଲା ।

ଜଣେ ବନ୍ଧୁ ଉପଦେଶ ଦେଲା "ଅରେ ତୋ ପାଖରେ ତ ଗୁଡ଼ାଏ ଟଙ୍କା ଅଛି । ତୁ ଗୋଟାଏ ବଡ଼ ଧାନ ଗୋଦାମ କର । ଧାନକଟା ପୂର୍ବରୁ ଚାଷୀମାନଙ୍କ ବଟୁଆ ଖାଲି ହୋଇଯାଇଥାଏ । ସେତେବେଳେ ସେମାନେ ସ୍ୱାର ବିକଳିଆ ଥାଆନ୍ତି । ସେତିକବେଳେ ତାଙ୍କ ଅଣ୍ଟାରେ ଟଙ୍କା ଗୁଞ୍ଜିଦେଇ ଆସିବୁ । ଧାନ ଦରଟା

Digitized by PPRACHIN, SOA

ବି ସେଥିକବେଳେ ଛୁଣ୍ଡେଇ ଦେବୁ । ଧାନ ଅମଳ ପରେ ଧର କୃଷ୍ଣଲାଲ ଶହେଟଙ୍କା ହବ । ତେବେ କୃଷ୍ଣଲ ଷାଠିଏ ଟଙ୍କା ହିସାବରେ ଟଙ୍କା କରଜ ଦେବୁ । ସେମାନେ ଅମଳ କରି ଷାଠିଏ ଦରରେ ତୋ ଘରେ ଆଣି ମପେଇ ଦେଇଯିବେ । ଛଗ୍ରେଟବେଳେ ଧାନ ଭାଉ ଦେଢ଼ଶହ ଯାଏ ଉଠିଯିବ । ସେଥିକବେଳେ ଖସେଇ-ଦେବୁ । ଲଭ କେତେ ଖାଇବୁ ଖାଉଥା ।”

ନକଟାର ମୁହଁରେ ଟିକଏ କୁଞ୍ଚୁ କୁଞ୍ଚୁ ଖବର ଗ୍ରୁଇ ଦେଖି ବନ୍ଧୁ ହାଙ୍କିଲା “ଆରେ ଏଂଟି ବେପାରରେ ମାନ୍ଦାବେଳ ବା ଘାଟ୍‌ତି ବିଲ୍‌କୁଲ ନାହିଁ । ସେତକ ହେଲା ଖାଇବା, ପିନ୍ଧିବା ଅଛି ଓଷଦ ପାଣି । ଦୁନଆ ଉପର ଚଳ ହୋଇଯାଉ ପଛକେ ଲୋକେ ଗଣ୍ଡାଏ ଖାଇବେ । ମୁଠାଏ ଗୁଡ଼ିକ ପାଇଁ ଘରଦ୍ୱାର, ମୁଏ, ମାଇପ ସମସ୍ତଙ୍କୁ ଦରକାର ହେଲେ ବିକିଦେବେ । ତେଣୁ ଗୋଦାମଘରେ ଧାନ ବସି ନ ହୋଇ ଗମିବାର ପ୍ରଶ୍ନ ନାହିଁ । ଅଛି ଲୋକେ ଆଗପରି ବଣୁଆ, ଲଙ୍ଗୁଳି ହୋଇ ରହି ନାହାନ୍ତି । ସେମାନେ କପଡ଼ା ଟଣ୍ଡେ ପିନ୍ଧିବେ ହିଁ ପିନ୍ଧିବେ । ଟିକି-ଛୁଆଠୁ ମଶାଣିକୁ ଗୋଡ଼ ବଢ଼େଇଥିବା ବୁଢ଼ା ସମସ୍ତେ କରଆ ହେଲେ ଖଣ୍ଡିଏ ପିନ୍ଧିବେ । ସେତକ ନ ହେଲେ ପଦାକୁ ବାହାରି ପାରିବେ ନାହିଁ । କପଡ଼ାର ବ୍ୟବହାର ତେଣୁ ସବୁବେଳେ ଅଗରେ । ଏହା କେବେହେଲେ ଖସିବ ନାହିଁ । ଏଣୁ ଏ ବେପାରରେ ନୁକ୍‌ସାନ୍ ନାହିଁ । ଆଉ ଗୋଟିଏ ବେଉସା ହେଲା ଓଷଦପାଣି । କଥାରେ ଅଛି ମଣିଷର ହାଡ଼ ହେଉଛି ରୋଗର ଖଣି । ରୋଗ କାହାକୁ ଛାଡ଼ିନ । ଯେତେ ହୁସିଆର ହୋଇ ରୁହ ପଛକେ ଶେଷ ଯାଏ ହେଲେ ରୋଗ ଅଳବତ୍ ଆସିବ ଆଉ ପିଠିରେ ନାଉକରି ନେଇଯିବ । ରୋଗ ପଡ଼ିଲେ ଓଷଦପାଣି ନ ଖାଇ କାହାକୁ ବାହାର ସମ୍ଭବ ନାହିଁ । ଜୀବନକାଳ ଭିତରେ ପ୍ରତ୍ୟେକ ଲୋକ ଅବଶ୍ୟ ଶହେ ଦୁଇ-ଶହ ଥର ଓଷଦ ପାଣିର ଶରଣ ପଶିବ । ତୁମ ପାଇଁ ଏ ବେଉଷା ମାନଙ୍କ ଭିତରୁ ଧାନ ବେଉସାଟା ସବୁଠୁଁ ଭଲ । ନକଟା ସନ୍ତୁ ତା କଥାରେ ରାଜି ହୋଇ ଧାନ ବେଉସାଟାକୁ ଆଦରିଗଲା ।

ପହିଲିବର୍ଷ ନକଟା ସାହୁ ଭଲ ଲଭ ଉଠେଇ ନେଲା । ଗ୍ରାମ ଉନ୍ନତି ସମିତିଆମାନେ ତାର ଟେର୍ ପାଇଲେ ନାହିଁ । ଆଗରୁ କେତେଜଣ ଗ୍ରେଟ କାଟିଆ ବେପାରି ଧାନ ସଂଗ୍ରହ କରୁଥିଲେ । ସେମାନଙ୍କର ହାତ ବାନ୍ଧିହୋଇଗଲା । ସେମାନେ ସମିତିଆ ଡ଼ାହାଳମାନଙ୍କୁ ନକଟା ପଛରେ ଲଗେଇ ଦେଲେ । ସେମାନଙ୍କର କର୍ମ କୁଶଳତା ଓ ଉତ୍ସାହ ଦେଖେ କିଏ । ଗ୍ରାମଟି ବ୍ରହ୍ମ ସାପ୍‌ଲେଇ-ବାଲା । ଇନକମ୍ ବାଲା, ପୁଲିସ୍‌ବାଲା, ପ୍ରସ୍ତାବିତ କଲେଜ ପାଣ୍ଠି ଓ ଜୀର୍ଣ୍ଣ ମନ୍ଦିର

Digitized by PPRACHIN, SOA

ମସ୍ତାଣ୍ଡ ପଣ୍ଡି ସଂଗ୍ରହକମାନେ ଓଡ଼ଶ ପରି ତାକୁ ବେଢି ଯାଇ ରକ୍ତ ଶୋଷିବା ଆରମ୍ଭ କରିଦେଲେ । ନକଟା ଦେଖିଲା ଏ ହତଗୋଡ଼ିଆ ଓଡ଼ଶମାନେ ସହଜେ ନ ଛାଡ଼ନ୍ତି । ଏମାନେ ରକତ ଖାଇ ମାଉଁସ ହାଡ଼କୁ ବି ଖାଇଯିବେ । ଲାଭର ୭୫ ଭାଗ ସେମାନଙ୍କର, ବାକି ୨୫ ଭାଗରେ ସେ କଅଣ ବସି ଆମ୍ବୁଲପଡ଼ା ଚାଟିବ ! ଛଅ ଆଉ ବର୍ଷକୁ ସେ ଧାନ ବେପାର ଛାଡ଼ିଦେଇ ଗୁମ୍ ହୋଇ ବସିଗଲା । ଭାବି ଲାଗିଲା ଆଉ କେଉଁ ବେପାରରେ ଟଙ୍କା ଖଟେଇବ । ଟଙ୍କାକୁ ନ ଖଟେଇଲେ ସେଗୁଡ଼ାକ ବାଂଝ ପାଲଟିଯିବ ।

ଆଉଜଣେ ବନ୍ଧୁ ବତେଇଦେଲେ—"ଆରେ ଫିଲ୍ମରେ ଟଙ୍କା ଲଗା । ଅଣ୍ଟ ନଅଣ୍ଟକୁ ବ୍ୟାଙ୍କ୍ ଅଛି । କେନ୍ଦ୍ର ସରକାର ଓଡ଼ିଆ ଫିଲ୍ମ୍ ପାଇଁ ଜାମିନ୍ଦାର ଅଛନ୍ତି । ତେଣୁ ବ୍ୟାଙ୍କ୍ମାନେ ଏକ ମୁହଁ ମେଲକରି ଦେଇଛନ୍ତି । ଓଡ଼ିଆ ଫିଲ୍ମରେ ଏପର୍ଯ୍ୟନ୍ତ ଘାଟତି ହୋଇନି । ହେଲେ ସରକାର ଭରଣା କରିଦେବେ । ଯା ସେ ଫିଲ୍ମ୍ ଡିଅରରେ ଟଙ୍କା ଖଟେଇବୁ । ଏ ବେଉସାକୁ ବଳି ଆଉ ଭଲ ବେଉସା ନାହିଁ । ଗୋଟାଏ ଭଲ ଡିରେକ୍ଟର ଯୋଗାଡ଼ କରିନେ । ସେ ସବୁ କରିବ । ତୁ ଘରେ ବସି କେବଳ ଟଙ୍କା ଯୋଗେଇ ଦେଉଥିବୁ । ହଁ ଆଉ ଦେଖ ବାଳୁଙ୍ଗା ସମିତିଆମାନଙ୍କ ଭିତରୁ ମେଣ୍ଢା ମେଣ୍ଢା ଦେଖି ଫିଲ୍ମରେ ପୁରେଇ ଦେବାକୁ ଡିରେକ୍ଟରକୁ କହିଦେବୁ । କିଛି ନ ହେଲେ ଅନ୍ତତଃ ଗୋଟାଏ ବାଟୋଇ ପାର୍ଟରେ ଠିଆ କରେଇ ଦେବେ । ବାଳୁଙ୍ଗାଙ୍କ ଜୀବନ ଧନ୍ୟ ହୋଇଯିବ । ତୁମକୁ ବିବ୍ରତ କଲାଭଳିଆ କିଛି କାମ ସେମାନେ ଆଉ କରିବେନି ।"

ନକଟା ଦେଖିଲା ପ୍ରସ୍ତାବଟା ମନ୍ଦ ନୁହେଁ । ଧନଲାଭକୁ ଧନଲାଭ ତା ସଙ୍ଗେ ସଙ୍ଗେ ବାଳୁଙ୍ଗାଙ୍କ ଦାଉରୁ ନିସ୍ତାର । କାଳ ବିଳମ୍ବ ନ କରି ସେ ଯୋଜନାକୁ କାର୍ଯ୍ୟକାରୀ କରିବାରେ ଲାଗିଗଲେ । ତିନିଜଣ ମୁଖ୍ୟ ବାଳୁଙ୍ଗାଙ୍କୁ ତିନିଟା ବଢ଼ିଆ ପାର୍ଟ ବି ଦିଆଗଲା । ଜଣେହେଲା ରାସ୍ତା କଡ଼ରେ ଶୋଇଥିବା ଏକ ଶ୍ରମିକ ରାସ୍ତାରେ ଧପାଉଥିବା ଏକ ବାଟୋଇ, ଆଉ ନଢ଼ମବେ ମଶା ତେଲ ପକାଉଥିବା ଏକ ମୁନସିପାଲିଟି ଶ୍ରମିକ । କାହାକୁ ପଦେହେଲେ କଥା କହିବାର ନ ଥିଲା ।

ହଠାତ୍ ଏ ମେଣ୍ଢା ବାଳୁଙ୍ଗାଙ୍କର ଭାଗ୍ୟୋଦୟରେ ବାକି ବାଳୁଙ୍ଗାତକ ହାଇ ହାଇ କରି ଲାଗିଲେ । କାଲିକା ମୁହଁଫଟା ଟୋକା ଆଜି ଫିଲ୍ମ ଇଷ୍ଟାର ! ଭାଗ୍ୟ କାହାକୁ କେତେବେଳେ କଅଣ ନ କରେ ! ସଦ୍ୟ ବାଳୁଙ୍ଗା କାଢ଼ ଛାଡ଼ିଥିବା ଜଣ ଫିଲ୍ମ ଇଷ୍ଟାର, କାଢଲଗା ବାଳୁଙ୍ଗା ମାନଙ୍କ ସାଙ୍ଗରେ ବେଶୀ ମିଳାମିଶା କରିବାକୁ

Digitized by PPRACHIN, SOA

ପଡ଼ିଗଲେ । ସେମାନଙ୍କ ସହ ଖୁବ୍ ଗମ୍ଭୀର ଭାବରେ କଥାବାର୍ତ୍ତା କଲେ ଏବଂ କ୍ରମେ ସେମାନଙ୍କଠାରୁ ବିଚ୍ଛିନ୍ନ ହୋଇଗଲେ । ଜାଡଥିବା ବାଳୁଙ୍ଗାମାନେ କ୍ରୁଦ୍ଧା-କ୍ରୋଧ ହେଲେ ଏ ଚନ୍ଦନଟା ବେଇମାନ ହାରାମଜାଦା ଆମର ପିଠିରେ ବସି ନେଡା ବନ୍ଧ ଗଲାରୁ ଆଉ ଆମକୁ ଧରାଛୁଆଁ ଦେଉନାହାନ୍ତି । ଆଚ୍ଛା, ଦିନେ ନା ଦିନେ କୃଷ୍ଣପକ୍ଷ ଆସିବ । ସେତେବେଳେ ଯାଇ କଥାବାର୍ତ୍ତା ।" ହସାଗୀ ଚନ୍ଦନଟା ସାହୁ ଦେଖିଲା ଯେ ସେ ବାଳୁଙ୍ଗାଙ୍କ ହାତରୁ ଖସି ଫିଲ୍ମ ଡାଇରେକ୍ଟର ଓ ମୁଖ୍ୟ ନାୟିକା ଖପରରେ ଯାଇ ପଡ଼ିଛି । ଯାହା କିଛି ଫିଲ୍ମରୁ ଲାଭ ମିଳିଥିଲା ତାହା ଲାଭ ପଦବାଚ୍ୟ ନୁହେଁ । ତହିଁରୁ ପୁଣି ଗୋଟାଏ ମୋଟା ଅଂଶ ଡାଇରେକ୍ଟର ଓ ନାୟିକା ଖତମ୍ କରିଦେଇଛନ୍ତି । ଆଉ ଗୋଟାଏ ଫିଲ୍ମ ତିଆରି କରିବା ପାଇଁ ଡାଇରେକ୍ଟରର ପାକଳା ପାକଳକୁ ସେ ଏ କାନରେ ପୁରେଇ ସେ କାନରେ କାଢ଼ିଦେଲା । ଫିଲ୍ମ ଉତ୍ପାଦନ ସେଇଠି ଶେଷ ହେଲା ।

ଆଉ କେଉଁଥିରେ ନ ମାତି ଚନ୍ଦନଟା ସାହୁ ଭାବିଲା ଅଳପ ସୁଧ ମିଳୁ ପଛକେ ସେ ବ୍ୟାଙ୍କ୍‌ରେ ସମସ୍ତ ଟଙ୍କା ରଖିଦେବ । ସେଥିରୁ ଉଠେଇ ସନ୍ଧ୍ୟାଅଙ୍କ ପିଠି ଲଗେଇବ । କଳାଧନ ଅଣ୍ଡାଳୁଥିବା ସରକାରୀ କର୍ମଚାରୀଙ୍କ ଭୟ କଲା । ସେମାନେ ସହଜରେ ବ୍ୟାଙ୍କ୍‌ରୁ ତା ଧନ ବିଷୟରେ ଜାଣିପାରିବେ । ଜଣେ ବ୍ୟାଙ୍କ୍‌ବାଲା ଏ ଭୟ ଦୂର କରିଦେଲା । ସେ କହିଲା—"ତୁମେ ଏକା ତୁମର ନାଁରେ ନରଖି ଦଶଟା ଫାଲ୍‌ତୁ ନାଆଁରେ ରଖିଦିଅ । ଏତକ ତୁମେ ଓ ମୋ ଛଡ଼ା ଆଉ କେହି ଜାଣି ପାରିବେ ନାହିଁ । ସେଇଥିରୁ ନେଇ ଲଗେଇବ କରଜ । ବାଳୁଙ୍ଗାମାନଙ୍କୁ କରଜ ଦେଇ ଚଢ଼ା ସୁଧ ପୁଣି ଆଦାୟ କରିବ । କୋଉ ଚୋରାପାରିଯୁ ନାହିଁ ଏହାର ଗୁମର ଜାଣିବ ।

ଏଥିରେ କାମ ଚଳିଲା । ହେଲେ ଆଶାନୁରୂପ ହେଲାନି । ଇନ୍‌କମ୍‌ଟ୍ୟାକ୍ସ ବାଲାଙ୍କୁ ବେଶ୍ ଚତା କାଟିହେଲା । ଡ଼ରଥାଏ କେବଳ ଭିଜିଲାନ୍‌ସ୍‌କୁ । ଗନ୍ଧବାରି ବାରି ବିରାଡ଼ି ଶୁଖୁଆ ପାଖରେ ପହଞ୍ଚିଲା ପରି ଭିଜିଲାନ୍‌ସ୍‌ବାଲାଏ ଶୁଙ୍ଘି ଶୁଙ୍ଘି ଛପା ଧନ ପାଖରେ ଆସି ପହଞ୍ଚି ଯାଆନ୍ତି । ଏଇ ଭୟଟା ଚନ୍ଦନଟାକୁ ବେଳେବେଳେ ଭୂତପରି ମାଡ଼ିବସେ । ରାତିରେ ଦିନେ ଦିନେ ସେ ସପନ ଦେଖି ବାଲ୍‌ବାଲେଇ ଉଠେ "ଓ୍ୱାଉ, ଓ୍ୱାଉ, ଓ୍ୱାଉ ନାହିଁ ନାହିଁ ମୋର ନୁହେଁ । ଓ୍ୱ ଉ ଓ୍ୱାଉ ଓ୍ୱ ଉ ମୋର ଖୁବ୍ କମ୍ ।" ଚେତା ଫେରି ଆସିଲେ ଧଡ଼ପଡ଼ ହୋଇ ଉଠି ବସିପଡ଼େ ।

ଦିନେ ଜଣେ ଅତି ଆପଣାର ବନ୍ଧୁ ପାଖରେ ଏକାନ୍ତରେ ବସି କହିଲା "ହଇରେ ଗୋଟାଏ କିଛି ବାଟ ବତା । କେଉଁର ଡ଼ାକୁଙ୍କୁ ଡରି ବ୍ୟାଙ୍କ୍‌ରେ ଧନ

Digitized by PPRACHIN, SOA

ରଖିଲ । ହେଲେ ସେଠି ଦେଖୁଛୁ ତହୁଁ ବଡ଼ା ତହୁଁ ବଡ଼ା ଡ଼ାକୁ ଛକି ରହିଛନ୍ତି । ସାନ ଡାକୁଙ୍କୁ ଭଣ୍ଡେଇଦେଇ ହେବ କିନ୍ତୁ ବଡ଼ ଡାକୁଙ୍କ ହାତରୁ ନିସ୍ତାର ନାହିଁ । ଧନକୁ ଧନ ନେବେ ହି ନେବେ, ତା ଉପରେ ପୁଣି ଘୋଷାଡ଼ି ନେଇଯାଇ ମାମୁଁଘରେ ପୁରେଇ ଦେବେ । ଏ ବ୍ୟାଙ୍କ୍‌ରୁ ଉଠେଇ ନେଇ ଆଉ କେଉଁ ବ୍ୟାଙ୍କ୍‌ରେ ରଖିବ ? ସବୁ ବ୍ୟାଙ୍କ୍ ସମାନ, ଗୋଟାଏ ଲଭର ମଞ୍ଜି । ଆଉ କେଉଁ ବ୍ୟାଙ୍କ୍‌କୁ ଯିବ ?”

ସାଙ୍ଗଟି ବହୁତ ଭାବି ଚିନ୍ତି କହିଲା—“ଗୋଟାଏ ବ୍ୟାଙ୍କ୍ ଅଛି । ଯଦି ପାରିବୁ ସେଇ ବ୍ୟାଙ୍କ୍‌ରେ ରଖ । ଭିଜିଲାନ୍‌ସର ବ୍ରଡବୋପା ସେଠି ପଶି ପାରିବ ନାହିଁ; ଆୟକରବାଲାଙ୍କ ଗୋସେଇଁ ବଡ଼ ବାପ ବି ସେ ବ୍ୟାଙ୍କ୍‌ର ଫାଇଦା ମାଡ଼ିବେ ନାହିଁ । ଛାତିର ପଞ୍ଜରା ହାଡ଼ ଭିତରେ ହୃତ୍‌ପିଣ୍ଡଟି ନିରାପଦରେ ଥାଇ ବେଧଡ଼କ ଧୁକୁ ଧୁକୁ ହେଉଥାଏ ତୋର ପୁଞ୍ଜି ସେହିପରି ସେ ବ୍ୟାଙ୍କ୍‌ରେ ନିରା-ପଦରେ ରହି ଫଳ ଫଳ ହେଉଥିବ, ବଢ଼ି ଲାଗିଥିବ । ଏସବୁ ବ୍ୟାଙ୍କରେ ତୁ ପୁଞ୍ଜି ଥୋଇଦେଉଛୁ । ସେ ଟଙ୍କା କେମିତି ବଢ଼ିଲା, କେତେ ବଢ଼ିଲା ସେସବୁ ତୁ ଜାଣିପାରିବୁ ନି । କିନ୍ତୁ ସେ ବ୍ୟାଙ୍କ୍ କଥା ନିଆରା । ସେ ବ୍ୟାଙ୍କ୍‌ର ମାଲିକ ତୁ ନିଜେ । ତୁ ନିଜେ ବୁଣିବୁ, ନିଜେ ଦାଇବୁ, ନିଜେ ଅମଳ କରି ଅମାରରେ ଭରିବୁ ।”

ନିକଟ ଆନନ୍ଦରେ କୁଳୁରିଉଠି ବଲ୍‌ବଲେଇଲା—“ଏଁ ଏଁ ସେ ବ୍ୟାଙ୍କ୍ ନା କଅଣ, ସେଇଟା କେଉଁଠି ? କାହା ଜରିଆରେ ସେଠାକୁ ଯିବାକୁ ହେବ, ମୋତେ ଅତିଶୀଘ୍ର କହିବୁଟି ।”

ବନ୍ଧୁ ପିଠି ଥାପୁଡ଼େଇ ଦେଇ କହିଲେ—“ହଁ ହଁ ଏତେ ଛୁନିଆ ହେବାର କିଛି ଦରକାର ନାହିଁ, ସବୁ କହୁଛି । ଥୟ ହୋଇ ବସି ଶୁଣ୍ । ସବୁକିଛି ବତେଇ ଦେଉଛି । ସେ ବ୍ୟାଙ୍କ୍‌ର ନାଆଁ ହେଲା ଭୋଟ୍ ବ୍ୟାଙ୍କ୍ । ତତେ ସପ୍ତାହେ ଖଣ୍ଡେ ମୋଠାରୁ ଟ୍ରେନିଂ ନେବାକୁ ପଡ଼ିବ । ବ୍ୟାଙ୍କ୍‌ଟା କେଉଁଠି, କିପରି ଟଙ୍କା ଖଟାଯାଏ, କେଉଁଠି ଟଙ୍କା ଖଟାଯାଏ, କେମିତି ଆଦାୟ କରାଯାଏ, କେତେ ଲଭ୍ୟାଂଶ ମିଳେ ସବୁ କିଛି ବତାଇ ଦେବି । ମନ ମୁତାବକ ଲଭ ପାଇଲେ ମୋତେ ଗୁରୁଦେବ ଜ୍ଞାନକରି ମୁଣ୍ଡିଆ ମାରିବୁ । ହଁ ଆଉ ଗୋଟିଏ କଥା ମନେ ରଖିଥିବୁ । ନିର୍ବାଚନର ଛମାସ ପୂର୍ବରୁ ଏ ବ୍ୟାଙ୍କ୍ ଖୋଲେ । ବ୍ୟାଙ୍କ୍ ଖୋଲିବା ସାଙ୍ଗେ ସାଙ୍ଗେ କାମ ଆରମ୍ଭ କରିଦେବୁ । ହଉ ଏଥରକ ପାଞ୍ଚଟଙ୍କିଆ କ୍ଷୀରସାଗର ସରଟାଏ ଖୁଆ, ନହେଲେ ପାଠ ତୋର ମନେ ରହିବ ନାହିଁ ।

Digitized by PPRACHIN, SOA

ରାଜନୈତିକ ନେତା, ଟାଉଟର ମାନଙ୍କର ପୁଷ୍ପମ ସ ହ୍ୱଠାରୁ ଢାଲୁକରି ଆକାଶରୁ ଗଳି ପଡ଼ିଲା । କେନ୍ଦ୍ର ଅଟଦଶରେ ରାଜ୍ୟପାଳ ଗାଧଆମାନଙ୍କ ପିଣ୍ଡରେ ହ' ହ' ନାଚ ଦେଇ ବହୁ ରକ୍ତ ଘଉଡି ଦେଲେ । ନିର୍ବାଚନର ମୋହିନୀ ମୂର୍ତ୍ତି ନେତା ଟାଉଟରମାନଙ୍କୁ ଉଚ୍ଚାଟିତ କରି ପକେଇଲା । ବିଷ୍ଣୁଙ୍କର ମୋହିନୀ ମୂର୍ତ୍ତି ଦେଖି ଶିବ ଏତେ ଦୂର ଉଚ୍ଚାଟିତ ହୋଇ ନ ଥିଲେ କି ବିଲ୍ୱମଙ୍ଗଳ ଚିନ୍ତାମଣିକୁ ଦେଖି ଏମିତି ହାଉଳି ଖାଇ ନ ଥିଲା । ଶିଳ୍ପପତି, ମିଲ୍ ମାଲିକ ଓ ବ୍ୟବସାୟୀମାନେ ନିଜ ନିଜ ନୋଟ ବିଡ଼ାରେ ଖଞ୍ଜିଦେଲେ । ନକଟା ପାଗ ଯୋଗ ଅନୁକୂଳ ହୋଇଗଲା ଭାବି ନିଜ ଥଳି ମଜଲ୍ କଲା । ନାଉଖିଆ ଦଳଙ୍କ ପାଖକୁ ନ ଯାଇ ସେ ସିଧାସଳଖ ଆର ଦଳର ମେଣ୍ଢା ପାଖକୁ ଧସେଇ ପଶିଗଲା । ସେ ତ ଶ୍ରେଷ୍ଠ ବ୍ୟାଙ୍କ୍ ଖୋଲି ବସିଛନ୍ତି । ବ୍ୟାଙ୍କ୍ ମୁଣ୍ଡିରେ ନିଜ ଥଳିରୁ ନୋଟ୍ ବିଡ଼ା ସବୁ ଝାଡ଼ି ପୂରେଇ ଦେଲା । ମେଣ୍ଢା ଗଣି ଦେଖିଲେ ପୂରା ଲକ୍ଷେଟଙ୍କା । ସେ କୃତ କୃତ୍ୟ ହୋଇ ନକଟାକୁ କୁଣ୍ଢେଇ ପକେଇ ପାଖରେ ବସାଇଲେ । ସାମାନ୍ୟ ଜଳଯୋଗ ମଧ୍ୟ ହୋଇଗଲା । ଅନ୍ତରଙ୍ଗ ବନ୍ଧୁ ପଢ଼େଇଥିବା ପାଠ ସବୁ ମନେ ପକାଇ ନକଟା ବକ୍ତୃତା ଆରମ୍ଭ କରିଦେଲା "ଆଜ୍ଞା ମୁଁ ବହୁତ ଭାବିଚିନ୍ତି ସ୍ଥିର କଲି ଯେ ଆମ ରାଜ୍ୟର ଅବସ୍ଥା ଯାହା ତାକୁ ସ୍ୱୟଂ ଭଗବାନ ଆସିଲେ ବି ସଜାଡି ପାରିବେ ନାହିଁ । କାରଣ ସେ ତ ରହିଲେ ବୈକୁଣ୍ଠରେ । ମର୍ତ୍ତ୍ୟପୃଷ୍ଠରେ ଥିବା ଆମ ରାଜ୍ୟ ବିଷୟରେ ତାଙ୍କର କି ଜ୍ଞାନ ଅଛି । ଯିଏ ଆମ ରାଜ୍ୟରେ ସବୁବେଳେ ଅଛି, ରାଜ୍ୟର ସୁଖଦୁଃଖରେ ନିଜ ସୁଖ ଦୁଃଖକୁ ମିଶାଇ ଦେଇଛି, ଏ ରାଜ୍ୟର ଗୋଡ଼ି, ମାଟି, ଅଗରା, ନଈବାଲି ଗାଈ ଘୁଷୁରି ଚର୍ବି ଆଦି ମାମୁଲି ଜିନିଷକୁ ଭଲ ଭାବରେ ଚିହ୍ନିଛି ସେହି ଏକା ଏ ରାଜ୍ୟର ମଙ୍ଗଳ କରି-ପାରିବ । ସର୍ବାଙ୍ଗୀନ ଉନ୍ନତି କରିପାରିବ । ତେବେ ଆମ ରାଜ୍ୟରେ ଏପରି ଲୋକ କିଏ ମାସ ମାସ ଧରି ମୁଁ ମନେ ମନେ ଖୋଜୁଛି । ସମସ୍ତଙ୍କ ଆଡୁ ମୋ ଦୃଷ୍ଟି ଫେରି ଆସିଛି । ନିରାଶ ହୋଇ ଭାଙ୍ଗି ପଡ଼ିଲାବେଳକୁ ମୋ ଭିତରେ କିଏ ଯେମିତି ଚଟକଣି ଟାଏ ମାରିଦେଇ କହିଲା "ହେ ବୁଢ଼ାବକ୍ ଓଲୁ ସ୍ୱାଙ୍କ ଆଡ଼େ ଟିକିଏ ଚାହାଁ ।" ମୋର ଚେତା ପଶିଗଲା । ଆପଣଙ୍କୁ ମନେ ମନେ ନିବିଡ଼ ଭାବରେ ପାଦରୁ ମୁଣ୍ଡଯାଏ ଦେଖିଲି । ଆଜ୍ଞା ମୁଁ ଆପଣଙ୍କୁ ଖୋସାମଦ କରୁନି । ଖୋସାମଦ କରିବା ମୋ ଜାତକରେ ନାହିଁ । କୁଆକୁ କୁଆ କହିବି, କୋଇଲିକୁ କୋଇଲି କହିବି । ମୁଣ୍ଡକଟି ଗଲେ ବି କୋଇଲିକୁ କୁଆ କହିବି ନାହିଁ । ଏ ଜବାନ ଛୁଇଁ ସତ କହୁଛି ଆପଣଙ୍କ ପାଦଠାରୁ ମୁଣ୍ଡଯାଏ କେଉଁଠି ଟିକିଏ ହେଲେ ଅବଗୁଣ ଦେଖିଲି ନାହିଁ । ମନେ ମନେ ଠିକ୍ କରିନେଲି ଆପଣ ହିଁ ଏ ରାଜ୍ୟକୁ ରକ୍ଷା କରିପାରିବେ । ରାଜ୍ୟର ଲଗାମ୍ ଆପଣଙ୍କ ହାତରେ ହିଁ ପଡ଼ିବା ଉଚିତ୍ । ଆପଣଙ୍କ ହାତ ମୁଠାକୁ ଟାଣ କରିବା ଉଚିତ୍ । ଟଙ୍କା ନ ହେଲେ ହାତମୁଠା ଟାଣ ହେବ କିପରି । ମୋର ଏଇ

Digitized by PPRACHIN, SOA

ଯନ୍ତ୍ରକଳ୍ପିତ ଥିଲା ତାହା ଆପଣଙ୍କ ହାତରେ 'ସଅଁପିଦେଇ ଆପଣଙ୍କ ହାତ ମୁଠାକୁ ଟାଣ କରିବା କୁ ଧାଇଁ ଆସିଲା । ଭୋଟରମାନେ ଯେପରି ଲଞ୍ଚୁଆ, ମଦୁଆ, ମାଉ-ରଙ୍କୁଣା ପେଟ କୁ ହୋଇ ଗଲେଣି ସେଥିରେ ସେମାନଙ୍କୁ ତ କୌଣସି ପ୍ରକାରରେ ଯୋଗାଇବାକୁ ହେବ । ଏସବୁ ଆପଣ ଆଣିବେ କେଉଁଠୁଁ ? ଖାଲି ଆପଣଙ୍କ ହାତ ଟାଣ ନ ହେଲେ ରାଜ୍ୟ ରସାତଳକୁ ଯିବ । ରାଜ୍ୟ ରସାତଳକୁ ଗଲେ ମୁଁ ଏ ଟଙ୍କା ରଖି କଅଣ କରିବ । ଏସବୁ ଭାବିଚିନ୍ତି ଆପଣଙ୍କ ହାତରେ ଦେଲି । ଏଣିକି ମୁଁ ନିଶ୍ଚିନ୍ତ । ରାଜ୍ୟ ବି ନିଶ୍ଚିନ୍ତ ହେଲା ।"

ନେତା ପୁଣିଥରେ ନକଟାଙ୍କୁ କୁଣ୍ଢେଇ ପକେଇ ଭାବ ବିହ୍ୱଳ ସ୍ୱରରେ କହିଲେ -"ଆପଣମାନଙ୍କ ପରି ନିଃସ୍ୱାର୍ଥପର ଦେଶଭକ୍ତମାନଙ୍କ ଆଶୀର୍ବାଦରୁ ମୁଁ ଏ ରାଜ୍ୟକୁ ରାମରାଜ୍ୟ କରିବାକୁ ଅଣ୍ଟାଭିଡ଼ି ବାହାରିଛି । ଆପଣଙ୍କ ସଦିଚ୍ଛା ହିଁ ମୋର ପାଥେୟ ।"

ନକଟା ଏକମ ଜ 'ହାତ ମୁଠା ଟାଣକାରୀ' ନଥିଲା । ତା ଭଳି ଓ ତାଠୁଁ ବଳି ଆହୁରି ବହୁ ବହୁ 'ସୁପର୍' ନକଟା ଥିଲେ । ହେଲେ ନକଟର ସର୍ବୋତ୍କୃଷ୍ଟ ତେଲଘଷା ଅନ୍ୟ କାହାର ନ ଥିଲା । ନିର୍ବାଚନରେ ନେତା ସଦଳବଳ ଜିତି ସରକାର ଗଢ଼ିଲେ । ପ୍ରଥମ ମନ୍ତ୍ରୀ ମଣ୍ଡଳ ବୈଠକରେ ସବୁ ହାତମୁଠା ଟାଣକାରୀଙ୍କୁ ପ୍ରତ୍ୟେକଙ୍କ ଲଗାଣ ଧନର କୋଡ଼ିଏ ଗୁଣ ଧନ ଲାଭାଂଶ ରୂପେ ପାଇବାର ପନ୍ଥାସବୁ ଖୋଜି ଦିଆଗଲା । ନକଟା ତେଲ ପାଇଁ କିନ୍ତୁ ନେତା ସ୍ୱତନ୍ତ୍ର ବନ୍ଦୋବସ୍ତ କରି ୨୫ ଲକ୍ଷ ଟଙ୍କା ଉଠେଇବା ଭଳି ସମ୍ପତ୍ତି ଖୋଜିଦେଲେ । ନବାଗତଙ୍କୁ ସବୁଠାରେ ସ୍ୱତନ୍ତ୍ର ଅଧିକ ସୁବିଧା ନ ମିଳିଲେ ଅନ୍ୟମାନେ ଏ ବାଟରେ ଆସିବାକୁ ଉତ୍ସାହିତ ହେବେ-ନାହିଁ । ଖଣିପଟା, ଲାଇସେନ୍ସ୍ ଏକଚାଟିଆ ବ୍ୟବସାୟ ଆଦିରେ ନକଟା ଗୋଟା ୨ ବର୍ଷରେ କୋଟିପତି ହୋଇଗଲା । ମଧ୍ୟବର୍ତ୍ତୀ କାଳୀନ ଆସନ୍ତା ନିର୍ବାଚନ ବେଳେ ଭୋଟ୍ ବ୍ୟାଙ୍କ୍‌ରେ ପୁଣି କେତେ ପୁଞ୍ଜି ଲଗେଇବ ତାର ହିସାବ କିତାବ ଏବେଠୁ ଆରମ୍ଭ କରିଦେଲା । ସବୁ ପ୍ରକାର ବ୍ୟାଙ୍କ୍‌ଠାରୁ ଭୋଟ୍ ବ୍ୟାଙ୍କ୍ ଯେ ଯଥେଷ୍ଟ ବେଶି ଲାଭାଂଶଦାୟକ ତାହା ନକଟା ଭଲଭାବରେ ଜାଣି ପାରିଥିଲା ।

ଉଗର ପ୍ରେସ୍
ପିଠାପୁର, କଟକ-୧

ଓଁ

Digitized by PPRACHIN, SOA

ଅସମାପ୍ତ ଡାଏରୀ

—ଆନନ୍ଦ ଚନ୍ଦ୍ର ପଣ୍ଡା

ବନ୍ଧୁ ଦୀନବନ୍ଧୁଙ୍କ ହାତରେ ନୂଆବର୍ଷର ଡ଼ାଇରୀଟିଏ ଦେଖି ଦେବାଶିଷବାବୁ ଆକ୍ଷେପ କଲେ—ସପ୍ତାହର କେବଳ ରବିବାରଟିର ମୁହଁ ଅନ୍ୟାନ୍ୟ ଦିନମାନଙ୍କଠାରୁ ଭିନ୍ନ । ଅନ୍ୟ ସବୁଦିନର ରଙ୍ଗ ଏକାପରି ।

ପ୍ରତି ସକାଳ : ଗାଧୁଆ ଘରେ କିଛି ସମୟ, ଖବର କାଗଜ ପଢ଼ିବା, ଚା ପିଇବା, ପିଲାମାନଙ୍କ ପାଠ ପଢ଼ା ଦେଖିବା, ଆଉ ତରବରରେ ଖାଇ ଅଫିସ ଧାଇଁବା ।

ପ୍ରତିଦିନ : ଧଇଁ ସଇଁ ହୋଇ ଅଫିସରେ ପହଞ୍ଚିବା, କିଛିଟା ଗୁଲିଗପ କରିବା, ଫାଇଲ୍ ପେଟରେ ମନ ଓ ଆଖି 'ବୁଡାଇବା', ଧାଡ଼ିଭାଙ୍ଗି ଏଣେ ତେଣେ ଧାଇଁବା ।

ପ୍ରତିସନ୍ଧ୍ୟା : ହାଟ, ବଜାର, ରାସ୍ତାରେ ପୁରୁଣା ସାଙ୍ଗସାଥୀ ସାକ୍ଷାତ, ରାସ୍ତା ଉପରେ ଠିଆ ଠିଆ କିଛିଟା ଗଳ୍ପ, ଔଷଧ ଦୋକାନ ନ ହେଲେ କଣ୍ଟ୍ରୋଲ ଦୋକାନକୁ ଧାଇଁବା ।

ପ୍ରତିରାତି : ପିଲାମାନଙ୍କ ଆପତ୍ତି ଅଭିଯୋଗ, ପତ୍ନୀଙ୍କ ସହିତ ରୋଷେଇଘରେ କିଛି ସମୟ ବସିବା, ପିଲାମାନଙ୍କୁ ପାଠପଢ଼ା ପାଇଁ ତାଗିଦ୍, ଖାଇ ପିଇ ପିଲାମାନଙ୍କ ଶୋଇବାର ବହୁ ବିଳମ୍ବରେ ଶୋଇବା ।

ଗୋଟିଏ ସପ୍ତାହର ଡାଏରୀ ଲେଖିଦେଲେ ପରବର୍ତ୍ତୀ ସପ୍ତାହରେ ନୂଆ କିଛି ଲେଖିବାକୁ ନ ଥିବ । ମାସିକ ଦରମାର ବନ୍ଧା ଆୟ ଭିତରେ ପ୍ରତିଦିନର ପୋଷାକ ଏକା, ମୁହଁରେ ରଙ୍ଗ ଏକା । ରୁଟିନ୍‌ର ବନ୍ଦୀଘର ଡେଇଁ ଯିଏ କିଛି ସମ୍ପର୍କ ଗାଁ ସହିତ ରଖିପାରିଲା ତା ଦିନ ଗୁଡ଼ିକର ମୁହଁ ନିଶ୍ଚୟ କିଛିଟା ଭିନ୍ନହେବ । ସେ ଡ଼ାଏରୀ ଲେଖିବାର କିଛିଟା ଅର୍ଥ ଥାଇପାରେ । ଯେଉଁମାନଙ୍କର ଜୀବନ ଘଟଣା ବହୁଳ ଜୀବନର ରାସ୍ତା ଉଠାଣି ଗଡ଼ାଣିରେ ଭରା ସେମାନେ ଡ଼ାଏରୀ ଲେଖିଲେ ତାର ମୂଲ୍ୟ ଅଛି । କିନ୍ତୁ ତୁମପରି ଯେଉଁମାନେ ରୁଟିନ୍‌ବନ୍ଧା ଜୀବନ କାଟନ୍ତି

Digitized by PPRACHIN, SOA

ଯାହାର ଗତିପଥ କେବଳ ଅଫିସ୍ , ବଜାର, ଘରରେ ସୀମାବଦ୍ଧ ସେମାନେ ସେହି ଏକା କଥାକୁ ତିନଶହ ପଅଁଷଠି ଦିନ ଅଯଥା କାହିଁକି ଦେଖିବେ ?

ଡାଇରୀ ଉପରେ ସାଧା କାଗଜ ଖଣ୍ଡେ ଗୁଡ଼ାଇ ବ୍ୟାଗ୍‌ରେ ରଖୁ ରଖୁ ଦୀନବନ୍ଧୁ କହିଲେ—ଯେତେ ଲୋକ ଡାଏରୀ ଧରନ୍ତି ସମସ୍ତେ କଣ ଡାଇରୀ ଲେଖନ୍ତି ? କେତେକଙ୍କର ପ୍ରତିଦିନ ହାତରେ ଡ଼ାଇରୀ ଧରି ବୁଲିବା ଗୋଟାଏ ସଉକ୍ । ହୁଏତ ସେ ଡାଇରୀରେ କେତେଟା ଠିକଣା, କେତେଟା ଟେଲିଫୋନ୍ ନମ୍ବର କିମ୍ବା କିଛିଟା ହିସାବ ଲେଖାଯାଇ ଥାଏ ।

ଟେବୁଲ ଉପରେ ଫାଇଲ, କଲମ, ଚଷମା ଥୋଇ କାମ କରିବାର ଅଭିନୟ କରୁ କରୁ ଅଫିସ୍‌ର ଅନ୍ୟ ବନ୍ଧୁମାନେ ଦୀନବନ୍ଧୁ ଓ ଦେବାଶିଷଙ୍କ ବାକ୍ୟ ପ୍ରତିବାକ୍ୟ, କଥା କଟା କଟିକୁ କାନ ବଢ଼େଇ ଶୁଣୁଥିଲେ । ମଝିରେ ମଝିରେ କେହି କେମିତି ମୁହଁ ବଢ଼େଇ ପଦେ ପଦେ କଥା ଆଲୋଚନା ମଝିକୁ ପକେଇ ଦେଉଥିଲେ ।

ହଠାତ୍ ଦୀନବନ୍ଧୁଙ୍କ ଦୃଷ୍ଟି ଟେବୁଲ ତଳକୁ ଚାଲିଗଲା । କନାବ୍ୟାଗ ଦୁଇଟି । ଗୋଟିକର ହ୍ୟାଣ୍ଡେଲ ଛିଡ଼ିଯାଇଛି । ଛିଣ୍ଡା ବ୍ୟାଗଟି ଆର ବ୍ୟାଗର କାନ୍ଧରେ ଓହଳିଛି ।

ଦୀନବନ୍ଧୁଙ୍କର ବୁଝିବାକୁ ଅସୁବିଧା ହେଲାନାହିଁ—ଦେବାଶୀଷବାବୁ ଗାଁରୁ ସିଧ , ସିଧା ଅଫିସ ଆସିଛନ୍ତି । ଗାଁରୁ ଆଣିଥିବା ବ୍ୟାଗ ଦୁଇଟି ଟେବୁଲ ତଳେ ଥୁଆ ହୋଇଛି ।

ଦୀନବନ୍ଧୁ ବାବୁ ହସି ହସି ପଚାରିଲେ ଦେବାଶିଷବାବୁ ଗାଁରୁ କ'ଣ ସବୁ ଆସିଛି ? ଖାଇବ ଜିନଷ ଥିବ ବାହାର କର । ସବୁଥର ଗାଁ ଜିନିଷ ଏକା ଏକା ଖାଇ ଦେଉଚ, ଆଜି ପଞ୍ଚମୁଖରେ ପଡ଼ିଯାଉ ।

ଦେବାଶିଷବାବୁଙ୍କ କଥାକୁ ଅପେକ୍ଷା ନ କରି ବ୍ୟାଗ ଦୁଇଟିକୁ ଟେକି ଆଣୁ ଆଣୁ ଦୀନବନ୍ଧୁଙ୍କ ହାତରୁ ତଳେ ପଡ଼ିଗଲା । ବ୍ୟାଗ୍ ଭିତରୁ ଜିନିଷ ସବୁ ତଳେ ଗୁଣି ହୋଇଗଲା । ଅନେକ ଆଖି ତଳେ ପଡ଼ିଥିବା ଜିନିଷ ସବୁକୁ ଗଡେଇ ଚଢ଼େଇ ଦେଖୁଥିଲେ । ଶାଗ, ସଜନା ଛୁଇଁ, ବଡ଼ି, କାକୁଡ଼ି, ଅରୁଆ ଚାଉଳ ଗୋଟିଏ ପୁଡ଼ିଆ, କୋଳି, ଅଳ୍ପକିଛି ଚୁଡ଼ା, କିଛି ମୁଢ଼ି, ଚାରୋଟି କୁକୁଡ଼ା ଅଣ୍ଡା କିଛି କଞ୍ଚା ଲଙ୍କା । କିଏ କନାରେ ବନ୍ଧା ହୋଇଚି, କିଏ ଟିଣ ଡବାରେ ପଶିଛି ଆଉ କିଏ ପଲିଥିନରେ ବନ୍ଧା ହୋଇଛି ।

Digitized by PPRACHIN, SOA

ଆଖି ଗୁଡ଼ାକ ତଳୁ ଫେରିଆସି ଦେବାଶିଷଙ୍କ ମୁହଁ ଉପରେ ଠୁଳ ହୋଇ-ଗଲା । ଅନେକ ଆଖି କୌତୁକରେ ହସି ଉଠିଲେ ।

ହଠାତ୍ ବିବସ୍ତ୍ର ହୋଇଗଲାପରି ଦେବାଶିଷବାବୁଙ୍କ ମୁହଁ ଲାଜରେ ଲାଲ ପଡ଼ିଗଲା ଦେହରୁ ଲୁଗାପଟା ସଜାଡ଼ି ନେଲାପରି ତଳେ ପଡ଼ିଥିବା ଜିନିଷକୁ ତାଙ୍କ ହାତ ଦୁଇଟା ଗୋଟେଇ ନେଇ ବ୍ୟାଗରେ ପୂରାଇ ପକାଇଲା ।

ଏଇ ସବୁ ଅନାବନା ଜିନିଷ କ'ଣ ଏଠି ମିଳୁ ନାହିଁ ଯେ ଏତେ ବାଟରୁ ଆଣିଛ ? ସବୁ ଜିନିଷର ମୋଟ ଦାମ୍ ଦଶଟଙ୍କାରୁ ବେଶୀ ହେବନାହିଁ । ଏସବୁ ଜିନିଷ ଗାଡ଼ି ମଟର ଭିତରେ ଆଣିବାକୁ ଶହେ ଟଙ୍କାର ହଇରାଣ ।" ଦୀନବନ୍ଧୁ ଏତକ କହି ଦେବାଶିଷଙ୍କ ମୁହଁକୁ ଚାହିଁଥିଲେ ।

ସ୍ୱାଭାବିକ ରଙ୍ଗ ଧରି ଆସୁଥିବା ଦେବାଶିଷଙ୍କ ମୁହଁଟା ପୁଣି ନାଲି ପଡ଼ିଗଲା । ଅନ୍ୟମାନଙ୍କ ପାଇଁ ଏ ଜିନିଷ ଗୁଡ଼ିକ ଅନାବନା ହେଲେବି ତାଙ୍କପାଇଁ ତାଙ୍କ ପିଲାମାନଙ୍କ ପାଇଁ ରାଜଧାନୀର ଯେ କୌଣସି ଜିନିଷଠାରୁ ତାହା ମୂଲ୍ୟବାନ । ଗାଁର ମଲ୍ଲୀମାଆ ମୁଢ଼ି ମାଛମାଆ ଚୁଡ଼ା, ବାଡ଼ିର ସଜନାଛୁଇଁ, ବଡ଼କୋଳି, କାକୁଡ଼ି, କଞ୍ଚାଲଙ୍କା, ମାଆଙ୍କ ହାତ ତିଆରି ବଡ଼ି ଅନାବନା ହୋଇ ନ ପାରେ । ଏସବୁ ଖାଇବାବେଳେ ଗାଁ, ଗାଁର ଲୋକମାନେ, ବିଲ, ବାଡ଼ି, ବଗିଚା କିଛି ସମୟ ପାଇଁ ନିଜ ଘରପାଖରେ ଠିଆ ହୁଅନ୍ତି । ସହରରେ ଥିଲେ ବି ପିଲାମାନେ ଗାଆଁ ଜିନିଷ ଖାଇ ଗାଆଁକୁ କିଛି ସମୟ ପାଇଁ ହାତ ମୁଠାରେ ମୁଠାଇ ଧରି ଖୁସିରେ ନାଚନ୍ତି ।

"ବାଇଶି ବର୍ଷର ସହରିଆ ଜୀବନ ଭିତରେ ବି ତୁମେ ଗାଆଁ ପ୍ରତି ମମତା ତୁଟାଇ ପାରି ନାହଁ ଦେବାଶିଷବାବୁ । ସତରେ ତୁମେ ଖାଣ୍ଟି ଗ୍ରାମୀଣ । ଏମିତି ହେଲେ ତୁମେ ଗାଁରେ କି ସହରରେ କୋଉଠି କିଛି କରିପାରିବ ନାହିଁ । ପହଁରି ପହଁରି କ୍ଲାନ୍ତ ହେବ କିନ୍ତୁ ମାଛ ଧରି ପାରିବ ନାହିଁ ।

ଦୀନବନ୍ଧୁଙ୍କ ମନ୍ତବ୍ୟରେ ଜଳଭରା ମେଘପରି ଦେବାଶିଷ ଗମ୍ଭୀର ହୋଇ-ଗଲେ । ପୁନଶ୍ଚ ଦୀନବନ୍ଧୁ ପ୍ରଶ୍ନ କଲେ—ଏ ବାଇଶି ବର୍ଷର ଚାକିରି କାଳ ଭିତରେ ତମର ସଞ୍ଚୟ କେତେ ? କେତେ ଟଙ୍କା ତୁମେ ଦୁର୍ଦ୍ଦିନ ପାଇଁ ସାଇତି ରଖିଛ ?

ପ୍ରଶ୍ନଟି କାଟି କାଟି କଣା କରି କରି ଦେବାଶିଷଙ୍କ ଦେହରେ ଗଳି ଯାଉଥିଲା ଏଭଳି ଏକ ପ୍ରଶ୍ନ ସେ କେବେ ନିଜକୁ କରି ନ ଥିଲେ କି କରିବାର ଅବକାଶ ପାଇ-ନ ଥିଲେ । ନିଜ ଶରୀରକୁ ଟେକିଧରି ଜୀବନ ସଂଗ୍ରାମ କରିବାର ଅଭିନୟ କରୁ କରୁ

Digitized by PPRACHIN, SOA

ଜୀବନର ଉତ୍କର୍ଷରେ ଉପନୀତ । କାଠଖଣ୍ଡ, ଖେଳନା ବନ୍ଧୁକ କାନ୍ଧ ଆଖିରେ ଧସ୍ ପଡ଼ିଗଲେ ମୁଣ୍ଡରୁ ଗଣ୍ଡିଟା ଅଲଗା ହୋଇଯିବାର ଆଶଙ୍କାରେ ସେ ପ୍ରତି ମୁହୂର୍ତ୍ତିରେ ଆତଙ୍କିତ ।

କେବଳ ବଞ୍ଚି ରହିବା ଯାହାର ଜୀବନର ଏକମାତ୍ର ଲକ୍ଷ୍ୟ ତା ଜୀବନରେ ଯୋଜନା କାହିଁ ? ଲକ୍ଷ୍ୟହୀନ ଭାବରେ ଚାଲୁ ଚାଲୁ ସେ ଯେଉଁଠି ପହଞ୍ଚି ପାରିଲା ସେ ପାଇଁ ତାର ଅନୁଶୋଚନା କିମ୍ବା ଅନୁତାପ ନାହିଁ । ସେଇଠି ଠିଆ ହୋଇ ଉପରକୁ ଅନାଇଁ ଉପର ପାହାଚର ବୈଭବ ଦେଖି ନିଜର ଦୈନ୍ୟତା ପ୍ରକାଶ କରିବା ପରିବର୍ତ୍ତେ ସେ ତଳ ପାହାଚର ଦୈନ୍ୟ ଦେଖି ନିଜକୁ ସାନ୍ତ୍ୱନା ଦିଏ । ଅନେକ ଲୋକ ତା'ଠାରୁ ତଳ ପାହାଚରେ ଠିଆ ହୋଇଛନ୍ତି ଯାହାଙ୍କର ଚିରିଫଟା ଜୀବନର ଛବି ଦେଖି ନିଜର ଦୈନ୍ୟକୁ ସେ ସମ୍ପଦ ବୋଲି ମନେକରି ଗର୍ବ କରେ । ତାଠାରୁ ଅନେକ ତଳପାହାଚିଆ ତାର ଗୌରବକୁ ହିଂସୁକ ଆଖିରେ ଚାହିଁଥିବା ବେଳେ ସେ ନିଜକୁ କିଛିଟା ଭାଗ୍ୟବାନ ମନେକରେ । ବଞ୍ଚିବା ପାଇଁ ପ୍ରେରଣା ସଂଗ୍ରହ କରେ । ଦୁଃଖକୁ, ଦୈନ୍ୟକୁ ଅଙ୍ଗପାତି ସହି ନେବାକୁ ନିଜକୁ ପ୍ରସ୍ତୁତ କରେ ।

ମଣିଷ ଜୀବନର ଲକ୍ଷ୍ୟ ହାସଲ ପାଇଁ ଯୋଜନାର ଆବଶ୍ୟକ ଏକଥାଟା ଦେବାଶିଷଙ୍କ ମୁଣ୍ଡରେ କେବେ ପଶିପାରି ନାହିଁ । କୌଣସି ଅନୁଷ୍ଠାନ କିମ୍ବା ବ୍ୟବସାୟ ପ୍ରତିଷ୍ଠାନ ପରି ଯେ ଜୀବନର ଲାଭକ୍ଷତି, ଭଲମନ୍ଦ, ସଞ୍ଚୟହରଣ ହିସାବ କରିଯାଏ ଏ ଧାରଣା ତାଙ୍କର ନ ଥିଲା । ଗାରପକା ଖାତାର ଯୋଜନାବଦ୍ଧ ରାସ୍ତା ତାଙ୍କପାଇଁ ପ୍ରସ୍ତୁତ ହୋଇନାହିଁ । ଖାଲ, ଢିପ, କଣ୍ଟା, ଖୁଣ୍ଟ ଭରା ଅଜଣା ଅମଡ଼ା ବାଟରେ ଲହୁ ଲୁହାଣ ହୋଇ ଚାଲିଛନ୍ତି ସେ ।

ଏ ସବୁ ଭାବୁଥିଲା ବେଳେ ବନ୍ଧୁ ଦୀନବନ୍ଧୁଙ୍କ ମୁହଁକୁ ସେ କଟ ମଟ କରି ଚାହିଁଥିଲେ । ଦୀନବନ୍ଧୁ କିଛି ଅପ୍ରତିଭ ହୋଇ ପ୍ରଶ୍ନକଲେ – କ'ଣ କିଛି କହୁନା ଦେବାଶିଷବାବୁ ? '

ଦେବାଶିଷବାବୁ ଏଥର ମୁହଁ ଖୋଲିଲେ—ଏଭଳି ଏକ ପ୍ରଶ୍ନ ମୁଁ କେବେ ନିଜକୁ ପଚାରି ନ ଥିଲି । ଜୀବନ ଗୋଟାକର ହିସାବ ଏତେ ଶୀଘ୍ର କରିହୁଏନା ବନ୍ଧୁ । ଏଥିପାଇଁ କିଛି ସମୟ ଦରକାର ।

—ତେବେ ତୁମ ଜୀବନ ଖାତାରେ ଯୁକ୍ତ ନା ବିଯୁକ୍ତ କାହାର ପଦାଙ୍କ ବେଶୀ ?

Digitized by PPRACHIN, SOA

—ସେଇଟା କହିବାକୁ ବିଶେଷ ହିସାବର ଆବଶ୍ୟକତା ନାହିଁ । ବିଯୁକ୍ତ ପଦାଙ୍କରେ ମୋ ଜୀବନଆକାଶରେ ଗୋଟିଏ ଛାୟାପଥ ସୃଷ୍ଟି ହୋଇଛି । କିନ୍ତୁ ଛାୟାପଥର ତାରକା ସଂଖ୍ୟାର ସମଷ୍ଟି କହିବା ସମୟ ସାପେକ୍ଷ ।

ଦୀନବନ୍ଧୁ ଦେବାଶିଷଙ୍କ ମୁହଁକୁ ଚାହିଁଲେ । ସେ ହୁଏତ ଦେବାଶିଷଙ୍କ ମୁହଁରେ ଉଜ୍ଜ୍ୱଳ ଛାୟାପଥର ପ୍ରତିବିମ୍ବ ଦେଖୁଥିଲେ ।

ପରିବାରମାନଙ୍କ ମଧ୍ୟରୁ ଯେଉଁ କେତେଟା ଦିନର ମୁହଁ ଏବେ ବି ଦେବାଶିଷଙ୍କ ଆଖି ଆଗରେ ନାଚିଉଠେ ତା ଭିତରେ ପ୍ରଥମେ ଚାକିରି ଆଦେଶ ପାଇବା ଦିନଟି ଅନ୍ୟତମ । ବାପା, ବୋଉ, କକାଭାଇ, ଭଉଜ, ପୁରୁଣା, ଝିଆଣୀ ସମସ୍ତଙ୍କ ମୁହଁ ଖୁସିରେ ଫାଟି ପଡୁଛି । ପତ୍ନୀଙ୍କ ମୁହଁରୁ କଥା ନ ବାହାରି ଗାଢ଼ ରଙ୍ଗର ହସଫୁଲ ଫୁଟିବାକୁ ଫୁଟିବା ଝରି ପଡୁଛି । ଲକ୍ଷେଶ୍ୱର ଜିତିଲା ପରି ସମସ୍ତଙ୍କ ମୁହଁ ଉଜ୍ଜ୍ୱଳ, ଉତ୍ଫୁଲ୍ଲ ।

ଦେବାଶିଷ ଚାକିରି ପାଇବା ଯୋଗୁ ତାଙ୍କ ପରିଧିର ଆନନ୍ଦରେ ସେ ଆତଙ୍କିତ । ସନ୍ଧ୍ୟାର ଛାଇପରି ତାଙ୍କ ଆଶଙ୍କା ବଢ଼ି ବଢ଼ି ଚାଲିଥାଏ । ସେ ଚାକିରି ଜୀବନରେ କାହାକୁ କିଛି ପ୍ରତିଦାନ ଦେଇପାରିବେ ତ ? କାହା ହାତରେ କଣ୍ଢେଇ-ଟାଏ । କାହା ହାତରେ ଛତାଟାଏ, କାହା ହାତରେ ପାନ କଣ୍ଡାଏ ଗୁଆଗଣ୍ଡେ କାହା ହାତରେ ବିସ୍କୁଟ ପ୍ୟାକେଟ୍‌ଟାଏ ଧରାଇ ଦେଇ ପ୍ରତିଦାନ ଦେଇଥିବାର ବିଜ୍ଞାପନଟାଏ ଛାପି ଦେଇ ସମସ୍ତଙ୍କର ମୁହଁ ବନ୍ଦ କରିଦେବାକୁ ପ୍ରତିଦାନ କୁହାଯିବ କି ?

ରାଜଧାନୀ ଦେବାଶିଷଙ୍କ ପାଇଁ ଏକାନ୍ତ ଭାବେ ନୂଆସ୍ଥାନ । ଏଠି ସରକାରୀ ବାସଭବନ ଗୁଡ଼ିକ ଭିନ୍ନ ଭିନ୍ନ ଶ୍ରେଣୀର । ପ୍ରତି ଶ୍ରେଣୀରେ ପିଲା ଇଉନିଫର୍ମ ପିନ୍ଧିଲା ପରି ଏଗୁଡ଼ିକ ସମାନ । ଏକା ପୋଷାକର ପିଲାମାନଙ୍କ ଭିତରୁ ନିର୍ଦ୍ଦିଷ୍ଟ ପିଲାଟିକୁ ଖୋଜି ବାହାର କରିବା ପରି ବନ୍ଧୁ ଦୀନବନ୍ଧୁଙ୍କ ଘରଟି ଖୋଜି ପାଇବା ତାଙ୍କ ପକ୍ଷେ ଖୁବ୍ କଷ୍ଟ ହୋଇଥିଲା ।

ଦେବାଶିଷଙ୍କ ପାଇଁ ଗୋଟିଏ ଭଡ଼ା ଘର ଖୋଜି ପାଇବା ପାଇଁ ସେ ଦୁଇ ବନ୍ଧୁଙ୍କୁ ଦୁଇମାସ ସମୟ ଲାଗିଥିଲା । ରାଜଧାନୀରେ ଭଡ଼ାଘର ଚାକିରି ପରି ଦୁଷ୍-ପ୍ରାପ୍ୟ—ରାଜ ଉଆସ ପରି ଦୁର୍ମୂଲ୍ୟ ।

ଦୀନବନ୍ଧୁଙ୍କ ଘରେ ଦୁଇମାସ ରହିବା ଭିତରେ ବନ୍ଧୁଙ୍କଠାରୁ ଦେବାଶିଷ-ବାବୁ ରାଜଧାନୀର ଚଳଣି ବିଷୟରେ କିଛିଟା ସୂଚନା ପାଇଥିଲେ ।

ଦୀନବନ୍ଧୁଙ୍କ ଅଭିଜ୍ଞତାର ରାଜଧାନୀରେ ନାଗରିକତ୍ୱ ଗ୍ରହଣ କରିବା ପୂର୍ବରୁ କେତେଟା ପରମ୍ପରା ମାନିବାକୁ ହୁଏ, କେତେଟା ଆଦର୍ଶ ରୀତିମତ ଅଭ୍ୟାସ କରିବାକୁ ହୁଏ । ଆଉ କେତେ ନୀତିବାକ୍ୟ ମନେ ରଖିବାକୁ ହୁଏ ।

Digitized by PPRACHIN, SOA

ନିଜ ଗାଁ ଅଞ୍ଚଳକୁ ପିଠି କରି ନିଜର ବାପା, ମାଆଙ୍କଠାରୁ ମୁହଁକୁ ବୁଲାଇ, ଆତ୍ମୀୟ ସ୍ୱଜନଙ୍କ ମୁହଁ ମୋଡ଼ି, ନିଜର କଲିଜାଟାକୁ ଘରରୁ ବାହାର କରି ସ୍ତ୍ରୀ ହାତରେ ଧରାଇ ଦେଇ କେବଳ ସ୍ତ୍ରୀ ଆଡକୁ ମୁହଁ କରି ଠିଆ ହେବା ରାଜଧାନୀର ପରମ୍ପରା ।

ଜଗତ ନର୍କକୁ ଯାଉ ମୁଁ ଉଦ୍ଧାର ହୁଏ । ସମସ୍ତଙ୍କୁ ଅସୁବିଧାରେ ପକାଇ ମୁଁ ସୁଖପାଏ, ମୁଁ ସମସ୍ତଙ୍କର ନିନ୍ଦାଗାଏ ସମସ୍ତେ ମୋର ପ୍ରଶଂସା ଗାନ କରନ୍ତୁ, ମୁଁ କାହାରିକୁ କିଛି ଦେବିନାହିଁ ମୋତେ ସମସ୍ତେ ସବୁ କିଛି ଦିଅନ୍ତୁ । ମୋ ପତ୍ନୀ କନ୍ୟା କାହାରିକୁ ମୁହଁ ଟେକି ନ ଚାହାଁନ୍ତୁ ମୁଁ ସମସ୍ତଙ୍କ ପତ୍ନୀ କନ୍ୟାଙ୍କୁ ଆଖି ପୂରାଇ ଦେଖେ । ମୁଁ ସମସ୍ତଙ୍କୁ ଅସୁନ୍ଦର ଅଗୁଣର କହି ସମାଲୋଚନା କରେ ମୋତେ ସମସ୍ତେ ସର୍ବ ସୁନ୍ଦର, ସର୍ବଗୁଣର ବୋଲି କୁହନ୍ତୁ । ମୁଁ ଏକା ମହାଜ୍ଞାନୀ ଆଉ ସମସ୍ତେ ନିର୍ବୋଧ, ମୁଁ ଏକା ପାରିବାର ଆଉ ସମସ୍ତେ ଅପାରଗ, ମୁଁ ଏକା ସାଧୁ ସଚ୍ଚୋଟ ସମସ୍ତେ ଚୋର, ଦୁର୍ନୀତିଗ୍ରସ୍ତ, ମୁଁ ଏକା ନୀତିବାନ ସମସ୍ତେ ନୀତିହୀନ ମୁଁ ଏକା ଧାର୍ମିକ ସମସ୍ତେ ବିଧର୍ମୀ । ମୁଁ ଏକା ମାର୍ମିକ ସମସ୍ତେ ନିର୍ମମ ।

ରାଜଧାନୀର ଯେଉଁ ସବୁ ନୀତିବାକ୍ୟ ମାନି ଲୋକେ ଚଳନ୍ତି ଏ ହେଲା ସେଥିରୁ କେତୋଟି ।

ଏଠି (ରାଜଧାନୀରେ) ଜୀବନର ମୂଲ୍ୟବୋଧ ବଦଳି ଯାଇଛି । ଭଦ୍ର, ନମ୍ର ମଣିଷର ଅନ୍ୟନାମ ଚୋରମୁହାଁ, ଶାନ୍ତ ଶିଷ୍ଟର ଅନ୍ୟନାମ ମାଇଚିଆ ଧୀରସ୍ଥିରର ଅନ୍ୟନାମ ନିର୍ବୋଧ, ମିତବ୍ୟୟୀର ଅନ୍ୟନାମ କୃପଣ, ସରଳ ନିରାଡ଼ମ୍ବରର ଅନ୍ୟ-ନାମ ମଫସଲି, ନୀତିବାକ୍ୟର ଅନ୍ୟନାମ ଡ଼ରୁଆ, ଚୋରର ଅନ୍ୟନାମ ବାହାଦୁର, ଆଳସ୍ୟର ଅନ୍ୟନାମ ବିଳାସ, ଅମଣିଷର ଅନ୍ୟନାମ ମଣିଷ, ମଣିଷର ଅନ୍ୟନାମ ଅମଣିଷ ।

ଏଠି ଭାଷା ମନର ଭାବକୁ ପ୍ରକାଶ ନ କରି ମନ ମୁତାବକ ଆଚ୍ଛନ୍ନ କରେ, ମାଛ ଖାଇବାପରି ମିଛ କହିବା ସ୍ୱାଦିଷ୍ଟ, ରନ୍ଧା ଅପେକ୍ଷା କଞ୍ଚାମାଂସ ଖାଇବାର ଆଗ୍ରହ ଜୀବନକୁ ଗତିଶୀଳ କରେ, ପାଣି ପିଇ ତୃଷା ନିବାରଣ ପାଇଁ କାହାର ଆଗ୍ରହ ନ ଥାଇ ରକ୍ତପାନ କରି ପିପାସା ବଢ଼ାଇବାରେ ଆଗ୍ରହ । ମୁହଁରେ ମଣିଷର ମୁଖାପିନ୍ଧି ଅନେକ ବାଘଭାଲୁ ଦୁର୍ବାର ଗତିରେ ମଣିଷର ଭୂମିକାରେ ଅଭିନୟରତ ।

ବାଇଶି ବର୍ଷତଳେ ଏ ନୀତିବାକ୍ୟ, ଉପଦେଶ, ଆଦର୍ଶ ପ୍ରଥମେ ଶୁଣି ଦେବାଶିଷ ଅବାକ୍ ହୋଇ ଯାଇଥିଲେ । ମଫସଲ ଓ ସହରର ଚଳଣି ଭିତରେ ଏତେ ତାରତମ୍ୟ ? ଧାଡ଼ି ଧାଡ଼ି ଅଟ୍ଟାଳିକା, ବିଭିନ୍ନ ଉଚ୍ଚତାର ଭିନ୍ନ ଭିନ୍ନ ରଙ୍ଗର । ଘର ଆଗରେ ଗାଢ଼ ରଙ୍ଗର ଫୁଲ ବଗିଚା । ଧାଡ଼ି ଧାଡ଼ି ଘର ମଝିରେ କଳା ମସୃଣ

Digitized by PPRACHIN, SOA

ପିଚୁ ରାସ୍ତାର ଅଳସ ଶେଯ । ବେଶ ପରିଷ୍କାର, ପରିଚ୍ଛନ୍ନ । ଏଠି ଏତେ ସୁନ୍ଦର ଘର ବାହାର କିନ୍ତୁ ମଣିଷର ଭିତର ବାହାର ଏଠି ଏତେ ଅମେଳ ?

ସେଦିନର ଦେବାଶିଷ ଓ ଆଜିର ଦେବାଶିଷ ମଧ୍ୟରେ କେବଳ ବାଇଶିଟି କ୍ୟାଲେଣ୍ଡର ବର୍ଷର ବ୍ୟବଧାନ ନୁହେଁ । ସେଦିନ ସେ କ'ଣ ହେବା ନ ହେବାର ଆଶା ଆଶଙ୍କାର କାଗଜ ଡଙ୍ଗା ଚଢ଼ିଥିଲେ । ଆଜି କିନ୍ତୁ ତାଙ୍କର ଆଉ କିଛି ହେବାର ନାହିଁ । ଯାହା ହେବାର ହୋଇ ସାରିଛନ୍ତି । ଏତେ ବର୍ଷର ବର୍ଷା, ଶୀତ, ଖରାର ଓ ନିଆଁର ପୋଡ଼ ଖାଇ ଖାଇ ସେ ଯେଉଁ ଆକାରରେ ଗଢି ହୋଇଛନ୍ତି ତାଠୁ ଅନ୍ୟ ଆକାର ହେବାର ଚେଷ୍ଟାକଲେ କେବଳ ଉଡଗୁଡ ଶବ୍ଦରେ ନିଜକୁ ଭାଙ୍ଗି ଭାଙ୍ଗି ଖପରା କରିହେବ କିନ୍ତୁ ନୂଆ କିଛି ଦ୍ରବ୍ୟବାସ୍ତପାନ କରିବା ଅସମ୍ଭବ ।

ବନ୍ଧୁ ଦୀନବନ୍ଧୁଙ୍କ ଉପଦେଶ, ନୀତିବାକ୍ୟ ଓ ଆଦର୍ଶକୁ ସେ ଆପଣାର କରିପାରି ନାହାଁନ୍ତି । ବରଂ ନିଜକୁ, ନିଜ ମନକୁ ଅନେକଙ୍କ ହାତରେ ଉଲଗ୍ନ ଭାବରେ ଟେକି ଦେଇ ସେ କମ୍ ଉପହାସିତ ହୋଇ ନାହାଁନ୍ତି । ସେ ଫିଟାଇ ଫିଟାଇ ଚାଲିଥିବା ସୂତାରେ ଅନେକ ଗଣ୍ଠି । ନାକସିଧା ଚାଲିବାରେ କ୍ଷତାକ୍ତ । ଜୀବନଟା ରେଜା ପଇସା ପରି ଖର୍ଚ୍ଚ କରିଚାଲିଛନ୍ତି କିନ୍ତୁ ପ୍ରତିଦାନ ପାଇ ନାହାଁନ୍ତି । ବାଟ ଚାଲିବା ଅପେକ୍ଷା ବାଟ ଭୁଲିବା ବେଶୀ ।

ଏଭଳି ପରିବେଶରେ ଜୀବନ ସଂଗ୍ରାମ ଦୁର୍ବିସହ । ସର୍ବାଙ୍ଗରେ ଜ୍ୱାଳାମୟୀ କ୍ଷତ, ମନରେ ଅନେକ ଯନ୍ତ୍ରଣା, ରକ୍ତରେ ତୀବ୍ର ଜ୍ୱାଳା । ଭୟଙ୍କର ସଂଗ୍ରାମରେ ବ୍ୟାପୃତ ରହି ପଛକୁ ଫେରି ଚାହିଁବାର ଅବକାଶ ନାହିଁ । ଲାଭ କ୍ଷତିର ହିସାବ ନାହିଁ । ଲାଭ ଆଉ କ୍ଷତି ଭିତରୁ ସେ କେବଳ ଗୋଟିକର ମୁହଁ ଦେଖିଛନ୍ତି । ସେ ମୁହଁଟି ତାଙ୍କର ଖୁବ୍ ପରିଚିତ—କ୍ଷତିର । ଅନ୍ୟ ଅର୍ଥରେ କୁହାଯାଇପାରେ ସେ ଏତେଦିନ ସଂଗ୍ରାମ ଭିତରେ ଅନେକ କ୍ଷତି ଲାଭ କରିଛନ୍ତି ।

ଦୀନବନ୍ଧୁ ବାବୁଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଦେବାଶିଷବାବୁ କେବଳ କ୍ଷତି, ପରାଜୟ, ବିଯୁକ୍ତ ଏଇଥିରୁ କିଛି ମନେ ମନେ ଠୁଳକରି ହିସାବରେ ଲାଗିଥିଲେ । ସେ ହିସାବ ସବୁ ନାହିଁ । ସରିବାର ନୁହଁ ।

ଦୀନବନ୍ଧୁ ଦେବାଶିଷଙ୍କ ଭାବାବିଷ୍ଟ ମୁହଁକୁ ଚାହିଁ ଦେଖୁଥିଲେ, ସେଠି ଅନେକ ଦୃଶ୍ୟର ଭିଡ଼ । କୌଣସି ଗୋଟିକର ଛବି ପରିଷ୍କାର ନୁହଁ । ଅନେକ ଛବି ଛନାଛିନ, ଅଲିଙ୍ଗନାବଦ୍ଧ ।

ଜଳସେଚନ ଓ ବିଦ୍ୟୁତ ବିଭାଗ,
ରାଜ୍ୟ ସଚିବାଳୟ, ଭୁବନେଶ୍ୱର

Digitized by PPRACHIN, SOA

ଭୋଜି

—ଶ୍ରୀ ଅନ୍ନଦା ଚରଣ ଦାସ

ବଡ଼ସକାଳୁଟାରୁ ହଠାତ୍ ମାଇକ୍‌ର ଚଡ଼ା ଆବାଜ୍ ମୋର ନିଦ ଭାଙ୍ଗି-ଦେଲା। "କାଳୀ କପାଳୀ ନୃମୁଣ୍ଡମାଳି...." ସେଇ ପୁରୁଣା ରେକର୍ଡ। ମନେ ପଡ଼ିଗଲା ଆଜି ଆମ ଘର ସେପାଖେ ଜନାର୍ଦ୍ଦନବାବୁଙ୍କ ଝିଅ ବାହାଘର। ଆମ ଗଳିରାସ୍ତାର ସେପଟକୁ ତାଙ୍କର ଶ୍ରେଷ୍ଠ ଏକ କ୍ୱାର୍ଟର। ଟାଇପ୍ ଟୁ-ଆର୍-ଏ। ଏକ ଚଳିଆ ଅଫିସର ଆକାଉଣ୍ଟାଣ୍ଟ ସେ। ଜନାର୍ଦ୍ଦନ ରହଳ।

ପହିଲି ମଗୁଶୀରର ଏଇ ଭୋର୍। ଆଜି ମାସର ଶେଷ ସପ୍ତାହର ରବିବାର। ବହୁତ କାମ। ଲୁଗାପଟା ସଫା କରିବାକୁ ହେବ ଶେଷ ସନ୍‌ଲାଇଟ୍‌ର ଟୁକୁରାରେ। ଘରଣୀଙ୍କ ପାଇଁ ଔଷଧ ଆଣିବାଟା ନିତିଦିନିଆ କାମ। ତେଲ ଲୁଣ ସବୁ ତ ସରିଥିବ; ପୁଣି କାମ ଚଳାଇବା ପାଇଁ କିଛି ନଗେନ୍‌ଦା'ର ବାକି ଦୋକାନରୁ ଆଣିବାକୁ ହେବ। ମୋ ଭଳି ଏକ ଶ୍ରେଷ୍ଠ ଗୃହସ୍ଥ ପକ୍ଷେ ଏ ମାସ ଶେଷ ସପ୍ତାହ ଭାରି କଷ୍ଟ!

"ମଉସା ନମସ୍କାର...."

ଧ୍ୟାନ ଭାଙ୍ଗିଲା ମୋର। ସାମନାରେ କବାଟ ପାଖକୁ ଲାଗି ଠିଆ ହୋଇଛି ଏକ ଅଣ୍ଟା ପତଳା ଏକ ବାଳକ। ଶୁଖା ମୁହଁ। ଉଦର ହାଡ ଗଣି ହେଉଚି। ଆଖିରେ ଖିରୁ ଚିହ୍ନାଣି ଜନାର୍ଦ୍ଦନବାବୁଙ୍କ ସାନପୁଅ ବାବୁଲି। ପଚାରିଲି "କଣ କରେ?" "ମଉସା ଆମ ସୁମିଅପାର ବାହାଘର ଆଜି—ଆପଣ କାର୍ଡ ତ ପାଇଥିବେ ବାପା ମତେ ପଠାଇଛନ୍ତି ଆଉଥରେ କହିବାକୁ। ଆପଣ ଆଜି ନିଶ୍ଚୟ ଆସିବେ।" "ହଉ..." ସଂକ୍ଷେପରେ ଏତିକି କହିଦେଇ ତାକୁ ବିଦାୟ ଦେଲି। ଚିନ୍ତା ଲାଗିଲା। ଟୋକାଟା କିଛି ନ ଡାକି ନ କରି ସିଧା ବେଡ୍‌ରୁମ୍‌କୁ ପଶିଆସୁଚି!

ଜନାର୍ଦ୍ଦନବାବୁଙ୍କ ବଡ଼ଝିଅ ସୁମିତାର ଆଜି ବାହାଘର। ସୁମିତା! ବୟସ୍କ ଜୀର୍ଣ୍ଣ ଶରୀର। ବାରବନେ ତେର ରୋଗ। ପାଠ ମାଟ୍ରିକ୍। ଜନାର୍ଦ୍ଦନବାବୁ ତାଙ୍କ

Digitized by PPRACHIN, SOA

ଶ୍ରେଷ୍ଠ ପରିବାର ମଧ୍ୟରେ ବି ତାଙ୍କୁ ହିଁ ଛଣିଷା ଦେଇପାରିନାହାନ୍ତି । ଜନାର୍ଦ୍ଦନବାବୁଙ୍କ ବୟସ ପଚାଶ ସେପାଖେ । ମୁଣ୍ଡବାଳ ଧଳା । ଗେଡ଼ା ଦେହ । ଆମ୍ବୁଆଳିଆ । ବଡ଼-ପେଟ, ପେଟ ମଧ୍ୟ, ଗୋଟିଏ ପରେ ଗୋଟିଏ ସାତୋଟି ଝିଅ ଓ ଦୁଇଟି ପୁଅର ଜନକ । ସବା ସାନଟିକୁ ମାତ୍ର ଦୁ' ବର୍ଷ, ଏବେ ପୁଣି ସ୍ତ୍ରୀ ତାଙ୍କର ଅନ୍ତଃସତ୍ତ୍ୱା ହୋଇଛନ୍ତି । ହୋପ୍‌ଲେସ୍ ।

ସେପଟୁ ପୁଣି ବକ୍ତୃତା କରୁଛନ୍ତି ଜନାର୍ଦ୍ଦନବାବୁ ପବନରେ ଭାସିଆସୁଛି "ହେ ବୁଲୁ । ହେ ମାଲୁ····ହଇରେ ହରିଆ ହେ ମିସ୍ତ୍ରୀ....''

ଆଉ ଶୁଆଇ ଦେବେ ନାହିଁ । ଉଠିପଡ଼ି ଝରକାବାଟେ ଟିକେ ରାସ୍ତା ସେ ପଟକୁ ଚାହିଁଲି । ସେଇ ଜନାର୍ଦ୍ଦନ ବାବୁଙ୍କ ବକ୍ତୃତା ଶୁଭିଯାଉଛି । ଅତି ମାମଲତି କାଶ୍ମି ପଣିଆ ଦେଖେଇ ହୋଇ ପୁଅ, ଝିଅ ମୂଲିଆ, ମିସ୍ତ୍ରୀ ସମସ୍ତଙ୍କୁ ରଡ଼ିକରି ଡାକାପକାଇ ଅଯଥା ବକ୍ତୃତା ସୃଷ୍ଟି କରୁଛନ୍ତି । ଟିଣ ଗୁଡ଼ାକ ଝଣଝାଣ କରି ଠେକା-ପକା କରୁଚନ୍ତି । ପାଲଗୁଡ଼ାକ ଏଠି ସେଠି ରଖାଉଛନ୍ତି । ଚଟିଲୁଙ୍ଗି, ଅତି ମଇଳା, ତାଙ୍କୁ ପିନ୍ଧି ଅନ୍ତଲି ପେଟ ଉପରେ ମସିଆ ଗାମୁଛା ଖଣ୍ଡେ ଭିଡ଼ି ଖୋଲା-ଦେହରେ ନସର ପସର ହେଉଛନ୍ତି ଆଉ ଖାଲି ପାଟି କରୁଛନ୍ତି । ତାଙ୍କ ଦେଖା-ଦେଖି ଅନ୍ୟମାନେ ମଧ୍ୟ ପାଟିକରି ଉତ୍ତର ଦେଉଛନ୍ତି । ଆଉ ତାଆରି ଭିତରେ ଶ୍ରେଷ୍ଠ ଝିଅଙ୍କ କାନ୍ଦଣା । ଶଙ୍ଖଫୁଙ୍କା; ହୁଳହୁଳି ସବୁ ମିଶି ଗୁଡ଼ାଏ କୋଳାହଳ ଚାଲିଛି—ହୋପ୍‌ଲେସ୍ !

ଏ କି ଅବସ୍ଥା ? ଆଜିକାଲି ଯୋଉ ସମସ୍ତ । ସେଥିରେ ଏଇ ଟିଣ, ଲୁହା-ଖୁଣ୍ଟି । ପାଲ, ସାମିଆନା । ପାଣିଗାଡ଼ି, ଲାଇଟ୍‌ମାଳ ଡେକୋରେସନ୍ ସବୁ ଯୋଗାଡ଼ କରି ସେଥିପାଇଁ ଖର୍ଚ୍ଚକରି ତା ଉପରକୁ ପୁଣି ଏକ ଆମିଷପୂର୍ଣ୍ଣ ପ୍ରୀତି ଭୋଜନର ବ୍ୟବସ୍ଥା କଲାବେଳକୁ ତ କନ୍ୟାପିତାର ଦଫାଶେଷ୍ ! ଅଲିଅଲି ଝିଅବାହାକରି ବିଚରା କନ୍ୟାପିତାକୁ ଯଦି କାବୁଲିଘରେ ବନ୍ଧା ପଡ଼ିବାକୁ ହୁଏ ତେବେ ଚଉଦ ପୁରୁଷ ମୁକ୍ତି ପାଇଯିବେ ? ଧନ୍ୟ ପୁରୁଷ ପଣିଆ ! !

କ୍ଷୋଭରେ ଉଠି ପଡ଼ିଲି । ଆରଘରେ ସାବିତ୍ରୀ ଶୋଇଛନ୍ତି । କୋଡ଼ିଏ ବର୍ଷ ତଳେ ମୋର ହାତଧରିଥିବା ସହଧର୍ମିଣୀ ସହକର୍ମିଣୀ ସାବିତ୍ରୀଦେବୀ ଶୋଇ ରହିଛନ୍ତି ଗୋଟିଏ ପୁରୁଣା ଖଟ ଉପରେ । କ୍ଷୀଣ ଶରୀର—ଭାଇରସ ଜ୍ୱର ଆଜିକୁ ପାଞ୍ଚଦିନ ହେଲା । ଡାକିବାକୁ ଇଚ୍ଛା ହେଲାନାହିଁ । ଶୋଇଥାନ୍ତୁ, ତାଙ୍କର ବିଶ୍ରାମ ଦରକାର । ସେପଟେ ଷ୍ଟୋଭେଇଘରେ ବଡ଼ଝିଅ ଚହା କରି ବସିଛି.ପୁଟେଉଛି । ସାନ-ପୁଅ କୁନା ସ୍କୁଲ ପଳେଇଲାଣି ବୋଧହୁଏ । ଗୁଡ଼, ଏଇ ତ ମୋ ଦୁର୍ବଳ ସଂସାର ।

Digitized by PPRACHIN, SOA

ଆରେ ! ଅଫିସବେଳ ହୋଇଗଲାଣି । ତରତରରେ କାମସାରି ଅଫିସ ପଳେଇଲି । ଗୁଡାଏ କାମ ସାରି ଫେରିଲାବେଳକୁ ବେଳ ଛଅଟା । ଶ୍ରାନ୍ତକ୍ଲାନ୍ତ ଶରୀରଟାକୁ ଖଟ ଉପରେ ପକାଇ ଦେଲାବେଳକୁ ସାବତ୍ରୀ ଥର ଥର କଣ୍ଠରେ କହିଲେ "ଜନାର୍ଦ୍ଦନ ବାବୁଙ୍କ ପୁଅ ଅସି ଡ଼ାକଯାଇଛି । ତେମେ ଯିବଟି ? ଖାଲି ହାତରେ ଯିବନାହିଁ । କଣ ଗୋଟାଏ ନେଇଯିବ ।"

କଣ ନେବ ? ଟଙ୍କା ବା କାହିଁ ? ମାସ ଶେଷର ସପ୍ତାହ । ଅଧାଖୋଲା ଡ୍ରୟାର୍ ଭିତରେ ଖାଲି ମନଦ୍ୟାଗ୍ଟା ଉଙ୍କି ମାରୁଛି । ଏତେ କୁଆଡୁ ଅସିବ ? ଏଇ ତ ସେଦିନ ଗୋଟିଏ ସାଙ୍ଗର ପୁଅ ଏକୋଇଶା ଗଲା । ଉପହାର ଦେଲି । ତା ପଛକୁ ଅଫିସରଙ୍କ ଝିଅ ବାହାଘର । ସେଥିରେ ଉପହାର । ତାପରେ ସ୍ୱାଧୀନତା ଦିବସରେ ବଟୁଣେଇଠାରେ ଆମ ଅଫିସ୍ଷ୍ଟାଫ୍ଙ୍କ ଭୋଜି ।

ଖାସିକଟା— ସେଥିରେ ପନ୍ଦରଟଙ୍କା ଚାନ୍ଦା । ଗତ ସପ୍ତାହରେ ଜଣେ ଅଫିସ ପିଅନର ସ୍ୱର୍ଗବାସ ହେଲା । ତା'ର ଶୁଦ୍ଧିକ୍ରିୟା ପାଇଁ ଚାନ୍ଦା ! କେତେ କୁଆଡ଼ୁ ଆସିବ ? ଭଣ୍ଡାରେ ମୁଠି ଟଙ୍କା ଛଅଟି । ତିରିଶ ଦିନକୁ ବେତନ ଚାରିଅଧ ମିଶି ଛ'ଶ ଟଙ୍କା । ତା ବାହାରୁ ଗୁଡ଼ାଏ କଟିକାଟି ଘରକୁ ଅଣୁଚ ଚାରି ଶହ । ସେଥିରେ ଚାରିପ୍ରାଣୀ କୁଟୁମ୍ବ ଚଳିବେ । ତା ଛଡ଼ା ଗଲାଆଇଲା ଓଷାବାର, ଔଷଧପତ୍ର ଡ଼ାକ୍ତର ଫିସ୍, ଘରଦୁଆର ସବୁ । କୋଉଠୁ ଅଣ୍ଟିବ ? କଣ କାମଧେନୁ କି ? ଦୁହିଁ ଥିବ ! ଖାଲି ଦୁହିଁ ଥିବ ! !

ପୁଣି ଗୋଟାଏ କଡ଼ା ରେକର୍ଡ ବାଜିଉଠିଲା ରଙ୍ଗବତୀ, ରଙ୍ଗବତୀ...ମନଟା ପିତା ପଡ଼ିଗଲା । ଏତେ ଅଭାବ ! ଜନାର୍ଦ୍ଦନ ବାବୁଙ୍କ ସାନଝିଅଟା ପରି ଆସିଲା । "ମଉସା, ତେମେ ଆଜି ଆମ ଘରକୁ ସଅଳ ଯିବ । ବାପା କହିଛନ୍ତି । ବର ଆସିଲେ ତେମେ ବରଯାତ୍ରୀଙ୍କ କଥା ବୁଝିବ ।" ଚମକି ପଡ଼ିଲି । ଅନେଇଲି, ପିଲାଟି କହି-ଦେଇ ଚାଲିଗଲାଣି ।

କଣ ସେ କହିଲା ? ମୁଁ ରହିବି ବର ଆସିବାଯାଏ ? ଆଜିକାଲି ଯୋଉ— ବର ! ସେମାନେ ପୁଣି ଆସୁଚନ୍ତି ରାତିରେ ତାରିଖ ଗଡ଼ାଇ । ରାତି ବାରଟାପରେ ବଇଁଚିଆ ରାଜରାସ୍ତା । ଖଟେ ଟାକ୍ସି । ଦିଅଣ୍ଡା ମୁଣ୍ଡବୋଝିଆଣୀ ଆଲୁଅ ଝାଡ଼ିଧରି ଚାଲିଥିବେ, ତିରିଶ ଚାଳିଶ ଜଣ ବିଭିନ୍ନ ବୟସର ବରଯାତ୍ରୀ ଚାଲିଥିବେ । ସେଥିରେ ଥିବେ ବରର ସାଙ୍ଗ ବୋଲାଉଥିବା କେତେ ଗୁଡାଏ ଲଫଙ୍ଗା ଟୋକା । ଅଶିକ୍ଷିତ, ଅର୍ଦ୍ଧଶିକ୍ଷିତ । ଅଳବଦ୍ୟା ଭଦ୍ରଙ୍କଣ । ମୁହଁରୁ ଭଣ ଭଣ ଗନ୍ଧ ବାହାରୁଥିବ । ଅଣ୍ଡା ହଲେଇ ନାଚ ନାଚି ଚାଲିଥିବେ । ଶସ୍ତା ତେଲେଙ୍ଗା ବାଜାବାଲା ପଞ୍ଝାଏ ବିଭିନ୍ନ

ଶକୃତ ସ୍ୱର ଲହରୀ ଖେଳାଇ ତାଙ୍କ ସାଙ୍ଗରେ ଗ୍ଲୁଥିବେ । ଦେଖିବାକୁ କେହି ନ ଥିବେ । କେବଳ ରାଜପଥ ଉପରେ ଗୁଡାଏ ବୁଲା ଗାଈ ଓ ଷଣ୍ଢ ଏବଂ କୁକୁର ସେମାନଙ୍କର ନୀରବ ଦର୍ଶକ ହେବେ । କନ୍ୟାଘରେ ପହଞ୍ଚିବେ ରାତି ଗୋଟାଏ କି ଦୁଇଟାରେ ! ଏଇତ ଡମ । ସେଥିରେ ମୁଁ ରହିବି ଏତେ ରାତିଯାଏ ଆଉ ତାଙ୍କୁ ଚର୍ଚ୍ଛା କରିବି ? ଅସମ୍ଭବ ।

ରମ୍‌ଜାନ୍ ମିଆଁ ଷ୍ଟେସନ ଋ ଦୋକାନରୁ ଗୋଟାଏ ଗ୍ରେଟ କ୍ୟାପ୍‌ସ୍କେଟ୍ ବାକରେ ନେଇ ଜନାର୍ଦ୍ଧନବାବୁଙ୍କ ଘରେ ପହଞ୍ଚିଲାବେଳକୁ ରାତି ଆଠଟା । ଛୁଣ୍ଡା ସାମିଆନା ତଳେ କେତୋଟି ପାଗଳଆବାବୁ ବସିଛନ୍ତି କୁଣ୍ଡରେ ଗଛଭଳି । ଆଉ କେତେଟା ଟୋକା କର୍ମବ୍ୟସ୍ତ ଭିତରେ ସ୍ଥାନାଭାବ ଯୋଗୁଁ ତାଙ୍କ ବାଡ଼ିକଡ଼ ନାଳ ଉପରେ ଠିଆ ହୋଇ ସିଗାରେଟ୍ ଶୋଷି ଯାଉଛନ୍ତି । ଜନାର୍ଦ୍ଧନବାବୁଙ୍କ ପୁଅ ପାନ ସିଗାରେଟ୍ ବାଣ୍ଟି ଯାଉଛି । ରୋଷଶାଳର ଧୂଆଁ, ଭିତରୁ ଶଙ୍ଖ ହୁଳହୁଳି, ଝିଅର ବାହୁନା ସାଙ୍ଗକୁ ମାଇକ୍‌ରୁ ଚଢ଼ାଗଳାରେ ବାହାରି ଆସୁଛି "ହାଇରେ ବିଧାତା ତୁ କିସ କଲୁ ...ବନରେ ମଲୟ ଆମେ ରାତିରେ ମାଳତୀ ..."

ସବୁ ଶବ୍ଦ ମିଶି କାନ ଫଟାଇ ଦେଉଚ । ଓଃ,

ଘର ଭିତରୁ ବାହାର ଆଉ ବାହାରୁ ଭିତର ଟହଲ ମାରୁଛନ୍ତି ଜନାର୍ଦ୍ଧନ-ବାବୁ । କୋରା ଆଠହାତ ଧୋତି ଖଣ୍ଡିଏ ପିନ୍ଧିଛନ୍ତି ତା ଉପରକୁ ପୃଥୁଳ ପେଟ ଉପରେ ଖଣ୍ଡେ ହାତକଟା କାଳୀଘାଟ ଗେଞ୍ଜି । ମୁହଁରେ ମେଣ୍ଟାଳିଆ ହସ ।

"ଆରେ ସଚ୍ଚି ବାବୁ ଯେ...ଆସନ୍ତୁ ଆସନ୍ତୁ ବସନ୍ତୁ ।" ମୋ ହାତରୁ କ୍ଷୁଦ୍ର ଉପହାରଟି ଝାମ୍ପି ନେଇ ସାନ ଝିଅକୁ ବଢ଼ାଇ ଦେଇ କହିଲେ 'ନେ ଅପା ପାଖରେ ଥୋଇ ଦେବୁ ଯାଃ ।" "ହଁ ଆପଣ ଏଠି ବସନ୍ତୁ ଆଜ୍ଞା ରୋଷେଇ ସରି-ଗଲାଣି ପତର ପଡ଼ିବ ।"

ମନେ ମନେ ଚଢ଼ି ଉଠିଲି । ବେଶ୍ ଭଦ୍ରଲୋକ ତ ! ମୋ ହାତରୁ ପ୍ରେଜେଣ୍ଟେସନ୍ ନେଇଗଲେ ଅଥଚ କନ୍ୟାକୁ ଦେଖେଇବାକୁ ଟିକେ ଡ଼ାକିଲେ ନାହିଁ । ଗୁଡ ।

ବସିଲି । ଖଣ୍ଡେ ଟିଣ ଚୌକି ଉପରେ ମତେ ବସାଇଦେଲେ ସେ । ଜନାର୍ଦ୍ଧନବାବୁଙ୍କ ସାଇଡ୍ କ୍ୱାଟର । ପଛପଟେ ଏକ ପଙ୍କ ଖାତ । ତା ସେପାଖକୁ ରାମ ଗଉଡ଼ ଗାଈ ରଖିଚି । ତା ଗୁହାଳର ଗନ୍ଧିଆ ପାଣି ଗୁଡ଼ାକ ସେ ପଟେ ନାଳିଆରେ ଯାଉଚି, ତା ଉପରେ ବାଉଁଶ ଖୁଣ୍ଟିରେ ଲଚୁମାଳ ଝୁଲୁଚି । ସେପଟେ

Digitized by PPRACHIN, SOA

ପଞ୍ଝାଏ ବୁଲା କୁକୁର କଳି କରୁଛନ୍ତି । ବାହାରେ ପାଣିଗାଡ଼ି, ପଛପଟେ ଏକ ବୁଲ-ଷଣ୍ଢ ଠିଆହୋଇଛି । ତା ପାଖକୁ ଗେଟ୍ ଉପରେ ବାରଲାଇଟ୍ ତଳେ ଲେଖା-ହୋଇଛି "ସ୍ୱାଗତମ୍" ।

ସେଇ ଗ୍ରେଟ ବାର ଭିତରେ ଗୁଡ଼ାଏ ଲୋକ ଜମା ହେଲେଣି । ସେମାନେ ସବୁ ନିସ୍ପନ୍ଦିତ । ହଠାତ୍ ଘର ଭିତରୁ ହଣ୍ଡାଗୁଡ଼ିକ ବାହାରକୁ ବୁହାଗଲା । ବାରର ଗୋଟିଏ କଡ଼କୁ ସେଇ ପଙ୍କ ଖାତ ପାଖକୁ ସବୁ ଥୁଆହେଲା । ଆଉ ଯାଗା ନାହିଁ । ଜଣେ କିଏ କହିଲା "ସମସ୍ତେ ଉଠନ୍ତୁ । ଏ ଦରି ଗୁଡ଼ାକ ଉଠିବ ।" ସମସ୍ତେ ଉଠିଲେ ମୁଁ ବି ଉଠିଲି । ଟିଣ ଗଡ଼ୁକ ଭଙ୍ଗା ହୋଇ ବାଡ଼ କଡ଼କୁ ରଖାହେଲା । ଦରି ଗୁଡ଼ାକ ଚଉଡ଼େଇ ଲମ୍ବେଇ ଦିଆଗଲା । ତା ଉପରେ ଧାଡ଼ି ଧାଡ଼ି ହୋଇ ଅତିଥିମାନେ ବସି ଖାଇବେ ।

ଓଃ-ବସ୍ତ୍ରର ଧୂଳି ଉଡ଼ିଲା । ସମସ୍ତେ ଧଡ଼୍ ଧାଡ଼୍ ହୋଇ ପ୍ରତିଯୋଗୀତା କଲାଭଳି ସେଇ ଧୂଳିଆ ଦରି ଉପରେ ବସି ପଡ଼ିଲେ । ମୁଁ ବି ଆଉ ବିଳମ୍ବ ନ କରି ଖଣ୍ଡେ ସ୍ଥାନ ପାଇବା ପାଇଁ ସମସ୍ତଙ୍କ ଭିତରେ ଜଣେ ହୋଇ ବସି ପଡ଼ିଲି । ଧୂଳି ଉଡୁଥାଏ । କେହି ଟିକେ ପାଣି ବି ଛିଞ୍ଚୁନାହିଁ । ବସିପଡ଼ି ଅନେଇଲି । ବଣ୍ଡି ତଳ ଆବଡ଼ା ଖାବଡ଼ା ଭୂଇଁ । ଘାସ ଗୁଡ଼ାକ ଭଲକରି ଚଞ୍ଛା ହୋଇନାହିଁ । ଲିପିବା ତ ଦୂରର କଥା ।

କି ପ୍ରକାର ଲୋକ ଏ ଜନାର୍ଦ୍ଦନବାବୁ । ଟିକିଏ ଭଲକରି ଚଞ୍ଛେଇ ଲିପି-ପାରିଲେ ନାହିଁ ଏ ବାରଣ୍ଡାକୁ ? କେମିତି ଏ ଅସନା ଯାଗାରେ ଖାଇବା ? ହଠାତ୍ କିଏ ଜଣେ ଖଣ୍ଡିକିଆ ଖଲିପତ୍ର ପୁଡ଼ା ସେଇ ତଳେ ଗୋଟି ଗୋଟି କରି ପକେଇ ଦେଇଗଲା । ଇସ୍ କି ଧୂଳି ! ପତ୍ର ଗୁଡ଼ାକ ଧୋଇ ନାହାନ୍ତି । ପଛଆଡୁ ଜଣେ କିଏ କହିଲା "ପାଣି ଆଣ ଛିଞ୍ଚିବା..." କିଏ ଶୁଣୁଛି ।

ହଠାତ୍ ତାଆର ଉପରେ ମୁଠାଏ କାକରା କିଏ ଗୁଞ୍ଜି ଦେଇଗଲା । ତା ପଛକୁ ଡ଼ାଲି ଡ଼ଙ୍କାଏ ଲେଖାଏ ଢାଳି ଦେଇଗଲା ଅଉ ଜଣେ । ଖାପଣ ଗରମ । ପରଷିଲା ବାଲା କିଏ ଖୋଲାଦେହ, ଆଉ କିଏ ହାତକଟା ଗେଞ୍ଜି, କିଏ ବା ଅଣ୍ଡର ୱାର୍ କିଏ ତେଲ ଚକଟା ପାଇଜାମା ଏହିପରି ସମସ୍ତେ । ସମସ୍ତେ ତରତର । ଝାଳୁଆ ଦେହରୁ, ମୁହଁରୁ ଓ କହୁଣୀରୁ ନିଗିଡ଼ି ପଡୁଛି ପତ୍ର ଉପରେ ଚନ୍ଧଆଝାଳ ଟୋପା ଟୋପା ହୋଇ । ପୁଣି ଆସିଗଲା ପଛକୁ ପଛ ମାଛଝୋଳ, ଖଟା, ଛେଞ୍ଚଡ଼ା ସବୁ ଏକାକାର ହୋଇ ସେଇ ଖଣ୍ଡିକିଆ ଖଲିପତ୍ର ଉପରେ ପଡ଼ିଯାଉଛି । କାହାର

Digitized by PPRACHIN, SOA

ଭ୍ରୂକ୍ଷେପ ନାହିଁ । ସମସ୍ତେ ଲଣ୍ଡଭଣ୍ଡ । ପଛକୁ ପଛ ମକ୍ଷିକାର ଭଳି ପଶିଯାଉଛନ୍ତି । ଇସ୍ !..

କଣ ଖାଇବ ? କି ଅବ୍ୟବସ୍ଥା । ପୋଡ଼ାତେଲ ମାଛଝୋଳ, ପାଣିଆଖିଆ ଖଣ୍ଡେ ସନ୍ତୁଳା ଲଙ୍କା ପରି ଶାଗର ଭଜା । ସଢ଼ା ପୋଟଳରେ ତରକାରୀ ମେଞ୍ଚାଏ କଞ୍ଚା ମସଲା । ଦରସିଝା ଆଳୁ । ଲୁଣି ଖଅଙ୍ଗାର ଛେଞ୍ଚଡ଼ା । ନାଲିଲଙ୍କାର କାରବାର ବେଶି, ନାପ୍ ରେ ବାପ୍ – ପାକସ୍ଥଳୀ ଜଳିଯିବ ଏ ଖାଦ୍ୟରେ ...

ଶୀତେଇ ଶୀତେଇ ମୁଁ ଖାଲି ସବୁଥିରେ ହାତ ମାରୁଥାଏ । ମୋ ପାଖ ବାବୁମାନେ କି ସୁନ୍ଦର ହାପୁଡ଼ି ଯାଉଛନ୍ତି । ସେ ପାଖେ ଇତର ଶ୍ରେଣୀର ଅତିଥିମାନେ କି ସୁନ୍ଦର ଆକଣ୍ଠ ପାନ କରିଯାଉଛନ୍ତି । କିନ୍ତୁ ଆଉ ଅନେକ ଅତିଥି ନାକ ଟେକୁଥିନ୍ତି । ମୋ ପାଖ ବାବୁଟି" ଆଉ ଦମ ଆଉ ଡାଅ ବୋଲି ହୁରି ଛାଡୁଥାନ୍ତି ବଡ଼ ବିରକ୍ତ ଲାଗିଲା ସେ ପରିବେଶ ।

ହଠାତ୍ ଘର ଭିତରୁ ବାହାରି ଆସିଲେ ଜନାର୍ଦ୍ଦନବାବୁ, "ହେଁ, ହେଁ, କେମିତି ହୋଇଛି ଆଜ୍ଞା ?" ମୋ ପାଖକୁ ଲାଗି ଆସି ପଚାରିଲେ । ଦେହରୁ ତାଙ୍କର ବୋତଆ ଗନ୍ଧ ଆସୁଚି । ମୁହଁ ଚିପି କହିଲି ..."ବେଶ ହୋଇଛି..." ମୋ ପାଖ ବାବୁଟି ଉଚ୍ଛ୍ୱସିତ ପ୍ରଶଂସା କଲେ "ଫାଷ୍ଟକ୍ଲାସ ହୋଇଛି ଆଜ୍ଞା କିଏ ରାନ୍ଧିଚି ?" ଜନାର୍ଦ୍ଦନବାବୁ ଅତି ଉତ୍ସାହିତ ହୋଇ କହି ପକାଇଲେ "ସବୁ ଆଜ୍ଞା ମୋ ଡିରେକ୍‌ସନ୍‌ରେ ହୋଇଚି । ଆମ ଗାଁ ପୂଜାରୀ ଏମାନେ । ଖୁବ୍ ଏକ୍‌ସପାର୍ଟ । ଏଠା ପୂଜାରୀଙ୍କୁ ଚଡ଼ା କାଟିଦେବେ । ଦେଖିଲେ ତ କି ବଢ଼ିଆ ଖାନା ।"

"ଆଜ୍ଞା ମାଛ ..." କହୁ କହୁ ହଠାତ୍ କିଏ ଜଣେ ଡଙ୍କାଏ ଝୋଳ ସହିତ ଖଅଙ୍ଗା ମୁଣ୍ଡଟାଏ ମୋ ପତ୍ରରେ ଉପରୁ ଢ଼ାଳିଦେଲା । ଏଃ, ପତ୍ରରୁ ଝୋଳ ଗୁଡ଼ାକ ଛିଟିକି ମୋର ଲୁଗା ଓ ପଞ୍ଜାବୀ ଉପରେ ପଡ଼ିଲା । କି ଅଭଦ୍ର ଲୋକ ଏମାନେ । କାଣ୍ଡଜ୍ଞାନ ନାହିଁ ! ଛି.ଛି ।

ମୋର ଏ ପାଖକୁ ବସିଥିବା ନିଶାକର ବାବୁ ନିର୍ବିକାର ଭାବରେ ସବୁ ପାକୁଳି କରି ଖାଇଯାଉଥାନ୍ତି । "ଆଉ ମାଛ...ଆଉ ଛେଞ୍ଚଡ଼ା ..ଆଉ କ୍ଷିରି ।" ହଠାତ୍ ମତେ ଅନେଇ କହି ପକାଇଲେ "କଣ ଆଜ୍ଞା ଖାଇପାରୁ ନାହାନ୍ତି କି ? ଭୋଜି ଫୋଜିରେ ମୁଁ ଲଜ୍ଜା କରେନା । ଆପଣଙ୍କ ସ୍ୱାସ୍ଥ୍ୟକୁ ଦେଖନ୍ତୁ ଆଉ ମୋ ସ୍ୱାସ୍ଥ୍ୟକୁ ଦେଖନ୍ତୁ ।" ତାଙ୍କ ସେପାଖେ ବସିଥିବା ଆମ ଅଫିସ୍‌ର କିରାଣୀ ଜଗବନ୍ଧୁ-ବାବୁ ଯେ କି ନିଶାକରବାବୁଙ୍କ ତାସ୍‌ଖେଳ ସାଙ୍ଗ ସେ ମୋ ଆଡ଼କୁ ଅନେଇଲେ ।

Digitized by PPRACHIN, SOA

ଆମ କଥାବାର୍ତ୍ତାକୁ କାନେଇଲେ—କହିଲେ "ବଡ଼ବାବୁ ଆପଣ ବେଶୀ ବେଶୀ ଖାଆନ୍ତୁ – ଦହିରେ ନାଗିବ । ମୁଁ ବିରକ୍ତହେଲି । ମତେ ପୁଣି ଏମାନେ କମେଣ୍ଟ୍ କରୁଛନ୍ତି !

ହଠାତ୍ ନଟାକରବାବୁ ପୁଣି ଆକ୍ଷେପ କଲେ ମତେ । ଅଚ୍ଛା, ଆପଣ ତ ପୁଣି ଝିଅ ବାହାଘର କରିବେ । ଦେଖିବା ଆପଣ ଏଭଳି ବଢ଼ିଆ ଖାନା କରୁଛନ୍ତି ନା ନାହିଁ । ସେତେବେଳେ ଆପଣଙ୍କ ଘରେ ଆମେ ପଙ୍କ ପକେଇବା ଯେ···"

ଅସହ୍ୟ ହେଲା ମୋର ଏ କଥା ତାଙ୍କର ଶୁଣି । ଧୃତି ଭାଙ୍ଗିଗଲା । କ୍ଷୁବ୍ଧ ହୋଇ କହିଲି—"ମୁଁ ଏ ପ୍ରକାର ବହୁ ଆଡ଼ମ୍ବର ଲଘୁନିଷ୍ଠା କରିବାକୁ ଚାହେଁନା । ସେ ପ୍ରକାର ସମ୍ବଳ ବି ମୋର ନାହିଁ । ମୋ ଝିଅ ବାହାଘର ଯଦି ଆରବର୍ଷ ଈଶ୍ୱରଙ୍କ କୃପାରୁ ହୁଏ ତେବେ ଦେଖିବେ ସଂକ୍ଷିପ୍ତ ନିମନ୍ତ୍ରଣ । ଗ୍ରେଟ ସ୍ନ ଭୋଜି-ଟିଏ ହଇହଲ୍ଲା କିଛି ନାହିଁ । ବାଜା, ସାମିଆନା କିଛି ନାହିଁ । ଘଣ୍ଟାଟିଏ ଭିତରେ କାମ ଶେଷ୍ । ଯାହା କିଛି ମୋର ସମ୍ବଳ ଥିବ ସେତକ ମୁଁ ଝିଅ ଜୋଇଁକୁ ଗିଫଟ୍ ଚେକ୍‌ରେ ଦେଇଦେବି । ବାସ୍ ଏ ଭଳି କଳା ପଇସାରେ ଖେଳି ବୃଥା ଆଡ଼ମ୍ବର କରିବି କାହିଁକି ?"

ଆଉ ବସି ପାରିଲି ନାହିଁ । ଉଠିପଡ଼ିଲି, ଦାହଟା ଅରୁଥାଏ । ତଳେ ପତ୍ର-ଉପରେ ପଡ଼ି ରହିଲା ଭେଜାଲ ଘିଅର କାନକା, ଲାଲ ଲଙ୍କାର ମାଛଝୋଳ, ପାଣିଆଖିଆ ଅଉ ଲୁଣି ଚୁଙ୍ଗୁଡ଼ିର ପୋଡ଼ା ଛେଞ୍ଚଡ଼ା, ପାଣିଚିଆ ଖିର ଇତ୍ୟାଦି ।

ଘରକୁ ପଳାଇ ଆସି ସୁରେଇରୁ ପାଣି ଦି ଗିଲାସ ପିଇ ଲୁଙ୍ଗିଟା ପାଲଟି ପକାଇ ବାରଣ୍ଡା ଲାଇଟ୍ ଲିଭାଇଲି । ଆମ ଗ୍ରେଟ ବଗିଚାର ଗୋଟିଏ କଡ଼କୁ ଖୋଲା ପବନରେ ଟିକିଏ ବସି ପଡ଼ିଲି । ଓହୋ, ମଣିଷ ନିସ୍ତାର ପାଇଲା !

ପ ଖରସ୍ତା ଦେଇ ଜନାର୍ଦ୍ଦନବାବୁଙ୍କ ଅତିଥିମାନେ ଫେରି ଯାଉଥିଲେ । ସେ ପଟେ ତାଙ୍କର ଭୋଜି ମହଲ ଆସୁଥିଲା । ଅତିଥିମାନେ ଅନ୍ଧାର ରାସ୍ତାରେ କୁହାକୁହି ହୋଇ ଯାଉଥିଲେ ····"ଏତେ ପ୍ରକାର କଲେ କଣ ହେବ ? ଭୋଜଟା ବିଗିଡ଼ିଗଲା । ଦାତାର ମନ ନିର୍ମଳ ନୁହେଁ ..।" ଆଉ ଜଣେ କିଏ ସାଇକଲ ଚଢ଼ି ଚଢ଼ି ଉତ୍ତର ଦେଉଥାଏ "ଆରେ ସେ ଜନାର୍ଦ୍ଦନ ବାବୁଟି । ମହା ଦାଉଁଆ କେତେ ଫିକରରେ ପଇସା ଖାଇ ଖାଇ ଓସ୍ତାଦ୍ ।"

କ୍ୱାର୍ଟର ନଂ ୪୦।୨ ଟାଇପ୍ ଫୋର୍-ଏ
ଅଶୋକନଗର
ଭୁବନେଶ୍ୱର ୯

Digitized by PPRACHIN, SOA

ପ୍ରତ୍ୟାବର୍ତ୍ତିତ

—ଡକ୍ଟର ହରିହର ଦାସ

ବୃନ୍ଦାବନକୁ ସେ ଚାଲିଆସିଥିଲେ ଏମିତି ଗୋଟିଏ ବର୍ଷୁକ ସନ୍ଧ୍ୟାରେ ଘରର ସମସ୍ତ ମାୟା ମମତାର ବନ୍ଧନକୁ ଛିନ୍ନକରି । ସେଇ ସନ୍ଧ୍ୟାରେ ଶ୍ରାବଣୀ ଆକାଶର ବର୍ଷା ପରି ତାଙ୍କ ଆଖିରେ ଥିଲା ଅଶ୍ରୁର ପ୍ଲାବନ । ସେ କିଛି ଦେଖିପାରୁ ନ ଥିଲେ । ଚିନ୍ତା କରିବାର ଶକ୍ତି ମଧ୍ୟ ସେ ହରେଇ ବସିଥିଲେ । ଘରେ କିମ୍ବା ସେଇ ଅତି ପରିଚିତ ସହରଟିରେ ରହିବା ତାଙ୍କ ପାଇଁ ଆଉ ସମ୍ଭବ ନ ଥିଲା ।

ରିକ୍ସାଟିଏ ଧରି ପାଗଳଙ୍କ ପରି ଷ୍ଟେସନରେ ପହଞ୍ଚିଲାବେଳକୁ ଟ୍ରେନ୍ ଠିଆ ହୋଇଛି ରେଳ ଧାରଣା ଉପରେ ନିସ୍ପନ୍ଦ ଓ ମୁକ୍ତ ସ୍ଥାନକୁ ନେଇ ଯିବାର ନିମନ୍ତ୍ରଣ ଧରି । ଟ୍ରେନ୍‌ରେ ବସିବାବେଳେ ସେ କୌଣସି ଟିକଟ କରି ନ ଥିଲେ । ସେ ଜାଣି ନ ଥିଲେ ତାଙ୍କର ଗନ୍ତବ୍ୟ କେଉଁ ଜାଗାକୁ । ଟିକଟ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେ କହିପାରି ନ ଥାନ୍ତେ ।

ଗାଡ଼ି ସିଟି ଦେଇ ଗତିଶୀଳ ହେବାପରେ ଏବଂ ପରିଚିତ ଷ୍ଟେସନଟିର ବଡ଼ଖୁଣ୍ଟ ଓ ସିମେଣ୍ଟ ଚଟାଣ ବହୁ ପଛରେ ରହିଯିବା ପରେ ଗୈରିକ ବସ୍ତ୍ର ପରିଧାନ କରିଥିବା ସାଧୁଙ୍କର ସୁରଦାସ ପଦାବଳୀ ହଠାତ୍ ଯେମିତି ତାଙ୍କୁ ଚେତନ ସଂସାରକୁ ଫେରାଇ ଆଣିଲା ।

ଏ ମାୟାର ସଂସାର ଆଉ ବନ୍ଧନ କେତେଦିନ । ଆଜି ଆଖି ବନ୍ଦକଲେ କାଲି ଦୁଇଦିନ । ବୃଥାରେ ମୋର ମୋର କହି ଲୋଭ ବଢ଼ାଇବାରେ କୌଣସି ମୂଲ୍ୟ ନାହିଁ । ମିଛ ମାୟାର ଏ ସଂସାରକୁ ଯେ ଯେତେ ଅବୋରିଥିବ, ଶେଷ ବେଳକୁ ସେ ସେତିକି ଜୋରରେ ଧକ୍କା ଖାଇବ ।

ମିଛ ମାୟା ନୁହେଁ ତ ଆଉ କଣ । .-

ପଛ କଥା ସବୁ ଗୋଟି ଗୋଟି ହୋଇ ନାଚିଗଲା ଆଖି ଆଗରେ । ସମୟର ସିଡ଼ିରେ ଅନେକ ପାହାଚ ଉପରକୁ ଉଠିଗଲା ପରେ ପୁଣି ତଳକୁ ଖସିବା ଏତେ ସହଜ ନୁହେଁ । ହଠାତ୍ ଯେମିତି ସେ ମୁହଁ ବୁଲାଇ ହୋଇ ଚଳେ କଣ୍ଢ଼

Digitized by PPRACHIN, SOA

ପଡ଼ିଲେ । ଘରେ ହୋଇପାରୁ ନାହିଁ ନିଜର ସ୍ନେହ ମମତା ଓ ଜୀବନର ସବୁ କିଛି ସୁଖ ସ୍ୱପ୍ନକୁ ଜଳାଞ୍ଜଳି ଦେଇ ଯେଉଁ ପରିବାରଟି ସେ ଗଢ଼ିଥିଲେ, ଏମିତି ତାକୁ ଛାଡ଼ିଦେଇ ସବୁ କିଛି ମୋହ ଓ ବନ୍ଧନ ଛିନ୍ନ କରି ତାଙ୍କୁ ଚାଲିଯିବାକୁ ପଡ଼ିବ ବୃନ୍ଦାବନ ।

ତାଙ୍କୁ ଯେତେବେଳେ ବୟସ ମାତ୍ର ସତର କି ଅଠର ସେତିକି ବେଳୁ ବୋଉ ତାଙ୍କର ଜିଦ୍ ଧରିଥିଲେ । ବାପ୍ପାଙ୍କୁ ହାତକୁ ଦି ହାତ କରିଦେବା ପାଇଁ । ବ୍ରଜ ସୁନ୍ଦର ବୋଉକୁ ବହୁତ ବୁଝାଇଥିଲେ । ସଂସାର ପ୍ରତି ତାଙ୍କର ମୋହନାହିଁ । ସେ କେଉଁ ମୁହୂର୍ତ୍ତିରେ ଗେରୁଆ ପିନ୍ଧି ଲେଙ୍ଗୋଟା ଆଉ ଆଶାବାଡ଼ିଟିଏ ଧରି ଚାଲିଯିବେ ବୃନ୍ଦାବନକୁ । ଏହି ସବୁ ଯୁକ୍ତି ଆଉ ସଂସାରକୁ ଏତେ ସହଜରେ ଫାଙ୍କିଦେଇ ଯିବାର ସ୍ୱପ୍ନ ତାଙ୍କ ବୋଉଙ୍କୁ ସେତେ ଭଲ ଲାଗି ନ ଥିଲା । ତାଙ୍କ ମନରେ ଏ ଧାରଣା ଦୃଢ଼ ହୋଇ ଯାଇଥିଲା ଯେ ତାଙ୍କ ବ୍ରଜସୁନ୍ଦର ପ୍ରକୃତରେ ବାପ୍ପାଟିଏ । ସେ ଆତୁର ଆଦରରେ ବାପ୍ପାକୁ କୋଳକୁ ଆଉଜେଇ ନେଉଥିଲେ ।

—ହଇରେ ବାପ୍ପା । ମୋ ବଂଶ ବୁଡ଼େଇବୁ ତୁ । କେତେ ଦିଅଁ ଦେବତା ଡାକି, କେତେ ମନ୍ଦିରରେ ଗୁହାରିଆ ପଡ଼ି ତତେ ପାଇଛୁ । ମୋର ଆଉ କଣ କିଛି —ତୋ ଉପରେ ଅଧିକାର ନାହିଁ । ତୁ ତୋର ଯଦି ଏମିତି ସହଜରେ ଚାଲି-ଯିବାର ଥିଲା ତେବେ ମୋ ପେଟରୁ ଜନମିଲୁ କିଆଁ । ମତେ ପିଣ୍ଡଟିଏ ଦେବାକୁ ତତେ ଏତେ କଷ୍ଟ ଲାଗୁଛିରେ ବାପ୍ପା ! ମୁଁ ତତେ ଦଶମାସ ପେଟରେ ଧରି କେତେ ଗର୍ଭକଷ୍ଟ ନ ଭୋଗିଲି । କେତେ ବ୍ରାହ୍ମଣ ବୈଷ୍ଣବ ପୂଜା ଯାତନା ନ କରିଲି ! କେତେ ଦିଅଁଙ୍କୁ ଭୋଗ ଅମୁଣିଆ ନ ସହିଲି । ହେଲେ ଶେଷରେ ଏଇମିତି ତୁ ଠକି ଦେବାକୁ ମନ କରୁଛୁଟି । ମୁଁ ଆଖି ବୁଜିଲେ ମୋ ପାଟିରେ ତୁଳସୀଟାଏ ଆଉ ଗଙ୍ଗାପାଣି ଟୋପାଏ କିଏ ଦେବରେ । ମୋ ମୁହଁରେ ମଶାଣି ନିଆଁ ଜାଳିବାକୁ ଆଉ କାହାକୁ ଖୋଜିବରେ ।

ସତେ ତ । ବ୍ରଜ ସୁନ୍ଦର ବାବୁ ସେତେବେଳେ ଏଇ ଦିଗଟି ପ୍ରତି ମୋଟେ ଦୃଷ୍ଟି ଦେଇ ନ ଥିଲେ । ବୋଉ ଆଖିରେ ଲୁହ...ଖାଲି ଲୁହ । ତାର ଅଝଟ ବାପ୍ପାକୁ କୋଳକୁ ଟାଣି ନେଇ ସେ ଖାଲି କାନ୍ଦୁଥିଲା ।

ବୋଉ ମନରେ ଧାରଣା ଦୃଢ଼ ହୋଇଯାଇଥିଲା ଯେ ବାପ୍ପାକୁ ସଂସାର ଭିତରେ ନ ଛନ୍ଦିଲେ ସେ ସନ୍ଥରେ ପଳେଇ ଯିବ ହରିଦ୍ୱାର କି ବୃନ୍ଦାବନ । କେଜାଣି କେତେ ଶହ କି କେତେ ହଜାର ବର୍ଷରୁ ବହି ଆସୁଥିବା ନଇଟିଏ ପରି

Digitized by PPRACHIN, SOA

ପିଢ଼ୀ ପରେ ପିଢ଼ୀ ପାର ହୋଇ ଗଢ଼ି ଆସୁଥିବା ତାଙ୍କ ପରିବାରଟି ସେଠାରେ ହଠାତ୍ ଲୋପ ପାଇଯିବ । ନଇଟିଏ ବାଲିବଣା ହୋଇ ମରୁଭୂମିରେ ପଶିଯାଇ ଶୁଖିଯିବ । ତାଙ୍କ ପରିବାର ବୃକ୍ଷ ଅକାଳରେ ଉଜୁଡ଼ିଯିବ କେଉଁ ଅଜଣା ଘଇଜକୁ ଅଣଗ୍ରହଣ ପବନରେ । ଏଇଦିନ ପାଇଁ ସେ ଜନମ ଦେଇଥିଲେ ବାପ୍ପାକୁ । ବୁଢ଼ା ବୟସରେ ଯାହା ଭରସା ହେବା ତ ଚୂଲିକୁ ଯାଉ ସଂସାର ଗୁଡ଼ା ଗ୍ଭଲିଯିବା ପାଇ ବସିଛୁ ।

ବାପ୍ପାର ମୁହଁରେ ଅନେକ ତତ୍ତ୍ୱ କଥା ଶୁଣି ସେଦିନ ବୋଉ ଅବାକ୍ ହୋଇ ଗ୍ଭହିଁ ରହିଥିଲେ ତା'ର ମୁହଁକୁ ।

—ବୋଉ । ତୁ କେଉଁ ଯୁଗରେ ଅଛୁ । ସତର ବର୍ଷରେ ବିବାହ କଥା କହିବା ଅପରାଧ । ତୁ ଜାଣିନୁ ସରକାରୀ ନିୟମରେ ଏଭଳି ବିବାହକୁ ବନ୍ଦ କରା-ଯାଇଛି । ପଚଶ୍, ଛବଶ୍ ପୂର୍ବରୁ କେହି ଆଜିକାଲି ଆଉ ବାହା କଥା ଚିନ୍ତା କରୁ-ନାହାନ୍ତି । ସତର୍ ବର୍ଷରେ ବାହା ହୋଇ ଛେଳି ବା କୁକୁଡ଼ା ପରି ପରି ବଂଶ ବଢ଼ାଇବାର ଯୁଗ ଗଲଣି । ଆମ ଦେଶ ଯେତେ ଉନ୍ନତ କଲେ ମଧ୍ୟ ଏ ଭଳି ଭାବରେ ଲୋକସଂଖ୍ୟା ବଢ଼ି ଗ୍ଭଲିଥିବାରୁ ଆମେ ଗରିବ ହୋଇ ରହିଛେ ।

—ହଇରେ ବାପ୍ପା । ମତେ ଏତେ ଶାସ୍ତ୍ର କାହିଁକି ବଖାଣୁଛୁ ? ତୁ ଏବେ କୋଉ ଗରିବ ହୋଇ ରହିଛୁ ଯେ । ହଇରେ । ତତେ କଣ ପେଟକୁ ଭଲକରି ଖାଇବାକୁ ଦି ମୁଠା ମୁଁ ଦେଇପାରିବି ନାହିଁ ? ତୋ ବାପାଙ୍କର ଏତେ ଜମି ସବୁ କଣ ହେବ । ମୋ ଘରକୁ ବୋହୂଟିଏ ଆସିଲେ କମ୍ପା ନାତି, ନାତୁଣୀ, ଦି ଗ୍ଭରିଟା ହେଲେ ସେମାନେ କଣ ଅଉ ଉପାସ ରହିବେ । ଏତିକ ବକଟେ ପିଲା, ତୋର ପୁଣି ଶାସ୍ତ୍ର ଆଇନ କଥାରେ ଏତେ ଡର, ଏତେ ଲୋଭ, ଆଉ ଯେଉଁ ମା' ତାର ସବୁ କିଛି ଦେଇ ଦଶମାସ କଷ୍ଟ ଭୋଗ କରି ପେଟ ଫାଡ଼ି ତତେ ଜନ୍ମ ଦେଲା, ତାର୍ କଥା ପ୍ରତି ତୋର ଏତେ ଟିକେ ମଧ୍ୟ ଖାତିର ନାହିଁ । ଏଇ ଦିନ ଦେଖିବା ପାଇଁ ବିଧାତା ମତେ ବଞ୍ଚେଇଥିଲା । କେତେ ଦିଅଁ ଦେବତା ଡାକି କି ସ୍ନେହ-ମମତାରେ ତତେ ଆମନ୍ତ୍ରଣ ଆଣିଥିଲି ମୋ ଗର୍ଭ ଭିତରକୁ । ଶ୍ରୀକୃଷ୍ଣଙ୍କର ଅଂଶ ଭାବି ସବୁ ଦୁଃଖ କଷ୍ଟ ଭୁଲି ଦିନ ଦିନ ଧରି ପେଟକୁ ଆହାର ନ ଯାଉଥିଲେ ଚୁଙ୍କା ଗୋଟିଏ ହାତରେ ନାକ ଚିପିଧରି ଗିଳି ଦେଉଥିଲି ଯାହା କିଛି ଦି ମୁଠା ଖାଲି ପେଟ ଭିତରେ ତୁ ଥିଲୁ ବୋଲି ।

ସେଇ ଅତୀତର କଥା ଗୁଡ଼ାକ ବ୍ରଜ ସୁନ୍ଦରଙ୍କ ଆଖି ଆଗରେ ନାଚ ଯାଉଥିଲା । ନନା ବୋଉଙ୍କର ବଚନକୁ ବେଦର ଗାର ପରି ଗ୍ରହଣ କରିଥିଲେ ସେ

Digitized by PPRACHIN, SOA

ସାଗ୍ର ଜୀବନ । ସେଇମାନେ ତ ପିଣ୍ଡରେ ପ୍ରାଣ ଭରି ଦେଇଥିଲେ । ଏତେ ଟିକେ ମାଂସ ପିଣ୍ଡୁଳାରୁ ତାକୁ ମଣିଷ କରିଥିଲେ । ତାଙ୍କ କଥାକୁ ବା ସେ କେମିତି ଲଙ୍ଘନ କରିଥାନ୍ତେ । କେବଳ ପୁତ୍ରଲାଭ କରିବା ପାଇଁ ସ୍ୱର୍ଗୀୟାତ ଆବଶ୍ୟକତା, ଦୈହିକ ସୁଖ ପାଇଁ ନୁହେଁ । ପରମାର୍ଥ ଲାଭ କରିବା ପାଇଁ ପୁତ୍ରପିଣ୍ଡ ପ୍ରୟୋଜନ । ହିନ୍ଦୁମାନଙ୍କର ଏଇ ମନ୍ତ୍ରମୀୟ ବିଶ୍ୱାସର ଜାହ୍ନବୀ ପ୍ରବାହିତ ହେଉଥିଲା ତାଙ୍କ ବାପା ଓ ମା'ଙ୍କ ରକ୍ତରେ । ସମସ୍ତ ସ୍ନେହ ମମତା ଦେଇ, ତାଙ୍କ ଜୀବନର ସବୁ-କିଛୁ ଦେଇ ସେମାନଙ୍କର ସ୍ୱପ୍ନର ସାକାର ପ୍ରତିମା ରୂପେ ଗଢ଼ି ତୋଳିଥିବା ସେଇ ପୁଅକୁ ବୃନ୍ଦାବନ ଛାଡ଼ି ଦେବାକୁ ସେମାନେ କଣ କେବେ ରାଜି ହୋଇଥାନ୍ତେ ।

ମା କଥା ମନେ ପଡ଼ିଯିବାରୁ ବ୍ରଜସୁନ୍ଦର ଟିକିଏ ହାର୍ଙ୍ଗି ପଡ଼ିଲେ । ବୃନ୍ଦାବନକୁ ଆସି ଦୀର୍ଘ ଛଅମାସ କଟି ଯାଇଥିଲେ ସୁଦ୍ଧା ସ୍ନେହ ମମତାର ସାଂସାରିକ ଡୋରିଟିକୁ ସେ ଅଦ୍ଭୁତ କାଟିପାରି ନାହାନ୍ତି । ଏଇ ମାଟିରେ ପାଦ ଦେଲେ କୁଆଡ଼େ ଶତ ଜନ୍ମର ଦୁଃଖ ମୋଚନ ହୋଇଯାଏ । କୃଷ୍ଣ ବଳରାମଙ୍କ କ୍ରୀଡ଼ାଭୂମି ଏଇ ବୃନ୍ଦାବନ । ଭକ୍ତର ଭଗବାନ ଏଇ ମାଟିରେ ଜନ୍ମ ହୋଇଥିଲେ । ସେମାନଙ୍କ ଭକ୍ତିରେ ବିଭୋର ହୋଇ ତାଙ୍କର ଦୁଃଖ ମୋଚନ କରିବା ପାଇଁ—ଦୁଷ୍ଟ ରାକ୍ଷସ ମାନଙ୍କୁ ଦମନ କରି ସନ୍ଥ ପାଳନ କରିଥିଲେ । ଗୋପାଙ୍ଗନା ମାନଙ୍କର ନାନା ଲୀଳା ଖେଳାରେ ପବିତ୍ର ଏଇ ବୃନ୍ଦାବନ । ଭକ୍ତ ଓ ଭଗବାନ ଭିତରେ ଏଠାରେ ଦୂରତ୍ୱ ନାହିଁ, ଭେଦା ଭେଦ ନାହିଁ । ପରମ ସାଖ୍ୟ ଭାବରେ ସେମାନେ ପରସ୍ପର ସହିତ ନିବିଡ଼ ବନ୍ଧନରେ ବନ୍ଧା । ଏଠାରେ ପାଦ ଥୋଇବା ପରେ ମଣିଷ ସଂସାର ବନ୍ଧନକୁ ଭୁଲିଯାଏ—ଭୁଲିଯାଏ ତା'ର ଅତୀତକୁ । ବ୍ରଜସୁନ୍ଦରଙ୍କ ଅବଚେତନରେ ବୃନ୍ଦାବନ ସମ୍ପର୍କରେ ଏଇ ଯେଉଁ କଥାଟି ପିଲାଦିନରୁ ଛାପ ପକେଇଥିଲା ତାହା ବୋଧହୁଏ ହଠାତ୍ ସେଠାକୁ ଚାଲିଯିବା ପାଇଁ ତାଙ୍କୁ ପ୍ରବର୍ତ୍ତାଇ ଥିଲା ।

କିନ୍ତୁ କଣ ହେଲା ତା' ପରେ । ଅତୀତ ଜୀବନର ଗୋଟିଏ ସୁଦ୍ଧା କଥା ସେ ଭୁଲି ପାରିଲେ ନାହିଁ ।

ନନା ବୋଉ ଜିଦ୍ ଧରି ତାଙ୍କୁ ବାହା କରେଇ ଦେଲେ । କେଉଁ ଅଜଣା ଅଶୁଣା, ଅଦେଖା ସ୍ତ୍ରୀ ଟିଏ ଶଙ୍ଖ ହୁଳହୁଳି ଶବ୍ଦ ମଧ୍ୟରେ ତାଙ୍କ ଘରେ ପାଦଦେଲା । ହୋମାନଳ ତାଙ୍କ ଉତ୍ତପ୍ତ ଶରୀରକୁ ଆହୁରି ଉତ୍ତପ୍ତ କରି ଦେଇଥାଏ । ମନ୍ତ୍ରୋ-ଚ୍ଚାରଣ ସହିତ ଗୋଟିଏ ଅଜଣା ସ୍ତ୍ରୀର ଜୀବନ ସହିତ ତାଙ୍କ ଜୀବନ ଛନ୍ଦି ହୋଇଗଲା । ସେମାନେ ସେଇ ମୁହୂର୍ତ୍ତରୁ ସ୍ୱାମୀ ସ୍ତ୍ରୀର ବନ୍ଧନରେ ବାନ୍ଧି ହୋଇ-

Digitized by PPRACHIN, SOA

ଗଲେ । ତାର ସପ୍ତଦୋଷ କ୍ଷମାକରି ସ୍ତ୍ରୀକୁ କ୍ଷମା ଦେବାର ପ୍ରତିଶ୍ରୁତି ତାଙ୍କ ମୁହଁରୁ ଉଚ୍ଚାରିତ ହେଲା ।

ଏ ସବୁ ସତ୍ତ୍ୱେ ସେ ଠିକ୍ କରି ପାରୁ ନ ଥିଲେ ତାଙ୍କର କର୍ତ୍ତବ୍ୟ । କଥେକ ହୋମ ପରେ ଚଉଠି ରାତ୍ରିରେ ନିଜ ସ୍ତ୍ରୀ ସହିତ ସହବାସ କରିବାର ଯେଉଁ ପାରମ୍ପରିକ ବିଧାନ ତାକୁ ସେ ସହଜରେ ଗ୍ରହଣ କରିପାରି ନ ଥିଲେ । ଦୂର ସମ୍ପର୍କୀୟା ଭଉଣୀଟିଏ ଯେତେବେଳେ ସେଇ କଣକିଆ ଗମ୍ଭିରି ଘର ଆଡକୁ ତାଙ୍କୁ ଟାଣିନେଲା ସେ ଦୃଢ଼ ବିରୋଧ କରିଥିଲେ । ତାଙ୍କର ମନେହେଲା ସତେ ଯେମିତି ସେ କିଛି ଗୋଟାଏ ପାପ କର୍ମ କରିବାକୁ ଯାଉଛନ୍ତି । ଏଇ ସ୍ୱରଟି ଥିଲା ସେତେ-ବେଳେ ତାଙ୍କ ଭିତରର ମୁଖ୍ୟ ସ୍ୱର ।

ଅନ୍ୟ ଗୋଟିଏ ସ୍ୱର ମଧ୍ୟ ସେ ଶୁଣି ପାରୁଥିଲେ—ତୁ ବର୍ତ୍ତମାନ ସ୍ୱାମୀ । ସେ ସ୍ତ୍ରୀ ତୋର ପତ୍ନୀ । ସହବାସର ଦୈହିକ ସମ୍ପର୍କ ହିଁ ତୁମ ଭିତରେ ଗଢ଼ି ତୋଳିବ ସେଇ ପବିତ୍ର ପ୍ରେମ । ଯାହା ବଳରେ ତୁମେ ନୂତନ ସୃଷ୍ଟି ପାଇଁ ଆଗେଇ ଯିବ । ପୁରୁଷାନୁକ୍ରମେ ଏଭଳି ସମ୍ପର୍କ ଗଢ଼ି ଉଠିଛି ପରିବାରକୁ ଏବଂ ତାର ମାଧ୍ୟମରେ ସମାଜକୁ ସୃଷ୍ଟି କରିବା ପାଇଁ । ତୋର ସେ କର୍ତ୍ତବ୍ୟରୁ ତୁ ପଛେଇ ଯାଇ ପାରିବୁ ନାହିଁ । ତତେ ଏଇ କର୍ତ୍ତବ୍ୟ ପାଳନ କରିବାକୁ ପଡ଼ିବ ହିଁ ପଡ଼ିବ । ପବିତ୍ର ହୋମାନଳକୁ ସାକ୍ଷୀ ରଖି ଏବଂ ଦେବତାମାନଙ୍କୁ ଆବାହ୍ନାନ କରି ତୁ ଏଇ ବଚନ ଦାନ କରିଛୁ । ତୋର ଅନ୍ୟ ଉପାୟ ନାହିଁ । ତୁ ପଛଘୁଞ୍ଚା ଦେଇପାରିବୁ ନାହିଁ ।

ତାଙ୍କର ଏ ଭଳି ଦ୍ୱିଧା ଓ ସଙ୍କୋଚ ତାଙ୍କୁ ଅନ୍ଧାର ପାସ କରିଥିଲା । ଭଉଜ ହସିଦେଇ କହିଥିଲେ "ତୁମେ ଏଡ଼ିକ ମାଇଚିଆ ।"

ତାପରେ ଅନେକଦିନ ଯାଏଁ ସେ ଏଇ ଅମଧୁର ସମ୍ବୋଧନଟି ଶୁଣିବାରେ ଅଭ୍ୟସ୍ତ ହୋଇଯାଇଥିଲେ । ପ୍ରଥମେ ଅବଶ୍ୟ ଟିକିଏ ଏ ସମ୍ବୋଧନଟା ଖରାପ ଲାଗୁଥିଲା । କିନ୍ତୁ ପରେ ପରେ ତାହା ଦେହସୁହା ହୋଇଗଲା । ଅନ୍ୟମାନେ ଯେ ତାର ପୁରୁଷତ୍ୱକୁ ଅସ୍ୱୀକାର କରୁଥିଲେ ତାହାନୁହେଁ....

ମଧୁଶଯ୍ୟା ଗୃହକୁ ପ୍ରବେଶ କରିବା ମୁହୂର୍ତ୍ତଠାରୁ ଅନେକ ଘଟଣା ତାଙ୍କ ଜୀବନରେ ଘଟିଯାଇଛି । ସେଗୁଡ଼ିକୁ ମନେ ପକାଇବା ହିଁ ଭଲ । ମାତ୍ର ମନଟା ଆଉ ଥନୋଟି ବର୍ଷ କଟେଇ ଦେଇଥିଲେ ବୋଧହୁଏ ଭଲ ହୋଇଥାନ୍ତା । ଚାକିରିରୁ ଅବସର ମିଳିଥାନ୍ତା । ପେନ୍‌ସନ୍ ଟଙ୍କାଟା ମିଳିଥିଲେ କାମରେ ଲାଗନ୍ତା । ମୁନାର ଏମ୍. ଏ. ପଢ଼ା ସରିଯାଇ ଥାଆନ୍ତା । ବିଚରା ବର୍ତ୍ତମାନ କେତେ ହାଇରାଣ ହେଉଥିବ

Digitized by PPRACHIN, SOA

ଆଜ ମାମି ଦୁଇବର୍ଷ ହେଲ ବି ଏ. ପାଶ୍ କରି ଘରେ ବସିଛି । ତା ପାଇଁ ଖୋଜି ଖୋଜି ଭଲ ବରଟିଏ ସେ ପାଇଲେ ନାହିଁ । ହୁଏତ ଏ ତିନି ବର୍ଷ ଭିତରେ ମାମିର ହାତକୁ ଦୁଇହାତ କରିବା ପାଇଁ ସେ ଭଗବାନଙ୍କ କୃପାରୁ ଭଲ ଚାକିରି କରୁଥିବା ବରଟିଏ ପାଇଯାଇ ଥାଆନ୍ତେ । ସେଇମାନେ ତାଙ୍କୁ ନିଶ୍ଚୟ ମନେ ପକାଉଥିବେ । ମୁନା ପୁଅପିଲା ; ହୁଏତ ସେ ଯେମିତି ହେଲେ ପାରିଯିବ । ତାର ମା ଉପରେ ବେଶି ନିର୍ଭର କରିବା ଦରକାର ନାହିଁ । ଏମ୍. ଏ. ଟା ଯେ କୌଣସି ପ୍ରକାର ପାଶ କରିଗଲେ ତାର କାମ ସରିଲା । ତେଣିକି ଯେ କୌଣସି ଚାକିରିଟାଏ ସେ ନିଶ୍ଚୟ ଯୋଗାଡ଼ କରିନେବ । ସେ ବା କାହିଁକି ତାଙ୍କୁ ମନେ ପକାଇବ । ବ୍ରଜସୁନ୍ଦରବାବୁ ନିଜ ମନକୁ ନିଜେ ବୁଝାଇବା ପାଇଁ ଚେଷ୍ଟା କରୁଥିଲେ ।

ମାମିର ମୁହଁଟା କିନ୍ତୁ ତାଙ୍କ ଆଖି ଆଗରେ ନାଚି ଯାଉଥିଲା । କଳକଳିଆ ଝିଅଟିଏ । ବାପା ପାଖରେ ହିଁ ତାର ସବୁ ଅଳି ଜଞ୍ଜାଳ । ତା ମା ପାଖରେ ସେ କେବେ କୌଣସି କଥା ପ୍ରକାଶ କରେ ନାହିଁ । ସେଇଥି ପାଇଁ ବୁଢ଼ୀର ଝିଅ ଉପରେ ରାଗ ।

କୁନ୍ଦଲତାଙ୍କୁ ବାହା ହୋଇ ଦୀର୍ଘ ତିରିଶ ବର୍ଷକାଳ ଗୋଟିଏ ଛାତ ତଳେ କଟେଇଥିଲେ ମଧ୍ୟ ବ୍ରଜସୁନ୍ଦର ଯେମିତି ତାକୁ ଚିହ୍ନି ପାରି ନ ଥିଲେ । ବିବାହର ଅଳ୍ପ କେତୋଟି ବର୍ଷ ପରେ ମୁନା ଜନ୍ମ ହେବା ପରଠାରୁ ଆଉ ପାରିବାରିକ ସୁଖ କଣ ସେ ଜାଣିନାହାନ୍ତି । ସବୁବେଳେ ଘରେ ତର୍ମି ତୋଫାନ । କଥା କଥାକେ ସେ ଝଗଡା ଆରମ୍ଭ କରିଦିଏ । ଥରେ ଗୋଳମାଳ ଆରମ୍ଭ ହେଲେ ସେ ମଣିଷ ହୋଇ ରହେନାହିଁ । କାଳେଣୀ ଲାଗିଲା ପରି ଘରର ସମସ୍ତ ଜିନିଷ ସେ ଫୋପାଡ଼ା ଫୋପଡ଼ି କରେ । କପ୍ ପ୍ଲେଟ୍ ଭାଙ୍ଗି ଚୁରମାର୍ କରିଦିଏ । ବେଳେ ବେଳେ ସେ ଏତେ ବଡ ପାଟିରେ ଗାଳି ଦିଏ ଯେ ପାଖପଡ଼ିଶା ଲୋକମାନେ ଧାଇଁ ଆସନ୍ତି କଣ ହେଉଛି ଦେଖିବା ପାଇଁ । ସେହି ଦେଖଣାହାରିମାନେ ମଧ୍ୟ ତାର କୋପାଗ୍ନିରୁ ବାଦ ଯାଆନ୍ତି ନାହିଁ ।

ଶାନ୍ତନୁ ଯେପରି ଗଙ୍ଗାଙ୍କୁ ତାଙ୍କର ସମସ୍ତ ଅପରାଧ କ୍ଷମା କରିବା ପାଇଁ ଶପଥ କରି ଶେଷପର୍ଯ୍ୟନ୍ତ କିଛି କରିପାରି ନ ଥିଲେ ଠିକ୍ ସେହିପରି ବ୍ରଜସୁନ୍ଦର କୁନ୍ଦଲତାକୁ କ୍ଷମା ଦେଇଥିଲେ ତାର ସମସ୍ତ ଅପରାଧ ସତ୍ତ୍ୱେ । ତାକୁ ଶାସନ କରିବା ପାଇଁ ସେ କେବେହେଲେ ଚେଷ୍ଟା କରି ନ ଥିଲେ । ବୃନ୍ଦାବନ ଅଭିମୁଖେ ବାହାରିଥିବା ସେଇ ସନ୍ୟାସୀ ଶେଷରେ ଏଭଳି ଗାର୍ହସ୍ଥ୍ୟ ଜଞ୍ଜାଳରେ ବାନ୍ଧି ହୋଇଗଲା ।

Digitized by PPRACHIN, SOA

କୁନ୍ଦଲତା ହେଉ ତାର ମୂର୍ଖତା ପ୍ରତି ପ୍ରଥମେ ପ୍ରଥମେ ତାଙ୍କ ମନରେ ଦୟା ଆସୁଥିଲା। ତାର ନିର୍ବୋଧତାରୁ ତାକୁ ରକ୍ଷାକର ଭଗବାନ! ତାକୁ ସଦ୍‌ବୁଦ୍ଧି ଦିଅ। ଏଭଳି ପ୍ରାର୍ଥନା ତାଙ୍କ ମୁହଁରୁ ବାହାରି ଆସୁଥିଲା। କିନ୍ତୁ ପରେ ପରେ ଅସହ୍ୟ ହୋଇଗଲା କୁନ୍ଦଲତାର ବ୍ୟବହାର। ତାଙ୍କ ଜୀବନର ସମସ୍ତ ଶାନ୍ତି ଓ ସଦ୍‌ଭାବକୁ ଜାଳି ପୋଡ଼ି ଧ୍ୱଂସ କରିଦେବା ପାଇଁ ଯେମିତି କୁନ୍ଦଲତା ଆସିଥିଲା ତାଙ୍କ ଘରକୁ—ତାଙ୍କର ହାତ ଧରି।

ତାଙ୍କ ପାରିବାରିକ ଜୀବନର ଏହି ଦୁର୍ଦ୍ଦଶା ଦେଖିବା ପାଇଁ ତାଙ୍କ ବାପା ବେଶିଦିନ ବଞ୍ଚି ରହି ପାରି ନ ଥିଲେ। ବ୍ରଜସୁନ୍ଦରଙ୍କ ବିବାହର ଅଳ୍ପଦିନ ମଧ୍ୟରେ ସେ ସଂସାର ଛାଡ଼ି ଚାଲି ଯାଇଥିଲେ। ଅନେକ ଯନ୍ତ୍ରଣା ଭିତରେ ପୁଅ ମୁହଁରେ ହସ ଟିକିଏ ଦେଖିବା ପାଇଁ ଅନେକ ଦିନ ବଞ୍ଚି ରହିଥିଲେ ତାଙ୍କ ବୋଉ। ବାପାଙ୍କୁ ବାହା କରାଇ ପରିବାରର ଧାରାବାହିକ କ୍ରମକୁ ରକ୍ଷା କରିବା ପାଇଁ ତାକୁ ସନ୍ନ୍ୟାସ ରାସ୍ତାରୁ ସେ ଫେରେଇ ଆଣିଥିଲେ। ଘରକୁ ବୋହୂଟିଏ ଆଣି ଶାନ୍ତିରେ କିଛିଦିନ ଆରାମ କରିବା ପାଇଁ ବୁଢ଼ୀ କେତେ ଆଶା କରି ନ ଥିଲା! ସାଧୁସୁନା ହୋଇଥିବ ବୋହୂଟି, ଚାଲିଲେ ପଦ୍ମଫୁଲ ଫୁଟୁଥିବ। ଏମିତି ସୁନ୍ଦର ହୋଇଥିବ ଯେ ଅନ୍ଧାର ଘର ଉଜ୍ଜ୍ୱଳ ହୋଇଯିବ। ଚହଲିଲା ପାଣିରେ ପାଦ ଥୋଇବ ନାହିଁ। ମାଟିକୁ ମ କହିବ ନାହିଁ। ଶାଶୁ ଶ୍ୱଶୁରଙ୍କ ସେବା ଯତ୍ନ କରିବ। ସ୍ୱାମୀର ସୁଖ ଦୁଃଖରେ ଭାଗୀଦାର ହୋଇ ଘର ଜଞ୍ଜାଳ ସମ୍ଭାଳିବ। ମୋଟ ଉପରେ କହିବାକୁ ଗଲେ ସେ ହୋଇଥିବ ଗୃହଲକ୍ଷ୍ମୀ। ନିଜ ପୁଅକୁ ବାହାଦେଇ ଘରକୁ ବୋହୂଟିଏ ଆଣିଲାବେଳେ ଏମିତି ସ୍ୱପ୍ନ ପ୍ରାୟ ସବୁ ମା' ଦେଖିଥାଆନ୍ତି। କିନ୍ତୁ କେତେ ଜଣଙ୍କ କପାଳରେ ଏ ସବୁ ମିଳେ! କଥାରେ ଅଛି ପୁଅ ସେତେଦିନ ଯାଏଁ ବାପା ମା'ଙ୍କର ଯେତେଦିନ ଯାଏଁ ସେ ବାହା ହୋଇ ନାହିଁ। ବାହା ସାହା ହୋଇ ଘର ସଂସାର କଲାପରେ ଅଧିକାଂଶ କ୍ଷେତ୍ରରେ ମା' ବାପାଙ୍କ ପ୍ରତି ପୁଅର ସେ ସ୍ନେହ ମମତା ରହେନାହିଁ। ତା ସ୍ତ୍ରୀ ଓ ପୁଅଝିଅ ସ୍ନେହ, ସୋହାଗ ଭିକ ତାଠାରୁ ସେ ସବୁ ଯେମିତି ଛଡ଼େଇ ନିଅନ୍ତି।

ବ୍ରଜସୁନ୍ଦରଙ୍କ ଆଖି ଛଳ ଛଳ ହୋଇ ଉଠିଲା। ତାଙ୍କ ବୋଉଙ୍କ ପ୍ରତି କୁନ୍ଦଲତାଙ୍କ ବ୍ୟବହାର ଧୀରେ ଧୀରେ ଅସହ୍ୟ ହୋଇ ଉଠିଥିଲା। ସେ ଅଶ୍ଳୀଳ ଭାବରେ ଗାଳିଦିଏ। ବୁଢ଼ୀକୁ ଯେଉଁଭଳି ବ୍ୟବହାର କରେ କେହି ନିଜର ଚାକର ପ୍ରତି ମଧ୍ୟ ସେଭଳି ବ୍ୟବହାର କରିବ ନାହିଁ। ବୁଢ଼ୀ କେବେ ଏଭଳି ବ୍ୟବହାର କଳ୍ପନା ସୁଦ୍ଧା କରି ନ ଥିଲେ। ତାଙ୍କ ସ୍ୱପ୍ନର ସୁନାନାକୀ ଲକ୍କୁଳୀ ବୋହୂଟି ଯେ ଏଭଳି ଚଣ୍ଡଚଣ୍ଡୀ ସାଜିବ ସେ କଥା ଭାବିଲାବେଳକୁ ତାଙ୍କର ମସ୍ତିଷ୍କ ବିକୃତି ଆରମ୍ଭ ହୋଇଯାଇଥିଲା।

Digitized by PPRACHIN, SOA

ଯେଉଁଭଳି ଭାବରେ ବୋଉ ସଂସାରରୁ ବିଦାୟ ନେଲେ ସେ କଥା ଭାବି ବ୍ରଜସୁନ୍ଦରଙ୍କ ଆଖି ଓଦା ହୋଇ ଆସିଲା । ଅବଶ୍ୟ ସେ ନିଜେ ତାଙ୍କ ତରଫରୁ ବୋଉଙ୍କ ପ୍ରତି କୌଣସି ଅବହେଳା କରି ନାହାନ୍ତି । ସବୁବେଳେ ତାର ସେବାଯତ୍ନ କରିଛନ୍ତି । କିନ୍ତୁ କୁନ୍ଦଲତାର ଖରାପ ବ୍ୟବହାର ବିରୁଦ୍ଧରେ କେବେ ପ୍ରତିବାଦ କରି ନାହାନ୍ତି । ତାଙ୍କ ଆଗରେ ସେ ଯେତେବେଳେ ବୋଉ ପ୍ରତି ଅଶ୍ଲୀଳ ବ୍ୟବହାର କରେ ସେ ନୀରବ ରହି ସବୁ କଥା ସହି ଯାଉଥିଲେ । ପ୍ରତିବାଦ କରିବା ପାଇଁ ଅନେକ ଥର ସେ ଚିନ୍ତା କରିଥିଲେ । କିନ୍ତୁ ପର ମୁହୂର୍ତ୍ତରେ ତାର ପରିଣାମ କଥା ଚିନ୍ତା କରି ସେ ନୀରବ ରହୁଥିଲେ । ନିଜର ଏଭଳି କାପୁରୁଷତା ପାଇଁ ସେ ଯେମିତି ନିଜକୁ କ୍ଷମା ଦେଇପାରୁ ନଥିଲେ ।

କେବଳ ଥରୁଟିଏ ସେ କ୍ଷୀଣ ଚେଷ୍ଟା କରିଥିଲେ କୁନ୍ଦଲତାକୁ ଜବତ୍ କରିବା ପାଇଁ । ବୋଉଙ୍କ ପ୍ରତି ସେଭଳି ଖରାପ ବ୍ୟବହାର ନ କରିବା ପାଇଁ ସେ କୁନ୍ଦଲତାକୁ ସାବଧାନ କରି ଦେଇଥିଲେ । କ୍ଷିପ୍ତ ବାଘୁଣୀ ପରି ସେ ତାଙ୍କୁ ଆକ୍ରମଣ କରିଥିଲା ।

—ମାଇଚିଆ ! ମା ପାଇଁ ଯଦି ଏତେ ଦରଦ ମତେ କାହିଁକି ବାହା ହୋଇଥିଲୁ !

ସଂଭ୍ରମର ସମସ୍ତ ସୀମାକୁ ସେ ଭୁଲି ଯାଇଥିଲା । ବ୍ରଜସୁନ୍ଦରଙ୍କର ପୁରୁଷତ୍ୱ ସତେ ଯେମିତି ତାଙ୍କୁ ଅହ୍ୱାନ ଦେଲା । ତୁ କିଣ ସତେ ଗୋଟିଏ ମାଇଚିଆ । ସ୍ତ୍ରୀର ସ୍ପର୍ଦ୍ଧାକୁ ତୁ ନିୟନ୍ତ୍ରିତ କରିପାରୁ ନାହୁଁ । ଗୋଟିଏ ଚାପୁଡ଼ାରେ କୁନ୍ଦଲତା ସଂଜ୍ଞାଶୂନ୍ୟା ହୋଇ ଭୂଇଁରେ ଲୋଟି ପଡ଼ିଲେ । ମୁନା ଓ ମାମୀ ସେତେବେଳକୁ ଛୋଟ ଛୋଟ ପିଲା । ସେମାନେ ବା କିଣ ବୁଝିବେ । ମା'ର କୋଳକୁ ଲାଗିଯାଇ ସେମାନେ କାନ୍ଦିବାକୁ ଲାଗିଲେ । ବ୍ରଜସୁନ୍ଦର ନିଜର କାର୍ଯ୍ୟ ପାଇଁ ପର ମୁହୂର୍ତ୍ତରେ ଲଜ୍ଜିତ ହୋଇଥିଲେ । ତାଙ୍କ ଆଖିରେ ମଧ୍ୟ ଲୁହ ଜକେଇ ଆସିଥିଲା ।

ତାଙ୍କ ବୋଉ କିଣ ଘରଟିରେ ବସି ଅନେକ ସମୟ ଯାଏଁ କାନ୍ଦୁଥିଲେ । ପୁଅକୁ ଦେଖି ତାଙ୍କ ମନରେ ଭାବାନ୍ତର ଆସିଲା । ତା ଆଖିରେ ଲୁହ ଦେଖି ସେ ଚମକି ପଡ଼ିଲେ । ହସିବାକୁ ଚେଷ୍ଟା କରି କହିଲେ ବାପ୍ପା ! ତୁ ଯେମିତି ସାନପିଲା ହୋଇ ଆଉ କେତେଦିନ ରହିବୁ । ବୋହୂ ଉପରକୁ ହାତ ଉଠେଇବା ତୋର ଉଚିତ ହୋଇନାହିଁ ।

Digitized by PPRACHIN, SOA

ବୋଉ ବାହାରେ ହସୁଥିଲା । କିନ୍ତୁ ତା' ଭିତରଟା ଯେ ପୂଅର ଅବସ୍ଥାରେ କାନ୍ଦୁଥିବ ଏଥିରେ ସନ୍ଦେହ ନ ଥିଲା । ବ୍ରଜସୁନ୍ଦର ବାବୁ ବୁଝିପାରିଥିଲେ ତାର ଅନ୍ତରର କଥା ।

ତା ପାଖରେ ଠିଆ ହୋଇ ରହିବା ପାଇଁ ତାଙ୍କର ଆଉ ସାହାସ ନ ଥିଲା ।

ସେହି ଦିନଠାରୁ ବୁଢ଼ୀର ଦେହ ବେମାର ହେଲା । ସେ ଖାଇଲା ନାହିଁ କି ପିଇଲା ନାହିଁ । କମିଲା ଟିକିଏ ତୁଳସୀପତଟାଏ ସେବା କରି ଚଉଁରା ମୂଳେ ଘଣ୍ଟା ଘଣ୍ଟା ବସି ରହିଲା । ଯେତେ ବୁଝାଇଲେ ବୁଝିଲା ନାହିଁ । ସତେ ଯେମିତି ସେ ଶୁଣି ପାରିଥିଲା ଅନ୍ୟ ପୃଥିବୀର ଡାକରା । ସେପାଖର ସନ୍ଦେଶ ସେ ପାଇ ପାରିଥିଲା । ବହୁତ ବାଧ କରି ବ୍ରଜସୁନ୍ଦରବାବୁ ବୋଉଙ୍କୁ ଟିକିଏ ଖୁଆଇବା ପାଇଁ ଚେଷ୍ଟା କରିଥିଲେ ।

— ମୋ ପାଇଁ ଆଉ ଚିନ୍ତା କାହିଁକିରେ ବାପା ! ମୋର ତ ଦିନ ସରି ଆସିଲା । ଆଉ ଏ ମିଛମାୟା ସଂସାରରେ ମନ ଲାଗୁନାହିଁ । ଖାଲି ଡାକୁଛି ଭଗବାନଙ୍କୁ ସତେ ଚଞ୍ଚଳ ଉଠାଇ ନେବା ପାଇଁ ।

ତା' ମୁହଁ କଥା ଶୁଣି ବ୍ରଜସୁନ୍ଦର ବାବୁ ଚମକି ଯାଇଥିଲେ । ଏମିତି କଥା ସେ କେବେ କହେ ନାହିଁ । ସେ ବୁଝି ପାରିଥିଲେ ସବୁ କଥା । ତାଙ୍କୁ ଛେଉଣ୍ଡ କରି ଚାଲିଯିବ ବୋଉ । ଆଉ ବେଶିଦିନ ନୁହେଁ ।

କୁନ୍ଦଲତା ସହିପାରେ ନାହିଁ । ଛୁଗୁଲେଇ ହୋଇ ବହୁତ କଥା କୁହେ ।

— ବୁଢ଼ୀ କଣ ସତରେ ମରିବ ! ସତେ ଆଗେ ମାରିବ ! ତାପରେ ଯାଇ ଏ ଘରଟାକୁ ବୁଡ଼ାଇ ମାରିବ । ଯାହା ହୀନସ୍ତା ସତେ କଲାଣି ତାକୁ ଧର୍ମ ସହିବ ନାହିଁ ।

ସତରେ ସେ ଅନ୍ୟାୟକୁ ଧର୍ମ ସହିଲା ନାହିଁ । ବୁଢ଼ୀ ତୁଳସୀ ଚଉଁରାମୂଳେ ବୃନ୍ଦାବତୀ ସେବା କରି ତୁଳସୀ ପତଟିଏ ପାଟିରେ ଦେଇ ଢଳି ପଡ଼ିଲା । ଆଉ ଆଖି ଖୋଲିଲା ନାହିଁ ।

କେଜାଣି କେତେ ବର୍ଷ ତଳର କଥା ସବୁ ହୋଇ କାଳିପଟ୍ଟ ତାଙ୍କ ଆଖି ଆଗରେ ନାଚଗଲା । ବ୍ରଜସୁନ୍ଦର ବାବୁଙ୍କ ଆଖିରେ ଲୁହ ଭରି ଆସିଲା । ନନା, ବୋଉ ଇହ ସଂସାରରେ ନାହାନ୍ତି । ସେ ଅଘଣା ।

ରାତି ଅନେକ ହେଲାଣି ।

ଓଡ଼ିଆବାଡ଼ା ମଠରେ ରାଧାକୃଷ୍ଣ ଯୁଗଳ ମୂର୍ତ୍ତି ନିକଟରେ ବୈଷ୍ଣବ ବୈରାଗୀମାନେ ଗିନି, ଖୋଳ, କରତାଳ, ମୃଦଙ୍ଗ, ପଟଖୋଳ ବଜାଇ ଧାନକୃଷ୍ଣଙ୍କ ରସ କଲ୍ଲୋଳର ଗୁନ୍ଦକୁ ଲଳିତ ମଧୁର କଣ୍ଠରେ ଗାଉଥିଲେ ।

Digitized by PPRACHIN, SOA

ରାଧାକୃଷ୍ଣଙ୍କ ମନ୍ଦିରରେ ସନ୍ଧ୍ୟାର ପୂଜା ଓ କୀର୍ତ୍ତନ ସାରି ଅନେକ ବେଳୁ ଫେରି ଗଲେଣି ଗୌଡ଼ୀୟ ସାଧୁମାନେ । ରାଧାକୃଷ୍ଣଙ୍କ ଚିରନ୍ତନ ମିଳନର ମଧୁର ସଙ୍ଗୀତରେ ମୁଖରିତ ଏହି କୁଞ୍ଜକାନନ । ଏଠି ରାତିରେ କେହି ରହିବା ମନା । ପ୍ରେମିକା ଶ୍ରୀରାଧା ପାବନ ପ୍ରେମିକ ଶ୍ରୀକୃଷ୍ଣଙ୍କର ଅମର ପ୍ରେମଲୀଳା ମାୟାଗ୍ରସ୍ତ ମନୁଷ୍ୟ ଚର୍ମ ଚକ୍ଷୁରେ ଦେଖି ପାରିବ ନାହିଁ । ରାଧାକୃଷ୍ଣ ଯୁଗଳ ପ୍ରେମମୂର୍ତ୍ତିଙ୍କର କୁଞ୍ଜ କାନନରେ ନିତି ରାତିରେ ଘଟୁଥିବା ଅଲୌକିକ ପ୍ରେମଲୀଳା କିମ୍ବଦନ୍ତୀ ନୁହେଁ, ତାହା ଭକ୍ତମାନଙ୍କ ପାଇଁ ପ୍ରେମଭାବମୂର୍ତ୍ତି-ରାଧାକୃଷ୍ଣ ପରି ଚିରନ୍ତନ ସତ୍ୟ ।

କିଏ ଜଣେ ପୁଲକିତ କଣ୍ଠରେ ଗାଉଥିଲା ମୀରା ଭଜନ—

ମୀରା କେ ପ୍ରଭୁ ଗିରିଧର ନାଗର... ଭକ୍ତ ଓ ଭଗବାନ ମଧ୍ୟରେ କି ପରମ ସାଖ୍ୟ, କି ଅମୃତ ମିଳନ ।

ବ୍ରଜସୁନ୍ଦର ସାଖ୍ୟ ଓ ପ୍ରେମ ଭାବର ଗୋଟିଏ ଭିନ୍ନ ପୃଥିବୀରୁ ଫେରି ଆସୁଥିଲେ ବାସ୍ତବତାର ଗ୍ଲାନି ଭିତରକୁ । ମାମାଁର ଚିଠିଟା ବହୁବେଳୁ ସେ ହାତରେ ଧରିଛନ୍ତି । ପୂରାଭାବେ ପଢିବାପାଇଁ ତାଙ୍କର ସାହାସ ନାହିଁ ।

ବାପା ତୁମେ ଯେଉଁଦିନଠାରୁ ଘର ଛାଡି ଚାଲିଗଲ, ସେହି ଦିନଠାରୁ ବୋଉର ଦେହ ଭଲ ରହୁନାହିଁ । ସେ ଖାଲି କାନ୍ଦୁଛି । କେତେଦିନ ହେବ ସେ ଆଉ ବିଛଣାରୁ ଉଠିପାରୁନାହିଁ । ଆଉ ବୋଧହୁଏ ବେଶିଦିନ ନୁହେଁ । ତୁମେ ଯେମିତି ହେଲେ ନିଶ୍ଚୟ ଆସିବ ... ।

ମାମାଁର ଏ ଚିଠିକୁ ମାୟା ବୋଲି ଉଡ଼େଇଦେବା ବ୍ରଜସୁନ୍ଦରଙ୍କ ପକ୍ଷେ ସହଜ ନ ଥିଲା । ରାଧାଙ୍କର ମାନଭଞ୍ଜନକାରୀ ପରମ ପ୍ରେମମୂର୍ତ୍ତି ଶ୍ରୀକୃଷ୍ଣଙ୍କର ମୋହନ ରୂପକୁ କଳ୍ପନାରେ ଧ୍ୟାନ କରି ସେ କାନ୍ଦି ପକାଇଲେ । ସମସ୍ତ କାରଣ ସତ୍ତ୍ୱେ ସର୍ବଗୁଣାଧାର ସର୍ବ ଶକ୍ତିମାନ୍ ପରମ ବୈଷ୍ଣବ କୃଷ୍ଣ ଜ୍ୱରର ଛଳନା କରି ପାବନ ପ୍ରେମିକା ପରମ ଐଶ୍ୱର୍ଯ୍ୟମୟୀ ରାଧିକାଙ୍କଠାରୁ କଣ ପଦରଜ ପ୍ରାର୍ଥନା କରି ନ ଥିଲେ । କୁନ୍ଦଲତା ପ୍ରତି ପ୍ରେମରେ, କରୁଣାରେ ଦ୍ରବଭୂତ ହୋଇଯାଉଥିଲା ତାଙ୍କମନ ।

ପ୍ରତ୍ୟାବର୍ତ୍ତିତ
ଡକ୍‌ଟର : ହରିହର ଦାସ
ପ୍ରଫେସର : ରାଜନୀତି ବିଜ୍ଞାନ ବିଭାଗ
ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟ, ବ୍ରହ୍ମପୁର

Digitized by PPRACHIN, SOA

ଶୂନ୍ୟ ସଙ୍ଗୀତ

—ରମାକାନ୍ତ ରାଉତ

ମହାଶୂନ୍ୟର ନିଝୁମ ନିଶୂନ ଭିତରେ ତୁମେ,
ସ୍ତବ୍ଧ କାତର ପ୍ରାଣରେ ଶୁଣ ମୋର
ପ୍ରାଗୈତିହାସିକ ଖେୟାଲ
ପୈଶାଚିକ ରାତ୍ରିର ଭୟାନକ ପ୍ରଶାନ୍ତିରେ,
ଘୂର୍ଣ୍ଣନ୍ତ ତାରକାର କ୍ଷୀଣାଲୋକରେ,
ମରୁଭୂମିର ଅମାପ ବ୍ୟାପ୍ତିରେ
ମୋର ନିଃଶବ୍ଦ ସାହାନାଇର ମୂର୍ଚ୍ଛନା;
ମହାର୍ଣ୍ଣବର ଅନନ୍ତ ନୀଳିମାରେ
ଅରଣ୍ୟାନୀର ନିଭୃତ ନିକୁଞ୍ଜରେ
ଉଦ୍‌ଭାସିତ ମୋର ସ୍ୱର ତରଙ୍ଗ
ବର୍ଣ୍ଣହୀନ, ଗନ୍ଧହୀନ, ସ୍ପର୍ଶହୀନ,
ଅଶରୀର ମୁଁ ଅପୌରୁଷ ।

ମୋର ସେଇ ଶୂନ୍ୟ ତରଙ୍ଗରୁ ଜନ୍ମନେଲ
ସୌରଲୋକ, ଦେବ ଲୋକ, ଶୂନ୍ୟ,
ମହାଶୂନ୍ୟ, କ୍ଷିତ୍, ଅପ୍, ତେଜ, ମରୁତ୍, ବ୍ୟୋମ,
ସୃଷ୍ଟି ହେଲ ତମେ ସବୁ ମୋ' ଶାନ୍ତ ସ୍ନିଗ୍ଧ, ନିର୍ମଳ,
ବୁକୁରେ; ତମର ଆଦ୍ୟ ପଦଧ୍ୱନି, ତମ କଟୀର କିଙ୍କିଣୀ
ତମ ନୂପୁର ନିକ୍ୱଣ, ତମ କର୍ଷଣ, ଧର୍ଷଣ, କୋଳାହଳ
କଳକଳାରେ ବିଶ୍ୱ ଦୋହଲିଲ ।
ସମୁଦ୍ରରେ ବାତ୍ୟା, ଶୀତ୍କାର, ଭୂକମ୍ପ
ମୋତେ ଭଗ୍ନ ତପ କରିବାର ଅବିଶ୍ରାନ୍ତ ଚେଷ୍ଟା ସତ୍ତ୍ୱେ
ମୁଁ ଅବିଚଳିତ, ଅବିନଶ୍ୱର, ତୁମଠିଁ ମୋର ନିଘା ନାହିଁ ।

Digitized by PPRACHIN, SOA

ଯେତେ ଧମ୍‌ଧସ୍ତ, ଯେତେ କଚର ମିଚର
ହେଲେ ବି ମୋଠୁଁ ତମର ନିସ୍ତାର ନାହିଁ,
ମୁଁ ତୁମର ଗଢ଼, ମୁକ୍ତ, ପ୍ରଗଢ଼, ପ୍ରଶାନ୍ତ,
ନିରବଧି ମୋ ନିର୍ଜନା ତମର ଭାଗ୍ୟ
ମୋ ଅଙ୍କରେ ଅନ୍ତିମ ଆଶ୍ରୟ; ଯେତେ
ଚକ୍‌ମକ୍, ନାଲି ନେଳି, ଗୋଲାପି ପୋଷାକ
ପିନ୍ଧିବ ଶୀତତାପ-ନିୟନ୍ତ୍ରିତ ଘରେ ମର୍କରି
ଆଲୋକର ଯେତେ ଶ୍ରେଷ୍ଠୀ ଜଳାଳେବ
ଜନ୍ମବେଳେ ମୁଁ ତମର ଚମ ଢାଙ୍କିଥିଲି ଏବଂ
ମୁଁ ସେଇଘର ଯେଉଁଠି ତମ ଏକୁଣ୍ଡ କଳାଛୁ ।

ତମେ ଏକ ଅମାନିଆ ପିଲା, ଗୁଣ୍ଡା ମାଡ଼,
ବାଟ, ଘାଟ, ନିତ୍ୟ ଘୁରୁଅଛ ବାତଚକ୍ରସମ.
ଭ୍ରମାନ୍ତେ ପଶିବ ପୁଣି ସେ ନିଃସଙ୍ଗ
ଶୂନ୍ୟ ଦେଉଳରେ, ମୁଁ ବେଢ଼ିଛି ଅନ୍ଧାରନ୍ଧ
ତମ ବହୁପଣେ, ଯ ଯା ତୁମ ସର୍ବଦା ମୋ ଆଡ଼େ ।
ତମେ ଜଣେ ବିଦୂଷକ ମୁଖାପିନ୍ଧି ଅଭିନୟ କର
ଫୁଲଚୋଳ ପିନ୍ଧି ପାଲଙ୍କିରେ ବସି
ଶଙ୍ଖ, ଘଣ୍ଟା, ହୁଳହୁଳିରେ ବାଗ ଚହଟେଇ
ମୋର କବର ଦିଅ, କିନ୍ତୁ ଏକ ଫିନିକ୍ସ
ଜାଗିଉଠେ ମୋ ଭସ୍ମରୁ ତୁମେ ଅଜଣାରେ,
ତମ ବାହାବେଦୀରେ ମୁଁ ତମ ବରଣୀ ଯୋଡ଼
ତମ ଉତ୍ତରୀୟ, ଉପବୀତ, ପଣ୍ଡ ଆଉ ଜାୟା
ତମର ଶେଷ ଶିଖାହୋଇ, ତମ ମୁଖାଗ୍ନି ହେବେ
ମୁଁ ନିଥର କଣ୍ଠରେ ନୀରବତ ସଙ୍ଗୀତ
ଶୁଣାଇବି, ନିଶବ୍ଦ ଗାୟତ୍ରୀ ବୋଲିବି
ତୁମ ବାଙ୍ଗ୍‌ମୟତାର ପିରାମିଡ଼ ଉପରେ ।

ପ୍ଲଟ ନଂ ୨୧୭୧, ବି. ଜେ. ବି. ନଗର,
କଳନାଞ୍ଚଳ, ଭୁବନେଶ୍ୱର-୧୪

Digitized by PPRACHIN, SOA

ସୂର୍ଯ୍ୟ-ତୁମକୁ

—ଅଧ୍ୟାପକ ବିଶ୍ୱରଞ୍ଜନ

ସୂର୍ଯ୍ୟ ! ତମେ ହିଁ ପ୍ରଥମେ ମୋର ଜୀବନକୁ ଆଲୋକିତ କଲ । ତୁମର ସ୍ନେହ-ସ୍ନିଗ୍ଧ ଆଲୋକର ସ୍ପର୍ଶରେ ଅପସରି ଗଲା—ମୋ ଭିତରେ ସଞ୍ଚିତ ଜାଣି-କେତେ କାଳର ଘନୀଭୂତ ଅନ୍ଧକାର ।

ସେଇ ଆଲୋକ ଉପରେ ଆସ୍ଥା ରଖି ମୁଁ ଚାଲି ଶିଖିଲି । ଜୀବନର ଅଙ୍କା-ବଙ୍କା ଜଟିଳ ପଥରେ ଅପ୍ରତିହତ ଆନନ୍ଦ ଓ ଉତ୍ସାହରେ ମୁଁ ଆଗେଇ ଚାଲିଲି ।

ତୁମର ଆଲୋକ ହିଁ ଥିଲା ମୋ ପାଇଁ ପ୍ରେରଣାର ପାଥେୟ ।

କିନ୍ତୁ ତୁମଠାରୁ ଅନେକ ଦୂରରେ ଆଜି ମୁଁ ଏ କଣ ଦେଖୁଛି ? ତେଜୋଦୀପ୍ତ ପବିତ୍ର ସୂର୍ଯ୍ୟର ସତ୍ତା ଆଜି ମେଘ ଭିତରେ ବିଲୁପ୍ତ ।

ସୂର୍ଯ୍ୟ ! ପ୍ରତିଦିନ ଡାକରେ ପାଉଥିବା ତୁମର ପ୍ରତ୍ୟେକ ଚିଠିର ପ୍ରତିଟି ଶବ୍ଦ ଓ ଅକ୍ଷର ମୋ ପ୍ରତି ସନ୍ଦେହ ଓ ଅବିଶ୍ୱାସରେ ଅସ୍ପଷ୍ଟ ଓ ଅବୋଧ୍ୟ ।

ତୁମ ସନ୍ଦେହର ଯେ କୌଣସି ଭିତ୍ତି ନାହିଁ ଏହା ତୁମକୁ ମୁଁ କେମିତି ବା ବୁଝେଇବି ?

ମୁଁ ଜାଣେ, ଯେଉଁ ସନ୍ଦେହର ଘନମେଘ ଭିତରେ ମୋର ପ୍ରିୟ ସୂର୍ଯ୍ୟ ଆଜି ବନ୍ଦୀ ସେଇ ସୂର୍ଯ୍ୟ ହିଁ ସେ ମେଘର ସ୍ରଷ୍ଟା ।

ଆଉ ଏହା ବି ଜାଣେ ଯେ, ମେଘର ସ୍ଥାୟୀତ୍ୱ ସବୁଦିନ ପାଇଁ ନୁହେଁ ।

ଦିନେ ନା ଦିନେ ସନ୍ଦେହର କଳାମେଘ ଅପସରି ଯିବ ।

'ସତ୍ୟ' ଆଉ 'ଶକ୍ତି'ର ପ୍ରତୀକ ହୋଇ ସୂର୍ଯ୍ୟ ପୁଣି ତାର ନିର୍ମଳ ଆଲୋକରେ ହସି ଉଠିବ । ମୋତେ ହସେଇବ । ସାରା ପୃଥିବୀ ହସିବ ।

ତେବେ ବି ମୁଁ ସେଇ ଆଲୋକର ବନ୍ଦନା ଗାଉଛି ।

'ଉଷାମଣ୍ଡଳ'
ତଳମାଳି ସାହି, ପୁରୀ-୨

Digitized by PPRACHIN, SOA

ମୃଗୟା

—ଲକ୍ଷ୍ମୀକାନ୍ତ କୃଷ୍ଣ ଧଳ

ଗତ ପ୍ରାୟ ଦୁଇଟା ଚତୁର୍ଦ୍ଦିଗରେ ନୀରବତାର ରାଜତ୍ୱ । ପାରଳାଖେମୁଣ୍ଡିର ବିସ୍ତୃତ ପର୍ବତମାଳା ଉପରେ ଅନ୍ଧାର ଭିତରେ ଦୀର୍ଘକାୟ ବୃକ୍ଷରାଜ ପବନରେ ଦୋହଲି ମନରେ ଭୀତି ସଞ୍ଚାର କରୁଛି । ଏହି ପର୍ବତ ରାଜିର ପୃଷ୍ଠଦେଶରେ ସମତଳ ଅଞ୍ଚଳରେ ସୀମାଚଳ -ତାର ଯୁବତୀ ସ୍ତ୍ରୀ ଫୁଲ ଆଉ ଶିଶୁପୁତ୍ରଙ୍କୁ ନେଇ ତାର କୁଡ଼ିଆଘରେ ଗମ୍ଭୀର ନିଦ୍ରାରେ ଅଚ୍ଛନ୍ନ ।

ହଠାତ୍ ସେହି ଭୟଙ୍କର ପରିବେଶ ମଧ୍ୟରେ ସୀମାଚଳ କୁଆଁର ମୁହଁରେ ଆଘାତ ହୋଇଥିବା ପଛାରେ ଠକ୍ ଠକ୍ ଶବ୍ଦ, ଶୁଭିଲା । ଧୀରେ ଧୀରେ କେହି ସୀମାଚଳ ସୀମାଚଳ ବୋଲି ଡାକୁଥିବାର ମଧ୍ୟ ଶୁଣାଗଲା । ଫୁଲ ବି ଠକ୍ ଠକ୍ ଶବ୍ଦରେ ଉଠି ବସିଲା ଆଉ ସୀମାଚଳକୁ ହଲେଇ ଦେଇ ଉଠାଇଲା । ସୀମାଚଳ ନିଜେ ମଧ୍ୟ ଆଶ୍ଚର୍ଯ୍ୟ ହେଲା । ଘଣ୍ଟାର ବ୍ୟବହାର ସେ ଜାଣି ନ ଥିଲେ ମଧ୍ୟ ମନେ ମନେ ସମୟ କଳନା କରି ଶିହରି ଉଠିଲା । ତେବେ ଆଦିବାସୀ ଯୁବକ ସୀମାଚଳ ପିଲାଦିନୁ ଭୟ କଣ ଜାଣେନାହିଁ । ଜଙ୍ଗଲ ଭିତରେ ବଢ଼ି ଜଙ୍ଗଲର ପାଣିପବନ, ଚେରମୂଳ ଖାଇ ଜୀବନର ତିରିଶ ପଇଁତିରିଶିଟି ବସନ୍ତ ସେ କଟାଇ ଦେଲାଣି । ଜଙ୍ଗଲର ଭୟାବହତାରେ ସେ ଆନନ୍ଦ ଅନୁଭବ କରେ । ସେ ମନେକରେ ଏହି ଜଙ୍ଗଲ ଏହି ପାହାଡ଼, ଏହି ଝରଣା ସବୁ ଯେମିତି ତାର ଅତି ନିଜର ଅତି ଆପଣାର । ଶୂନ୍ୟତା ଭିତରେ ସେ ପୂର୍ଣ୍ଣତା ଅନୁଭବ କରେ । ଆଉ ସେହି ପୂର୍ଣ୍ଣତା ହିଁ ତାର ଜୀବନ ଦର୍ଶନ—ସେ ଅଧିକା କେବେ ଆଶା କରି ନ ବା ଚାହିଁ ନ । ବିସ୍ତୀର୍ଣ୍ଣ ପର୍ବତ-ମାଳାର ପୃଷ୍ଠ ଦେଶରେ ଆନାବନା ଜଙ୍ଗଲ ସଫାକରି ସୀମାଚଳ ନିଜର ଓ ନିଜ ପରିବାରର ଗୁଜୁରାଣ ମେଣ୍ଟାଇବା ପାଇଁ କରିଥିଲା ପୋଡ଼ୁଚାଷ । ବାଜରା, ମକା ଆଉ ସୁଆଁ ଚାଷକରି ସୀମାଚଳ ଆଉ ତାର ପରିବାର ସୁଖରେ ଥିଲେ । ସୀମାଚଳ ତା ନାଆଁ ଧରି କେହି ଡାକୁଥିବାର ମଧ୍ୟ ଶୁଣିଲା । ଧୀରେ ଧୀରେ ପଟା କାଢ଼ି ବାହାରକୁ ଆସିଲା । ବାହାରେ ଦେଖିଲା ପ୍ରାୟ ୧୨।୧୪ ଜଣ ଅନ୍ଧକାର ଭିତରେ ଠିଆ ହୋଇଛନ୍ତି । ଜଣକୁ ତା ଭିତରେ, ସେ ଚିହ୍ନିଲା । ସେ ହେଉଛି ଧମ୍ବରୁ ।

Digitized by PPRACHIN, SOA

ସମ୍ବରୁ କହିଲା ସୀମାଚଳ ଆମକୁ କଣ ଖାଇବାକୁ ଦେ । ପୋଲିସ୍ ଆମ ପଛେ ପଛେ ଗୋଡ଼େଇଛି । ଦୁଇଦିନ ହେଲା ଆମେ ନ ଖାଇ ନ ପିଇ ଧାଇଁଛୁ ।

ସୀମାଚଳ ଜାଣିବାକୁ ଚାହିଁଲା ତା ସାଙ୍ଗଲୋକ ସବୁ କିଏ ? ଆଉ ପୋଲିସ ବା ତାଙ୍କୁ କାହିଁକି ଗୋଡ଼ାଉଛି । ସମ୍ବରୁ କହିଲା ତୁ ପରେ ସେ କଥା ଶୁଣିବୁ । ଆଗ ଆମକୁ ଖାଇବାକୁ କିଛି ଦେ ।

ସୀମାଚଳ ବୋକା ହୋଇ କିଛି ସମୟ ସେମାନଙ୍କୁ ଚାହିଁଲା କଣ କରିବ କିଛି ଠିକ୍ କରି ପାରିଲା ନାହିଁ । ପ୍ରଥମତଃ ଏତେ ଲୋକଙ୍କୁ ଖାଇବାକୁ ଦେବାକୁ ତା ନିକଟରେ କିଛି ନାହିଁ । ଦ୍ୱିତୀୟତଃ ଏତେ ରାତିରେ ରୋଷେଇ କରି ଖାଇବା ବେଳକୁ ସକାଳ ହୋଇ ଯାଇଥିବ । ସୀମାଚଳ ମନରେ ଦ୍ୱନ୍ଦ ଦେଖାଦେଲା । ସେ ସମ୍ବରୁକୁ ଡାକିନେଇ ମନକଥା କହିଲା । ସମ୍ବରୁ ତାକୁ କହିଲା ମକା ଯଦି ଅଛି ତେବେ ମକାମଞ୍ଜିରୁ ଦିଟା ଦିଟା ଭାଜିକରି ଅନ୍ତତଃ ଦେ । ପେଟ ଭିତରେ ସାମାନ୍ୟ ଦାନାଟାଏ ମଧ୍ୟ ନାହିଁ । ସୀମାଚଳ ଅଗତ୍ୟା କୁଡ଼ିଆ ଭିତରକୁ ଯାଇ ଫୁଲକୁ ସବୁକଥା କହିଲା ଫୁଲ ହାଣ୍ଡିରେ ବାଲି ପକାଇ ଚୁଲିରେ ବସାଇଲା ଚୁଲିରେ ଜାଳଦେଇ ମକା ମଞ୍ଜି ଭାଜିବାକୁ ଲାଗିଲା । ସେହି ମକାମଞ୍ଜି ଭଜାରୁ ଗଣ୍ଡେ ଗଣ୍ଡେ ସମସ୍ତେ ପାଟିରେ ଦେଲେ । ପାଣି ମନ୍ଦେ ମନ୍ଦେ ପିଇ ପାହାନ୍ତା ହେବା ପୂର୍ବରୁ ଅନ୍ଧାର ଭିତରେ ସେହି ଅନ୍ଧକାରର ଜୀବମାନେ ଲୁଚିଗଲେ । ସୀମାଚଳର ଅନେକ ପ୍ରଶ୍ନରେ ହିଁ ରହିଗଲା । ସମ୍ବରୁ କିମ୍ବା ତାର ସାଥୀମାନେ କେହି ତା ପ୍ରଶ୍ନର ଉତ୍ତର ଦେଲେନାହିଁ । ସୀମାଚଳକୁ ଆଶ୍ଚର୍ଯ୍ୟ ଲାଗିଲା ଯେ ସମ୍ବରୁ ଆଉ ତାର ସାଥୀମାନଙ୍କୁ ପୋଲିସ କାହିଁକି ଗୋଡ଼ାଉଛି ? ସୀମାଚଳ ପୂର୍ବ ଜୀବନ କଥା ନିଜେ ଜାଣେ । କାରଣ ପାହାଡ଼ତଳେ ପୋଡୁଚାଷ କରୁଥିବାବେଳେ ମଟିଆ ରଙ୍ଗ ପୋଷାକପିନ୍ଧା ଦଳେ ପୋଲିସ ତାକୁ ତା ଯାଗାରୁ ବେଦଖଲ କରିଥିଲେ । ତା ଚାଷକୁ ଉଜାଡ଼ି ଦେଇଥିଲେ । ପୋଲିସ ଉପଦ୍ରବରୁ ରକ୍ଷା ପାଇବା ପାଇଁ ସୀମାଚଳ ଫୁଲ ଓ ତାର ଦୁଇ ପିଲାଙ୍କୁ ଧରି ଚାଲି ଆସିଥିଲା ପାହାଡ଼ର ଶୀର୍ଷଦେଶକୁ । ତାର ମନେଅଛି । ଜଙ୍ଗଲକୁ ସଫା କଲାବେଳେ ସମ୍ବରୁ ଆଉ ତାଙ୍କ ଦଳ ଗାଁ ପାଖାପାଖି ଗୋଟିଏ ଗାଁର ଛଅଜଣ ଆଦିବାସୀ ଯୁଆନ ତା ସହ କାମରେ ଲାଗିପଡ଼ିଥିଲେ । ଆଉ ଆଠ ଦଶଦିନ ଭିତରେ ସେ ମାଣେ ପର୍ଯ୍ୟନ୍ତ ଜମିରୁ ଜଙ୍ଗଲ ସଫାକରି ଦେଇଥିଲେ । ମଝିରେ ମଝିରେ ସମ୍ବରୁ ଆସି ସୀମାଚଳକୁ ତାଙ୍କ ଗାଁର ସବୁଠୁ ବଡ଼ ଜମିମାଲିକ ଅର୍ଜୁନ ସାଆନ୍ତଙ୍କ ବିରୁଦ୍ଧରେ ଖୁବ୍ ଗପେ । ସୀମାଚଳ ତ କୁହେ ସେ ହେଉଛନ୍ତି ରଜା । ଆମେ ହେଉଛୁ ପ୍ରଜା ଭଗବାନ ତାଙ୍କୁ ଧନସମ୍ପତ୍ତି ଦେଇଛନ୍ତି ଆମେ ତାଙ୍କ ନିକଟରୁ ସମ୍ପତ୍ତି ଛଡ଼ାଇନେଲେ ପାପହେବ । ସମ୍ବରୁ ବୁଝାଏ ଅଜା

Digitized by PPRACHIN, SOA

ଏମାନେ ଯେଉଁ ଧନ ଭୋଗ କରୁଛନ୍ତି ପୂର୍ବେ ତାହା ଆମର ଥିଲା । ଅର୍ଜୁନ ସାଆନ୍ତର ବାପ ଗୋଟେଇଁ ବାପ କି ତାଙ୍କ ବାପା ଆମମାନଙ୍କଠାରୁ ଜମିବାଡ଼ି ସବୁ ଛଡ଼ାଇ ନେଇ ନିଜର କରି ଦେଇଛନ୍ତି । ଆଉ ସେହି ସମ୍ପତ୍ତିରେ ଥାଇ ଆମ ଉପରେ ହାକିମୀ କରୁଛନ୍ତି ।

ସୀମାଚଳ ମନକୁ କଥାଟା ପାଏ ନାହିଁ କାରଣ ସୀମାଚଳ ଧର୍ମଭୀରୁ । ସେ ଯୁକ୍ତି ଦର୍ଶାଏ ଯଦି ସେମାନେ ଆମପାଖରୁ ଜମିନେଇ ଯାଇଛନ୍ତି, ତେବେ ସରକାରଙ୍କୁ କହି ସେ ଜମି ଫେରାଇ ଆଣୁନ । ସମ୍ଭୁ ହସେ ଆଉ କହେ ସରକାର ତ ତାଙ୍କର । ଅର୍ଜୁନ ସାଆନ୍ତ ଭଳି ବଡ଼ଲୋକ ମାନଙ୍କୁ ସରକାର ସାହାଯ୍ୟ କରେ । ଆମଭଳି ଗରିବଙ୍କୁ ସରକାର ଅର୍ଜୁନ ସାଆନ୍ତ ଭଳି ଲୋକଙ୍କ ଜରିଆରେ ଶାସନ-କରେ । ତେଣୁ ସରକାର ଜମି ଫେରାଇବ କ'ଣ ବରଂ ସରକାରଙ୍କୁ କହିବାକୁ ଗଲେ ଅର୍ଜୁନ ସାଆନ୍ତ ଭଳି ବଡ ବଡ ଜମିଦାରମାନେ ଲଟେ ଖତମ୍ କରିଦେବେ. ଆମେ ସମସ୍ତେ ଯଦି ଏକାଠି ଅର୍ଜୁନ ସାଆନ୍ତ ନିକଟରୁ ଜମି ଛଡ଼ାଇ ଆଣିବା ତେବେ କିଛି ହୋଇପାରେ ।

ସୀମାଚଳ କହିଲା ଅର୍ଜୁନ ସାଆନ୍ତ ଚଟେ କ'ଣ ଛାଡ଼ିଦେବ ? ନା ଆମ ସମସ୍ତଙ୍କୁ ସେ ଡାକିକରି ଜମି ଫେରାଇ ଦେବ ? ଯଦି ସରକାର ଅର୍ଜୁନ ସାଆନ୍ତ ଭଳି ଲୋକଙ୍କୁ ସାହାଯ୍ୟ କରୁଛି ତେବେ ଅର୍ଜୁନ ସାଆନ୍ତ ଆମେ ସମସ୍ତେ ଏକାଠିହେଲେ ମଧ୍ୟ ଅର୍ଜୁନସାଆନ୍ତର କିଛି ପାରିବା ନାହିଁ । ଅଯଥାରେ ମାଡ଼ପିଟ କରି ଲାଭହେବ ନାହିଁ । ବରଂ କ୍ଷତି ହେବ ଆମର । ସୀମାଚଳ ସମ୍ଭୁକୁ ଏଭଳି ପନ୍ଥାରୁ ବିରତ ରହିବାପାଇଁ ବୁଝାଏ । ମାତ୍ର ସମ୍ଭୁ ସୀମାଚଳକୁ ଡରକୁଳା ବୋଲି ଆଖ୍ୟାଦେଇ ଚାଲିଯାଏ । ସୀମାଚଳ ସ୍ତ୍ରୀ ଫୁଲ ସ୍ୱାମୀ କଥାକୁ ସମର୍ଥନ କରେ । ତା ମତରେ କେବଳ ଜଣଙ୍କଠାରୁ ଜମି ଛଡ଼ାଇ ନେଲେ ସେ ଜମି ଆଉ କେବେହେଲେ ସୁଖରେ ଭୋଗ କରି ପାରିବ ନାହିଁ । ତେଣୁ ଭଗବାନ ଯାହା ଦେଇଛନ୍ତି ସେଇଥିରେ ସନ୍ତୁଷ୍ଟ ହେବା ଭଲ । ଦିନ ଗଡ଼ିଚାଲିଥାଏ । ମଝିରେ ମଝିରେ ରାତିରେ ସମ୍ଭୁ ସହ ଦଶ ପନ୍ଦର ଜଣ ସୀମାଚଳ କୁଡ଼ିଆଘର ପାଖରେ ବିଶ୍ରାମ ନିଅନ୍ତି । ରାତି ପାହୁ ପାହୁ ସେମାନେ ଅନ୍ୟଆଡ଼େ ଚାଲିଯାଆନ୍ତି । ଏମାନଙ୍କ ଭିତରୁ ଅନେକେ ପ୍ୟାଣ୍ଟ-ସାର୍ଟ ପିନ୍ଧା ବାବୁ ମଧ୍ୟ ଆସିଥାନ୍ତି । ସୀମାଚଳ ମନରେ ସେହି ଗୋଟିଏ ପ୍ରଶ୍ନ ପୋଲିସ ଯାହାଙ୍କୁ ଗୋଡ଼ାଉଛି କାହିଁକି ? କିନ୍ତୁ ସେ ପ୍ରଶ୍ନ ତାର ସେହିଭଳି ରହିଯାଏ । ଥରେ ଥରେ ସଂଧ୍ୟା ବେଳକୁ ମଧ୍ୟ ପଞ୍ଚାଏ ଲୋକେ ତା କୁଡ଼ିଆ ପାଖରେ ଆସି ବସନ୍ତି । ତା ସହିତ ଗପନ୍ତି ସେହି ଏକାକଥା । ସାହା ସମ୍ଭୁ ତାଙ୍କୁ କହୁଥିଲା । ସୀମାଚଳ ଚୁପ୍‌ଚାପ୍ ସବୁ ଶୁଣି ଯାଏ ମାତ୍ର ପ୍ୟାଣ୍ଟ ସାର୍ଟ ପିନ୍ଧା ବାବୁ-

Digitized by PPRACHIN, SOA

ମାନଙ୍କ ସହ ସେ ଯୁକ୍ତ କରେନାହିଁ । କାରଣ ସେ ଜାଣେ ଯୁକ୍ତ ହେଲେ ତାର ଅନ୍ନନାହିଁ ।

ସେହିଦିନ କି ବାରଥିଲା ସୀମାଚଳକୁ ଜଣାନାହିଁ । କାରଣ ଦିନବାର ସହ ତାର କୌଣସି ସମ୍ପର୍କ ନଥିଲା । ମାଟିର ସନ୍ତାନ ସେହି ମାଟିକୁ ନିଜର ଭରଣ ପୋଷଣ ମାଧ୍ୟମ ବାଛିନେବାପରେ ଦିନବାର ଆଉ ତାର ଆବଶ୍ୟକ ବି ନଥିଲା । ସକାଳୁ ଉଠିଯାଏ ସେହି ବଲ୍ଲରେ ଯେ ଖଟି ଚାଲିଥାଏ ଅଥବା ଜଙ୍ଗଲ ଭିତରକୁ ଯାଇ ଶୁଖିଲା କାଠ ସଂଗ୍ରହ କରି ଫେରେ । କେତେବେଳେ ବା ଜଙ୍ଗଲରୁ ଫଳମୂଳ ସଂଗ୍ରହ କରେ ଏଇଥିଲା ତା ନିତିଦିନିଆ ଜୀବନ । ଏଇଭଳି ଏକ ଦିନରେ ହଠାତ୍ ସମଦୃଢ଼ଭଳି ଦଶ ବାରଜଣ ତା କୁଡ଼ିଆ ସମ୍ମୁଖରେ ଉପସ୍ଥିତ ହେଲେ । ଜଣେ ତାକୁ ପଚାରିଲା କି ହେ ! ସେ ସମ୍ଭୁରୁ ହେଉଥିବା କେଉଁଠି ରହୁଛନ୍ତି ? ଚମକିପଡ଼ି ସୀମାଚଳ କହିଲା ବାବୁ ସମ୍ଭୁରୁ ତ ଗାଁରେ ରହୁଥିବ । ମାତ୍ର ତା କଥାଶୁଣି ଆଉଜଣେ ଝିଙ୍କାରି ଉଠି କହିଲା ଶଳା ପେଟେଖେନା କାଟୁଛୁ ? ଗାଁରେ ଅଛି ତ ଆମେ ଶଳା ତୋ ମୁହଁ ଦେଖିବାକୁ ଆସିଛୁ ? ସୀମାଚଳର ଏମାନଙ୍କ କଥାଶୁଣି କଭଳି ଝଗ୍ରପଲାଗିଲ କହିଲା ବାବୁ ସମ୍ଭୁରୁ କଥା ମତେ କାହିଁକି ଆପଣମାନେ ପଚାରୁଛନ୍ତି ସମ୍ଭୁରୁ ମହିରେ ମହିରେ ଆସେ ମାତ୍ର ପରେ କୁଆଡ଼େ ଯାଏ ମୁଁ ଜାଣିନାହିଁ ? ଆପଣମାନେ ସମ୍ଭୁରକୁ କାହିଁକି ଖୋଜୁଛନ୍ତି ? ସେମାନଙ୍କ ମଧ୍ୟରୁ ଆଉଜଣେ କହିଲା ଏଇଶଳା ସବୁ ଜାଣିଛି । ଆଲୁ ଦି ପାନେ ଦେଇଦେଲେ ବଳେ ସବୁକଥା ଆପେ ଆପେ କହିବାରବ । ଏଇ କଥା ବାର୍ତ୍ତା ଚାଲିଥିବାବେଳେ ଜଣେ ସୀମାଚଳ ମୁହଁକୁ ଲକ୍ଷ୍ୟକରି ଗୋଟେ ମୁଥି ମାରିଥିଲା । ସୀମାଚଳ ତଳେ ପଡ଼ି ଯାଇଥିଲା । ମୁହଁରୁ ତାର ରକ୍ତ ବାହାରି ପଡ଼ିଲା ତଥାପି ଶାନ୍ତଭାବେ ସେ କହିଲା 'ବାବୁ ମୁଁ ସମ୍ଭୁରୁ କଥାଜାଣିନାହିଁ ମତେ ବିଶ୍ୱାସ କରନ୍ତୁ । ମାତ୍ର ତା ଉପରେ ଅଉ ଦୁଇ ତିନିଜଣ ଗୋଇଠା ବିଧ ବୃଷ୍ଟି କରିଗଲେ । ସୀମାଚଳ ତଳେପଡ଼ି ଅତି ବିକଳ ଭାବେ ସେମାନଙ୍କୁ କହୁଥାଏ ବାବୁ ମତେ ମାରନାହିଁ ମୋତେ ମୋର ନାହିଁ ମୁଁ କିଛି ଜାଣେନ ବାବୁ । ଠିକ୍ ଏତିକିବେଳେ ଫୁଲ ଜଙ୍ଗଲ ଭିତରୁ ଶୁଖିଲା କାଠ ସଂଗ୍ରହ କରି ବିଡ଼ାବାନ୍ଧି ଫେରୁଥିଲା ସ୍ୱାମୀର ଅବସ୍ଥା ଦେଖି ବିକଳରେ କାଠ-ଗୋଛାଟାକୁ ଫିଙ୍ଗିଦେଇ ସ୍ୱାମୀ ପାଖକୁ ଦୌଡ଼ି ଆସିଲା ଯୁବତୀ ଫୁଲକୁ ଦେଖି ସେହି ସମଦୃଢ଼ ମାନଙ୍କର ଆଖିରେ ଆଉ ମୁହଁରେ ଲାଳସାର ଚିହ୍ନ ଫୁଟି ଉଠିଲା । ଫୁଲର ଖୁଦ୍ଧିଲା ଦେହ ଆଉ ଉନ୍ନତ ସ୍ତନ ଦ୍ୱୟକୁ ଦେଖି ଦୁଇଜଣ ବ୍ୟକ୍ତି ତାକୁ ସୀମାଚଳ ନିକଟରୁ ଟେକିନେଲେ ଏବଂ ସେହି ବାଜବି ବଲ ଭିତରେ ଫୁଲଦେହରୁ ଲୁଗା ଖଣ୍ଡିକ ଦୂରକୁ ଫିଙ୍ଗିଦେଇ ତାର ସେହି ଉଲଗ୍ନ ଦେହଟା ଉପରେ କଣିକ

Digitized by PPRACHIN, SOA

ପରେ ନିଜେ ଅତ୍ୟାଚାର କରିବାକୁ ଲାଗିଲେ । ସୀମାଚଳ ସମ୍ଭାଳି ପାରିଲା ନାହିଁ । ପାଖରେ ପଡ଼ିଥିବା କଟୁରୀଟାଏ ଧରି ଗୋଟାଏ ଝିଟକାରେ ଫୁଲ ପାଖକୁ ଚାଲିଗଲା ଆଉ ଫୁଲ ଉପରେ ସବାର ହୋଇଥିବା ଗୋଟିଏ ନର ରାକ୍ଷସକୁ ଗୋଟାଏ ଚୋଟରେ ଗଣ୍ଡି ରୁ ମୁଣ୍ଡକୁ ଅଲଗା କରିଦେଲା । ଶାନ୍ତ ସରଳ ସୀମାଚଳ ରୁଦ୍ରମୂର୍ତ୍ତି ଧାରଣ କରି କଟୁରୀ ହାତରେ ପାଖରେ ଥିବା ଆଉ ଗୋଟେ ନରରାକ୍ଷସର ଦେହରୁ ହାତଟାକୁ ଅଲଗା କରିଦେଲା ଅନ୍ୟମାନେ ଭୟରେ ସେ ସ୍ଥାନ ଛାଡ଼ି ଦୌଡ଼ି ପଳାଇଲେ ବହୁଦୂର ପର୍ଯ୍ୟନ୍ତ । ସେମାନଙ୍କୁ ସୀମାଚଳ ଗୋଡ଼ାଇଥିଲା ମାତ୍ର ଆଉ କାହାରିକୁ ଧରିପାରି ନ ଥିଲା । ରାଗ, ଦୁଃଖ, ଆଉ ଅନୁଶୋଚନାରେ ସୀମାଚଳ ନିଜ କୁଟୀରକୁ ଫେରି ଆସିଥିଲା କିନ୍ତୁ ସେ ଫୁଲକୁ ଆଉ ପାଇ ନ ଥିଲା ଫୁଲ ଫୁଲ ? ବୋଲି ଡାକ ଛାଡ଼ିଲା ଭଳି ସୀମାଚଳ ଚାରିଆଡ଼େ ଧାଇଁ ବୁଲିଥିଲା । ଶେଷରେ ପାହାଡ଼ର ଅଳ୍ପ ତଳେ ଫୁଲକୁ ପାଇଥିଲା କିନ୍ତୁ ଫୁଲ ଆଉ ଜୀବନ୍ତ ଫୁଲ ହୋଇ-ନଥିଲା । ସେ ଝରିପଡ଼ିଥିଲା କାରଣ ଦେବତାର ପାଦତଳେ ନିଜକୁ ଉତ୍ସର୍ଗ କରିବାକୁ ତାର ପବିତ୍ରତା ଆଉ ନ ଥିଲା । ସେହି ଶରୀରକୁ ଚିରଦିନ ପାଇଁ ମାଟିରେ ମିଶାଇ ଦେଇ ତାର ଆତ୍ମା ସ୍ୱର୍ଗକୁ ଚାଲିଯାଇଥିଲା । ଫୁଲର ସେହି ନିର୍ଜୀବ କ୍ଷତବିକ୍ଷତ ଶରୀରକୁ ଧରି ସୀମାଚଳ କାନ୍ଦି ଉଠିଥିଲା । ଅତି ବିକଳ ଅତି କରୁଣ ଏବଂ ମର୍ମସ୍ପର୍ଶୀ ସେ କନ୍ଦନରେ ସମଗ୍ର ବନ ଭୂଇଁ ମଧ୍ୟ କାନ୍ଦି ଉଠିଥିଲା । ଜଙ୍ଗଲର ସନ୍ତାନ ସୀମାଚଳ ଫୁଲର ସେହି ନିର୍ଜୀବ ଶରୀରକୁ ଧରି ଉପରକୁ ଉଠିଲା । ଆଉ ସେହି ଶରୀରରୁ, ସ୍ଖଳିତ ରକ୍ତ ବିନ୍ଦୁକୁ ଚାହିଁ ତାର ମନେହେଲା ସମ୍ବରୁ ଠିକ୍ କହୁଥିଲା । ସମାଜର ବହୁ ଦୂରରେ ରହିଲେ ମଧ୍ୟ ସେ ଶାନ୍ତିରେ ରହିପାରୁନାହିଁ । ତେଣୁ ସମାଜ ଭିତରେ ତା ଭଳି ଆଉ ସମ୍ବରୁ ଭଳି ଯେଉଁ ଦରିଦ୍ର ଅସହାୟ ମାନେ ରହିଛନ୍ତି । ତାଙ୍କ ଅବସ୍ଥା ପ୍ରକୃତରେ କ'ଣ ହେଉନଥିବ ?

ସେଇ ରାତିରେ ପୁଣି ସମ୍ବରୁ ଆଉ ତାର ସାଥୀମାନେ ଆସି ପହଞ୍ଚିଲେ । ସ୍ତବ୍ଧ, ଦୁଃଖାଭିଭୂତ, ଫୁଲହରା ସୀମାଚଳ ସେମାନଙ୍କୁ ଦେଖି କାନ୍ଦିଉଠିଲା କାଇଁ କାଇଁ ହୋଇ । ନିଜର ସମସ୍ତ କୋହ ଆଉ ବେଦନାକୁ ସେ ଝରାଇ ଦେଇଗଲା । ସବୁ ଶୁଣି ସମ୍ବରୁ ଆଉ ତାର ସାଥୀମାନେ ସୀମାଚଳକୁ ସାନ୍ତ୍ୱନା ଦେବାର ଭାଷା ଖୋଜି ପାଇଲେ ନି । ସୀମାଚଳର ଦେହ ସ୍ପର୍ଶ କରି ସମ୍ବରୁ ଆଉ ତାର ସାଥୀମାନେ କହିଲେ ଭାଇ, ସୀମାଚଳ ଭଉଣୀ ଫୁଲର ପ୍ରତିଶୋଧ ଆମେ ନେବୁ, ଅର୍ଜୁନ ସାଆନ୍ତ ଆଉ ତାର ଚଣ୍ଡୀ ଚାମୁଣ୍ଡା ସମସ୍ତେ କାଲିର ସୂର୍ଯ୍ୟୋଦୟ ଆଉ ଦେଖି-ପାରିବେ ନାହିଁ । ମାତ୍ର ସୀମାଚଳ କେଜାଣି କାହିଁକି ହଠାତ୍ ବଦଳିଗଲା । ତା ଭିତରେ ପୁଣି ସେହି ନିଷ୍ପାପ ସରଳ ହୃଦୟ ଚେଇଁ ଉଠିଲା । ସେ ତା ପାଇଁ ଏତେ

Digitized by PPRACHIN, SOA

ରକ୍ତପାତ କରିବାକୁ, ବାରଣକଲେ । କିନ୍ତୁ ଦମ୍ଭରୁ ଆଉ ତ ର ସାଥୀମାନେ ସେହି ମୁହୂର୍ତ୍ତିରେ ସେଠାରୁ ଅଦୃଶ୍ୟ ହୋଇଗଲେ ।

ସେଇଦିନ ରାତିରେ ସତକୁ ସତ ଅର୍ଜ୍ଜୁନ ସାଥୀ ଆଉ ତାର ଆଠଜଣ ଅନୁଚର ଚିରଦିନ ପାଇଁ ଆଖି ବୁଜିଦେଲେ । ଫୁଲର ଆତ୍ମା ସତେ ଯେପରି ଶାନ୍ତି ଲାଭକଲା ।

ସକାଳୁ ସକାଳୁ ଗୁରିଆଡ଼େ ହୁଲସ୍ଥୁଲ ପଡ଼ିଗଲା । ଦଳକୁ ଦଳ ବନ୍ଧୁକଧାରୀ ପୋଲିସ ପର୍ବତ୍ୟ ଅଞ୍ଚଳକୁ ଘେରିଗଲେ । ବନ୍ଧୁକର ଗର୍ଜନରେ ସମଗ୍ର ବନଭୂଇଁ କମ୍ପି ଉଠିଲା ହେଲେ ପୋଲିସ ଦଳ ସମ୍ମୁଖରୁ ବା ତାର ସାଥିମାନଙ୍କ ମଧ୍ୟରୁ କାହାରିକି ପାଇଲେ ନାହିଁ । ଧୀରେ ଧୀରେ ପୋଲିସ ଦଳ ପର୍ବତ ଶିଖର ଦେଶକୁ ଉଠିବାକୁ ଲାଗିଲେ ।

ସୀମାଚଳ ଶାନ୍ତ, ସ୍ନିଗ୍ଧ, ବନ ଭୂଇଁରେ ଅଶାନ୍ତିର ବାତାବରଣ ଅନୁଭବ କରି ଚମକି ଉଠିଲା । କୁଡ଼ିଆ ଭିତରୁ ବାହାରି ଆସି ଜଙ୍ଗଲ ଦିଗରେ ଯିବାବେଳେ ହଠାତ୍ ତା ଛାତିରେ ଗୁଳି ବିନ୍ଧି ହେଲା । ଯନ୍ତ୍ରଣାରେ ଛାତିକୁ ଚିପି ଧରି ସୀମାଚଳ ପାହାଡ଼ର ତଳକୁ ଖସି ପଡ଼ିଲା । ବିଜୟରେ ପୋଲିସଦଳ ସୀମାଚଳର ପ୍ରାଣହୀନ ଶରୀରଟାକୁ ନେଇ ନେଇଗଲେ । ପୋଲିସ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଲା ନକ୍ସଲ ପନ୍ଥୀଙ୍କ ସହ ଲଢ଼େଇରେ ଜଣେ ନକ୍ସଲପନ୍ଥୀ ନେତା ସୀମାଚଳ ମାଝୀ ନିହତ ।

ରାତାରାତି ସରଳ ଶାନ୍ତ, ସୀମାଚଳ ଦୁର୍ଦ୍ଧର୍ଷ ନକ୍ସଲପନ୍ଥୀ ନେତା ରୂପେ ଦେଶସାରା ଖ୍ୟାତ ହୋଇଗଲା ।

ସୀମାଚଳ ଆଉ ଫୁଲର ଦୁଇ ଶିଶୁପୁତ୍ରଙ୍କୁ ଧରି ଦମ୍ଭରୁ କାନ୍ଦି ଉଠିଥିଲା । ଦୁହିଁଙ୍କୁ ମୁହଁରେ ଚୁମାଦେଇ ତ ଛାତି ଉପରେ ଚାପିଧରି କହିଲା ତୁମେ ଦୁହେଁ ଆଗାମୀ ଯୁଗର ବିପ୍ଳବର ସ୍ୱସେଧା ହେବା ଅନ୍ୟାୟ । ଅନୀତି ବିରୁଦ୍ଧରେ ତୁମେ ହିଁ ସ୍ୱର ଉତ୍ତୋଳନ କରିବ । ଏକ ନୂତନ ଯୁଗର ସନ୍ଧାନରେ ।

Digitized by PPRACHIN, SOA

ଶାମୁକାର ସଂଢଧା

—ପ୍ରସନ୍ନ କୁମାର ମହାନ୍ତି

ତୁମର ବା ଡର କାହିଁ ? ନିର୍ଜନ
ସମୁଦ୍ର ବେଳାରେ ବଡ଼ ବଡ଼ ପାହୁଣ୍ଡ ପକେଇ
ପର୍ଯ୍ୟଟ ବ୍ୟସ୍ତତାରେ ଚାଲି ଯାଉ ଯାଉ
ଦଣ୍ଡେମାତ୍ର ଅଟକି ଯିବାକୁ ?
ତୁମକୁ ବା ଡର କାହିଁ ? ସମୁଦ୍ର ବାଲିରୁ
ଚେପ୍ଟ ଭଙ୍ଗା ଶାମୁକାଟେ ହାତରେ ଉଠେଇ ନେଇ
ଦ'ଘୃଶଥର ପାପୁଲିରେ ତାହାକୁ ନଚେଇ
ପୁଣି ଯୁଆଡ଼େ ଇଚ୍ଛା ଫୋପାଡ଼ି ଦେବାକୁ ?
ତୁମେ ଏମିତି ସବୁବେଳେ ତରତର, ଆନମନା
ଏବଂ ସତେ ଯେମିତି ନିହାତି ଅନାତ୍ମୀୟ ଓ ଅଚିହ୍ନା !

ତୁମେ ପୁଣି ଆସିବ ସଞ୍ଜ ଗଡ଼ିଲେ...
ଦିନର ପରିଷ୍କାର ଆଲୁଅରେ ନୁହଁ; ମୁହଁ ଅନ୍ଧାରେ
ଚାଲିବା ନୁହେଁ ତ ଧାଇଁବା
ନିଶ୍ଚେ ତୁମର ଚିରସ୍ଥିତ ଅଭ୍ୟାସ । ତୁମେ ସତରେ
ଧାଇଁ ହିଁ ଥାଅ ! ଅନୁପସ୍ଥିତ ଆଲୋକରେ
ଆଖି ଦ'ଟା ବୈର ସାଧିବାବେଳେ
ଉଚ୍ଚ ବାଦଲ ଭିତରେ ଲୁଚିଥିବା ବୋଇଁପର
ତୁମେ ଯେମିତି ତରବର ହୋଇ ଦୌଡ଼ି ପଳାଅ !
ତୁମକୁ ଦେଖୁ ନ' ଦେଖୁଣୁ...ତମେ ଗୋଟେ
ତରୁଣ ବାଲି ହରିଣ ଭଳି ସତେ ଯେମିତି
ଭୂଇଁରେ ପାଦଥୋଇ ନ'ଥୋଇ
ଉଡ଼ିଯାଅ ଖାଲି ଶୂନ୍ୟରେ !
ତମେ କି ଗୋଟେ ଚିର ରହସ୍ୟର ମାୟାକୁ

Digitized by PPRACHIN, SOA

ପ୍ରେମିକା କରିଛ ? ଏକ ତରଫା ଲୁଚକାଳି ଖେଳ ହିଁ
ତମର ଅରୁଚିତ ଅଦ୍ଭୁତ ସଉକ୍ ! '୨୫ .

ବଳବାନ୍ ସମୁଦ୍ରର ଅଭ୍ୟସ୍ତ ଧକ୍କାରେ
ଓମା ଭଙ୍ଗା ପିଠିଟି ଚୂର୍ଣ୍ଣହୋଇ
ସାଗରର ଗମ୍ଭୀର ଗର୍ଭରେ !
ବୁଝାଏ ବାଲି ହୋଇଯିବା ଆଗରୁ......
ସମୁଦ୍ର କୂଳସ୍ଥ ବିପୁଳ ବାଲିଚରର ମଧ୍ୟଦେଶରେ
ବାଲିସବୁ ଫେଣ୍ଟି ଯାଏଁ ଅର୍ବୁଦ ଅର୍ବୁଦ
ରହସ୍ୟମୟ ଶବ୍ଦ, ନାନା ଅଭୂତପୂର୍ବ ଧ୍ୱନି । ଅଣ୍ଡଭୂତକର
ପର୍ଯ୍ୟାପ୍ତ ପଙ୍କ୍ତିର ସୂତ୍ର, ହୃଦୟର ଉତ୍ତର
ଅମାପ କଥାର ସ୍ୱର, ମୁଗ୍ଧମୟ ବାର୍ତ୍ତା......
କୋଟି କୋଟି ବର୍ଷଧରି ତମେ ମଝିରେ ମଝିରେ
ସମୁଦ୍ରବେଳା ବାଲିରେ ତରବର ହୋଇ
ବଡ଼ ବଡ଼ ପାହୁଣ୍ଡ ପକେଇ ବୁଲିଗଲ ବେଳେ
ଝୁଣ୍ଟିବ ନିଷ୍ଠୟ ମୋର ଶବ୍ଦଙ୍କର ଦେହେ......
ତୁମର ବା ତର କାହିଁଥିବ ? ସେ ଧ୍ୱନିଙ୍କର ସାଙ୍ଗେ
ମୁହୂର୍ତ୍ତେ ଅଟକିଯାଇ
ଦୁଇପଦ କଥା ହେବା ପାଇଁ ! ୪'

ଅଧ୍ୟାପକ : ଓଡ଼ିଆ ବିଭାଗ
ଏକାମ୍ର ମହାବିଦ୍ୟାଳୟ,
ଭୁବନେଶ୍ୱର-୨

Digitized by PPRACHIN, SOA

ଚିତ୍ରିତ ଗହ୍ୱର

—ଡକ୍ଟର କୃଷ୍ଣ ପ୍ରସାଦ ମିଶ୍ର

ସେ ମୋର ସବୁଠୁ ପ୍ରିୟ ଛାତ୍ର ଥିଲା। ଉଇଟଗେନଷ୍ଟାଇନ୍‌ଙ୍କ ଦ୍ୱିତୀୟ ପର୍ଯ୍ୟାୟର ଭାଷା ବିଶ୍ଳେଷଣ ପଦ୍ଧତି ଓ ତା'ର ଦର୍ଶନ ବତାଇବା ବେଳେ ସେ ହିଁ ଏକମାତ୍ର ଛାତ୍ର ଯେ ଶ୍ରେଣୀରେ ମୌଳିକ ପ୍ରଶ୍ନମାନ ଉଠାଉଥିଲା ଓ କ୍ଲାସ ସରିବା ପରେ ମୋ ପଛେ ପଛେ ରୁମ୍‌କୁ ଆସି ତା'ର ନିଜର ଚିନ୍ତା ଓ କଳ୍ପନା ମୋ ଆଗେ କହୁଥିଲା। ଥରେ ସେ କହିଥିଲା ସଂସାର ଗୋଟିଏ ଗହ୍ୱର ମୁଁ ଯୋଡ଼େଇ ହେଲି ଭଳି ଲାଗୁଛି। ସେ ଗହ୍ୱର ସାରା ନାନା ଚିତ୍ର, ନାନା ରଙ୍ଗର ନାନା ରୂପ, କେଉଁଠି ସୂର୍ଯ୍ୟ, କେଉଁଠି ଚନ୍ଦ୍ର, କେଉଁଠି ଏ ପୃଥିବୀ କେଉଁଠି ମୋର ଇଉନିଭର-ସିଟି, ବାଘ, ଭାଲୁ, କୁକୁର, କେଉଁଠି ମୋର ନିଜର ମାତା, ଭଉଣୀ, ଘର ବାଡ଼ି ବଗିଚା, କେତେ କଣ। ଏ ପତଳା ଗହ୍ୱର ବାହାରେ କଣ ଅଛି ଦେଖିବା ସମ୍ଭବ ପରି ଲାଗୁଥିଲେ ବି ଏତେ ଚିତ୍ର ଯେ ସେଥିରେ ଆଖି ଧ୍ୟାନ ସବୁବେଳେ ଲାଗିରହୁଛି। ଗହ୍ୱର ବାହାରେ ଅଛି ନିଶ୍ଚୟ କିଛି, କିଛି ନ ଥିବା ବେଳେ ଆଲୋକ ନିଶ୍ଚୟ ଅଛି କାରଣ ଆଲୋକ ପଡ଼ୁ ନ ଥିଲେ ଗହ୍ୱରର ଚିତ୍ର ଗୁଡ଼ିକ କିପରି ମୋତେ ଦୃଶ୍ୟ ହୁଅନ୍ତେ? ଏହି ବିଚିତ୍ର ଗହ୍ୱର, କିନ୍ତୁ ମୋର ସମସ୍ତ ସତ୍ତାକୁ ଆବୃତ କରିରଖିଛି। କେବେଠୁ କେଜାଣି ଏହି ଗହ୍ୱରର ଚିତ୍ର ଦେଖୁ ଦେଖୁ ସମସ୍ତଙ୍କର ଜୀବନ ସରିଯାଏ। ଅନେକ ହୁଏତ ଭାବୁଥିବେ ସେମାନେ ବାସ୍ତବତା ଦେଖୁଛନ୍ତି, ଅନୁଭବ କରୁଛନ୍ତି କିନ୍ତୁ ସେମାନଙ୍କ ଅନୁଭୂତି ନିଜ ନିଜର ଗହ୍ୱରଠାରେ ହିଁ ସରିଯାଇଥାଏ। ଏପରିକି ବ୍ରହ୍ମାଣ୍ଡ ବୁଲି ଆସିଲେ ମଧ୍ୟ ତାହା ନିଜର ଗହ୍ୱରର ଚିତ୍ର ବ୍ରହ୍ମାଣ୍ଡ। ଗହ୍ୱର ବାହାରକୁ ଯିବାର ଉପାୟ କଣ? ସେଇଆ ମୁଁ ଭାବୁଛି, ଯା'ର ସମାଧାନ ମୁଁ ପାଉନି। ମୃତ୍ୟୁ କଣ ଏ ଗହ୍ୱର ବାହାରକୁ ଯିବାର ଉପାୟ? ଉଇଟଗେନଷ୍ଟାଇନ୍ ସେଇଆ କହିବାକୁ ଇଚ୍ଛା କରିଛନ୍ତି କି ଯେତେବେଳେ ସେ କହିଛନ୍ତି Death is not an event of life ନାଁ ଆଉ କିଛି? ନା ମୃତ୍ୟୁ ମଧ୍ୟ ଗହ୍ୱରର ଅନ୍ୟ ଏକ ଚିତ୍ର?

ବର୍ତ୍ତମାନ ଯାନବନ୍ଧୁ, ମୁଁ ତୁମକୁ ପଚାରୁଛି, କିଛି ସମାଧାନ ପାଇଲ ତୁମର ସେହି ପ୍ରଶ୍ନର? ମୃତ୍ୟୁ ଆଉ ଏକ ଚିତ୍ର ନା ଚିତ୍ରିତ ଗହ୍ୱର ବାହାରକୁ ଯିବାର ଏକ ବାଟ?

ଅନ୍ୟାନ୍ୟ ଅଧ୍ୟାପକମାନେ, କୁଳପତି ଫେରି ଯାଇଥିଲେ। ସନ୍ଧ୍ୟା ପୂର୍ବରୁ ତ ଛାତ୍ର ଛାତ୍ରୀମାନେ ସେମାନଙ୍କର କର୍ତ୍ତବ୍ୟ ସାରି ଦେଇଥିଲେ। କେତେକଙ୍କର

Digitized by PPRACHIN, SOA

ସନ୍ଧ୍ୟାରେ ସିନେମା ପ୍ରୋଗ୍ରାମ ଥିଲା । ଘରଟି ଭିତରେ ଚଉକାଠିଏରେ ଅଳ୍ପ ଢଳି ପଡ଼ି ଦୀନବନ୍ଧୁର ମା ବାତ୍ୟା ସରିଯିବା ପରେ ଅଧା ଉପୁଡ଼ା ବୃକ୍ଷପରି ଦୀନବନ୍ଧୁ ଆଡ଼କୁ ମୁହଁ କରି ରହିଯାଇ ଥାଆନ୍ତି । ଖଟଟି ଉପରେ ଦୀନବନ୍ଧୁର ମୃତଦେହକୁ ଧଳା ଚାଦରଟିଏରେ ଆବୃତ୍ତ କରି ରଖା ହୋଇଥାଏ, ଦେହ ଉପରେ ଛାତ୍ର ବନ୍ଧୁମାନଙ୍କ ପ୍ରଦତ୍ତ ଅସଂଖ୍ୟ, ଫୁଲମାଳ, ଫୁଲପେନ୍ଥା ଫୁଲ ପାଖୁଡ଼ା । ମୁଁ ଚେୟାରଟିଏରେ ବସି ଦୀନବନ୍ଧୁଙ୍କର ମା'ଙ୍କୁ ସାନ୍ତ୍ୱନା ଦେଉଥିଲି; କିନ୍ତୁ ଏକମାତ୍ର ପୁଅକୁ ହରାଇଥିବା ଜନନୀକୁ କେଉଁ ପ୍ରକାରେ କିଏ ସାନ୍ତ୍ୱନା ଦେଇ ପାରେ ? ଦୀନବନ୍ଧୁର ଅଧ୍ୟାପକ ଭାବେ ତା ପରିବାର ସହ ମୋର ପରିଚୟ ଥିଲା ସେ ଗପର ଛିଅରେ ବାନ୍ଧି ଅନେକ ଥର ମୋତେ ତା ଘରକୁ ଟାଣି ନେଇଛି, ଅନେକଥର ଆମେ ସାଙ୍ଗ ହୋଇ ସିନେମା ଦେଖି ଯାଇଛୁ । ଯେଉଁ ଖଟରେ ସେ ଆଜି ନିର୍ଜୀବ ହୋଇ ଶୋଇଛି, କେତେଦିନ ପୂର୍ବେ ସେହି ଖଟରେ ଗୋଡ଼ ହାତ ହଲାଇ ସେ କହୁଥିଲା ମୋତେ ସାର୍ କଥା ସର୍ବସ୍ୱ ହୋଇ ରହିବାକୁ ଭଲ ଲାଗେନି, ମୁଁ ସିନା ଦର୍ଶନ ପଢ଼ୁଛି କିନ୍ତୁ ମୁକ୍ତିର ଉପାୟ କର୍ମରେ ହିଁ ଅଛି ବୋଲି ମୋତେ ବେଳେ ବେଳେ ଲାଗେ । ମୁଁ ମୋ ମାକୁ ବୁଝାଇ ପକାଇ ଫାଙ୍କି ଦିଏ କାହିଁକି ଜାଣନ୍ତି କଲେଜରୁ ଫେରି ସେହିପରି ତାକୁ ଆଦର କରିବାକୁ ଇଚ୍ଛାହୁଏ ମୋର । ଆପଣ ଜାଣନ୍ତି ମୁଁ ପିଲା ହୋଇଥିଲି ମୋ ବାପା ମରିଗଲେ ତାପରେ ସେ କିଛି ସମୟ ଚୁପ୍ ହୋଇଗଲା । ମୁଁ ତାର ଶୋକାକୁଳ ମୁହଁକୁ ଚାହିଁରହିଥାଏ ଏଥର ସାର୍ ମୁଁ କଲେଜ ଇଉନିୟନର ପ୍ରେସିଡେଣ୍ଟ ପାଇଁ ନିର୍ବାଚନ ଲଢ଼ୁଛି । କ୍ୟାମ୍ପସ୍ ପାଇଁ ବହୁତ କିଛି କରିବାକୁ ଅଛି । କେହି କିଛି କରୁନାହାଁନ୍ତି । ସମସ୍ତେ ତ ଚାକିରି ପାଇଁ ଡରି ଡରି ଚାଲିଲେ । କୁଳପତି ବି ତାଙ୍କ ଚାକିରି ପାଇଁ ସରକାରଙ୍କ ପାଖରେ ଯୋଡ଼ହସ୍ତ । ଏମିତି ହେଲେ ସାର୍, ଶହେ ବର୍ଷ ଚାଲିଗଲେ ବି ଏ କ୍ୟାମ୍ପସ୍‌ର କିଛି ଉନ୍ନତି ହେବନି । ଏଠାର ରାସ୍ତାଘାଟ, କ୍ୟାଣ୍ଟିନ, ଅଫିସ, କୋଠାଘର ରୂପରେଖ ସବୁ ସେହିପରି ରହିଯିବ । ଏ କ୍ୟାମ୍ପସର ଯେଉଁଠି ହାତ ଦିଅନ୍ତୁ, ଦେଖିବେ ଅସନ୍ତୋଷର ନିଆଁ ତାକୁ କିପରି ଭସ୍ମ କରି ରଖିଛି । କ୍ୟାମ୍ପସ୍‌ରେ ଥିବାବେଳେ ସବୁବେଳେ ଏକ ତୀବ୍ର କୁହୁଳିଆ ଗନ୍ଧ ଆଘ୍ରାଣ କରିଛି ।

- କିନ୍ତୁ ହେଲା କଣ ଦୀନବନ୍ଧୁ । ତୁମର ରୂପରେଖ ବଦଳିଗଲା । ଇଉନିଭରସିଟି ଯେମିତି ସେମିତି ରହିଗଲା ।

ଶୋକାତୁର ଦଳଙ୍କୁ କିଛି ନ କହିଲେ ମଧ୍ୟ ମୁଁ ବସି ରହିବା ଦ୍ୱାରା ସେ କିଛି ଧୈର୍ଯ୍ୟ ପାଇବେ ବୋଲି ମୋର ବିଶ୍ୱାସ ଥିଲା । ଦୀନବନ୍ଧୁ ମୁଣ୍ଡରେ ମସ୍ତବଡ଼ ବ୍ୟାଣ୍ଡେଜ୍ ଭିଡ଼ା ହୋଇଥାଏ, ମୁଣ୍ଡରେ ଆଘାତ ପାଇ ସେ ମରିଥିଲା ।

Digitized by PPRACHIN, SOA

ପୂର୍ବସଠୁ ଶବ ଆଣୁ ଆଣୁ ଆଠ ଦଶ ଘଣ୍ଟା ଡେ଼ରି ହୋଇଗଲା । ସହରରେ ଶବ୍ଦେ ଚଉଗ୍ରାଳିଣି ଜାରି ହୋଇଥିଲା । ମିଲିଟାରି ପୋଲିସ ସବୁଆଡେ ଗ୍ରୁଇ ହୋଇ ଯାଇଥିଲେ । ତଥାପି ଏକାଠି ନହେଲେ ବି ଦୀନବନ୍ଧୁର ଘନିଷ୍ଠବନ୍ଧୁ ମାନେ ଅଲଗା ଅଲଗା ଆସି ତା'ର ଶେଷ ଦର୍ଶନ କରି ଫେରଯାଇଥିଲେ, ତା ଶବ ଉପରେ ପାଦ ପାଖରେ ଫୁଲ ପକାଇ ଦେଇ ଯାଇଥିଲେ । ଆସନ୍ତା କାଲି ସକାଳେ ଶବ ଶୋଭାଯାତ୍ରା ପାଇଁ ଜିଲ୍ଲାପାଳଙ୍କଠୁ ଅନୁମତି ଆସିଛି ।

ଦୀନବନ୍ଧୁଙ୍କର ମାଙ୍କୁ ସାନ୍ତ୍ୱନା ଦେବା ପାଇଁ ସେମାନେ ଦୀନବନ୍ଧୁ ବିଷୟରେ ଅନେକ କଥା କହି, ତାର ଅନେକ ଗୁଣ କୀର୍ତ୍ତନ କରି ଯାଇଥିଲେ ।

—ମା । ଯଦି ଦୀନବନ୍ଧୁ ମରି ନ ଥାନ୍ତା ଦେଖିଥାନ୍ତେ ସେ ବଡ଼ହେଲେ କଣ ହୋଇଥାନ୍ତା । ଆମେମାନେ ଦିନେ ତାଙ୍କୁ ଏ ଦେଶର ପ୍ରଧାନମନ୍ତ୍ରୀ କରି ଦେଇଥାଆନ୍ତୁ । ପର ଦୁଃଖ ବୁଝିବା ପାଇଁ ତାପରି ଆଉ ଜଣେ କେହି ବାହାରିବେନି । ରେସେସ ପିରିୟଡ୍‌ରେ ସେ କେବେ ଏକା କ୍ୟାଣ୍ଟିନ୍‌କୁ ଖାଇବାକୁ ଯାଏନି । ସାଙ୍ଗରେ ପାଞ୍ଚ ଛଅ ଜଣଙ୍କୁ ନିଶ୍ଚୟ ନେବ ଜାହାକୁ ଭୋକ କରୁଛି, କାହାର ପାଖରେ ପଇସା ନାହିଁ ସମସ୍ତଙ୍କୁ, ପରୁରିବ, ସମସ୍ତଙ୍କୁ ନେଇ ବସି ସିଅନଡ଼ା ଖୁଆଇବ, ଚା ପିଆଇବ, ତା'ପରେ ଡ଼ିପାର୍ଟମେଣ୍ଟ ଫେରିବ । ସେ କେବଳ ସାରଙ୍କ ପିରିଅଡ଼କୁ ନିୟମିତ ଆଟେଣ୍ଡ କରେ, ଅନ୍ୟବେଳେ ତ ପିଲାଙ୍କ ଦୁଃଖ ସୁଖ ବୁଝିବା ପାଇଁ ଡ଼ିପାର୍ଟମେଣ୍ଟରୁ ଡ଼ିପାର୍ଟମେଣ୍ଟ ବୁଲୁଥାଏ !

—କେତେ ଭଦ୍ର ଥିଲା ସେ ! ତା ପାଟିରୁ କେବେ ଅସଭ୍ୟ ଅଶ୍ଳୀଳ କଥା କେହି ଶୁଣିନାହାଁନ୍ତି କି ଗୁରୁପଣ୍ଡିତ କି ଅଧ୍ୟାପକ ମାନଙ୍କୁ ଅଯଥା ସମାଲୋଚନା କରିବା କେହି ଶୁଣି ନାହାଁନ୍ତି ! ସେଇଥିପାଇଁ ତ ସେ ଆମମାନଙ୍କ ନେତାଥିଲା । କି ଅଶୁଭ ମୁହୂର୍ତ୍ତରେ କାମ୍ପସର କେତେଜଣ ପୁଅଝିଅ ମିଶି ପିକ୍‌ନିକ୍ ପାଇଁ ଯାଇଥିଲେ ଓ ପିକ୍‌ନିକ୍ ସ୍ପଟ୍‌ରେ କ୍ଲିନର କଣ୍ଡକ୍ଟରଙ୍କ ସହି ସେମାନଙ୍କର ବଚସାହେଲା କେଜାଣି, ତାହା ଏତେ ଉଗ୍ର ଆକାର ଧାରଣ କରିବ ବୋଲି କିଏ ଭାବିଥିଲା । କିନ୍ତୁ ଆନ୍ଦୋଳନ ସାରା ସେ ଘେରେଇ ବସର କ୍ଲିନର କି ଡ୍ରାଇଭରମାନଙ୍କୁ ନିଷ୍ଠୁର କରି ପଦୁଟିଏ କଥା ମଧ୍ୟ କହିନି । ସବୁବେଳେ ସେମାନଙ୍କୁ ଆପଣ ସମ୍ବୋଧନ, ଭଦ୍ର ବ୍ୟବହାର ! କିନ୍ତୁ ସମାଧାନ କିଛି ହୋଇ ପାରିଲାନି, ଶେଷ ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀଙ୍କ ଯିବା ବାଟ ବନ୍ଦକରି ପିକେଟିଂ କରିବାକୁ ପିଲାଏ ସ୍ଥିରକଲେ । ସେଇଠାରେ ଲାଠିମାଡ ଆରମ୍ଭ ହେଲା । ପିଲାଏ ଦଉଡ଼ିଗଲେ, ଦୀନବନ୍ଧୁ କିନ୍ତୁ ଦଉଡ଼ି ପାରିଲାନି । ଲାଠି ମାଡ଼ରେ ଲହୁ ଲୁହାଣ ହୋଇ ହସପିଟାଲକୁ ଆସିବା

Digitized by PPRACHIN, SOA

ବେଳେ ବାଟରୁ ପୋଲିସ ତାକୁ ନିଜ କଷ୍ଟୋଡ଼ିକୁ ନେଇଗଲେ ଓ ଶେଷରେ ହାସପାତାଳରେ ତାର ମୃତ୍ୟୁ !

—ବସ ପୋଡ଼ା ପ୍ରସ୍ତାବକୁ ସେ ମୂଳରୁ ବିରୋଧ କରି ଆସିଥିଲା, ବସପୋଡ଼ା ତା କାମ ନୁହେଁ କି ତା ନେତୃତ୍ୱରେ ପରିଚାଳିତ ପିଲାଙ୍କ କାର୍ଯ୍ୟ ନୁହେଁ ! ବସ ପୋଡ଼ିବା ବେଳକୁ ତ ସେ ହାସପାତାଳରେ ମୂର୍ଚ୍ଛା ହୋଇ ପଡ଼ିଥିଲା । ବସ ଦୁବୃତ୍ତମାନେ ପୋଡ଼ିଛନ୍ତି ଯେଉଁମାନେ ବସ୍ ଉପରେ ପୋଡ଼ାଯାଏ ସେ ବିଷୟରେ ଅଭିଜ୍ଞ । ସେମାନେ କେତେଜଣ ପାଚେରି ଡେଇଁ ଆସି ବସ୍ ଗୁଡ଼ିକରେ ନିଆଁ ଲଗାଇ ଦେଇ ମାଙ୍କଡ଼ ପରି ପୁଣି ପାଚେରି ଡେଇଁ ଚାଲିଗଲେ । ସେମାନେ କିଏ କିପରି ଆସିଲେ ଆମେ ତାହା ଜାଣିନୁ କିନ୍ତୁ ସେମାନେ ଆମ ମନକଥା ଜାଣିଦେବା ପରି ବସ୍ ଗୁଡ଼ିକରେ ଅଗ୍ନି ସଂଯୋଗ କରିଦେଇ ଆମକୁ କାମ କଲାପରି କାର୍ଯ୍ୟକରି ଚାଲିଗଲେ । ଆମେ ଖୁସି ହେଲୁ, କାରଣ ଆମ ନେତା ହାସପାତାଳରେ ମୂର୍ଚ୍ଛିତ ହୋଇ ପଡ଼ିଥିଲା ! ମନରେ ସେତିକି ଭାବିଥିବାରୁ ବସ୍‌କୁ ହାଇଜ୍ୟାକ୍ କରି କ୍ୟାମ୍ପସ୍ ଭିତରକୁ ଆଣିଥିବାରୁ ଆମେ ସେତିକି ଦୋଷରେ ଦୋଷୀ । କିନ୍ତୁ ଲକ୍ଷ-ଲକ୍ଷ ଟଙ୍କାର ସେହି ବସ୍‌ଗୁଡ଼ିକୁ ଆମେ ପୋଡ଼ିନାହୁଁ ।

ସାନବନ୍ଧୁ ସଙ୍ଗରେ ତା'ର ଦକ୍ଷିଣହସ୍ତ ପରି ବୁଲୁଥିବା ଅଭିଜଣେ ଗୁପ୍ତ କହିଥିଲା ସାନାଠୁ ଧୀର ଶାନ୍ତ ପିଲା ଆଉ ମିଳିବେନି ମାଉସୀ ! ଝିଅପିଲାଙ୍କୁ ଏହି ଆନ୍ଦୋଳନକୁ ଟାଣିବାକୁ ତାର ଜମାରୁ ଇଚ୍ଛା ନ ଥିଲା । ସେମାନଙ୍କ ଇଜ୍ଜତ ମାନସମ୍ମାନକୁ ଜଗିବା ସେମାନଙ୍କ ଭାଇମାନଙ୍କର, ପୁଅ ପିଲାଙ୍କର ବୋଲି ତା'ର ଯୁକ୍ତି ଥିଲା । ପୋଲିସ ଥରେ ଗୋଡ଼ାଇଲେ ଝିଅପିଲା ଦଉଡ଼ି ପାରିବେନି ଶାଢ଼ୀ ଯୋଗୁଁ ଛନ୍ଦି ହୋଇ ପଡ଼ିବେ । ଆଉ ଥରେ ପୋଲିସ ହାତରେ ପଡ଼ିଲେ ଯୌନ ବୁଭୁକ୍ଷୁ ପୁରୁଷ ପିପାସୀ ସେମାନଙ୍କ ପ୍ରତି କଣ ବ୍ୟବହାର କରିବେ ତାର କଣ ଠିକଣା ଅଛି ! ଆମ ଦେଶରେ ତ ସ୍ତ୍ରୀ ଲୋକଙ୍କୁ ଛୁଇଁଦେଲେ ସେମାନଙ୍କୁ ନିଆଁରେ ପଶି ସତୀତ୍ୱର ପରୀକ୍ଷା ଦେବାକୁ ହୁଏ । କିନ୍ତୁ ଅଜକାଲିକା ଝିଅ ପିଲାଙ୍କୁ ଆପଣ କମ ଭାବିବେନି ମାଉସୀ ! ଗଣ୍ଡଗୋଳ କରି ନେତା ହେବାକୁ ସେମାନେ ଭାରି ହମ ହମ । ସାନାକୁ ସେଇମାନେ ଉସକାଇଲେ ଷ୍ଟ୍ରାଇକ୍ ଫ୍ରାଇକ୍ କରି କିଛି ବଡ଼ ଧରଣର ଗଣ୍ଡଗୋଳ ଆରମ୍ଭ କରିଦବାକୁ, ନହେଲେ ନିର୍ବାଚନରେ ବିପୁଳ ସଂଖ୍ୟା ଗରିଷ୍ଠତା ସେ ହାସଲ କରିବ କିପରି ? କ୍ୟାମ୍ପସ୍ ନିର୍ବାଚନରେ ସଭାପତି ପଦ ପାଇବାକୁ ଇଚ୍ଛା ଥିବା ଛାତ୍ରକୁ ଗଣ୍ଡଗୋଳ କରିବାକୁ ହେବ, କଣ୍ଠାରେ ଲୁଗା ପକାଇ ହେଉ ପଛେ କର୍ତ୍ତୃପକ୍ଷଙ୍କ ସହ କଳହକରି ନିଜକୁ ନେତା ବୋଲି ପ୍ରମାଣ

Digitized by PPRACHIN, SOA

କରିବାକୁ ହେବ. ତାହାହେଲେ ଯାଇଁ ସିନା ବିଜୟ ବରଣମାଳା ତା ବେକରେ ଲମ୍ବିବ !

– ଆପଣ ମାଉର୍ଶୀ ଦେଖିଥାନ୍ତେ ସେ ଦୃଶ୍ୟ ! ବସ୍ ଉପରେ ଦୀନା ବସି ସ୍ଲୋଗାନ୍ ଦେଉଥିବା ବେଳେ ସେମାନେ ବସ୍ ଉପରେ ତା ଚାରିକଡେ ବସି କପଡ଼ ସ୍ଲୋଗାନ୍‌ମାନ ଦେଉଥିଲେ ! ବସ୍ ଉପରେ ବସ୍ ଛାତ ଉପରେ ସେମାନେ ବସି ବାଜା ବଜାଇ ଛାତ୍ରମାନଙ୍କୁ ସେମାନଙ୍କ ଆନ୍ଦୋଳନରେ ଯୋଗ ଦେବା ପାଇଁ ଆହ୍ୱାନ କରୁଥିଲେ । ସେତେବେଳେ କ ଅମିତାଭ ବଚନ ଦଶଟା ଅମିତାଭ-ବଚନଠୁ ଦୀନା ସୁନ୍ଦର ଦିଶୁଥିଲା ।

—ସେହି ଯେଉଁ ପତଳା ହୋଇ ନେଳା ଶାଢ଼ୀପିନ୍ଧା ଝିଅଟିଏ ଆସି ଦୀନବନ୍ଧୁ ଗୋଡ଼ ପାଖରେ ବସି କାନ୍ଦିକାନ୍ଦି ଲୋଟି ପଡୁଥିଲା, ସେହିତ ସମସ୍ତ ଗୋପଲୀଳାର ରାଧା । ହାତର ଚୁନା କାଚ ବାହାର କରି ଦୀନାକୁ ଦେଇ ସେ ଅଙ୍କା କରି ଛାତ୍ରମାନଙ୍କ ମିଟିଂରେ କହୁଥିଲା····ଆମମାନଙ୍କ ପ୍ରେଷ୍ଟିଜ୍ କଥା ଦୀନବନ୍ଧୁ—କ୍ୟାମ୍ପସ୍‌ର ଝିଅପିଲାଙ୍କ ପ୍ରେଷ୍ଟିଜ୍ । ଆପଣମାନେ ଯଦି ନାରୀଜାତିର ଏତିକି ସମ୍ମାନ ରଖିବା ପାଇଁ ସଂଗ୍ରାମ କରିବାକୁ ପଛ ଘୁଞ୍ଚା ଦିଅନ୍ତି ତାହାହେଲେ ଠିକ୍ ଅଛି । ଏତିକି ଚୁନାକାଚ ପିନ୍ଧି ଲେଡ଼ିଜ୍ ହଷ୍ଟେଲରେ କିଛିଦିନ ରହି ସୁନା ପିଲାହୋଇ ରହିଯାଆନ୍ତୁ ଆମେ ଅମର ବ୍ୟବସ୍ଥା କରିବୁ । ସେହି ପତଳା ପ୍ରିୟମ୍ବଦାର କଥାରେ ଅଡ଼ିଟୋରିଅମ୍ ଗର୍ଜି ପଡୁଥିଲା ପିଲାଙ୍କ ପାଟିରେ, ସେମାନେ ପ୍ରାଇଭେଟ୍ ବସ୍ ଗୁଣ୍ଡାକର କଣ୍ଡକ୍ଟର କ୍ଲିନରମାନଙ୍କ ବିରୁଦ୍ଧରେ ସଂଗ୍ରାମ ପାଇଁ ପ୍ରତିଜ୍ଞାବଦ୍ଧ ହୋଇ ଯାଇଥିଲେ ସେଦିନ ।

ଆଉ ଜଣେ ପିଲା ଆଉ ଗୋଟିଏ କଥା କହୁଥିଲା । —ଏହି ସବୁ କଥା ଘଟୁଥିବା ବେଳେ କ୍ୟାଣ୍ଟିନ୍‌ରେ ଦିନେ ବାବାଜୀଟିଏକୁ ନେଇ ଭୀଷଣ ପାଟିତୁଣ୍ଡ ଆରମ୍ଭ ହୋଇ ଯାଇଥିଲା । ସେ ଏକ ରୋମାଞ୍ଚକର କାହାଣୀ । ବାବାଜୀ ଯାହା ଜଟା ଛୁଡାଇ ଦୀନବନ୍ଧୁ ଉପରକୁ ଫୋପାଡ଼ି ଦେଇ ପଳାଇଗଲା । ଆମ୍ଭେମାନେ ଦିନେ ଦିପହରରେ କ୍ୟାଣ୍ଟିନ୍‌ରେ ବସି ଚା ପିଉଥିଲୁ । କୁଆଡ଼ୁ ଜଣେ ବାବାଜୀ ଆସି ପହଞ୍ଚିଲା । ଆମ ପାଖରେ ଠିଆ ହୋଇ ସବୁ ଆଡ଼କୁ ଚାହିଁ ମାଳିକା ଗାଇବାକୁ ଲାଗିଲା । ଜଣେ କିଏ ତାର ଢଙ୍ଗଫଙ୍ଗ ଦେଖି ସହି ନପାରି ଚିଡ଼ିଲା ପରି କହିଲା – ଏତେ ଗୀତ କାହିଁକି ? ଏଥର କଥାରେ କୁହ । ବାବାଜୀ ସ୍ୱରକୁ ବିକୃତ କରି କହିଲା—ଆହେ କଥାରେ କହିଲେ ସମ୍ଭାଳି ପାରିବନି ମ । ଛାତି ଦୁଲୁକି ଯିବ, ଅଣଆଣ ବନ୍ଦ ହବ ।

Digitized by PPRACHIN, SOA

ପୁଣି ପିଲା ଜଣେ କହି ପୁଣି ତାକୁ ଚିଡ଼ାଇ ଦେଲା—ହୁସିଆର ମାଷ୍ଟର୍ଜେ ! ମାଳିକା କଣ କହୁଛି ଗଦ୍ୟରେ କହିବା ହେଉ । ହାତହଲାଇ ବାବାଜୀ କହିଲା—ମେଘ ବର୍ଷା ନ କରି ଖଣ୍ଡ ଖଣ୍ଡ ହୋଇ ଉଡ଼ିଯିବା କେହି ଦେଖିଥିଲ । ଦେଖୁଛ ମେଘ ଉଠୁଛି, କିନ୍ତୁ ବର୍ଷା ନ ହୋଇ ମେଘ ଚାଲି ଯାଉଛି । ଏଥିରୁ କଣ ବୁଝିଲ ? କେତେ ଅଘଟଣ କଥା ଘଟିବ, ପୃଥିବୀ ଦୁଲୁକିବ, ବାରହାତ ଖଣ୍ଡା ଚାଲିଯିବ, ସେଥିରେ ଚଉଦପଣ କଟିଯିବେ ବାପ ଦୁଇପଣ ହିଁ ରହିବେ । ସେଥିକୁ ଆଜଠୁ ସାବଧାନ ହୁଅ । ଏହି କ୍ୟାମ୍ପସରେ ଦେଖିବୁ, କେତେ ଉତ୍ପାତ ଆସୁଛି, ଆଗକୁ ଆଗକୁ । ପିଲାଏ ଏଠାକୁ ପାଠ ପଢ଼ିବାକୁ ଆସୁଛନ୍ତି, ପାଠ ନ ପଢ଼ି କହୁଛନ୍ତି ପରୀକ୍ଷା ଘୁଞ୍ଚାଅ । ପରୀକ୍ଷାରେ କପି କରୁଛନ୍ତି, କପି ଧରିଲେ ମାଷ୍ଟର୍ଙ୍କୁ ହେଉଛି ମାଡ଼ । କେଉଁ ନ୍ୟାୟ କଥାରେ ଯିଲେ ଏ କେଉଁ ନ୍ୟାୟ କଥା । ପୃଥିବୀ ଏହାକୁ ସହିବ ? ତୁମେ କ୍ୟାଣ୍ଟିନ୍‌ରେ ଖାଇବ ଖାଇ ସାରି ପଇସା ନ ଦେଇ ଚାଲିଯିବ । ପଇସା ମାଗିଲେ ଷ୍ଟ୍ରାଇକ୍ । ନହେଲେ କ୍ୟାଣ୍ଟିନ୍ ଲୁଟି !

ବାବାଜୀ କଥାରେ ଅତିଷ୍ଠ ହୋଇଯାଇ ପିଲାଏ ପାଟିତୁଣ୍ଡ କରି ତାକୁ "ମାତାଜୀ ପାଖକୁ ଯାଅ ଅଜି ବାବାଜୀଙ୍କର ଚଲମ ବେଶୀ ପଡ଼ି ଯାଇଛି କେଉଁ ମାଳିକା ପଢ଼ିଛୁ ବେ ?" କହି ତଡ଼ି ଦେଲେ । ସେହି ସମୟରେ ବାବାଜୀ ଗରମ ହୋଇ ଯାଇ କଣ୍ଟାରୁ ଖଣ୍ଡେ ଛଣ୍ଡାଇ ଫୋପାଡ଼ି ଦେଲା ସମସ୍ତଙ୍କ ଉପରକୁ ତାହା ଶୂନ୍ୟରୁ ଟିପିଟି ଖସିବା ପରି ଦୀନବନ୍ଧୁର ସିଙ୍ଗଡ଼ା ପ୍ଲେଟରେ ଥପ୍ କରି ପଡ଼ିଲା । ଦୀନବନ୍ଧୁ ସେହି କଣ୍ଟାକୁ ଚାହିଁଦେଇ ବିପର୍ଯ୍ୟସ୍ତ ହୋଇଗଲା । ସେଦିନ ସାରା ଅନ୍ୟମନସ୍କ ରହିଲା ସେ ।

ସମସ୍ତେ ଦୀନବନ୍ଧୁର ଗୁଣକୀର୍ତ୍ତନ କରି ତା ମାକୁ ସାନ୍ତ୍ୱନା ଦେଇ ଚାଲିଯିବା ପରେ ସେ ମୋ ଆଡ଼କୁ ହଠାତ୍ ଅସହାୟ ହୋଇ ଚାହିଁ ଦେଇଥିଲେ । ମୁଁ ଘରକୁ ନ ଫେରି ସେଦିନ ରାତିରେ ସେଇଠି ରହିଯିବି ବୋଲି ସେତିକି ବେଳେ ସ୍ଥିର କଲି । ମୁଁ ଦୀନବନ୍ଧୁ ମାଙ୍କୁ ଶୁଆଇଥିଲି ଥରେ ଦୀନବନ୍ଧୁକୁ ମୋ ରୁମ୍‌ରେ ଶୁଆଇଥିବା ପରେ ।

—ଆଧୁନିକ ସମାଜରେ ଯେତେ ପରିବର୍ତ୍ତନ ହେଉଛି ତା'ର ମୂଳରେ ସବୁଠି ଛାତ୍ର ନେତୃତ୍ୱ ରହୁଛି, ଭବିଷ୍ୟତରେ ରହିବ ମଧ୍ୟ । କେବେ ସେମାନେ ଶିକ୍ଷା ଲାଭ ପାଇଁ ସମାଜଠୁ ବିଚ୍ଛିନ୍ନ ହୋଇ ଗୁରୁକୁଳରେ ରହୁଥିଲେ କିନ୍ତୁ ତା ଅତୀତର କଥା । ସେମାନେ ସେପରି ଶିକ୍ଷା ଆଉ ପାଇବା ସମ୍ଭବ ନୁହେଁ କି ଉଚିତ ମଧ୍ୟ ନୁହେଁ । ସେମାନେ ସଂସାରରେ ରହି ଖବରକାଗଜ ପଢ଼ି ସମାଜର

Digitized by PPRACHIN, SOA

ଦୁଃଖ ଦୁର୍ଦ୍ଦଶା ଘରେ ରହି ଜାଣିବେ, ଘରର ଅଶାନ୍ତି ଦ୍ୱନ୍ଦ ଜାଣି ଅଉ ନିରପେକ୍ଷ ହୋଇ ରହିବେ କିପରି ? ସେମାନେ ରାଜନୀତିରେ ଭାଗ ନେବେ—ନେବାକୁ ବାଧ୍ୟ ହେବେ । ଆଦର୍ଶ ସମାଜ ପାଇଁ ସେମାନେ ଲଢ଼ିବେ – ଲଢ଼ିବାକୁ ବାଧ୍ୟ ହେବେ । କାରଣ ଅବକ୍ଷୟ ସମାଜ ସେମାନଙ୍କୁ ସକଳ ଦୁଃଖ ଶୋକ ଦେଉଛି ଯେ । ସେମାନେ ଜାଣନ୍ତି ସେମାନଙ୍କ ଅଭାବ, ଦୁଃଖ, ନିରାଶା ଓ ଅଶାନ୍ତି ପଛରେ ଏହି ସମାଜ ତା'ର ଗଠନ ରହିଛି । ସେମାନେ ସ୍ୱାଧୀନତା ପାଇଁ ଲଢ଼ନ୍ତି । ସ୍ୱାଧୀନତା ଆସିଗଲେ ଅନ୍ୟାନ୍ୟ ଆନୁସଙ୍ଗିକ ଶ୍ରେୟ ପାଇଁ ମଧ୍ୟ ଲଢ଼ିଥାନ୍ତି ।

ମୁଁ ଦୀନବନ୍ଧୁକୁ କେବଳ ଗ୍ରନ୍ଥକୀଟ ନ ହୋଇ ପବ୍ଲିକ ଲାଇଫ ସହି ଜଡ଼ିତ ହେବାକୁ ପ୍ରୋତ୍ସାହନ ଦେବା ପରି ତାର ମାଙ୍କୁ ମଧ୍ୟ ସେହିପରି କହି ଚାଲିଥିଲି ଯେତେବେଳେ ତାଙ୍କର ଘୁଙ୍ଘୁଡ଼ିହିଁ ମୋତେ ମୋର ଅଧ୍ୟାପନା ଦାୟିତ୍ୱରୁ ଅବସର ଦେଇଥିଲା । ତା'ପରେ ମୁଁ ବାରଣ୍ଡାକୁ ଉଠିଯାଇ ଆର୍ମ ଚେୟାରଟା ଉପରେ ଶୋଇବାର ଚେଷ୍ଟା କଲି । ସେ ଜାଗାରୁ ଶବର ମୁହଁ ପାଖଟା ପରିଷ୍କାର ଦିଶୁଥାଏ ।

ସେହି ମୁହଁଟାକୁ କୋଳରେ ଚାପିଧରି ଦୀନବନ୍ଧୁର ବିଧବା ମା କିଛି ସମୟ ତଳେ ବାହୁନି ଥିଲେ ବାବୁରେ, ମୋତେ ପରା ତୀର୍ଥ କରାଇବାକୁ କହିଥିଲୁ ! ଉଠ ବାବୁ, ତୀର୍ଥ କରାଇବା । ବାବୁରେ ମୋତେ ପରା ସୁଖରେ ଅଯତ୍ନରେ ରଖିବୁ ବୋଲି କହିଥିଲୁ । ଭଉଣୀମାନଙ୍କୁ ଭଲ ଘରେ ବାହା କରାଇ-ବାକୁ ପରା କହିଥିଲୁ । ଉଠ୍ ତାହାଲେ, ଶୋଇ ରହିଲୁ ଯେ, ଧନ ମୋର ଉଠ, ସେମାନଙ୍କ ବାହାଘର ସମସ୍ତ ହୋଇଗଲା ଯେ । ତୋ ହାତରେ ପରା ମୋତେ ସମର୍ପି ଦେଇ ତୋ ବାପା ଚାଲି ଯାଇଥିଲେ । ତୁ ପୁଣି କେମିତି ମୋତେ ଠକି ଦେଇ ଚାଲି ଯାଉଛୁ । ଉଠ ମୋ ଧନ, ମୋତେ ଆଉ ଡ଼ରାନା । ତୋ ଭଉଣୀ ଦିଟାକୁ ଗେଲ କରି ପକା ତ ସେମାନଙ୍କୁ ଟିକିଏ ବୁଲାଇ ଆଣ ତ, ସେମାନେ ଭାଇନା ଭାଇନା କହି କେତେ କାନ୍ଦିଲେଣି ଦେଖିଲୁ, ଏତେ ଗେଲବସର କିଣ ଏଇଥିପାଇଁ କରିଥିଲୁ ସେମାନଙ୍କୁ ! ଦୀନା ମୋର, ବାବୁ, ଉଠିପଡ଼ ଏଥର ।

ମୁଁ ସହି ନପାରି ରୁମାଲରେ ଆଖି ପୋଛି ପୋଛି ବାରଣ୍ଡାରୁ ଚାଲି ଯାଇଥିଲି । ରୁମ୍‌ରେ ରୁଣ୍ଡ ହୋଇଥିବା ଛାତ୍ରମାନେ ଭେ ଭେ କାନ୍ଦୁଥିଲେ । ରାତି କେତୁଟା ବାଜିଥିବ କେଜାଣି ଥପ୍ କରି ଶବ୍ଦରେ ମୋର ନିଦଟା ଭାଙ୍ଗିଗଲା । ମୁଁ ଡରିଯାଇ ଶେଯରେ ବସି ପଡ଼ିଲି । ଶୋଇବା ଘରେ ଲାଇଟ୍‌ଟା ଜଳୁଥାଏ । ଦୀନବନ୍ଧୁ ମା ଦୀନବନ୍ଧୁ ଆଡ଼କୁ ଭୂତକୁ ଚାହିଁବା ପରି ଚାହିଁ ରହିଥାଆନ୍ତି । ଖଟ ପାଖରେ ଗୋଟାଏ ଖୁବ ମୋଟା ଶବ୍ଦେ ଟଙ୍କିଆ ନୋଟ ବିଡ଼ା ପଡ଼ିଥାଏ ।

Digitized by PPRACHIN, SOA

ମୁଁ ନୋଟ୍‌ବିଡ଼ାକୁ ଚାହିଁ ଆଶ୍ଚର୍ଯ୍ୟ ହୋଇଯାଇ ଦୀନବନ୍ଧୁର ମାଙ୍କ ମୁହଁକୁ ଚାହିଁଲି ଦୀନାର ଧଳାକନାରେ ଆବୃତ୍ତ ଶରୀରଟାକୁ ଚାହିଁଲି । ଫୁଲ ଗୁଡ଼ାକ ଉପରେ ସେତେବେଳେ ଗୋଟାଏ ବଡ଼ ମାଛି ଉଡ଼ୁଥାଏ ।

ମୋର ଜୋରରେ ନିଃଶ୍ୱାସ ପ୍ରଶ୍ୱାସ ପିବାକୁ ଆରମ୍ଭ ହେଲା । କିଏ ଯେପରି ଦୀନବନ୍ଧୁର ସ୍ୱରରେ କହୁଥିଲା - ସାର୍ ! କଣ କରିପାଏ ଏ ଚହ୍ନତ ସ୍ୱଦରଟିର ଏ କଥାର ମଧ୍ୟ ଚହ୍ନ ଅଛି । ଆଗରୁ ଛାପା ହୋଇ ଯାଇଛି ସାର୍ । ମୁଁ କଣ କରିବି । ଏ ସ୍ୱଦର ବାହାରକୁ ଚାଲିଗଲେହିଁ ରକ୍ଷା ସାର୍ !

ପ୍ରାଧ୍ୟାପକ, ଦର୍ଶନ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର-୪



Digitized by PPRACHIN, SOA

ପ୍ରସିଦ୍ଧ ହିନ୍ଦୀ ଗାଳ୍ପିକ କମଲେଶ୍ୱର

—ଶ୍ରୀ ମନୋରଂଜନ ପ୍ରଧାନ

୧୯୫୦ ମସିହା ପରେ ହିନ୍ଦି ସାହିତ୍ୟର ଗଳ୍ପ ଜଗତରେ ଯେଉଁ କେତେଜଣ କଥାଶିଳ୍ପୀଙ୍କର ଆବିର୍ଭାବ ଘଟେ, ସେମାନଙ୍କ ମଧ୍ୟରେ କମଲେଶ୍ୱର ଅନ୍ୟତମ । ଖ୍ରୀ: ୧୯୩୨ ଜାନୁୟାରୀ ୬ରେ ଉତ୍ତରପ୍ରଦେଶର ମୈନପୁରୀ ଗାଁରେ ସେ ଜନ୍ମଗ୍ରହଣ କରନ୍ତି । ହିନ୍ଦିସାହିତ୍ୟରେ ଉପାଧ୍ୟୁତ୍ତର ଡିଗ୍ରୀଲାଭ କରିବା ପରେ 'ନୈ କହାନୀୟାଁ' 'ସାରିକା' ଏବଂ 'ଶ୍ରୀବର୍ଷା' ଆଦି କେତୋଟି ପ୍ରତିଷ୍ଠିତ ହିନ୍ଦିସାହିତ୍ୟ ପତ୍ରିକାର ସଂପାଦନା କରିଛନ୍ତି । କେବଳ ସ୍ୱ ଗ୍ରାମରେ ନୁହେଁ ସୁଦୂର ସ୍ଥାନ ଯଥା— ଦିଲ୍ଲୀ, ବମ୍ବେ ଆଦି ଭ୍ରମଣ କରୁଥିବା ସମୟରେ ସେ ଉତ୍କୃଷ୍ଟ ଧରଣର ଗଳ୍ପମାନ ରଚନା କରିଛନ୍ତି । ହିନ୍ଦି କାହାଣୀ ଜଗତରେ ତାଙ୍କ ନାମ ସ୍ମରଣୀୟ । ସେ ଜଣେ ବିଶିଷ୍ଟ ପ୍ରତିଭାସଂପନ୍ନ ଗଳ୍ପନିର୍ମାତା । ସଂପ୍ରତି ସେ ବମ୍ବେ ଦୂରଦର୍ଶନ କେନ୍ଦ୍ରର ଉପନିର୍ଦ୍ଦେଶକ ଭାବରେ କାର୍ଯ୍ୟରତ ।

ହିନ୍ଦି ସାହିତ୍ୟରେ ଅତ୍ୟାଧୁନିକ କଥାକାର ହିସାବରେ ସେ ବେଶ୍ ପ୍ରତିଷ୍ଠିତ ଓ ଖ୍ୟାତିସଂପନ୍ନ । ସାମ୍ପ୍ରତିକକାଳର ଗାଳ୍ପିକମାନଙ୍କ ମଧ୍ୟରେ କମଲେଶ୍ୱରଙ୍କର ବିଶେଷତ୍ୱ ହେଉଛି 'ନୈ କହାନୀୟାଁ' ନାମକ ପତ୍ରିକାର ପରିଚାଳନା ମାଧ୍ୟମରେ ଆଧୁନିକ ଯୁଗର ଗଳ୍ପକୁ ପ୍ରୋତ୍ସାହିତ କରିବା । ଏଣେ ଯେତେବେଳେ ସେ 'ସାରିକା' ପତ୍ରିକାର ସଂପାଦନା ଦାୟିତ୍ୱ ଗ୍ରହଣ କରନ୍ତି ସେତେବେଳେ ଆଧୁନିକ ସାହିତ୍ୟର ମୂଲ୍ୟବୋଧ ଅନୁଯାୟୀ ହିନ୍ଦିଗଳ୍ପକୁ ନୂତନ ଢାଞ୍ଚାରେ ଗଢ଼ିତୋଳିବା ପାଇଁ ଅବକାଶ ପାଆନ୍ତି । ଖ୍ରୀ: ୧୯୭୦ ବେଳକୁ ସେ ଗଳ୍ପଜଗତରେ ପ୍ରତିଷ୍ଠିତ ହୋଇ ସାରିଥିଲେ । ଖ୍ରୀ: ୧୯୭୩-୭୫ ବେଳକୁ ତାଙ୍କ ଗଳ୍ପସୃଷ୍ଟିରେ ସାମାନ୍ୟ ଶିଥିଳତା ପରିଲକ୍ଷିତ ହେଲା । କାରଣ ସେତେବେଳେ ଅନ୍ୟ କେତେକ ଗାଳ୍ପିକ ଆକସ୍ମିକଭାବରେ ଆବିର୍ଭୂତ ହୋଇ ଅସ୍ୱନକ ଭାବରେ ଅନ୍ତର୍ଦ୍ଧାନ ହୋଇଗଲେ । ତେଣୁ ପୁନଶ୍ଚ ପରବର୍ତ୍ତୀ ସମୟରେ ତାଙ୍କ ଲେଖନୀ ବେଶ୍ ଚଂଚଳ ହୋଇଉଠିଲା । ଯାହା ଫଳରେ ସେ ବର୍ତ୍ତମାନ ହିନ୍ଦିଗଳ୍ପ ସାହିତ୍ୟର ଜଣେ ଖ୍ୟାତନାମା ଗାଳ୍ପିକ ।

Digitized by PPRACHIN, SOA

କମଲେଶ୍ୱର ଅଦ୍ୟାବଧି ୪୮ଟି କାହାଣୀର ସ୍ରଷ୍ଟା । ସେଗୁଡ଼ିକ ୪ଟି ସଗ୍ରହରେ ସଙ୍କଳିତ । ୧—'ଖୋଇ ହୁୟୀ ଦିଶାଏଁ' (୧୯୬୨) ୨—'କମଲେଶ୍ୱର; ଶ୍ରେଷ୍ଠ କହାନିୟାଁ ।' (୧୯୬୭) ୩—'ରାଜା ନିର୍ବଂଶୀୟା' (୧୯୬୬) ୪—'ମେରୀ ପ୍ରିୟ କହାନିୟାଁ ।' (୧୯୭୨) ।

ତାଙ୍କ ଗଳ୍ପଗୁଡ଼ିକର ଅଧ୍ୟୟନକୁ ମୁଖ୍ୟତଃ ଦୁଇଟି ଦୃଷ୍ଟିରୁ ବିଚାର କରାଯାଇପାରେ । ପ୍ରଥମରେ 'କଥାଯାତ୍ରା' ଦୃଷ୍ଟିରୁ ଏବଂ ଗଳ୍ପତତ୍ତ୍ୱ ଦୃଷ୍ଟିରୁ, ଏତଦ୍‌ବ୍ୟତୀତ ଗଳ୍ପର ସଂଗଠନ, ଚରିତ୍ରଚିତ୍ରଣ, ଉଦ୍ଦେଶ୍ୟ ଦୃଷ୍ଟିରୁ ମଧ୍ୟ ମୂଲ୍ୟାୟନ କରାଯାଇପାରେ ।

ଅନ୍ୟ ଗାଳ୍ପିକମାନେ ଯାହାକୁ 'କାବ୍ୟବିକାଶ' ନାମରେ ଅଭିହିତ କରନ୍ତି କମଲେଶ୍ୱର ତାହାକୁ ଏକ ନୂତନ ଶବ୍ଦର କଥାଯାତ୍ରା ବୋଲି ଆଖ୍ୟା ଦେଇଛନ୍ତି । ଅବଶ୍ୟ କାବ୍ୟବିକାଶ ଓ କଥାଯାତ୍ରା ମଧ୍ୟରେ କେତେକାଂଶରେ ପାର୍ଥକ୍ୟ ଅଛି । କାରଣ 'ବିକାଶ'ରେ ଚିନ୍ତନର ବିବିଧତା ଥାଏ, କିନ୍ତୁ କମଲେଶ୍ୱର ଯାହାକୁ କଥାଯାତ୍ରା ବୋଲି କହନ୍ତି ସେଥିରେ ଚିନ୍ତନଶକ୍ତିର ବିବିଧତା ନ ଥାଇ ତାହା ମଧ୍ୟରେ ଚିନ୍ତନର ପ୍ରୌଢ଼ତା—ଏବଂ ଦୃଢ଼ ଆସ୍ଥାର ପରିଚୟ ମିଳେ । ତାଙ୍କର ସମସ୍ତ କଥାଯାତ୍ରାକୁ ସେ ତିନୋଟି—କାଳରେ ବିଭକ୍ତ କରିଛନ୍ତି ।

ପ୍ରଥମ କାଳ—(୧୯୫୨-୫୮) ଦ୍ୱିତୀୟ କାଳ—(୧୯୫୯-୬୬) ତୃତୀୟ କାଳ—୧୯୬୬ରୁ × ×) ପ୍ରଥମ କାଳର ପ୍ରତିନିଧି ସ୍ଥାନୀୟ ଗଳ୍ପଗୁଡ଼ିକ ମଧ୍ୟରେ 'ରାଜା ନିର୍ବଂଶୀୟା', 'କସବେ କା ଆଦମି', 'ଗର୍ମୀକେ ଦିନ,' 'ନୀଲୀଝୀଲ' ଆଦି ଅନ୍ୟତମ । ଦ୍ୱିତୀୟକାଳର ଗଳ୍ପଗୁଡ଼ିକ ମଧ୍ୟରୁ 'ଦିଲ୍ଲୀମେଁ ଏକ ମୌତ୍' 'ତଲାଶ' 'ଖୋୟୀ ହୁୟୀ ଦିଶାଏଁ' 'ମାଂସକା ଦରିୟା' ଇତ୍ୟାଦି । ସେହିପରି ତୃତୀୟ-କାଳର ମହତ୍ତ୍ୱପୂର୍ଣ୍ଣ କାହାଣୀଗୁଡ଼ିକ ହେଉଛି 'ନାଗମଣୀ' 'ବୟାନ୍' 'ଆସକ୍ତି' 'ଉସ୍‌ରାତ୍ ଓ୍ୱହ ମୁଝେ ବ୍ରୀଚ୍ କୈଣ୍ଡି ପର ମିଲ୍‌ଥୀ' ।

ପ୍ରଥମ ପର୍ଯ୍ୟାୟର ଗଳ୍ପଗୁଡ଼ିକରେ ଦୁଇଟି ବିଶେଷ ପ୍ରବୃତ୍ତି ଦେଖାଯାଏ । ପ୍ରଥମତଃ ପାରଂପରିକ ସାହିତ୍ୟ ଧାରାର ବିରୋଧ, ସାହିତ୍ୟରେ କେବଳ ସୌନ୍ଦର୍ଯ୍ୟ-ବୋଧ ତଥା ଶାସ୍ତ୍ରଗତ ପ୍ରଥାର ବିରୋଧ । ଦ୍ୱିତୀୟତଃ କାହାଣୀରେ ଆଧୁନିକତା-ବାଦର ସୃଷ୍ଟି ଏବଂ ଆଧୁନିକ ପରିବେଶର ଯଥାର୍ଥ ମୂଲ୍ୟାଙ୍କନ । କମଲେଶ୍ୱର ଗଳ୍ପରେ ସୌନ୍ଦର୍ଯ୍ୟଶାସ୍ତ୍ର ଏବଂ ସାହିତ୍ୟ ଶାସ୍ତ୍ରର ମହତ୍ତ୍ୱକୁ ନ୍ୟୂନକରି ଗଳ୍ପର ଉଦ୍ଦେଶ୍ୟ ବା ମୁଖ୍ୟକଥ୍ୟ ପ୍ରତି ବିଶେଷ ଗୁରୁତ୍ୱ ପ୍ରଦାନ କରନ୍ତି । ତାଙ୍କ କାହାଣୀର ଚରିତ୍ର-

Digitized by PPRACHIN, SOA

ଗୁଡ଼ିକ ସମକାଳୀନ ସମାଜର ପରିପ୍ରେକ୍ଷୀରେ ପ୍ରତିପାଳିତ ଏବଂ ପରିବର୍ଦ୍ଧିତ ହୋଇ ସମାଜର ଧାରାବାହିକତାକୁ ନିଜର ସ୍ୱତନ୍ତ୍ର ଚିନ୍ତାଦ୍ୱାରା ବଦଳାଇ ଦେଇଛନ୍ତି ।

ଦ୍ୱିତୀୟ ପର୍ଯ୍ୟାୟର ଗଳ୍ପଗୁଡ଼ିକର ଉପଜୀବ୍ୟ ସହରୀ ଜୀବନ । ଏ କାଳର ଗଳ୍ପଗୁଡ଼ିକ ତାଙ୍କର ଦିଲ୍ଲୀ ଅବସ୍ଥାନ ସମୟରେ ଲିଖିତ । ଜୀବନର ମୂଲ୍ୟବୋଧଗତ ପରିବର୍ତ୍ତନ,—ସହର ଜୀବନର ବିଚ୍ଛିନ୍ନତା, ସମ୍ବେଦନଶୂନ୍ୟତା ଏବଂ ଯାନ୍ତ୍ରିକତା ଆଦିର ପ୍ରଖର ଅନୁଭୂତି ଏ କାହାଣୀ ଗୁଡ଼ିକରେ ପ୍ରତିବିମ୍ବିତ । ଏ ଦୃଷ୍ଟିରୁ 'ଦିଲ୍ଲୀ ମେଁ ଏକ ମୌତ' 'ଖୋୟୀ ହୁୟୀ ଦିଶାୟେଁ' ଆଦି ଗଳ୍ପ ଉଲ୍ଲେଖଯୋଗ୍ୟ ।

ତୃତୀୟ ପର୍ଯ୍ୟାୟର ଗଳ୍ପଗୁଡ଼ିକ ତାଙ୍କର ବମ୍ବେ ରହଣି ସମୟରେ ଲିଖିତ । ଗ୍ରାମ ଓ ସହରର ପରିପ୍ରେକ୍ଷୀରୁ ଦୂରେଇଯାଇ ମହାନଗରୀ ବମ୍ବେର ପରିବେଶ ମଧ୍ୟରେ ଜୀବନକୁ ଏକ ଜାତୀୟ ସ୍ତରରେ ଦେଖିଛନ୍ତି । ଏହି ସମୟରେ ରଚିତ କାହାଣୀର ଉପଜୀବ୍ୟ ୧୯୬୭ ମସିହାର ପରିବେଶ । ଏ ସମୟରେ ରାଷ୍ଟ୍ରର ଉଜ୍ଜ୍ୱଳ ଭବିଷ୍ୟତର ସ୍ୱପ୍ନ ଦେଖୁଥିବା ବ୍ୟକ୍ତିମାନଙ୍କର ନିଃସାରତା ସ୍ପଷ୍ଟ ହୋଇଯାଇଥିଲା । ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଅନାସ୍ଥା, ଅବିଶ୍ୱାସ, ମୂଲ୍ୟହୀନତା ଆଉ କୃତ୍ରିମତା ଏକ ଏକ ଦର୍ଶନରେ ପରିଣତ ହେବା ସଙ୍ଗେ ସଙ୍ଗେ ଗଣତାନ୍ତ୍ରିକ ବ୍ୟବସ୍ଥାର ବିଘଟନ ସ୍ପଷ୍ଟ ହୋଇଯାଇଥିଲା । ଏହି ପ୍ରକାର ପରିସ୍ଥିତିରେ ସଂଘର୍ଷ ଏବଂ ଜୀବନର ମୋହ ସମସାମୟିକ କାହାଣୀର ମୂଳ ସମ୍ବେଦନ ହୋଇଯାଇଥିଲା । ଏହି ପରିପ୍ରେକ୍ଷୀରେ ଏ ସମୟର ଅବିସ୍ମରଣୀୟ କାହାଣୀ 'ଆସକ୍ତ' ଏବଂ 'ଉସ୍ ରାତ-ଓ୍ୱହ ମୁଝେ ବୀଚ୍-କୌଣ୍ଡି ପର ମିଲିଥୀ' । 'ଆସକ୍ତ'ର ଚରିତ୍ରଗୁଡ଼ିକ ବେକାରୀ, ଅସହାୟତା, ନିଷ୍କ୍ରିୟତା, ଜୀବନ ପ୍ରତି ମୋହ ଆଦି ଧାରାକୁ ଖୁବ୍ ଜୀବନ୍ତଭାବରେ ପରିସ୍ଫୁଟ କରନ୍ତି ।

ଏହିପରି ଭାବରେ ତାଙ୍କର ଗଳ୍ପଗୁଡ଼ିକ ତିନୋଟି ପର୍ଯ୍ୟାୟରେ ବିଭକ୍ତ । ପ୍ରଥମ ପର୍ଯ୍ୟାୟରେ ସେ ଗ୍ରାମ୍ୟଜୀବନର ଚିତ୍ର ଅଙ୍କନ କରିଛନ୍ତି । ଦ୍ୱିତୀୟ ପର୍ଯ୍ୟାୟରେ ଜୀବନକୁ ସମୟର ଧାରାରେ ପରଖିଛନ୍ତି । ଏହି କାଳର କାହାଣୀଗୁଡ଼ିକରେ ମଧ୍ୟ ସହରଜୀବନର ବିଡ଼ମ୍ବନା ଏବଂ ଦୈନ୍ୟଦୁର୍ବିପାକକୁ ଚିତ୍ରଣ କରାଯାଇଛି । ତୃତୀୟ ପର୍ଯ୍ୟାୟରେ ଦୁଃଖଯାତନାରେ ପ୍ରପୀଡ଼ିତ ଲୋକଙ୍କ ପ୍ରତି ବିଦ୍ରୂପକୁ ରାଷ୍ଟ୍ରୀୟ ସ୍ତରରେ ଦେଖିବା ପାଇଁ ପ୍ରୟାସ କରିଛନ୍ତି ।

କମଲେଶ୍ୱରଙ୍କ ଗଳ୍ପଗୁଡ଼ିକର କେନ୍ଦ୍ରବିନ୍ଦୁ ହେଉଛି ଜୀବନ । ସେ ସର୍ବଦା ଜୀବନକୁ ଅତ୍ୟାଧୁନିକତାର ପରିପ୍ରେକ୍ଷୀରେ ବିଚାର କରିବା ଲାଗି ପ୍ରୟାସୀ ।

Digitized by PPRACHIN, SOA

କମଳେଶ୍ୱରଙ୍କର ଅତ୍ୟାଧୁନିକତାକୁ ଜାଣିବାକୁ ହେଲେ ଏ ସମ୍ପର୍କରେ ଆଉ ଦୁଇଟି ବିଷୟ ଜାଣିବା ଆବଶ୍ୟକ । ଆମ ଦେଶର ଆଧୁନିକତା ଦୁଇ ପ୍ରକାରର । ପ୍ରଥମ ପ୍ରକାର ହେଉଛି ପାଶ୍ଚାତ୍ୟ ସଭ୍ୟତା ଦ୍ୱାରା ପ୍ରଭାବିତ ଆଧୁନିକତା । କ୍ଲବ୍, ରେଷ୍ଟୁରାଣ୍ଟ, ନାଗର ମାଂସଳଶରୀର, କାମ ଉତ୍ତେଜକ ପୋଷାକପରିଚ୍ଛଦ ଏବଂ ଫମ୍ପା ଔପଚାରିକତା ଏହି ଧରଣର ଆଧୁନିକତାର ସୂଚକ । ଜାତୀୟ ସମନ୍ୱୟ ଫଳରେ ଜୀବନର ମୂଲ୍ୟବୋଧରେ ଯେଉଁ ପରିବର୍ତ୍ତନ ଆସିଲା, ତାହାକୁ ମଧ୍ୟବିତ୍ତ ଶ୍ରେଣୀର ଲୋକେ ଗ୍ରହଣ କରିଥିଲେ । ଏହା ହେଉଛି ଦ୍ୱିତୀୟ ଆଧୁନିକତା । କମଳେଶ୍ୱରଙ୍କ ଆଧୁନିକତାବାଦହିଁ ଏହି ପର୍ଯ୍ୟାୟର ! ଗଳ୍ପତତ୍ତ୍ୱ ଦୃଷ୍ଟିରୁ କମଳେଶ୍ୱରଙ୍କ ନୀଳଝୀଲ ଗଳ୍ପଟି ବିତର୍କିତ । ଏଥିରେ ଚରିତ୍ରର ସୌନ୍ଦର୍ଯ୍ୟବୋଧକୁ ଯେତିକି ପ୍ରଶ୍ରୟ ଦିଆଯାଇଛି ଜୀବନର ବାସ୍ତବତାକୁ ସେତିକି ପଛକୁ ଫିଙ୍ଗି ଦିଆଯାଇଛି ।

ଗଳ୍ପଗୁଡ଼ିକରେ କମଳେଶ୍ୱର କୌଣସିପ୍ରକାର ପରିସ୍ଥିତିକୁ ଭାଷାରେ ବିରୋଧ କରିନାହାଁନ୍ତି । ଅଥଚ ଚରିତ୍ରମାନଙ୍କୁ ଏପରି ପରିବେଶ ମଧ୍ୟରେ ରଖିଛନ୍ତି ଯେ, ଯାହାଦ୍ୱାରା ପରିସ୍ଥିତିର ଅବମାନନା ସ୍ପଷ୍ଟ ରୂପେ ବୁଝିହୁଏ । ଏଣୁ ଟେକ୍‌ନିକ୍ ଦୃଷ୍ଟିରୁ 'ରାଜା ନିରବଂଶୀୟା' ଗଳ୍ପଟି ଏକ କାଳଜୟୀ ସୃଷ୍ଟି । ଏଥିରେ ଦୁଇଟି ସମାନ୍ତର କାହାଣୀ ସମନ୍ୱିତ । ପ୍ରଥମ ପର୍ଯ୍ୟାୟର କାହାଣୀରେ ପ୍ରାଚୀନଜୀବନର ମୂଲ୍ୟବୋଧ ଏବଂ ଦ୍ୱିତୀୟପର୍ଯ୍ୟାୟର କାହାଣୀରେ ଆଧୁନିକ ଜୀବନର ଝଲକ ପରିଦୃଷ୍ଟ । ଦୁଇଟିର ଜୀବନମୂଲ୍ୟକୁ ଅଲଗା ଅଲଗା ପରିବେଶରେ ରଖି ଦୁଇଟିର ଦୂରତ୍ୱ ଦେଖାଇବାରେ କଥାକାର ସଫଳ ହୋଇଛନ୍ତି ।

କମଳେଶ୍ୱରଙ୍କ ଗଳ୍ପଗୁଡ଼ିକର ପାତ୍ରପାତ୍ରୀ ଆମ ସମାଜର ମନୁଷ୍ୟ । ପାତ୍ର ଏବଂ ବସ୍ତୁର ଦୃଷ୍ଟିରେ କମଳେଶ୍ୱର ପ୍ରେମଚନ୍ଦଙ୍କ ନିକଟକୁ ଆସିଯାଇଛନ୍ତି, ପାର୍ଥକ୍ୟ ଏତିକି, କମଳେଶ୍ୱରଙ୍କ ଚରିତ୍ରଗୁଡ଼ିକ ଆଦର୍ଶବାଦୀ ନୁହଁନ୍ତି, ତଥା ବସ୍ତୁ ସଂଗଠନରେ କୌଣସି 'ବାଦ'ର ପ୍ରତିଷ୍ଠା ନାହିଁ ।

ଓଡ଼ିଆ ବିଭାଗ
ବିଶ୍ୱଭାରତୀ, ଶାନ୍ତିନିକେତନ

●

Digitized by PPRACHIN, SOA

ପାଣିକୁଆ

—ମନୁ ଦାଶ

କେଉଁ ସତ୍ୟ ଖୋଜୁଛୁରେ ଶବ !
ତେବେ ଫେର ଆସୁଛୁ କଆଁ
ପାଣିର ଉଲ୍ଲସିତ ସ୍ଥୁଢ ଉପରକୁ

କଛୁ ଆଉ ଭଲ ଲାଗୁନ ବୋଲି
ସଫେଇ ବାଢ଼ିଲେ
କଛୁ ଆଉ ମୁଣ୍ଡରେ ପଶୁନ ବୋଲି
ଗ୍ରନ୍ଥାଗାର ଡିଣ୍ଡିମ ପିଟିଲେ
ରେ. ଶବ
କାହାର କି ଯାଏ ?

ଥରେ ହେଲେ କହୁ ଦେ' ନା
ସବୁ ଫୁଲରେ ମହକ ନ ଥାଏ
ସବୁ ବୃକ୍ଷରେ ବିଷ ନ ଥାଏ
ପଙ୍କ ଭିତରକୁ
ପଶି ପଶି ଯା'ରେ ଯାଆ

ତୋର ବର୍ଣ୍ଣ କ'ଣ ?
ମତେ ତ ନୁହେଁ
କାହାରକୁ ଜଣା ନାହିଁ
କେବଳ ସେତକ ଯଥେଷ୍ଟ ନୁହେଁ
ରେ ଶବ

Digitized by PPRACHIN, SOA

ତୁ କେବେ ପହଁର ନାହୁଁ ଜାଅନ୍ତାଙ୍କ ଭଳି
ମାଇଲ୍ ମାଇଲ୍ କେବେ ପହଁରନୁ
ମାପି ନାହୁଁ କେବେ
ଦୁଇ ଦିଗନ୍ତର ସୀମା
ପଙ୍କର ଶୀତଳତ ରେ ତୁ ଏବେ ମସ୍‌ଗୁଲ୍

ବଞ୍ଚିଥିବା ବେଳେ
ତୋ ପାଖକୁ କିଛି ନା କିଛି
ଛୁଟି ଆସିଥାଏ ପ୍ରତିଧ୍ୱନି ଓ
ଏହାହିଁ ଜୀବନର ଶେଷ ଉଦାହରଣ ।

ଆମ୍ବାପଡ଼ା
ନୂଆପଲମ ହାଟ
ବ୍ରହ୍ମକୁଣ୍ଡୀ
କଟକ-୭୫୪୧୧୩

Digitized by PPRACHIN, SOA

ଋତୁ ବଦଳ : କିଛି ଅଭିପ୍ସା

କେନାମଣି ଲକ୍ଷ୍ମୀକାନ୍ତ

ଯଦିଓ ବା ଋତୁର ବଦଳ ହେବା ମୋ ଜୀବନେ
ଆକସ୍ମିକ ନୁହେଁ ଏଠି ଗ୍ରୀଷ୍ମର 'ଲୁ' ଅଉ
ଶ୍ରୀରାମଙ୍କ ଜୀବନରେ ବର୍ଷାର ଝଝୁମ ଧାରରେ
ତଥାପି ପାରେନି ଭାବି :
ଏଇମିତି ଋତୁ ବଦଳରେ......
ମେଘମୁକ୍ତ ଶାରଦୀୟା ଅଗସ୍ତିର ଗୀତ ଯଦି ଶିଖିବାର ଥାଏ
ଅୟି ଋତୁମତୀ !
ଥରେ ମାତ୍ର ଶୁଣାଅ ଏ କାନେ...... ।। ୧ ।।

ଋତୁ ବଦଳରେ ମୁଁ ଏକୋଇ କରୁଣ ଭଗ୍ନାଂଶ
ବର୍ଷାର କ୍ରନ୍ଦନ ଯେବେ ଶୁଣାଅନ୍ତି ଭୁଲରେ ବି
ମର୍ମଭେଦୀ କରୁଣ ଗୀତିକା କେବେ : ଦିଅନା ପରଶ
ସେ ଅତି ବିଷାଦମୟ, ଭକ୍ତି, ଶଙ୍କା ଆଣିପାରେ ମନେ
କଂସର କ୍ରୋଧାନ୍ୱିତ ପ୍ରଖର ନିଦାଘ ସତ୍ତ୍ୱ
କୃଷ୍ଣଙ୍କର ବସନ୍ତର ରାସଭରା ବର୍ଣ୍ଣାଢ଼୍ୟ ସ୍ୱପ୍ନରେ
ଉଦ୍‌ବେଳିତ କରିପାରେ ସ୍ୱାଭାବିକ ଭାବେ ହୁଏତ
ଯାହା ଏଇ ଜଗୁହୃତ କବି ମନ ପ୍ରାଣେ ।। ୨ ।।

ଋତୁ ବଦଳର ବିଖଣ୍ଡିତ ମୁଁ ମଣିଷ
କେମିତି ବା ବୁଝେଇବି ତୁମକୁ ମୁଁ ଋତୁମତୀ !
ମୋ ଦେହରେ ଆସୁଥିବା ଗ୍ରୀଷ୍ମ ଆଉ ବର୍ଷାର ପ୍ରବାହେ
ଯେଉଁଭଳି ହାଡ଼ଥରା ଶୀତ ଆସେ
ଆସେ ମଧ୍ୟ ମଳୟ ବେପଥୁଭରା କମ୍ପିତ ବସନ୍ତ
ଅଥଚ ପୁଣି ତା ସହିତ : ମୁଁ ପାରେନା ଭାବି ମନେ
ସୁଶ୍ୟାମଳା ହେମନ୍ତର କେଉଁ ଗୀତି
ଯଦି ମୋର ଶିଖିବାର ଥାଏ, ଏ ଜୀବନେ ।। ୩ ।।

Digitized by PPRACHIN, SOA

ଓଯ୍ଯୀ ଋତୁମତୀ ! ସେ ଗୀତର; ତମେ ଜାଣ
ପ୍ରିୟତମ ଶ୍ରୋତା ମୁହିଁ... ଏକାନ୍ତ ଦରଦୀ
ତାକୁନେଇ ମୁଁ ବିଳପେ ଯେଉଁଠାରେ ମୋ ଭଲ ମଣିଷର
ମୁଁ ଶୁଣେ— ଅନାଶ୍ରିତ ଶିଶୁର ସ୍ବେଦନ
ଦୁଃଖ ସହି ଦେଖେ ସ୍ୱତଃ ଋତୁର ବଦଳ ନେଇ
ନିଃଶବ୍ଦ ହୁଏ ମୋର ଏ କବିର ପ୍ରାଣ ॥ ୪ ॥

ଋତୁ ବଦଳରେ ମୁଁ ମଣିଷ
ଶ୍ରାବଣର ବର୍ଷଣ ମୁଖର ସ୍ୱରେ
ଶ୍ରେଷ୍ଠ ଅନୁରୋଧଟିଏ ମୋର, ଅୟି ଋତୁମତୀ
ଏଣୁ କେବେ ନନ୍ଦନର ନରଚ ଆସର
ବସନ୍ତ ଆଷାଢ଼ ସ୍ୱରେ ଦିଅ କିଛୁ ପ୍ରୀତି ଓ ପ୍ରୀତିମତୀ
କରନାହିଁ 'ବଳାକା'ର ନିରର୍ଥ ବ୍ୟଞ୍ଜନା
ପ୍ରତ୍ୟାଶାର କିଛୁ ପ୍ରୀତିର ଏ ଏକ ଯାଚନା ॥ ୫ ॥

ଅୟି ଋତୁମତୀ ତୁମେ କି ନ ଜାଣ ! ଋତୁ ବଦଳରେ
ଗ୍ରୀଷ୍ମର ଉତ୍ତାପ ଆଣେ ? କି ଜ୍ୱାଳା ଦହନ ?
ଲୋଭ ଆଉ ଅହେତୁକ ହିଂସାର ମନନ
ରଜସ୍ୱଳା ଏ ତୃଷିତ ଧରିତ୍ରୀର ହୃଦସ୍ତରେ
କାମନାର ଅଦିନିଆ ବର୍ଷା ଆଣେ ଯେ ଯାତନା
ଅଫୁରନ୍ତ ଆଶା ଓ ଜୀବନ (ତୁମେ କି ଜାଣନା)
ଯାହା କେବେ ମଣିଷର ଏ ଦେହ ମନ
···ନେଇ : ସହଜରେ ସହ୍ୟ ବି ହୁଏନାଁ ॥ ୬ ॥

ଅୟି ଋତୁମତୀ ! ଯଦି ପାର ରୁଦ୍ର ବୈଶାଖରେ
ଶୁଣାଅ ସେ ଆପେକ୍ଷିକ ସ୍ୱରଲିପି !
ପରଭୃତ ରବ ସହ ବେପଥୁର ଅନେକ ଇଙ୍ଗୁରେ
ହେ ହେମନ୍ତୀ ! ଯଦି ପାର ଦିଅ କିଛୁ !
କ୍ଲିଷ୍ଟତା ଓ କୃପଣତାର ଧୂମ୍ରର ବିଷାଦ
ସେଇଥିରେ ମୁଁ ଖୁସି : କିବା ମୋର ଖେଦ
ଅକିଂଚନର ମୋ ଜୀବନ ଯେଣୁ ଖାସ ତହିଁରେ ଧ୍ରୁପଦ ॥ ୭ ॥

Digitized by PPRACHIN, SOA

ଅୟି ବାସନ୍ତିକା ! ଚିର ଋତୁମତୀ !
ସବୁ ଫୁଲ, ସବୁ ତାରା, ପ୍ରେମମେଳେ ଆସି
ଦିଅ ମୋତେ ସୃଷ୍ଟିର ଜୀବନ ଆଉ
ପୂର୍ଣ୍ଣଗର୍ଭା ‘ସ୍କଚ’ର ସୁରେଇ ଏକ
ପଦ୍ମଗନ୍ଧା ତୁମ ସେଇ ଦେହର ସାନ୍ନିଧ୍ୟ
ତୁମ କଣ୍ଠର କୁହୁସ୍ୱର ତମ ଆଖିର ପୁଷ୍ପ ଧନୁ
ମିଳ ମିଳ ବଞ୍ଚିବାର ସ୍ୱପ୍ନଭରା ଗୋଟିଏ ଶତାବ୍ଦୀ ୮ ।

ଋତୁ ବଦଳରେ ମୁଁ ମଣିଷ
ଏ ଆଖିରେ ନିରର୍ଥକ ଏତଦ୍‌ଭିନ୍ନ ଧଶଯୀର
ଭିନ୍ନ ରଙ୍ଗର ହଳଦିଆ କଳା ଅବା ନୀଳ
ମୁଁ ଏଇ ପ୍ରକୃତିର ଏ ପୁରୁଷର ମୁଁ ମାୟାର ଜାଲ
ପ୍ରକଟିତ ଉଦ୍‌ବେଳନ ଏକ ଅଂଶ
ମୁଁ ବହୁଧା ମୁଁ କାରକ ମୁଁ ମଧ୍ୟ ସମାସ
ମୁଁ ମଧ୍ୟ ମଣିଷର ରକ୍ତ ଓ ପ୍ରବାହ
ମୁଁ ମଧ୍ୟ ଋତୁର ସମ୍ଭାର ଆଉ ସ୍ୱୟଂ ଇତିହାସ ॥ ୯ ॥

ଋତୁ ବଦଳରେ ମୁଁ ମଣିଷ
ମୁଁ ଯେଣୁ ବଞ୍ଚିଛି ଖାଲି ବହୁ ଋତୁର ବଦଳରେ
ମୋ ଦେହରେ ଋତୁର ଶ୍ରେଷଣୀ ଆଉ
ମୋ ପାଟିରେ ପ୍ରବର୍ତ୍ତିତ ଋତୁର କାହାଣୀ
ମୋ କଣ୍ଠରେ ଋତୁକାନ୍ତ ଗୀତର ରାଗିଣୀ;
ଅୟି ଋତୁମତୀ ଉପରୋକ୍ତ ପ୍ରତ୍ୟାଶାବ୍ୟତୀତ
ସାର ମିଳା ଆଉ କିଛି ନାହିଁ ମୋ ମାଗୁଣୀ ॥ ୧୦ ॥

Digitized by PPRACHIN, SOA

ସଂପାଦକୀୟ —

ରାଷ୍ଟ୍ର ଓ ସାହିତ୍ୟ

ଚଳିତ ମାସ ୧୩ ତାରିଖ ଦିନ ଭୁବନେଶ୍ୱର ସୂଚନା-ଭବନରେ ଏକ ଭବ୍ୟ ପରିବେଶ ମଧ୍ୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ଗତ ଆର୍ଥିକ ବର୍ଷ ପାଇଁ ୧୪୫ ଜଣ ଅସ୍ୱଚ୍ଛଳ ସାହିତ୍ୟିକ, ସଙ୍ଗୀତଜ୍ଞ, ଚିତ୍ରକର, ଅଭିନେତା, ପାରମ୍ପରିକ କଳା ସଂସ୍କୃତିକୁ ବଞ୍ଚାଇ ରଖିଥିବା ବ୍ୟକ୍ତି ଓ କ୍ରୀଡ଼ାବିତ୍ ବ୍ୟକ୍ତିଙ୍କୁ 'ସମ୍ମାନ' ସୂଚକ ମାସିକ ଦୁଇଶତ ଟଙ୍କା ହାରରେ ଗୋଟିଏ ବର୍ଷର ଠୁଳ ପ୍ରାପ୍ୟ ପ୍ରଦାନ କରିଅଛନ୍ତି । (ବସ୍ତୁତ ମୁଖ୍ୟମନ୍ତ୍ରୀ ତାଙ୍କ ଭାଷଣରେ ବାରମ୍ବାର 'ପେନସନ୍' ପରିବର୍ତ୍ତେ 'ସମ୍ମାନ' ଶବ୍ଦ ହିଁ ବ୍ୟବହାର କରିଅଛନ୍ତି ।) ଉପଲକ୍ଷ୍ୟଟି ଥିଲା ଯେପରି ସାତ୍ତ୍ୱିକ ପରିବେଶ ଥିଲା ମଧ୍ୟ ସେହିପରି । ଖଟ୍‌କା ଲାଗିଲା କେବଳ ଆରମ୍ଭରେ 'କୋଣାର୍କ' ଶୀର୍ଷକ ସଙ୍ଗୀତର ସୁର ଓ ସଂଯୋଜନା । ଜୀର୍ଣ୍ଣ କୋଣାର୍କର ଗର୍ଭରେ ଉତ୍କୀର୍ଣ୍ଣ ଯେଉଁ ଅମୂର୍ତ୍ତ ବିଳାପ, ଝାଉଁ ବଣରେ ଯେଉଁ ଦୀର୍ଘଶ୍ୱାସ ତାହା ତ ପ୍ରମୂର୍ତ୍ତ ହେଲାନାହିଁ, ଯାଜ୍ (Jazz)ର ଝଙ୍କାର ଆଉ ତାଳଖାଇ ଲୋକ-ଗୀତର ସୁରରେ !

ଗୀତାରେ ତିନି ପ୍ରକାରର ଦାନ କଥା, ଗୁଣଭେଦରେ କୁହାଯାଇଛି; ସାତ୍ତ୍ୱିକ, ରାଜସିକ ଓ ତାମସିକ । ଅତି କୁଣ୍ଠିତ ଭାବରେ ଅପାତ୍ରରେ ଯେଉଁ ଦାନ ଦିଆଯାଏ ତାହା ତାମସିକ । ସେପରି ଦାନ ଦେବାରେ ଯେପରି କୌଣସି ଯଶ ନାହିଁ, ଗ୍ରହଣ କରିବାରେ ମଧ୍ୟ ସେହିପରି କୌଣସି ପୁରୁଷାର୍ଥ ନାହିଁ । ଏ ଦାନ ବର୍ଜନୀୟ । ଯେଉଁ ଦାନରେ ଅଛି ଦାତାର ଦର୍ପ, ଗ୍ରହୀତାର ଦୈନ୍ୟ, ତାହା ରାଜସିକ । ଏଥିରେ ବରଂ ଅହଙ୍କାରୀ ଦାତାର କିଛିଟା ପ୍ରାରବ୍ଧ ହୋଇପାରେ; କିନ୍ତୁ ଗ୍ରହୀତାର ଏଥିରେ ପୁରୁଷାର୍ଥ ନାହିଁ । ସାତ୍ତ୍ୱିକ ଦାନ ହେଉଛି ଯେଉଁ ଦାନ, ଦାତା ଓ ଗ୍ରହୀତା ଉଭୟଙ୍କୁ ଧନ୍ୟ କରାଏ । ଏଥିରେ ଦାତାର ଅହଙ୍କାର ନାହିଁ କିମ୍ବା ଗ୍ରହୀତାର ଦୈନ୍ୟ ନାହିଁ । ଗୀତା ମତରେ, ଭାରତୀୟ ଆଚାର-ପଦ୍ଧତି ବା ସଂସ୍କୃତିରେ ଏହିପରି ଦାନ ହିଁ ସର୍ବୋତ୍କୃଷ୍ଟ । ସେ ଦିନର 'ସମ୍ମାନ' ପ୍ରଦାନ ବା ବିତରଣ ଥିଲା ସେହିପରି ଏକ ସାତ୍ତ୍ୱିକ ଅବକାଶ । ମୁଖ୍ୟମନ୍ତ୍ରୀ ମଞ୍ଚ ଉପରେ ଦର୍ପରେ ଠିଆହୋଇ, ଗ୍ରହୀତାମାନଙ୍କ ଠାରୁ କୁର୍ଣ୍ଣିସ୍ ଗ୍ରହଣ କରି, ପେନସନ୍-ବଟୁଆ ସେମାନଙ୍କ ଉପରକୁ ନିକ୍ଷେପ କଲେ ନାହିଁ, ସେମାନଙ୍କ ସାଂସାରିକ ଦୁଃସ୍ଥିତିକୁ ଅପମାନିତ କଲେ ନାହିଁ । ଅନ୍ଧ, ଦୃଷ୍ଟିଶକ୍ତିହୀନ, ଚଳଚ୍ଛକ୍ତିହୀନ ବ୍ୟକ୍ତିମାନଙ୍କ

Digitized by PPRACHIN, SOA

ପାଖକୁ ଯାଇ ଏହି 'ସମ୍ମାନ' ସେମାନଙ୍କୁ ଯେପରି ପ୍ରଦାନ କଲେ, ସେଥିରେ ନିହିତ ଥିଲା ଉନ୍ନତ ରୁଚି, ମୂଲ୍ୟବୋଧ ଓ ସାତ୍ତ୍ୱିକତା । ତାଙ୍କର ସାତ୍ତ୍ୱିକତା, ଗ୍ରହୀତାର ଅନ୍ତରରେ ମଧ୍ୟ ଉଚ୍ଚକିତ କରିଥିଲା ସେହି ସାତ୍ତ୍ୱିକତାର ପ୍ରତିଧ୍ୱନି । ମୁଁ ଆଶାକରେ ଭବିଷ୍ୟତରେ ଏ 'ସମ୍ମାନ' ଦାନର ପରିସର କେବଳ ବୃଦ୍ଧି ପାଇବ ନାହିଁ; ଏହି ପରମ୍ପରାଟି ମଧ୍ୟ ସୁରକ୍ଷିତ ହେବ ।

ପ୍ରସଙ୍ଗାନ୍ତରେ କହୁଛି, ରାଷ୍ଟ୍ରଧରମାନେ ରାଷ୍ଟ୍ରନିର୍ମାତା ନୁହନ୍ତି । ରାଷ୍ଟ୍ରର ଭିତ୍ତି ହେଉଛି ସମାଜ, ସମାଜର ଭିତ୍ତି ହେଉଛି ସମସଂସ୍କୃତିସମ୍ପନ୍ନତା (ethnicity) ଓ ତାହାର ଧାରକ, ତଥା ବାହକ ହେଲା ଭାଷା ଓ ସାହିତ୍ୟ । ବିଗତ ଶତାବ୍ଦୀରେ ଓଡ଼ିଆ ଭାଷା ଓ ସାହିତ୍ୟ ଶାସନର ଷଡ଼ଯନ୍ତ୍ର ମଧ୍ୟରେ ନିଶ୍ଚିହ୍ନ ହେବାକୁ ବସିଥିଲାବେଳେ, ଫକୀରମୋହନ, ରାଧାନାଥ ଓ ସମ୍ପାଦକ/ସାମ୍ବାଦିକ ଗୌରୀଶଙ୍କରଙ୍କ ଲେଖନୀ ଯଦି ଓଡ଼ିଆ ଭାଷା ସାହିତ୍ୟକୁ ବଞ୍ଚାଇ ନ ଥାନ୍ତା, ତାହେଲେ ଭାରତୀୟ ରାଜ୍ୟ ପୃଷ୍ଠରେ ଓଡ଼ିଶା ଆଜି ତାହାର ସ୍ଥାନ ପାଇ ନ ଥାନ୍ତା —କାରଣ ଭାଷା ଭିତ୍ତିରେ ପ୍ରଦେଶ ଗଠନ, ଯାହା ପ୍ରଥମେ ଖ୍ରୀ. ଅ ୧୮୦୩ରେ ରିସ୍‌ଲେ-ସର୍କୁଲର୍‌ରେ ସ୍ୱୀକୃତ ହୋଇଥିଲା; ଆଜି 'ଷ୍ଟେଟସ୍-ରିଅର୍‌ଗାନିଜେସନ୍ ଆକ୍ଟ' ଓ ସମ୍ବିଧାନରେ ତାହାହିଁ ମଧ୍ୟ ସ୍ୱୀକୃତି ଲାଭ କରିଛି । ତେଣୁ ରାଷ୍ଟ୍ର ଓ ସମାଜର ମଧ୍ୟ, ସାହିତ୍ୟିକମାନଙ୍କ ପ୍ରତି ଏକ ନିର୍ଦ୍ଦିଷ୍ଟ ଦାୟିତ୍ୱ ଓ କର୍ତ୍ତବ୍ୟ ରହିଛି । ସ୍ତୁତିକାର, ଭାଟ ଯେଉଁମାନେ ହେବାପାଇଁ ବ୍ୟାକୁଳ ସେମାନେ ହୁଅନ୍ତୁ, ଆପତ୍ତି ନାହିଁ, କିନ୍ତୁ ଏହି 'ସମ୍ମାନ' ପ୍ରଦାନ କଲାବେଳେ, ନିର୍ଭୀକ, ସତ୍ୟନିଷ୍ଠ, ଅପ୍ରିୟ ସତ୍ୟବାଦୀ ସାହିତ୍ୟିକମାନେ ଯେପରି ବାଦ୍ ପଡ଼ି ନ ଯାଆନ୍ତି, ସେ ସମ୍ପର୍କରେ ରାଷ୍ଟ୍ର ମଧ୍ୟ ସଚେତନ ରହିବା ବାଞ୍ଛନୀୟ । ସ୍ତୁତିକାର ଭାଟମାନେ ମଧ୍ୟଯୁଗୀୟ ରାଜ-ଦରବାରରେ ଶୋଭା ପାଇ ପାରନ୍ତି; କିନ୍ତୁ ଗଣତାନ୍ତ୍ରିକ ରାଷ୍ଟ୍ରର ଗଣ-ଦରବାରରେ ନୁହେଁ ।

ଏ ସମ୍ମାନ ପ୍ରଦର୍ଶନ/ପ୍ରଦାନର ଏକ ମସ୍ତ ଲାଭ ହେଉଛି, ଏହା ଫଳରେ ସାହିତ୍ୟ ଓ କଳାଚର୍ଚ୍ଚା ପ୍ରତି ସମାଜର ଦୃଷ୍ଟିକୋଣ ବଦଳିବ । ସାହିତ୍ୟ ଓ କଳା ଚର୍ଚ୍ଚା ଯେ ବେକାରଙ୍କ ଧନ୍ଦା ନୁହେଁ, ସମାଜରେ ଯେ ଏହାର ଏକ ମର୍ଯ୍ୟାଦାବନ୍ତ ସ୍ଥାନ ଅଛି, ଏହା କ୍ରମେ ସ୍ୱୀକୃତି ଲାଭ କରିବ । ମୁଁ ଆଶା କରେ ଏହି 'ସମ୍ମାନ' ପ୍ରଦାନ ଓଡ଼ିଶାରେ ସତ୍-ସାହିତ୍ୟ ସୃଷ୍ଟିରେ ସହାୟକ ହେବ ।

ଶିବାନୀ

କଟକ-୮

ତା । ୧୯ । ୪ । ୮୨

ସୁରେନ୍ଦ୍ର ମହାନ୍ତି

Digitized by PPRACHIN, SOA

ସଂପାଦକଙ୍କ କଲମରୁ…

ସାହିତ୍ୟ, ସମାଜପତି ଓ ବୁଦ୍ଧିଜୀବୀ

ଭାରତୀୟ ସମାଜ ଏକ ଦ୍ରୁତ ପରିବର୍ତ୍ତନର ସମ୍ମୁଖୀନ ହୋଇସାରିଛି । ହଜାର ହଜାର ବର୍ଷର କୃଷି ସଂସ୍କୃତି ଦ୍ୱାରା ପ୍ରଭାବିତ ହେବାକୁ ଯାଉଛି । ସମାଜରେ ଏଇ ଯେଉଁ ସଂଘର୍ଷ ଦେଖାଦେଇଛି, ତାହା ସାହିତ୍ୟ ଓ ସଭ୍ୟତା କ୍ଷେତ୍ରରେ ଏକ ସଙ୍କଟମୟ ପରିସ୍ଥିତି ସୃଷ୍ଟି କରିବ । ଏହି ସଙ୍କଟମୟ କାଳରେ ସାହିତ୍ୟିକର କର୍ତ୍ତବ୍ୟ ଦାୟିତ୍ୱବୋଧ ସମ୍ପର୍କରେ ଚିନ୍ତା କରିବାର ବେଳ ଆସିଛି । କେବଳ ଚିନ୍ତା ଭାବ-ରାଜ୍ୟରେ ନ ରହି ଭାଷାରାଜ୍ୟରେ ପ୍ରତିଫଳିତ ହେଉଛି ଓ କ୍ରମଶଃ ସମଗ୍ର ଜନମାନସକୁ ସଂକ୍ରମିତ କରିବ । କାରଣ ଏବେ ସାହିତ୍ୟ ଗଣଯୋଗାଯୋଗର ଏକ ମାଧ୍ୟମ ।

୧୯୮୬ ମସିହାର ପ୍ରାରମ୍ଭରେ 'ଚତୁରଙ୍ଗ'ର ଜନ୍ମ, ଏକ ଯନ୍ତ୍ରଣାର ସ୍ୱର ଉପଲବ୍ଧି କରିପାରୁଛି । ସେ କେବଳ 'ଚତୁରଙ୍ଗ'ର ଉପଲବ୍ଧି ନୁହେଁ । ଓଡ଼ିଆ-ସାହିତ୍ୟ ଓ ଭାରତର ଅନ୍ୟାନ୍ୟ ପ୍ରାନ୍ତୀୟ ସାହିତ୍ୟରେ ଏଇ ସ୍ୱରର ସଂକେତ ରହିଛି । ଯେକୌଣସି ପ୍ରତିଭାବାନ୍ ସାହିତ୍ୟିକ ଏ ଉଦ୍‌ବେଳନଠାରୁ ନିଜକୁ ଦୂରେଇ ରଖିବା ସମ୍ଭବ ନୁହେଁ । "ସମ୍ଭ୍ରାନ୍ତ-ସାହିତ୍ୟ"ର କାଳ କ୍ରମେ କ୍ରମେ ସରି ସରି ଆସୁଛି । "ଜନପଦ-ସାହିତ୍ୟ"ର ପ୍ରସାର ଓ ପ୍ରଚାର ଏବେ ଅହେତୁକ ଭାବରେ ସାହିତ୍ୟିକର ଭାବରାଜ୍ୟକୁ ପ୍ରଭାବିତ କରିସାରିଛି । ତେଣୁ ଅସନ୍ତୋଷ, ହତାଶା, ଗ୍ଲାନି ଆଜି ବହୁ ସାହିତ୍ୟିକଙ୍କର ସୃଷ୍ଟିର ମୂଳ ଉପାଦାନ ହୋଇପଡ଼ିଛି । ଯୁକ୍ତରାଷ୍ଟ୍ର ଆମେରିକାର ବିଖ୍ୟାତ ପତ୍ରିକା 'ନ୍ୟୁୟର୍କ ଟ୍ରିବ୍ୟୁନ୍'ର ସଂପାଦକ ହୋରେସ ଗ୍ରୀଲ ପ୍ରାୟ ଏକଶତାବ୍ଦୀ ତଳେ ଆମେରିକାନ ସାହିତ୍ୟିକମାନଙ୍କ ସମ୍ପର୍କରେ କହିଥିଲେ ଯେ ସେ କାଳରେ ସେମାନେ "ପ୍ରତିଷ୍ଠାପକତାର ଶତ୍ରୁ ଥିଲେ ଓ ବିପ୍ଳବୀମାନଙ୍କର ନେତୃତ୍ୱ ନେଇ-ଥିଲେ ।" ଏବେ ପ୍ରାୟ ଏକ ଶତାବ୍ଦୀ ପରେ ଭାରତର ବିଭିନ୍ନ ପ୍ରାନ୍ତୀୟ ସାହିତ୍ୟରେ ସୃଷ୍ଟିରତ ଲେଖକମାନଙ୍କ ସମ୍ପର୍କରେ ଠିକ୍ ଅନୁରୂପ ମନ୍ତବ୍ୟ ଦିଆଯାଇପାରେ କି ?

ତେବେ ଏମାନେ କଣ ସୌଖୀନ ବିପ୍ଳବୀ ? ବିପ୍ଳବକୁ ଏକ ପେଶା କରିବା, ବିପ୍ଳବ ପାଇଁ ଘୋଷଣା କରିବା ବା ସ୍ଲୋଗାନ ଦେବା ଏକ ସହଜସାଧ୍ୟ ପନ୍ଥା । କିନ୍ତୁ ଚିନ୍ତାରାଜ୍ୟରେ, ଭାବରାଜ୍ୟରେ, ଭାଷାଜଗତରେ ବୈପ୍ଳବିକ ଆଭିମୁଖ୍ୟ ପାଇଁ ପ୍ରସ୍ତୁତି ଏକ କଠିନ ପନ୍ଥା । କାରଣ ପ୍ରଥମ ପନ୍ଥାଟି ଗତାନୁଗତିକତାର ସମର୍ଥକ କିନ୍ତୁ ଦ୍ୱିତୀୟଟି ଜୀବନଜିଜ୍ଞାସାର ଅମୀମାଂସିତ ପ୍ରଶ୍ନାବଳୀର ଦୋଳନ ଓ ଦ୍ୱନ୍ଦ୍ୱର ଉଦ୍‌ଗାତା ।

Digitized by PPRACHIN, SOA

ଏବେ ପୃଥିବୀର ବହୁରାଷ୍ଟ୍ରରେ ସମାଜପତିମାନେ ଦୁଇଶ୍ରେଣୀରେ ବିଭକ୍ତ ହୋଇ ପଡିଛନ୍ତି । ପ୍ରଥମ ଶ୍ରେଣୀର ଅନ୍ତର୍ଭୁକ୍ତ ସମାଜପତିମାନଙ୍କ ମଧ୍ୟରେ ବହୁ ସାହିତ୍ୟିକ, କଳାକାର ଦାର୍ଶନିକ, ଲେଖକ ଓ ସମ୍ପାଦକ ଅଛନ୍ତି ଯେଉଁମାନେ "ବୁଦ୍ଧିଜୀବି" ରୂପେ ପରିଗଣିତ ହେଲେ ମଧ୍ୟ ଅତ୍ୟଧିକଭାବରେ "ଶାସନର" ବାହୁଚ୍ଛାୟା ତଳେ ନିଜର ଅହମିକା ବିସ୍ତାର କରିବାରେ ବ୍ୟାପୃତ ରହି ଆସିଛନ୍ତି । ଦ୍ୱିତୀୟ ଶ୍ରେଣୀରେ ଅନ୍ତର୍ଭୁକ୍ତ ସମାଜପତିଙ୍କ ମଧ୍ୟରେ ଅଛନ୍ତି ଆଇନଜୀବୀ, ଇଞ୍ଜିନିୟର, ଶିକ୍ଷକ, ସାମ୍ବାଦିକ, ଡାକ୍ତର ଓ ବ୍ୟବସାୟୀ ଗୋଷ୍ଠୀ, ଯେଉଁମାନେ ନିଜର ଜୀବିକା ପାଇଁ ସରକାରୀ କଳ ଉପରେ ନିର୍ଭର କରନ୍ତି ନାହିଁ, କିମ୍ବା ନିର୍ଭର କଲେ ମଧ୍ୟ ନିଜର ସ୍ୱାଧୀନ ଚିନ୍ତାଧାରାକୁ ବ୍ୟକ୍ତ କରିବାରେ କୁଣ୍ଠା ପ୍ରକାଶ କରନ୍ତି ନାହିଁ । କିନ୍ତୁ ବିକାଶଶୀଳ ରାଷ୍ଟ୍ରମାନଙ୍କରେ, ବିଶେଷଭାବରେ ଭାରତବର୍ଷର ଏକ ଅନୁନ୍ନତ ରାଜ୍ୟ ଓଡ଼ିଶାରେ ଏଇ ଦ୍ୱିତୀୟ ଶ୍ରେଣୀର ସମାଜପତିମାନଙ୍କ ମଧ୍ୟରେ ସାଂଗଠନିକ ଦୁର୍ବଳତା ଯୋଗୁଁ ଦୁଇଶ୍ରେଣୀ ମଧ୍ୟରେ ଏକ ସଂଘର୍ଷର ସୂତ୍ରପାତ ହୋଇ ଆସିଛି ।

ଓଡ଼ିଶାର ସାହିତ୍ୟିକମାନଙ୍କ ମଧ୍ୟରେ "ବୁଦ୍ଧିଜୀବୀ"ଙ୍କର ଯେ ଅଭାବ ରହିଛି, ଏକଥା ନୁହେଁ । କିନ୍ତୁ ଏ ସମାଜରେ "ବୁଦ୍ଧି"କୁ ଜୀବିକା ଭାବରେ ଗ୍ରହଣ କରିଥିବା ସାହିତ୍ୟିକଙ୍କର ସଂଖ୍ୟା କମ୍ । ଊଣାଅଧିକେ ଓଡ଼ିଶାର ସାହିତ୍ୟିକମାନେ ପ୍ରତ୍ୟକ୍ଷଭାବରେ ହେଉ ବା ପରୋକ୍ଷ ଭାବରେ ହେଉ "ଶାସନକଳର" ନିୟନ୍ତ୍ରଣରୁ ମୁକ୍ତ ନୁହନ୍ତି । ତେଣୁ ଓଡ଼ିଆ ସାହିତ୍ୟକ୍ଷେତ୍ରରେ "ସ୍ୱାଧୀନଚିନ୍ତା"ର ବିକାଶ ଆଶାନୁରୂପ ଭାବରେ ସଫଳତା ଲଭ କରିପାରିନାହିଁ । ଯଦି ଏ ସଫଳତା ହାସଲ କରାଯାଇଥାନ୍ତା, ତେବେ "ସୃଷ୍ଟିଧର୍ମୀ ବୁଦ୍ଧିଜୀବୀ" ଓ "ସମାଲୋଚକ-ବୁଦ୍ଧିଜୀବୀ"ଙ୍କ ମଧ୍ୟରେ ସମାଜ ଓ ସାହିତ୍ୟର ସମସ୍ୟାମାନଙ୍କ ସମ୍ପର୍କରେ "ଅନୁଶୀଳନାତ୍ମକ ଆବେଗର" ସ୍ୱର ଶୁଣାଯାଉଥାନ୍ତା । କିନ୍ତୁ ଏ ସ୍ୱର ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଅତ୍ୟନ୍ତ କ୍ଷୀଣ ।

"ଚତୁରଙ୍ଗ" ସେଇ ପରିପ୍ରେକ୍ଷୀରେ ଜନ୍ମ । ତେଣୁ ପରିବେଶର ପ୍ରକୃତି ଓ ପ୍ରବୃତ୍ତି ସମ୍ପର୍କରେ "ଚତୁରଙ୍ଗ" ସଚେତନ । "ଚତୁରଙ୍ଗ"ର ଲେଖକ, ପାଠକ ଓ ସମାଲୋଚକ ଏଇ ସଚେତନତା ସମ୍ପର୍କରେ ନିଜର ମତାମତ ଜଣାଇଲେ ଆମ୍ଭେମାନେ ଓଡ଼ିଆ ସାହିତ୍ୟର ଗତିଧାରାରେ ନିଜର "ସ୍ୱରୂପ" ପ୍ରତିଷ୍ଠିତ କରିବାକୁ ସକ୍ଷମ ହେବୁ । ଏଇ ଭରସାରେ "ଚତୁରଙ୍ଗ" ଆତ୍ମପ୍ରକାଶ କରିଛି ୧୯୮୨ରେ ।

ଭୁବନେଶ୍ୱର
୧୦ । ୪ । ୮୨

ଭାବଗ୍ରାହୀ ମିଶ୍ର

Digitized by PPRACHIN, SOA

'ଚୟନିକା'ର ନିଜ କଥା

୧୯୭୩ ମସିହା ଜାନୁଆରୀ ୨୬ ତାରିଖରେ 'ପ୍ରଗତିବାଦୀ' ସାପ୍ତାହିକ ଭାବରେ ପ୍ରକାଶିତ ହେଲା । ୧୯୭୯ ମସିହା ମେ ପହିଲାରେ 'ପ୍ରଗତିବାଦୀ' ଦୈନିକରେ ପରିଣତ ହେଲା ।

ସାପ୍ତାହିକ 'ପ୍ରଗତିବାଦୀ' ଓଡ଼ିଶାର ସମ୍ବାଦପତ୍ର କ୍ଷେତ୍ରରେ ସାମ୍ବାଦିକତାର ଏକ ନୂତନ ରୂପରେଖ ଅଙ୍କନ କରିଥିଲା । ତେଣୁ ଏହା ଦୈନିକରେ ପରିଣତ ହେଲା ପୂର୍ବରୁ ମଧ୍ୟ ଶୁଭେଚ୍ଛୁ ପାଠକମାନେ ଏହି ସାପ୍ତାହିକଟିକୁ ଚାଲୁ ରଖିବାକୁ ଆମକୁ କହିଥିଲେ । ତେଣୁ ସାପ୍ତାହିକ 'ପ୍ରଗତିବାଦୀ'ର ସ୍ଥାନ ପୂରଣ କରିବାକୁ ଆମେ ଆଉ ଗୋଟିଏ ସାପ୍ତାହିକ ପ୍ରକାଶ କରିବାକୁ ପ୍ରତିଶ୍ରୁତି ଦେଇଥିଲୁ । ବିଭିନ୍ନ କାରଣ ମଧ୍ୟରେ କାର୍ଯ୍ୟବାହୀ ସହଯୋଗୀର ଅଭାବ, ଆର୍ଥିକ ଦୁରବସ୍ଥା ଆଦି ପ୍ରତିଶ୍ରୁତି ପାଳନ ଦିଗରେ ପ୍ରତିବନ୍ଧକ ହେଲା ।

ଡେରିରେ ହେଲେ ମଧ୍ୟ ୧୯୮୧ ଅଗଷ୍ଟ ୧୬ ତାରିଖଠାରୁ ସାପ୍ତାହିକ 'ପ୍ରଗତିବାଦୀ'ର ଉତ୍ତରାଧିକାରୀ ଭାବରେ ସାପ୍ତାହିକ 'ଅଭିମତ' ପ୍ରକାଶ ପାଇଲା । ସେଥିପାଇଁ କୌଣସି ଆନୁଷ୍ଠାନିକ ଉଦ୍‌ଘାଟନ କିମ୍ବା ଉନ୍ମୋଚନ ଉତ୍ସବ ପାଳିତ ହୋଇନାହିଁ । କିନ୍ତୁ 'ଅଭିମତ' ସାପ୍ତାହିକ ପତ୍ରିକା ଭାବରେ ଗତ ନ'ମାସ ମଧ୍ୟରେ ପାଠକଙ୍କ ପାଖରେ ବେଶ୍ ଆଦୃତ ହେଲାଣି ।

ପ୍ରାୟ ପାଞ୍ଚ ଛ'ବର୍ଷ ତଳେ ଓଡ଼ିଶାର ବିଖ୍ୟାତ ଯଶସ୍ୱୀ ସାହିତ୍ୟିକ ଶ୍ରୀ ସୁରେନ୍ଦ୍ର ମହାନ୍ତି ଗୋଟିଏ ଉଚ୍ଚକୋଟୀର ସାହିତ୍ୟ ପତ୍ରିକା ପ୍ରକାଶ କରିବାକୁ କଥାଛଳରେ କହୁଥିଲେ । ମୋ ମନରେ ବି ସେପରି ଏକ ବାସନା ରହିଥିଲା । ସେତେବେଳକୁ ସାପ୍ତାହିକ 'ପ୍ରଗତିବାଦୀ' ପ୍ରକାଶ ପାଇଲାଣି । କଥାବାର୍ତ୍ତା ହେଲା ଯେ ସେ ସମ୍ପାଦନା କରିବେ ଏବଂ ମୁଁ ପ୍ରଗତିବାଦୀ ପବ୍ଲିକେଶନସ ତରଫରୁ ତାହାର ପ୍ରକାଶନ ଓ ପ୍ରସାର ଦାୟିତ୍ୱ ଗ୍ରହଣ କରିବି । ଏମିତି ଛ'ବର୍ଷ ଗଡ଼ିଗଲା । ସେ ଆଶା ଓ ସ୍ୱପ୍ନ ସଫଳ ହେଲାନାହିଁ ।

'ପ୍ରଗତିବାଦୀ'ର ରବିବାରର ସାହିତ୍ୟ ପୃଷ୍ଠାର ଡାକନାମ 'ଚୟନିକା' ରଖାଗଲା । ଉଦ୍ଦେଶ୍ୟ ଯେ ଭବିଷ୍ୟତରେ 'ଚୟନିକା' ଏକ ସ୍ୱତନ୍ତ୍ର ମାସିକ

Digitized by PPRACHIN, SOA

ସାହିତ୍ୟପତ୍ର ହେବ । ସୁରେନ୍ଦ୍ରବାବୁ ଏହି ସାହିତ୍ୟ ପତ୍ରିକା ପାଇଁ ଲେଖା ସଂଗ୍ରହ କରିବାର ଦାୟିତ୍ୱ ନେଲେ । ସେ ଯାହା ଆଶଙ୍କା କରୁଥିଲେ ତାହାହିଁ ହେଲା । ମନୋମତ ଲେଖାସବୁ ଠିକ୍ ସମୟରେ ମିଳିଲାନି । ଏହାପରେ ସୁରେନ୍ଦ୍ରବାବୁଙ୍କ ସମ୍ମତି ନେଇ ମୋର ବନ୍ଧୁ ଡକ୍ଟର ହରପ୍ରସାଦ ମିଶ୍ରଙ୍କ ସହିତ କଥାବାର୍ତ୍ତା ହେଲି । 'ପ୍ରଗତିବାଦୀ'ର ଏକ ତ୍ରୈମାସିକ ସାହିତ୍ୟ ପୃଷ୍ଠ ଭାବରେ ପତ୍ରିକା ଆକାରରେ 'ଚତୁରଙ୍କା' ପ୍ରକାଶ ପାଇବା ସ୍ଥିର ହେଲା । ହରପ୍ରସାଦବାବୁଙ୍କ ଉଦ୍ୟମରେ କେତେକ ଯଶସ୍ୱୀ ସାହିତ୍ୟିକଙ୍କୁ ନେଇ ଏକ ସମ୍ପାଦନା ମଣ୍ଡଳୀ ଗଢ଼ାଗଲା । ଗତବର୍ଷ ସେପ୍ଟେମ୍ବର ମାସରେ ଲେଖାଗୁଡ଼ିକ ସଙ୍ଗୃହୀତ ହୋଇ ପ୍ରେସକୁ ଦିଆଗଲା । କେତେପ୍ରକାର ଅସୁବିଧାରୁ ଛପାକାର୍ଯ୍ୟ ଅଧୁରା ରହିଲା ।

ବାଧା ଓ ଅସୁବିଧା ଭିତରେ ଏବେ 'ଚତୁରଙ୍କା' ପ୍ରକାଶ ପାଇଲା । ମାନ ଦୃଷ୍ଟିରୁ ପତ୍ରିକାଟି ଉଚ୍ଚକୋଟୀର ହୋଇଛି ବୋଲି ମୁଁ ଭାବୁନାହିଁ । କିନ୍ତୁ କାମଟି ଆରମ୍ଭ ହେଲା ଏହାହିଁ ଆମର ସନ୍ତୋଷ ।

'ପ୍ରଗତିବାଦୀ' ଦୈନିକ ହେବାର ଆଜି ଦଶବର୍ଷ ପୂରିଲା । ମୋର ସ୍ଥାୟୀ ସହଯୋଗୀ ରବି ଦାସ ଓ ଅନ୍ୟାନ୍ୟ ସହଯୋଗୀ ଓ ଶୁଭେଚ୍ଛୁମାନଙ୍କର ପ୍ରଗାଢ଼ ଉଦ୍ୟମ ଏବଂ ପ୍ରେରଣା ବଳରେ 'ପ୍ରଗତିବାଦୀ ପ୍ରକାଶନ ତରଫରୁ ଓଡ଼ିଶାରେ ତିନୋଟି ସମ୍ବାଦପତ୍ର ଓ ପତ୍ରିକା ପାଠକମାନଙ୍କ ଆଗରେ ରଖିବା ଆଜି ସମ୍ଭବ ହୋଇଛି । ଦୋଷ ଗୁଣର ସମାଲୋଚନା କିମ୍ବା ବିଚାର କରିବା ପାଠକଙ୍କ ଉପରେ । ଆମେ କେବଳ ଉଦ୍ୟମ କରୁଛୁ ।

'ଚତୁରଙ୍କା'ର ପରବର୍ତ୍ତୀ ସଂକଳନ ଆସନ୍ତା ଅଗଷ୍ଟ ମାସରେ ପ୍ରକାଶ ପାଇବ ।

ପ୍ରଦ୍ୟୁମ୍ନ ବଳ

ମେ ପହିଲା, ୧୯୮୨
ପ୍ରଗତିବାଦୀ ପବ୍ଲିକେଶନସ,
ଭୁବନେଶ୍ୱର-୯

●

Digitized by PPRACHIN, SOA